# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁନ୍ ୨୨/୨୦୨୦ (୨୦ ପୃଷ୍ଠା) | Bhubaneswar, Monday, June 22/2020 | ★★★★★★


୪୭ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


# ସେନାକୁ ଅସ୍ତ୍ର ବ୍ୟବହାର ସ୍ୱାଧୀନତା

**ନୂଆଦିଲ୍ଲୀ,୨୧।୬ (ପି.ଟି./ଆଇଏଏନ୍ଏସ୍)**

ସମୟ ସହ ତାଳ ଦେଇ ପରିବର୍ତ୍ତିତ ପରିସ୍ଥିତିରେ ଆଭିମୁଖ୍ୟ ବଦଳାଇଛି ଭାରତ। ଗଲୱାନ ଉପତ୍ୟକାରେ ଚାଇନା ସୈନ୍ୟଙ୍କ ସହ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ଏବେ ସୀମାନ୍ତ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଭାରତ ପକ୍ଷରୁ ରୁଲ୍ସ ଅଫ୍ ଏନ୍‌ଗେଜ୍‌ମେଣ୍ଟ (ଆର୍ଓଇ)ରେ ପରିବର୍ତ୍ତନ କରାଯାଇଛି। ୩,୫୦୦ କି.ମି. ବିସ୍ତୃତ ଏଲ୍ଏସିରେ ଭାରତୀୟ ସଶସ୍ତ୍ର ବଳ ଏଣିକି ଅସ୍ତ୍ର ବ୍ୟବହାର କରିପାରିବେ ବୋଲି ନୂଆ ନିୟମ କରାଯାଇଛି। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟମାନେ କୌଣସି ପ୍ରକାର ଦୁଃସାହସିକତା ଦେଖାଇଲେ ସେମାନଙ୍କୁ ମୁହଁତୋଡ଼ ଜବାବ ଦେବା ପାଇଁ ସଶସ୍ତ୍ର ବଳକୁ ଅସ୍ତ୍ର ବ୍ୟବହାରର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ରବିବାର ୩ ସେନାର ମୁଖ୍ୟଙ୍କ ସହ ବୈଠକ କରି ଲଦାଖ ସ୍ଥିତି ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି।

## ଆର୍ଓଇରେ ପରିବର୍ତ୍ତନ


ରାଜନାଥ ସିଂ

- ଜଳ, ସ୍ଥଳ ଓ ବାୟୁ ସୀମା ଉପରେ କଡ଼ା ନଜର
- ଚାଇନାକୁ ଜବାବ ଦେବା ପାଇଁ ଅସ୍ତ୍ର ବ୍ୟବହାର କରିପାରିବେ ସଶସ୍ତ୍ର ବଳ
- ପୂର୍ବରୁ ଏପରି ନିୟମ ନ ଥିବାରୁ ୨୦ ଯବାନ ଶହୀଦ ହୋଇଥିବା କୁହାଯାଉଛି
- ପ୍ରତିରକ୍ଷାମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି

ଲଦାଖର ଗଲୱାନ ଉପତ୍ୟକାସ୍ଥିତ ପାଟ୍ରୋଲିଂ ପଏଣ୍ଟ ନମ୍ବର ୧୪ରେ ଗତ ସୋମବାର ଭାରତୀୟ ଯବାନ ଏବଂ ପିଏଲ୍ଏ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏଥିରେ ଜଣେ ସେନା ଅଧିକାରୀଙ୍କ ସମେତ ୨୦ ଯବାନ ଶହୀଦ ହୋଇଥିବାବେଳେ ଚାଇନାର ୪୩ ସୈନ୍ୟ ମୃତାହତ ହୋଇଥିଲେ। ଚାଇନା ସୈନ୍ୟ ୧୦ ଭାରତୀୟ ଯବାନଙ୍କୁ ନେଇଯାଇଥିଲେ ଓ ପରେ ଛାଡ଼ିଦେଇଥିଲେ। ସୂଚନାନୁସାରେ ପିଏଲ୍ଏ ପକ୍ଷରୁ ଆକ୍ରମଣ କରାଯିବାବେଳେ ଭାରତୀୟ ଯବାନମାନେ ଅସ୍ତ୍ର ବ୍ୟବହାର କରି ନ ଥିଲେ। କାରଣ ଭାରତ-ଚାଇନା ମଧ୍ୟରେ ୧୯୯୬ ଓ ୨୦୦୫ରେ ହୋଇଥିବା ଦୁଇଟି ଚୁକ୍ତି ମୁତାବକ ଏଲ୍ଏସିରେ ଅସ୍ତ୍ର ବ୍ୟବହାର ନ କରିବା ପାଇଁ ଉଭୟ ସେନା ପକ୍ଷରୁ ନିଜ ନିଜ ସୈନ୍ୟଙ୍କୁ ନିର୍ଦ୍ଦେଶ ରହିଥିଲା। ଏବେ ଭାରତ ଆର୍ଓଇରେ ପରିବର୍ତ୍ତନ ଆଣିବା ପରେ ନୂଆ ନିୟମ ଅନୁସାରେ ଏଲ୍ଏସିରେ ମୁତୟନ ହୋଇଥିବା କମାଣ୍ଡରମାନେ ଅସ୍ତ୍ରଶସ୍ତ୍ର ବ୍ୟବହାର କରିପାରିବେ। ପ୍ରତିପକ୍ଷକୁ ଜବାବ ଦେବା ପାଇଁ ଯବାନମାନଙ୍କୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଇତିମଧ୍ୟରେ ସୀମାନ୍ତ ଅଞ୍ଚଳକୁ ଭାରତ ପକ୍ଷରୁ ସୁଖୋଇ ୩୦ ଏମ୍‌କେଆଇ ଯୁଦ୍ଧବିମାନ ସହ ଜାଗୁଆର, ମିରାଜ ଓ ଆପେଚେ ଆଟେକ୍ ☞ପୃଷ୍ଠା-୪

### ସଶସ୍ତ୍ର ବଳକୁ ଅସ୍ତ୍ର କିଣିବା କ୍ଷମତା


**ନୂଆଦିଲ୍ଲୀ,୨୧।୬**


ଚାଇନା ସହ ସୀମା ବିବାଦ ଲାଗି ରହିଥିବାବେଳେ ତିନିସେନାକୁ ଅସ୍ତ୍ରଶସ୍ତ୍ର କିଣିବା ପାଇଁ ଅତିରିକ୍ତ କ୍ଷମତା ଦିଆଯାଇଛି। ଫଳରେ ସ୍ଥଳସେନା, ନୌସେନା ଓ ବାୟୁସେନାର ଉପମୁଖ୍ୟମାନେ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରତିରକ୍ଷା ସାମଗ୍ରୀ କିଣିପାରିବେ। ସଶସ୍ତ୍ର ବଳର ଆବଶ୍ୟକତା ଅନୁସାରେ ଫାଷ୍ଟଟ୍ରାକ୍ ପ୍ରକ୍ରିୟାରେ ଏହି କ୍ଷମତା ଦିଆଯାଇଛି। ଏହା ପୂର୍ବରୁ ଉରି ଓ ବାଲାକୋଟ ଏୟାରଷ୍ଟ୍ରାଇକ୍ ପରେ ସେନାକୁ ଏପରି କ୍ଷମତା ଦିଆଯାଇଥିଲା।


## ଓଡ଼ିଶାରେ ରବିବାର ସୂର୍ଯ୍ୟୋପରାଗର ଦୃଶ୍ୟ


ଦିବା ଘ୧୧.୪୯ମିନିଟ୍


ଘ୧୨.୧୦ମିନିଟ୍


ଘ୧.୦୫ମିନିଟ୍


ଘ୧.୧୬ମିନିଟ୍


ଘ୧.୫୩ମିନିଟ୍






# କାଠଗଡ଼ାରେ ରଥଯାତ୍ରା ଭାଗ୍ୟ

**ପୁରୀ ଅଫିସ,୨୧।୬**

ଦିନକ ପରେ ରଥଯାତ୍ରା। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଚଳିତବର୍ଷ ବଡ଼ଦାଣ୍ଡରେ ଗଡ଼ିବ ନାହିଁ ରଥ। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ରାଜ୍ୟ ସରକାର ସ୍ୱାଗତ କରିଛନ୍ତି। ହେଲେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି କୋଟି କୋଟି ଜଗନ୍ନାଥ ପ୍ରେମୀ। ସୁପ୍ରିମକୋର୍ଟଙ୍କ ରାୟର ପୁନର୍ବିଚାର କରିବା ପାଇଁ ଦାଖଲ ହୋଇଛି ଏକାଧିକ ଆବେଦନ। ଏପରି କି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ରାୟର ପରିବର୍ତ୍ତନ

### ରାୟ ଅପେକ୍ଷାରେ ଶ୍ରଦ୍ଧାଳୁ

ସପକ୍ଷରେ ମତ ଦେଇଥିବାବେଳେ ଗଜପତି ମହାରାଜା ମଧ୍ୟ ରଥଯାତ୍ରା ବନ୍ଦ ନ କରିବାକୁ ଶନିବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ମଙ୍ଗଳବାର ରଥଯାତ୍ରା ଥିବାରୁ ମଝିରେ ସୋମବାର ଗୋଟିଏ ଦିନ। ସୁପ୍ରିମକୋର୍ଟରେ ହୋଇଥିବା ପୁନର୍ବିଚାର ଆବେଦନର ଶୁଣାଣି ସୋମବାର ହେବାକୁ ଧାର୍ଯ୍ୟ ମଧ୍ୟ ହୋଇଛି। ବିଚାରପତି ଏସ୍.ରବୀନ୍ଦ୍ର ଭଟ୍ଟ ଆବେଦନଗୁଡ଼ିକର ଶୁଣାଣି କରିବେ। ତେଣୁ କୋର୍ଟଙ୍କ ରାୟକୁ ସମସ୍ତଙ୍କ ଅପେକ୍ଷା। କିଛି ଚମତ୍କାର ଘଟିବା ଅପେକ୍ଷାରେ ରହିଛନ୍ତି କୋଟି କୋଟି ଭକ୍ତ ଓ ଜଗନ୍ନାଥପ୍ରେମୀ।

### ପ୍ରାୟୋଜିତ ଯୋଜନା: ଶଙ୍କରାଚାର୍ଯ୍ୟ

**ପୁରୀ ଅଫିସ,୨୧।୬**

ଚଳିତବର୍ଷ ବଡ଼ଦାଣ୍ଡରେ ଗଡ଼ିବନି ମହାପ୍ରଭୁଙ୍କ ରଥ। ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରଥଯାତ୍ରା ବନ୍ଦ ରଖିବା ଲାଗି ଶୁକ୍ରବାର ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ। ଏହି ରାୟ ପରେ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ରଥଯାତ୍ରା ବନ୍ଦ ପାଇଁ ପ୍ରାୟୋଜିତ ଯୋଜନା ହୋଇଥିବା ସେ କହିଛନ୍ତି। ରବିବାର ଏକ ☞ପୃଷ୍ଠା-୪

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ଏପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଦୂର ହୋଇନି। ଏବେ ବି ଘୋଷଯାତ୍ରାକୁ ନେଇ ଆଶା ଓ ଆଶଙ୍କାର ଲୁଚକାଳି ଖେଳ ଜାରି ରହିଛି। ମହାମାରୀ କରୋନା ପାଇଁ ଏଥର ରଥଯାତ୍ରା ହେବ ନାହିଁ ବୋଲି ସୁପ୍ରିମକୋର୍ଟ ଗତ ୧୮ ତାରିଖରେ ରାୟ ଦେଇଥିଲେ। ଏହି ରାୟକୁ ରାଜ୍ୟ ସରକାର ଚୂଡ଼ାନ୍ତ ବୋଲି ଗ୍ରହଣ କରି ☞ପୃଷ୍ଠା-୪

# ଆଜି ହେବ ଶୁଣାଣି

**ଭୁବନେଶ୍ୱର,୨୧।୬**

### ରଥଯାତ୍ରା ପ୍ରସଙ୍ଗ

ଚଳିତବର୍ଷ ପୁରୀରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ହୋଇପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ଗତ ୧୮ତାରିଖରେ ଦେଇଥିବା ରାୟର ପୁନର୍ବିଚାର କରିବା ପାଇଁ ଏକାଧିକ ଆବେଦନ ହୋଇଛି। ୧୬ରୁ ଊର୍ଦ୍ଧ୍ୱ ଆବେଦନଗୁଡ଼ିକର ସୋମବାର ଶୁଣାଣି ହେବ। ବିଚାରପତି ଏସ୍.ରବୀନ୍ଦ୍ର ଭଟ୍ଟଙ୍କ ଜଣିକିଆ ଖଣ୍ଡପୀଠରେ ପୂର୍ବାହ୍ନ ୧୧ଟାରେ ଶୁଣାଣି ହେବ ବୋଲି ରବିବାର ସୁପ୍ରିମକୋର୍ଟଙ୍କ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫିସରୁ ସୂଚନା ମିଳିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପୁରୀରେ ଚଳିତବର୍ଷ ରଥଯାତ୍ରା ବନ୍ଦ କରିବାକୁ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ଗୁରୁବାର ପ୍ରଧାନବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ଜଣିଆ ଖଣ୍ଡପୀଠ ରଥଯାତ୍ରା ବନ୍ଦ ପାଇଁ ରାୟ ପ୍ରକାଶ କରିଥିଲେ। ଉକ୍ତ ରାୟକୁ ରାଜ୍ୟ ସରକାର ସ୍ୱାଗତ କରିଥିଲେ ହେଁ ଭକ୍ତମହଲରେ ବିରୋଧ ହୋଇଥିଲା। ଏପରି କି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଦୂର ପର୍ବତ ସୁନ୍ଦର






# ସଙ୍କଟରେ କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ରାଜ୍ୟରେ ପ୍ରାୟ ୩.୯୧ଲକ୍ଷ ଉଦ୍ୟୋଗରେ କାର୍ଯ୍ୟରତ ୧୫ଲକ୍ଷ ଲୋକଙ୍କ ଜୀବନଜୀବିକା ବିପନ୍ନ ହୋଇଛି। କରୋନା ସଙ୍କଟ ଯୋଗୁ ଆର୍ଥିକ ଅନଟନ ଦେଇ ଗତି କରୁଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ(ଏମ୍ଏସ୍ଏମ୍ଇ)ଉଦ୍ୟୋଗଗୁଡ଼ିକ ଭୁଶୁଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ଅସହଯୋଗ, ଶ୍ରମିକ ଓ କଞ୍ଚାମାଲ ଅଭାବ ଏବଂ ବଜାର ସୁବିଧା ନ ମିଳିବା ଯୋଗୁ ରାଜ୍ୟର ଦୁଇ ତୃତୀୟାଂଶ କର୍ମନିଯୁକ୍ତି ଯୋଗାଉଥିବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକରୁ ଅଧିକାଂଶ ବନ୍ଦ ହେବା ଦ୍ୱାରଦେଶରେ ପହଞ୍ଚିଛି। ତୁରନ୍ତ ଏହି କ୍ଷେତ୍ରଗୁଡ଼ିକ ସହାୟତା ନ ପାଇଲେ ଆସନ୍ତା ବର୍ଷେ ଦି' ବର୍ଷ ମଧ୍ୟରେ ଅଧାରୁ ଅଧିକ ଉଦ୍ୟୋଗ ବୁଡିଯିବା ସମ୍ଭାବନା ଦେଖାଦେଇଛି।

ସରକାରୀ ତଥ୍ୟ ଅନୁଯାୟୀ ୧୨ଟି କ୍ଷେତ୍ରରେ ରାଜ୍ୟରେ ୩ ଲକ୍ଷ ୯୧ ହଜାର ୭୦୧ ଉଦ୍ୟୋଗ କାର୍ଯ୍ୟକ୍ଷମ ରହିଛି। ସେଥିରେ ୧୯,୧୪୧.୮୩ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବାବେଳେ ୧୫,୨୯,୪୬୩ ଜଣ ନିଯୁକ୍ତି ପାଇଛନ୍ତି। ମରାମତି ଓ ସେବା କ୍ଷେତ୍ରରେ ୨,୩୮,୩୭୫ ଏମ୍ଏସ୍ଏମ୍ଇ ଥିବା ବେଳେ ଖାଦ୍ୟ ପ୍ରକ୍ରିୟାକରଣରେ ୪୧,୨୬୪, ମାନ୍ୟୁଫାକ୍ଚରିଂରେ ୨୯,୩୬୦, ଇଞ୍ଜିନିୟରିଂ ଓ ମେଟାଲ କ୍ଷେତ୍ରରେ ୧୮,୫୧୩, ଟେକ୍ସଟାଇଲ କ୍ଷେତ୍ରରେ ୧୯,୫୨୦, ଜଙ୍ଗଲ ଓ କାଠ କ୍ଷେତ୍ରରେ ୧୯,୦୪୭, ଗ୍ଲାସ ଓ ସେରାମିକରେ ୧୧,୩୩୩, କେମିକାଲ ଓ ଆଲଏଡ କ୍ଷେତ୍ରରେ ୪,୪୮୦, କାଗଜ ଓ କାଗଜ ଉତ୍ପାଦନ କ୍ଷେତ୍ରରେ ୪,୪୨୫, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ୨,୩୯୩, ରବର ଓ ପ୍ଲାଷ୍ଟିକ ୨,୨୩୫ ଏବଂ ଚମଡ଼ା ଓ ଲାଇଭଷ୍ଟକ କ୍ଷେତ୍ରରେ ୭୩୬ ଉଦ୍ୟୋଗ ରହିଛି। ଏମ୍ଏସ୍ଏମ୍ଇ କ୍ଷେତ୍ର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ବଡ଼ ଭୂମିକା ନିର୍ବାହ କରୁଛି ବୋଲି ସରକାର ମଧ୍ୟ ସ୍ୱୀକାର କରିଛନ୍ତି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ଏମ୍ଏସ୍ଏମ୍ଇ ☞ପୃଷ୍ଠା-୪



- ମିଳୁନି ସରକାରୀ ସହାୟତା, ବଜାର ସୁବିଧା,
- କାମ ଦେଉନି ଅର୍ଥ ବିଭାଗ ଚିଠି, ଆନ୍ତଃମନ୍ତ୍ରୀସ୍ତରୀୟ କମିଟି
- ସରକାରୀ ସଂସ୍ଥା ଦେଉନାହାନ୍ତି ବକେୟା
- ୧୫ ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ଆଶଙ୍କା

**କୋର୍ଟରେ ହାଜର ହେବେ ଆଡଭାନୀ, ଜୋଷୀ**

ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି ମଙ୍ଗଳବାରଠାରୁ ଲକ୍ଷ୍ନୌର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ଆରମ୍ଭ ହେବ। ଏଥିରେ ବରିଷ୍ଠ ଭାଜପା ନେତା ଲାଲକୃଷ୍ଣ ଆଡଭାନୀ, ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ, ଭାଜପା ନେତା ଏମ୍‌.ଏମ୍‌. ଜୋଷୀ ଏବଂ ରାମ ଜନ୍ମଭୂମି ଟ୍ରଷ୍ଟ ଅଧ୍ୟକ୍ଷ ନୃତ୍ୟଗୋପାଳ ଦାସ ଭିଡିଓ କନ୍‌ଫରେନ୍ସ ଜରିଆରେ କୋର୍ଟରେ ହାଜର ହେବେ।

# ଏଲ୍‌ଏସି: କିଏ ସତ କହୁଛନ୍ତି

ନୂଆଦିଲ୍ଲୀ,୨୧।୬

ଲଦାଖର ଗଲୱାନ ଉପତ୍ୟକାରେ ଚାଇନା ସେନା ସହ ସଂଘର୍ଷ ବେଳେ ୨୦ ଭାରତୀୟ ଯବାନ ଶହୀଦ ହେବା ପରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ଚରମ ଉତ୍ତେଜନା ପ୍ରକାଶ ପାଇଛି। ଗତ ସୋମବାର ଗଲୱାନରେ ପ୍ରକୃତରେ କ'ଣ ଘଟିଥିଲା। ଚାଇନା ସେନା ଭାରତୀୟ ଭୂଖଣ୍ଡକୁ ଅନୁପ୍ରବେଶ କରିଥିଲେ କି ନାହିଁ ସେନେଇ ଦେଶରେ ନାନା ଚର୍ଚ୍ଚା ଓ ଆଲୋଚନା ହେଉଛି। ଚାଇନା ସହ ସଂଘର୍ଷକୁ ନେଇ ସରକାର ଓ ସେନା କଥାରେ ତାଳମେଳ ରହୁ ନ ଥିବାରୁ କେନ୍ଦ୍ରକୁ ପ୍ରଶ୍ନବାଣରେ ଘେରି ସମାଲୋଚନା କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଭାରତୀୟ ଭୂଖଣ୍ଡକୁ ଅନୁପ୍ରବେଶ କରିଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ବୋଲି ରାହୁଲ ପୁଣି ଟାର୍ଗେଟ କରିଛନ୍ତି।

ଗତ ୧୯ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ପୂର୍ବ ଲଦାଖରେ ଯାହାକିଛି ଘଟିଛି ସେ ସମ୍ପର୍କରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କଠାରୁ ଜାଣିବାକୁ ପାଇଛି। ସେମାନଙ୍କ ପ୍ରେଜେଣ୍ଟେଶନ ମଧ୍ୟ ଦେଖିଛି। ଏଲ୍‌ଏସି ଅତିକ୍ରମ କରି କେହି ଆମ ସୀମାକୁ ଆସିନାହାନ୍ତି କି ଆମର କୌଣସି ପୋଷ୍ଟ (ସେନା ଶିବିର) ଅନ୍ୟ କାହାର ଭୂଖଣ୍ଡରେ ନାହିଁ। ସର୍ବଦଳୀୟ ବୈଠକରେ ମୋଦିଙ୍କ ଉପରୋକ୍ତ ମନ୍ତବ୍ୟକୁ ନେଇ ବିରୋଧୀ ଦଳ ବିଶେଷକରି କଂଗ୍ରେସ ବାରମ୍ବାର ପ୍ରଶ୍ନ ଉଠାଇବା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଶନିବାର ସ୍ପଷ୍ଟୀକରଣ ମଧ୍ୟ ଦିଆଯାଇଥିଲା। ଏହାସତ୍ତ୍ୱେ ବିବାଦ ଥମିବାର ନାଁ ନେଉନାହିଁ। କାରଣ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ୧୭ ତାରିଖରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ତାଙ୍କର ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ଆଲୋଚନା ହୋଇଥିଲା। ଟେଲିଫୋନ୍‌ରେ ଆଲୋଚନା ବେଳେ ପିଏଲ୍‌ଏ ସୈନ୍ୟମାନେ ଗଲୱାନ ଉପତ୍ୟକାର ଭାରତ ପଟକୁ ଅନୁପ୍ରବେଶ କରି କିଛି ଢାଞ୍ଚା ନିର୍ମାଣ ପାଇଁ ଉଦ୍ୟମ କରିଥିବା ୱାଙ୍ଗ୍ ୟିଙ୍କୁ ଜୟଶଙ୍କର କହିଥିଲେ। ଏହି ବିଷୟରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରେସ୍ ରିଲିଜ ଜାରି କରାଯାଇଥିଲା। ବିବାଦ ଉଠିବା ପରେ ସରକାର ଉକ୍ତ ରିପୋର୍ଟକୁ ଭୁଲ ଭାବେ ଉପସ୍ଥାପନ କରାଯାଇଥିବା କହିଲେ। ସେହିପରି ସଂଘର୍ଷ ବେଳେ କୌଣସି ଯବାନ ନିଖୋଜ ହୋଇନାହାନ୍ତି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଥିଲା। ଏହାର ୨୪ ଘଣ୍ଟା ନ ପୂରୁଣୁ ଚାଇନା ୧୦ ଭାରତୀୟ ଯବାନଙ୍କୁ ଛାଡ଼ିଥିଲା। ଯଦି ଯବାନମାନେ ନିଖୋଜ ହୋଇ ନ ଥିଲେ ତେବେ ପରେ ସେମାନଙ୍କୁ ଚାଇନା କିପରି ଛାଡ଼ିଲା ବୋଲି ପ୍ରଶ୍ନ ଉଠିଲା। ରବିବାର ରାହୁଲ ଗାନ୍ଧୀ ଟୁଇଟ୍ କରି କହିଛନ୍ତି, ପ୍ରଧାନମନ୍ତ୍ରୀ କହୁଛନ୍ତି ଆମ ସୀମାକୁ କେହି ଆସି ନ ଥିଲେ କି ଭାରତୀୟ ଭୂଖଣ୍ଡ ଅନ୍ୟ କାହା ଦଖଲରେ ନାହିଁ। କିନ୍ତୁ ଭାରତମାତାର ପବିତ୍ର ଭୂମିରେ ଥିବା ପାଙ୍ଗୋଙ୍ଗ ହ୍ରଦକୁ ଚାଇନା ଦଖଲ କରିଥିବା ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ଭାବେ ଜାଣି ହେଉଛି। ରାହୁଲ ଏପରି ଟୁଇଟ୍ କରିବା ସହ ଏକ ନ୍ୟୁଜ୍ ଚ୍ୟାନେଲର ଭିଡିଓକୁ ଟ୍ୟାଗ୍ କରିଛନ୍ତି।


ନରେନ୍ଦ୍ର ମୋଦି


ଏସ୍. ଜୟଶଙ୍କର

## ନରେନ୍ଦ୍ର ମୋଦି ପ୍ରକୃତରେ ସରେଣ୍ଡର ମୋଦି

ନୂଆଦିଲ୍ଲୀ,୨୧।୬(ପି.ଟି.)

**ପ୍ରଧାନମନ୍ତ୍ରୀଙ୍କୁ ବ୍ୟଙ୍ଗ କଲେ ରାହୁଲ**



ଚାଇନା ଓ ନେପାଳ ଭାରତୀୟ ଭୂଖଣ୍ଡକୁ ମାଡ଼ିବସିଥିବାବେଳେ ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଚ୍ଛଲ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରକୃତରେ ନରେନ୍ଦ୍ର ମୋଦି ନୁହନ୍ତି, ସେ ସରେଣ୍ଡର ମୋଦି ବୋଲି ରାହୁଲ ଟୁଇଟ୍ କରିଛନ୍ତି। ଉକ୍ତ ଟୁଇଟ୍‌ରେ ରାହୁଲ ଏକ ବିଦେଶୀ ଆର୍ଟିକିଲକୁ ଟ୍ୟାଗ୍ କରିଛନ୍ତି, ଯାହାର ଶୀର୍ଷକ ହେଉଛି 'ଇଣ୍ଡିଆଜ୍ ଆପିଜ୍‌ମେଣ୍ଟ ପଲିସି ଟୁୱାର୍ଡ ଚାଇନା ଅନ୍‌ରାଭେଲ୍ସ'। ଚାଇନାର କୌଣସି ସୈନ୍ୟ ଭାରତ ପଟକୁ ଆସିନାହାନ୍ତି ବୋଲି ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଶନିବାର ରାହୁଲ କହିଥିଲେ, ମୋଦି ଭାରତୀୟ ଭୂଖଣ୍ଡକୁ ଚାଇନାର ଅତିକ୍ରମଣ ନିକଟରେ ସମର୍ପଣ କରିଦେଇଛନ୍ତି।

## ବ୍ରିଟେନ୍ ପାର୍କରେ ଆତଙ୍କବାଦୀ ଆକ୍ରମଣ: ୩ ମୃତ

ଲଣ୍ଡନ,୨୧।୬(ପି.ଟି.)

ଇଂଲଣ୍ଡର ରିଡିଂ ଟାଉନ୍‌ରେ ଥିବା ଏକ ପାର୍କରେ ଶନିବାର ସନ୍ଧ୍ୟାରେ ଜଣେ ଲିବ୍ୟା ବଂଶୋଦ୍ଭବ ବ୍ୟକ୍ତି ଛୁରିରେ ଆକ୍ରମଣ କରିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏହା ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ବ୍ରିଟେନ୍‌ର ଆତଙ୍କବାଦ ନିରୋଧୀ ଅଫିସର ରବିବାର ଘୋଷଣା କରିଛନ୍ତି। ସ୍ଥାନୀୟ ଥେମ୍ସ ଭ୍ୟାଲି ପୋଲିସ ପ୍ରଥମେ ହତ୍ୟା ମାମଲା ରୁଜୁ କରିଥିଲା। ହତ୍ୟା ପଛର କାରଣ ଜାଣିବା ପାଇଁ ପୋଲିସ ତଦନ୍ତ କରୁଥିବାବେଳେ ଏହା ଆତଙ୍କବାଦୀ ଆକ୍ରମଣ ବୋଲି କାଉଣ୍ଟର ଟେରୋରିଜମ୍ ପୋଲିସିଂ ନେଟୱର୍କର ବରିଷ୍ଠ ଜାତୀୟ ଆବାହକ ତଥା ଡେପୁଟି ଆସିଷ୍ଟାଣ୍ଟ କମିଶନର ଡିନ୍ ହେଡନ ଘୋଷଣା କରିଛନ୍ତି। ଏହି ସଂସ୍ଥା ତଦନ୍ତ ଦାୟିତ୍ୱ ନେଇଛି। ଫର୍ବୁରୀ ଗାର୍ଡେନରେ ଆକ୍ରମଣ ହୋଇଥିଲା। ଆକ୍ରମଣକାରୀ ୨୫ ବର୍ଷୀୟ ଯୁବକଙ୍କୁ ପୋଲିସ ଗିରଫ କରିଛି। ଥେମ୍ସ ଭ୍ୟାଲି ଅଞ୍ଚଳରେ ଏଭଳି ଆକ୍ରମଣ ବିରଳ ବୋଲି କୁହାଯାଉଛି। ଆକ୍ରମଣ ପଛରେ ଅନ୍ୟ କେଉଁମାନେ ସମ୍ପୃକ୍ତ ତାହା ଖୋଜାଚାଲିଛି। ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ଓ କୌଣସି ସନ୍ଦିଗ୍ଧ ଘଟଣା ଦେଖିଲେ ପୋଲିସକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଏବଂ ଗୃହମନ୍ତ୍ରୀ ପ୍ରୀତି ପଟେଲ ଘଟଣାର ତଦନ୍ତ ନେଇ ପୋଲିସ ସହ ଯୋଗାଯୋଗରେ ଅଛନ୍ତି।


ଚେନ୍ନାଇରେ ସୂର୍ଯ୍ୟୋପରାଗ ବେଳର ଦୃଶ୍ୟ।

## ଓଡ଼ିଶାରେ ଦୃଶ୍ୟ ହେଲା ଆଂଶିକ ସୂର୍ଯ୍ୟୋପରାଗ

ନୂଆଦିଲ୍ଲୀ/ କୁରୁକ୍ଷେତ୍ର / ଭୁବନେଶ୍ୱର,୨୧।୬

**ମେଘୁଆ ଆକାଶ, ସାମାଜିକ ଦୂରତା କାରଣରୁ ଅନେକ ଦେଖିବାରୁ ବଞ୍ଚିତ ହେଲେ**

ରବିବାର ଚଳିତ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ସଂଘଟିତ ହୋଇଛି। ଏହି ସମୟରେ ଆକାଶରେ ଆଲୋକର ବଳୟ ଦୃଶ୍ୟମାନ ହୋଇଥିଲା। ତେବେ ମେଘୁଆ ଆକାଶ ଓ ସାମାଜିକ ଦୂରତା କାରଣରୁ ଅନେକ ଏହି ବିରଳ ଦୃଶ୍ୟ ଦେଖିବାରୁ ବଞ୍ଚିତ ହୋଇଛନ୍ତି। ରାଜସ୍ଥାନ, ହରିୟାଣା ଓ ଉତ୍ତରାଖଣ୍ଡର କେତେକ ଅଞ୍ଚଳରେ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ଦୃଶ୍ୟ ହୋଇଥିବାବେଳେ ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ଆଂଶିକ ଦେଖିବାକୁ ମିଳିଥିଲା। ଓଡିଶାରେ ଆଶିଂକ ସୂର୍ଯ୍ୟୋପରାଗ ଦିନ ୧୦ଟା ୨୦ରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ୨୦ ମିନିଟରେ ଶେଷ ହୋଇଛି। ମଧ୍ୟାହ୍ନ ୧୨ଟା ୧୫ରୁ ସାଢେ ୧୨ଟା ମଧ୍ୟରେ ସର୍ବାଧିକ ପରାଗ ସଂଗଠିତ ହୋଇଥିଲା। ଏହି ପ୍ରକାର ବଳୟ ସୂର୍ଯ୍ୟୋପରାଗ ପୂର୍ବରୁ ୨୦୧୬ ସେପ୍ଟେମ୍ବର ୧ ଏବଂ ୨୦୧୯ ସେପ୍ଟେମ୍ବର ୨୬ରେ ଦେଖିବାକୁ ମିଳିଥିଲା।

ଲୋକେ ସ୍ୱତନ୍ତ୍ର ଚଷମା, ପିନ୍‌ହୋଲ କ୍ୟାମେରା ସହାୟତାରେ ଦେଖିବାକୁ ଉଦ୍ୟମ କରିଥିଲେ। ହରିୟାଣାର କୁରୁକ୍ଷେତ୍ରଠାରେ ୨୦୦ ପୂଜକ ଏକତ୍ର ହୋଇ ପବିତ୍ର ବ୍ରହ୍ମ ସରୋବରରେ ମନ୍ତ୍ରୋଚାରଣ କରିଥିଲେ। ବୈଜ୍ଞାନିକମାନେ କୁରୁକ୍ଷେତ୍ରରୁ ସୂର୍ଯ୍ୟୋପରାଗ ଦେଖିଥିଲେ।

## ୪ ମାସରେ ୪ ଆତଙ୍କବାଦୀ ସଂଗଠନ ମୁଖ୍ୟ ନିହତ

ଶ୍ରୀନଗର,୨୧।୬: ଗତ ୪ ମାସ ମଧ୍ୟରେ ବିଭିନ୍ନ ଏନ୍‌କାଉଣ୍ଟରରେ ୪ ପ୍ରମୁଖ ଆତଙ୍କବାଦୀ ସଂଗଠନର ମୁଖ୍ୟ ନିହତ ହେଲେଣି। ସେମାନଙ୍କ ମଧ୍ୟରେ ଅଛନ୍ତି ଲଶ୍କର-ଇ-ତାଇବା, ଜୈଶ-ଇ-ମହମ୍ମଦ, ହିଜ୍‌ବୁଲ ମୁଜାହିଦ୍ଦିନ ଏବଂ ଅନ୍‌ସାର ଘଜୱାତ୍-ଉଲ୍ ହିନ୍ଦ୍‌ର ମୁଖ୍ୟ। କଶ୍ମୀର ପୋଲିସ ଆଇଜି ବିଜୟ କୁମାର ରବିବାର ଏହି ସୂଚନା ଦେବା ସହ ସଫଳତା ପାଇଁ ସୁରକ୍ଷା ବଳକୁ ଅଭିନନ୍ଦନ ଜଣାଇଛନ୍ତି। ୪ ଆତଙ୍କବାଦୀ ସଂଗଠନର ମୁଖ୍ୟ ନିହତ ହେବା ଇତିହାସରେ ପ୍ରଥମ ଘଟଣା, ଯାହା ଆତଙ୍କବାଦୀ ସଂଗଠନଗୁଡ଼ିକରେ ନେତୃତ୍ୱ ସଙ୍କଟ ସୃଷ୍ଟି କରିଛି। ଶନିବାର କୁଲଗାମ୍‌ରେ ଏନ୍‌କାଉଣ୍ଟର ବେଳେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପାକିସ୍ତାନୀ ଆତଙ୍କବାଦୀ। ସେମାନଙ୍କଠାରୁ ଏକେ-୪୭ ରାଇଫଲ ଜବତ ହୋଇଥିଲା। ଏଥିସହିତ ଶନିବାର ସକାଳେ ସୀମାନ୍ତରେ ଉଡୁଥିବା ଏକ ପାକିସ୍ତାନୀ ଡ୍ରୋନ୍‌କୁ ବିଏସ୍‌ଏଫ୍ ଯବାନମାନେ ଖସାଇ ଦେଇଥିଲେ। ଏଥିରେ ବିପୁଳ ଅସ୍ତ୍ରଶସ୍ତ୍ର ଥିଲା।

## ଏକତା ବଢ଼ାଇଛି ଯୋଗ ଦିବସ

ନୂଆଦିଲ୍ଲୀ,୨୧।୬

**ଅନ୍ତର୍ଜାତୀୟ ଯୋଗ ଦିବସ**
**କୋଭିଡ-୧୯ ଭୂତାଣୁ ବିରୋଧରେ ପ୍ରତିରୋଧ ଶକ୍ତି ବୃଦ୍ଧି କରେ ଯୋଗ: ମୋଦି**

ଅନ୍ତର୍ଜାତୀୟ ଯୋଗ ଦିବସ ଏକତା ଓ ବିଶ୍ୱ ଭାଇଚାରାର ଦିନ। ଏହି ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସ ମାଧ୍ୟମରେ ରାଷ୍ଟ୍ରକୁ ସମ୍ବୋଧନ କରି କହିଛନ୍ତି। କୋଭିଡ-୧୯ ମହାମାରୀ ଯୋଗୁ ଏବର୍ଷ ଯୋଗ ଦିବସ ଇଲେକ୍ଟ୍ରୋନିକ ଓ ଡିଜିଟାଲ ମଞ୍ଚରେ ପାଳିତ ହେଉଛି। ଲୋକେ ପରିବାର ସହିତ ନିଜ ଘରେ ଯୋଗ ଅଭ୍ୟାସ କରୁଛନ୍ତି। ଯୋଗ ସମସ୍ତଙ୍କୁ ଏକାଠି କରିପାରିଛି। ଆମକୁ ବୃହତ ସମାବେଶରୁ ଦୂରେଇ ରହିବାକୁ ହେବ ଓ ପରିବାର ସହିତ ଘରେ ହିଁ ଯୋଗାଭ୍ୟାସ କରିବାକୁ ହେବ। ଏଥର ଯୋଗ ଦିବସର ଶୀର୍ଷକ ଥିଲା 'ଘରେ ଯୋଗ ଓ ପରିବାର ସହ ଯୋଗ'। ଯୋଗ ପାରିବାରିକ ବନ୍ଧନକୁ ମଜଭୁତ କରୁଛି। ଘରେ ସକାରାତ୍ମକ ଉର୍ଜା ପ୍ରବାହିତ ହେଉଛି। ଯୋଗ ଭାବନାତ୍ମକ ଦୃଢତାକୁ ପ୍ରୋତ୍ସାହିତ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଯୋଗ ଶରୀରର ରୋଗ ପ୍ରତିରୋଧକ ପ୍ରକ୍ରିୟାକୁ ମଜଭୁତ କରିଥାଏ। ଦୈନନ୍ଦିନ ଜୀବନରେ ପ୍ରାଣାୟାମକୁ ସାମିଲ କରିବାକୁ ପଡିବ। କରୋନା ଭୂତାଣୁ ଯୋଗୁଁ ମୁଖ୍ୟତଃ ଶ୍ୱାସତନ୍ତ୍ର ପ୍ରଭାବିତ ହେଉଥିବାରୁ ବର୍ତ୍ତମାନ ସମୟରେ ପ୍ରାଣାୟାମର ବେଶ୍ ପ୍ରାସଙ୍ଗିକତା ରହିଛି। ଯୋଗ ଏକତାର ଶକ୍ତି ଭାବେ ଉଭା ହୋଇଛି। ଜାତି, ବର୍ଣ୍ଣ, ଲିଙ୍ଗ, ବିଶ୍ୱାସର ଉର୍ଦ୍ଧ୍ୱରେ ଯେକୌଣସି ବ୍ୟକ୍ତି ଯୋଗକୁ ଆପଣାଇ ପାରିବେ। ଯଦି ଆମେ ନିଜକୁ ସୁସ୍ଥ ରଖିପାରିବା ତେବେ ସାରା ବିଶ୍ୱରେ ମାନବଜାତି ସୁସ୍ଥ ଓ ସୁଖୀ ହେବ। ଏହା କେବଳ ଯୋଗ ମାଧ୍ୟମରେ ସଫଳ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।


ଉତ୍ତରପ୍ରଦେଶର ମିର୍ଜାପୁର ଗଙ୍ଗାନଦୀ କୂଳରେ ଯୋଗାଭ୍ୟାସ କରୁଛନ୍ତି ଲୋକେ।

## ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ

ଶ୍ରୀନଗର,୨୧।୬: ଜମ୍ମୁ-କଶ୍ମୀରର ଶ୍ରୀନଗରରେ ରବିବାର ସକାଳେ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସହରର ଜୁନିମର ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ପାଇବା ପରେ ସୁରକ୍ଷା ବଳ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଏହି ଗୁଳି ବିନିମୟ ବେଳେ ୩ ଆତଙ୍କବାଦୀ ନିହତ ହୋଇଥିବାବେଳେ ସେମାନଙ୍କ ପରିଚୟ ମିଳିପାରି ନାହିଁ।

## ଗ୍ଲେନ୍‌ମାର୍କ ଆଣିଲା ଫାବିଫ୍ଲୁ

ନୂଆଦିଲ୍ଲୀ,୨୧।୬




**କୋଭିଡ୍ ଔଷଧ ଲଞ୍ଚ୍ ପାଇଁ ହେଟେରୋକୁ ଅନୁମତି**

କୋଭିଡ୍-୧୯ ଚିକିତ୍ସା ଲାଗି ଡ୍ରଗ୍ କମ୍ପାନୀ ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ସ ଫାବିଫ୍ଲୁ ବ୍ରାଣ୍ଡ୍ ନାମରେ ଆଣ୍ଟିଭାଇରାଲ ଔଷଧ ଫାଭିପିରାଭିର୍ ଲଞ୍ଚ୍ କରିଛି। ଏହାର ପ୍ରତି ଟାବ୍‌ଲେଟ ଦାମ୍ ରହିଛି ୧୦୩ ଟଙ୍କା। ୨୦୦ଏମ୍‌ଜିରେ ଉପଲବ୍ଧ ୩୪ଟି ଟାବ୍‌ଲେଟ ଥିବା ଷ୍ଟ୍ରିପ୍‌ର ମୂଲ୍ୟ ୩,୫୦୦ ଟଙ୍କା ରଖାଯାଇଛି। କରୋନା ଚିକିତ୍ସା ଲାଗି ଭାରତରେ ଏହା ପ୍ରଥମ ଔଷଧ। ଏହି ଔଷଧ ଉଭୟ ହସ୍ପିଟାଲ ଏବଂ ରିଟେଲ ଚ୍ୟାନେଲରେ ଉପଲବ୍ଧ ହେବ ବୋଲି ଗ୍ଲେନ୍‌ମାର୍କ ପକ୍ଷରୁ କୁହାଯାଇଛି।

ସେହିପରି ହେଟେରୋ କମ୍ପାନୀକୁ କୋଭିଡ୍-୧୯ ଚିକିତ୍ସା ଲାଗି ଆଣ୍ଟିଭାଇରାଲ ଔଷଧ ରେମଡେସିଭିର୍ ଲଞ୍ଚ୍ କରିବା ଲାଗି ରବିବାର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ଅନୁମତି ପ୍ରଦାନ କରିଛନ୍ତି। ଏହା ଭାରତରେ 'କୋଭିଫର' ବ୍ରାଣ୍ଡ୍ ନାମରେ ବିକ୍ରି ହେବ। ୧୦୦ ମିଲିଗ୍ରାମ ଶିଶିରେ ଉପଲବ୍ଧ ଏହି ଇଞ୍ଜେକ୍‌ସନକୁ ରୋଗୀର ଶିରାରେ ଦିଆଯିବ। ଏହାର ପ୍ରତି ଡୋଜ୍‌ର ଦାମ୍ ୫ରୁ ୬ ହଜାର ଟଙ୍କା ମଧ୍ୟରେ ରହିବ ବୋଲି ଜଣାପଡ଼ିଛି।

## ଦିନକରେ ୧୫,୪୧୩ ନୂଆ ମାମଲା

ନୂଆଦିଲ୍ଲୀ,୨୧।୬(ପି.ଟି.)

**୮ ଦିନରେ ଲକ୍ଷେ ସଂକ୍ରମିତ**

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ରବିବାର ୪ ଲକ୍ଷ ଅତିକ୍ରମ କରିଛି। ୩ ଲକ୍ଷରୁ ୪ ଲକ୍ଷରେ ପହଞ୍ଚିବାରେ ମାତ୍ର ୮ ଦିନ ସମୟ ଲାଗିଛି। ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୫,୪୧୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛି। ସେହିପରି ଗୋଟିଏ ଦିନରେ ୩୦୬ ମୃତ୍ୟୁ ସହ ମୋଟ ମୃତ୍ୟୁସଂଖ୍ୟା ୧୩,୨୫୪ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଦେଶରେ ମାମଲା ସଂଖ୍ୟା ୧୦୦ରୁ ୧ ଲକ୍ଷରେ ପହଞ୍ଚିବାକୁ ୬୪ ଦିନ ସମୟ ଲାଗିଥିଲା। ଲକ୍ଷେରୁ ୨ ଲକ୍ଷ ହେବାରେ ଲାଗିଥିଲା ୧୫ ଦିନ। ଏହାର ୧୦ ଦିନ ପରେ ମୋଟ ଆକ୍ରାନ୍ତ ସଂଖ୍ୟା ୩ ଲକ୍ଷ ଅତିକ୍ରମ କରିଥିଲା। ରବିବାର ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୧୦,୪୬୧ରେ ପହଞ୍ଚିଛି। ଇତିମଧ୍ୟରେ ୨,୨୭,୭୫୫ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧,୬୯,୪୫୧ ଜଣ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସକ୍ରିୟ ମାମଲାଠାରୁ ଅଧିକ ୫୮,୩୦୫ ଜଣ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୧୩,୯୨୫ ଜଣ ଆରୋଗ୍ୟ ହୋଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ କୋଭିଡ୍-୧୯ ଆରୋଗ୍ୟ ହାର ୫୫.୪୯ ପ୍ରତିଶତକୁ ବୃଦ୍ଧି ପାଇଛି। ସଂକ୍ରମଣରେ ମହାରାଷ୍ଟ୍ର, ତାମିଲନାଡୁ, ଦିଲ୍ଲୀ, ଗୁଜରାଟ ଓ ଉତ୍ତରପ୍ରଦେଶ ଆଗରେ ଅଛନ୍ତି। ଦିନକ ମଧ୍ୟରେ ୩୦୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରୁ କେବଳ ମହାରାଷ୍ଟ୍ରରୁ ଅଛନ୍ତି ୯୧ ଜଣ। ଦିଲ୍ଲୀରୁ ୭୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ତାମିଲନାଡୁରୁ ୩୮, ଗୁଜରାଟରୁ ୨୦ ଏବଂ ଉତ୍ତରପ୍ରଦେଶରୁ ୧୯ ଜଣଙ୍କର ଗୋଟିଏ ଦିନରେ ମୃତ୍ୟୁ ହୋଇଛି। ମୋଟ ମୃତ୍ୟୁସଂଖ୍ୟା ୧୩,୨୫୪ ହୋଇଥିବାବେଳେ ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୫,୯୮୪ ଜଣ, ଦିଲ୍ଲୀରୁ ୨,୧୧୨, ଗୁଜରାଟରୁ ୧,୬୩୮ ଏବଂ ତାମିଲନାଡୁରୁ ୭୦୪ ଜଣ ଅଛନ୍ତି। ଅନ୍ୟ ରାଜ୍ୟ ମଧ୍ୟରୁ ପଶ୍ଚିମବଙ୍ଗରେ ଏପର୍ଯ୍ୟନ୍ତ ୫୪୦ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବାବେଳେ ମଧ୍ୟପ୍ରଦେଶରେ ୫୦୧, ଉତ୍ତରପ୍ରଦେଶରେ ୫୦୭, ରାଜସ୍ଥାନରେ ୩୩୭ ଏବଂ ତେଲଙ୍ଗାନାରେ ୨୦୩ ଜଣଙ୍କ ମୃତ୍ୟୁ ହେଲାଣି। ଆମେରିକା, ବ୍ରାଜିଲ, ରୁଷିଆ ପରେ ଭାରତ ଚତୁର୍ଥ ସର୍ବାଧିକ କୋଭିଡ୍ ସଂକ୍ରମିତ ଦେଶ।

## ପୂର୍ବତନ ଆଇଏଫ୍‌ଏସ୍ ଅଫିସରଙ୍କ ସ୍ତ୍ରୀଙ୍କୁ ହତ୍ୟା

ନୂଆଦିଲ୍ଲୀ,୨୧।୬

ଦିଲ୍ଲୀର ସଫଦରଜଙ୍ଗ ଏନ୍‌କ୍ଲେଭସ୍ଥିତ ଘରେ ରହୁଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟର ଅବସରପ୍ରାପ୍ତ ଅଫିସରଙ୍କ ଘରେ ଶନିବାର ରାତିରେ କେତେକ ଦୁର୍ବୃତ୍ତ ପ୍ରବେଶ କରି ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣରେ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ବି.ଆର୍. ଚାୱଲାଙ୍କ ସ୍ତ୍ରୀ କାନ୍ତା ଚାୱଲାଙ୍କର ମୃତ୍ୟୁ ଘଟିଛି। ଉକ୍ତ ବିଲ୍ଡିଂରେ ନିକଟରେ ନିଯୁକ୍ତି ପାଇଥିବା ସିକ୍ୟୁରିଟି ଗାର୍ଡ ଓ ତାଙ୍କର ୨/୩ ଜଣ ସହଯୋଗୀ ଡକାୟତି କରିବା ଉଦ୍ଦେଶ୍ୟରେ ଚାୱଲାଙ୍କ ଘରେ ପ୍ରବେଶ କରି ସେମାନଙ୍କୁ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। କାନ୍ତା ପ୍ରତିରୋଧ କରିବାରୁ ତାଙ୍କୁ ଛୁରିଭୁସି ସେମାନେ ଘରୁ ନଗଦ ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଯାଇଥିଲେ।

## ୪ ଜଣରେ ଜଣେ ଭୋକିଲା

ନ୍ୟୁୟର୍କ,୨୧।୬(ଆଇଏଏନ୍‌ଏସ୍)

**ଲକ୍‌ଡାଉନ ପରେ ବ୍ରିଟେନରେ ଖାଦ୍ୟାଭାବ**



କରୋନା ଭୂତାଣୁର ମୁକାବିଲା ପାଇଁ ବ୍ରିଟେନେ ଦୀର୍ଘଦିନ ଲକ୍‌ଡାଉନରେ ରହିବା ପରେ ଏବେ ସେଠାରେ ଉତ୍କଟ ଖାଦ୍ୟାଭାବ ଦେଖାଦେଇଛି। ସେଠାରେ ପ୍ରତି ୪ ଜଣରେ ଜଣେ ବୟସ୍କ ବ୍ୟକ୍ତି କ୍ଷୁଧାରେ ରହିବା ସହ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବା ଏକ ସର୍ଭେରେ କୁହାଯାଇଛି। ଫିଡିଂ ବ୍ରିଟେନ ଆଣ୍ଡ ନର୍ଥମ୍ବ୍ରିଆ ୟୁନିଭର୍ସିଟିର ହେଲ୍‌ଦି ଲିଭିଂ ଲାବ୍ ପକ୍ଷରୁ କରାଯାଇଥିବା ଏହି ସର୍ଭେ ଅନୁଯାୟୀ ବ୍ରିଟେନ୍‌ର ୨୫% ବ୍ୟକ୍ତି ମହାମାରୀ ବେଳେ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପିଲାମାନଙ୍କୁ ଖୁଆଇବା ପାଇଁ ସେମାନଙ୍କୁ ଅଧା ପେଟରେ ରହିବାକୁ ପଡୁଥିଲା। ନିଜ ମର୍ଯ୍ୟାଦା, ସ୍ୱାଧୀନତା ଓ ସ୍ୱାବଲମ୍ବନତା ବଜାୟ ରଖିବାକୁ ଯାଇ ସେମାନଙ୍କୁ ଏଭଳି କରିବାକୁ ପଡୁଥିବା ଫିଡିଙ୍ଗ ବ୍ରିଟେନ୍‌ର ନିର୍ଦ୍ଦେଶକ ଆଣ୍ଡ୍ରୁ ଫୋର୍ସେ କହିଛନ୍ତି।

ବ୍ରିଟେନର ୫୦ ପ୍ରତିଶତ ବୟସ୍କ ବ୍ୟକ୍ତି କମ୍ ଦାମ୍‌ର ଖାଦ୍ୟସାମଗ୍ରୀ କିଣି କୌଣସି ପ୍ରକାରେ ଚଳିଯିବାକୁ ଚେଷ୍ଟା କରୁଛନ୍ତି, ଯାହା କି ସେମାନେ ଲକ୍‌ଡାଉନ ପୂର୍ବରୁ କରୁ ନ ଥିଲେ। ପରିବାରରେ ରହୁଥିବା ୧୦ ଜଣରୁ ୯ ଜଣ ବୟସ୍କ ଖାଦ୍ୟ ଅସୁରକ୍ଷିତ। ଖାଦ୍ୟ ଯେପରି ନଷ୍ଟ ନ ହେବ ସେଥିପ୍ରତି ଏବେ ଲୋକେ ଅଧିକ ଧ୍ୟାନ ଦେଉଛନ୍ତି ଓ ଖାଦ୍ୟ ପ୍ରସ୍ତୁତିରେ ଅଧିକ ଯତ୍ନଶୀଳ ହୋଇଛନ୍ତି।

## ସୀମାନ୍ତ ଗାଁରେ ନେପାଳ ରେଡିଓ ଶୁଭୁଛି

ଡେରାଡୁନ/ପିଥୋରାଗଡ଼,୨୧।୬

**ଗୀତ ମଝିରେ ମାଓବାଦୀଙ୍କ ଭାରତ ବିରୋଧୀ ଭାଷଣ**

**ଆସୁଛି ଭାରତୀୟ ଅଞ୍ଚଳର ପାଣିପାଗ ରିପୋର୍ଟ**

ଭାରତର ସୀମାନ୍ତ ଅଞ୍ଚଳ କାଲାପାନି, ଲିପୁଲେଖ ଓ ଲିମ୍ପିୟାଧୁରାକୁ ନେପାଳ ନୂଆ ମାନଚିତ୍ରରେ ନିଜର ବୋଲି ଦାବି କରିବା ସହ ଆଉ କେତେକ ବଦମାସି ଆରମ୍ଭ କରିଛି। ଏବେ ସୀମାନ୍ତ ଗ୍ରାମଗୁଡ଼ିକରେ ନେପାଳର ରେଡିଓ ଫ୍ରିକ୍ୱେନ୍ସି ଆସୁଛି। ଫଳରେ ସେହି ଅଞ୍ଚଳର ଲୋକେ କାଠମାଣ୍ଡୁ ପକ୍ଷରୁ ଭାରତ ବିରୋଧୀ ଗୀତ ରେଡିଓରେ ଶୁଣିବାକୁ ପାଉଛନ୍ତି।

ନେପାଳୀ ପାର୍ଲାମେଣ୍ଟ ଶୁକ୍ରବାର ଏକ ନୂଆ ରାଜନୈତିକ ମାନଚିତ୍ରକୁ ମଞ୍ଜୁରୀ ଦେଇଥିଲା। ଏଥିରେ କାଲାପାନି, ଲିପୁଲେଖ ଓ ଲିମ୍ପିୟାଧୁରାକୁ ନିଜ ଅଞ୍ଚଳ ବୋଲି ସ୍ଥାନିତ କରିଥିଲା। ପଡ଼ୋଶୀ ଦେଶର ଏହି ପଦକ୍ଷେପକୁ ଭାରତ ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏହାସତ୍ତ୍ୱେ ନେପାଳ ନିଜ ଦାବିକୁ ମଜଭୁତ କରିବା ପାଇଁ ବଦମାସି ଜାରି ରଖିଛି। ଉତ୍ତରାଖଣ୍ଡ ସୀମାର ପିଥୋରାଗଡ଼ସ୍ଥିତ ଧରଚୂଲ ସବ୍‌ଡିଭିଜନ ଅନ୍ତର୍ଗତ ଦାନ୍ତୁଆ ଗ୍ରାମର ଶାଲୁ ଦତାଲ ନାମକ ଜଣେ ବାସିନ୍ଦା କହିଛନ୍ତି, କେତେକ ନେପାଳୀ ଏଫ୍‌ଏମ୍ ରେଡିଓ ଚ୍ୟାନେଲ ନେପାଳୀ ଗୀତ ବଜାଉଛନ୍ତି। ଗୀତ ମଝିରେ ସେମାନେ ଭାରତ ବିରୋଧୀ ଭାଷଣ ମଧ୍ୟ ବଜାଇବାରେ ଲାଗିଛନ୍ତି। ସୀମାର ଉଭୟ ପଟରେ ରହୁଥିବା ଲୋକେ ନେପାଳୀ ଗୀତ ଶୁଣୁଥିବାରୁ ସେମାନେ ଗୀତ ମଝିରେ ନେପାଳୀ ମାଓବାଦୀ ନେତାମାନଙ୍କ ଭାରତ ବିରୋଧୀ ଭାଷଣ ଶୁଣିବାକୁ ପାଉଛନ୍ତି। ଗୀତ ଭିତରେ ସବୁଠୁ ବେଶି ଭାରତ ବିରୋଧୀ ବିଷୟ ନୟା ନେପାଳ ଓ କାଲାପାନି ଏଫ୍‌ଏମ୍ ରେଡିଓ ଷ୍ଟେଶନରୁ ଆସୁଛି। ମଲ୍ଲିକାର୍ଜୁନ ରେଡିଓ ଏବଂ ଅନ୍ନପୂର୍ଣ୍ଣା ଡଟ୍ ଅନ୍‌ଲାଇନ୍ ଭଳି କେତେକ ୱେବ୍‌ସାଇଟ ମଧ୍ୟ କାଲାପାନିକୁ ନେପାଳ ଭୂଖଣ୍ଡ ବୋଲି ଦାବି କରି କାର୍ଯ୍ୟକ୍ରମ ପ୍ରସାର କରୁଥିବା ସେ ପ୍ରକାଶ କରିଛନ୍ତି।

ଏହି ଏଫ୍‌ଏମ୍ ରେଡିଓ ଷ୍ଟେଶନଗୁଡ଼ିକ ନେପାଳର ଧରଚୂଳ ଜିଲା ମୁଖ୍ୟାଳୟର ନିକଟସ୍ଥ ଚାବ୍ରିଗଡ଼ରେ ଅବସ୍ଥିତ। ଏହି ଷ୍ଟେଶନଗୁଡ଼ିକର ରେଞ୍ଜ ପ୍ରାୟ ୩ କି.ମି.। ସେଠାରୁ ପ୍ରସାରିତ କାର୍ଯ୍ୟକ୍ରମ ସୀମାର ଭାରତ ପଟେ ଥିବା ଧରଚୂଳ, ବାଲୁଆକୋଟ, ଜଉଲଜିବି ଓ କାଲିକାରେ ଶୁଣିବାକୁ ମିଳୁଛି। ଏହି ଷ୍ଟେଶନଗୁଡ଼ିକର ନ୍ୟୁଜ୍ ବୁଲେଟିନ୍‌ରେ କାଲାପାନି, ଲିପୁଲେଖ ଓ ଲିମ୍ପିୟାଧୁରାକୁ ନିଜ ଦେଶର ଦାବି କରି ଏହି ସ୍ଥାନଗୁଡ଼ିକର ପାଣିପାଗ ରିପୋର୍ଟ ମଧ୍ୟ ପ୍ରସାର କରୁଛନ୍ତି ବୋଲି ଧରଚୂଳ ଗ୍ରାମର କ୍ରିଷ୍ଣା ଗରବିୟାଲ କହିଛନ୍ତି। ତେବେ ସ୍ଥାନୀୟ ଜିଲା ପ୍ରଶାସନ ଓ ପୋଲିସ ନେପାଳୀ ରେଡିଓ ଷ୍ଟେଶନରୁ ଭାରତ ବିରୋଧୀ କାର୍ଯ୍ୟକ୍ରମ ପ୍ରସାରଣ ହେବା ନେଇ ଅବଗତ ନ ଥିବା କହିଛନ୍ତି।

## ରଣା ସାପ ମାରି ସୁରକ୍ଷା ଦେଲା ବିଲେଇ

ନୟାଗଡ଼ ଅଫିସ,୨୧।୬: ମାଲିକଙ୍କ ପରିବାରକୁ ସୁରକ୍ଷା ଦେବାକୁ ଯାଇ ଏକ ପୋଷା ବିଲେଇ ରଣା ସାପ ସହ ଲଢ଼ି ତାକୁ ମାରିଦେଇଛି। ନୟାଗଡ଼ ସଦର ବ୍ଲକର ହରିପୁରଠାରେ ଏଭଳି ଘଟଣା ଘଟିଛି। ରବିବାର ପୂର୍ବାହ୍ନରେ ରଣାସାପଟି ମାଲିକ ପଞ୍ଚୁ ପଲେଇଙ୍କ ଘରକୁ ପଶି ଆସୁଥିବା ଦେଖି ବିଲେଇ ତାହାକୁ ଅଟକାଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ସାପ ଘରେ ପଶିବାକୁ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ବିଲେଇ ତାକୁ ଛାଡ଼ି ନ ଥିଲା। କିଛିସମୟ ଲଢ଼େଇ ପରେ ସାପଟିର ମୃତ୍ୟୁ ଘଟିଥିବାବେଳେ ବିଲେଇଟି ନିରାପଦ ରହିଛି। ଏହି ଘଟଣା ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

**ସଂକ୍ଷେପରେ**

## ପରିତ୍ୟକ୍ତ କୂଅରୁ ବଜ୍ରକାପ୍ତା ଉଦ୍ଧାର



**ଆଠଗଡ଼,୨୧।୬(ସ୍ୱ.ପ୍ର.):** କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ସମସରପୁର ପଞ୍ଚାୟତ ଅଧୀନ ଆଙ୍ଗୁଲା ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ରବିବାର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ଏହାର ଓଜନ ସାଢ଼େ ୫ରୁ ୬ କିଲୋ ମଧ୍ୟରେ ହେବ। ଭୋର ସମୟରେ ଗଙ୍ଗାଧର ରାଉତଙ୍କ ବିଲ ପାଖରେ ଥିବା କୂଅରେ ଉକ୍ତ ବଜ୍ରକାପ୍ତା ଖସି ପଡ଼ିଥିଲା। ସେତେବେଳେ ରାଉତ ବିଲରେ କାମ କରୁଥିଲେ। ଶବ୍ଦ ଶୁଣି ସେ କୂଅ ପାଖକୁ ଯାଇଥିଲେ। ପାଣିରେ ବଜ୍ରକାପ୍ତା ପଡ଼ିଥିବା ଦେଖି ଗ୍ରାମରେ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ସରପଞ୍ଚ ଅଜୟ ସ୍ୱାଇଁ ବନ ବିଭାଗରେ ଜଣାଇଥିଲେ। ଏହାପରେ ସଦର ବନାଞ୍ଚଳ ଅଧିକାରୀ ଆୟିଶା ଅଖତାର ନିଶା ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କୂଅରୁ ବଜ୍ରକାପ୍ତା ଉଦ୍ଧାର କରି ବନାଞ୍ଚଳ କାର୍ଯ୍ୟାଳୟକୁ ନେଇଛନ୍ତି। ସେଠାରେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସୋମବାର ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯିବ ବୋଲି ନିଶା କହିଛନ୍ତି।

## ବାପାଙ୍କ ମାର୍ଗଦର୍ଶନକୁ ମନେ ପକାଇଲେ ଜିଲାପାଳ



**ଛତ୍ରପୁର,୨୧।୬(ଡି.ଏନ୍.ଏ.):** ଫାଦର୍ସ ଡେ' ଅର୍ଥାତ୍ ପିତୃ ଦିବସ ଅବସରରେ ରବିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଟୁଇଟ୍ କରିଛନ୍ତି। ଏହି ଦିବସରେ ବାପା ଦେଇଥିବା ମାର୍ଗଦର୍ଶନ ଓ ଉପଦେଶକୁ ମନେ ପକାଇ ବାପାଙ୍କ ସହ ଥିବା ଏକ ଫଟୋ ସହ ଟୁଇଟ କରିଛନ୍ତି। ଆନ୍ନା ସବୁବେଳେ ଆବଶ୍ୟକୀୟ ଓ ଅଣ ଆବଶ୍ୟକୀୟ ବିଷୟ ମଧ୍ୟରେ ଥିବା ପାର୍ଥକ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ ଦେଉଥିଲେ। ଫଳରେ ମୋ ଜୀବନରେ କଦାପି ଆବଶ୍ୟକ ବିଷୟର ଅଭାବ ପଡିନି ବୋଲି ଜିଲାପାଳ ଉଲ୍ଲେଖ କରିଛନ୍ତି।

# ଆଜି ଆଜ୍ଞାମାଳ ବିଜେ

- ସିଂହଦ୍ୱାରକୁ ତିନିରଥ ଆସିବ କି ନାହିଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି
- ବିନା ଭକ୍ତରେ ରଥଯାତ୍ରା ହେଉ: ପରିଚାଳନା କମିଟି ସେବାୟତ ସଦସ୍ୟ

ପୁରୀ ଅଫିସ,୨୧।୬



କପଡ଼ା ଲଗାଯିବା ପରେ ତିନିରଥ।

ରଥଯାତ୍ରାକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇନି। ଏଥର ବଡ଼ଦାଣ୍ଡରେ ରଥ ଗଡ଼ିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଥିଲେ। ମାତ୍ର ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ରାୟର ପୁନର୍ବିଚାର ପାଇଁ ସୁପ୍ରିମ୍‌କୋର୍ଟରେ ଏକାଧିକ ରିଭ୍ୟୁ ପିଟିଶନ ଦାଏର ହୋଇଛି। ତେଣୁ ରଥଯାତ୍ରା ଆଶା ପୁଣି ଉଜ୍ଜୀବିତ ହୋଇଛି। ଶେଷ ହୋଇ ନ ଥିବା ଆଶା ଓ ଦୂର ହୋଇ ନ ଥିବା ଆଶଙ୍କା ଭିତରେ ଏବେ ତିନିରଥ ଉପରେ ସମସ୍ତଙ୍କ ନଜର। ବିଧି ମୁତାବକ ରଥଯାତ୍ରା ପୂର୍ବଦିନ ଅର୍ଥାତ୍ ସୋମବାର ଆଜ୍ଞାମାଳ ବିଜେ ହେବେ କି ନାହିଁ ସେ ନେଇ ଯେଉଁ ଆଶଙ୍କା ରହିଥିଲା ତାହାକୁ ଦୂର କରିଛନ୍ତି ପରିଚାଳନା କମିଟିର ସେବାୟତ ପ୍ରତିନିଧି। ଭିତର ସେବାୟତ ନିଯୋଗରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କମିଟିର ୫ ସେବାୟତ ପ୍ରତିନିଧି କହିଛନ୍ତି, ସୋମବାର ସକାଳ ଧୂପ ପରେ ରଥକୁ ଆଜ୍ଞାମାଳ ବିଜେ କରିବେ। ଏହାପରେ ରଥଖଳାରୁ ସିଂହଦ୍ୱାରକୁ ତିନିରଥ ଆସିବ କି ନାହିଁ ତାହା ରାଜ୍ୟ ସରକାର ନିଷ୍ପତ୍ତି ନେବେ। ଆଜ୍ଞାମାଳ ବିଜେ ପରେ ରଥ ନ ଗଡ଼ିଲେ ନୀତି ପ୍ରଭାବିତ ହେବା ଆଶଙ୍କା ରହିଥିବା ସୂଚନା ଦିଆଯାଇଛି।

ପରିଚାଳନା କମିଟି ସଦସ୍ୟ ତଲ୍ଲୁଛ ନୀଳକଣ୍ଠ ମହାପାତ୍ର କହିଛନ୍ତି, ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଯେଉଁଭଳି ଭାବେ ବିକଳ୍ପ ନାହିଁ ସେହିଭଳି ମହାପ୍ରଭୁଙ୍କ ରଥଯାତ୍ରାର କୌଣସି ବିକଳ୍ପ ପରିକଳ୍ପନା କରାଯାଇପାରିବ ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରନ୍ତୁ। ବିନା ଭକ୍ତରେ କିପରି ରଥଯାତ୍ରା ହୋଇପାରିବ ସେ ନେଇ ରାଜ୍ୟ ସରକାର ସୁପ୍ରିମ୍‌କୋର୍ଟଙ୍କ ପାଖରେ ସାନି ଆବେଦନ କରନ୍ତୁ। ସଦସ୍ୟ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ରଥଯାତ୍ରା ଲାଗି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଇଚ୍ଛା ପ୍ରକାଶ କରିଥିବାବେଳେ ଗଜପତି ମହାରାଜା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ତେଣୁ ସରକାର ନିଜ ଆଡୁ ଚେଷ୍ଟା କରନ୍ତୁ। ଛତିଶା ନିଯୋଗ ସମସ୍ତ ସହଯୋଗ କରିବ। କ୍ୟାବିନେଟ ବସାଇ ଅଧ୍ୟାଦେଶ ଆଣି ରାଜ୍ୟ ସରକାର ରଥଯାତ୍ରା କରିପାରିବେ ବୋଲି ଦାସମହାପାତ୍ର କହିଛନ୍ତି। ବିଧି ମୁତାବକ ସୋମବାର ସକାଳ ଧୂପ ପରେ ତିନିରଥକୁ ଆଜ୍ଞାମାଳ ବିଜେ କରାଯିବ। ଏହାପରେ ରଥଖଳାରୁ ସିଂହଦ୍ୱାରକୁ ତିନିରଥ ଆସିବ କି ନାହିଁ ତାହା ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେବେ ଆଜ୍ଞାମାଳ ବିଜେ ପରେ ରଥ ନ ଗଡ଼ିଲେ ନୀତି ପ୍ରଭାବିତ ହେବା ଆଶଙ୍କା ରହିଛି। ଏହି ଖବରଦାତା ସମ୍ମିଳନୀରେ କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ଅନନ୍ତ ତିଆଡ଼ି ଏବଂ ମାଧବ ମହାପାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବିଧି ଅନୁଯାୟୀ, ରଥଯାତ୍ରା ପୂର୍ବଦିନ ତିନିରଥକୁ ମହାପ୍ରଭୁଙ୍କ ଆଜ୍ଞମାଳ ବିଜେ ହୋଇଥାଏ। ତିନିବାଡ଼ର ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ରଥ ନିକଟରେ ପହଞ୍ଚିଥାନ୍ତି। ପ୍ରଥମେ ବଡଠାକୁର, ପରେ ଜଗନ୍ନାଥ ଓ ଶେଷରେ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୁଏ। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ଶ୍ରୀମନ୍ଦିର ସିଂହଦ୍ୱାରରେ ତିନି ରଥ ଲାଗିଥାଏ।

# ଖୁବ୍‌ଶୀଘ୍ର ୩ ଜିଲାରେ ବୋଟ୍ ଆମ୍ବୁଲାନ୍ସ ସେବା



ଭୁବନେଶ୍ୱର,୨୧।୬(ବ୍ୟୁରୋ)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୯ରେ ଆରମ୍ଭ ହୋଇଥିବା ବୋଟ୍ ଆମ୍ବୁଲାନ୍ସ ସେବା ବିଚ୍ଛିନ୍ନାଞ୍ଚଳ ସହ କେତେକ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଶେଷଭାବେ ସଫଳ ହୋଇଛି। ବିଚ୍ଛିନ୍ନାଞ୍ଚଳର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସେବା ନୂଆ ଆଶା ସଞ୍ଚାର କରିବା ସହ ବହୁ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିଛି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ବୋଟ୍ ଆମ୍ବୁଲାନ୍ସ ସେବାକୁ ଆହୁରି ବ୍ୟାପକ କରିବାକୁ ରାଜ୍ୟ ସରକାର ଉଦ୍ୟମ ଚଳାଇଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟର ଆଉ ୩ଟି ଜିଲା କୋରାପୁଟ, ମାଲକାନଗିରି ଓ କନ୍ଧମାଳରେ ବୋଟ୍ ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

୨୦୧୯ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍‌ର ବଟିଘର ଅଞ୍ଚଳରେ ଏହି ସେବାର ଶୁଭାରମ୍ଭ ହୋଇଥିଲା। ଦେଢ଼ ବର୍ଷ ମଧ୍ୟରେ ବୋଟ୍ ଆମ୍ବୁଲାନ୍ସ ପାଇଁ ଜିଲାର ବିଚ୍ଛିନ୍ନାଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଅନେକ ସୁଧାର ଆସିପାରିଛି। ବିଶେଷକରି ପ୍ରସୂତି ଓ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବା ଆଣିବାରେ ଏହି ଆମ୍ବୁଲାନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୧୦୮ ଆମ୍ବୁଲାନ୍ସ ଭଳି ଏଥିରେ ପ୍ରାଥମିକ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଉପକରଣ ରହିବା ସହ ଅଭିଜ୍ଞ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି। ଆବଶ୍ୟକସ୍ଥଳେ ଏମାନେ ଜରୁରିକାଳୀନ ସେବା ମଧ୍ୟ ଯୋଗାଉଛନ୍ତି। ନିକଟରେ କେନ୍ଦ୍ରାପଡ଼ା ଜିଲାର ବାଡ଼ଡୁବି ଗ୍ରାମର ୨୩ ବର୍ଷୀୟ ଜାନକୀ ମଣ୍ଡଳ ଝାଡ଼ାବାନ୍ତିରେ ପୀଡ଼ିତ ହୋଇଥିଲେ। ବୋଟ ଆମ୍ବୁଲାନ୍ସରେ ତୁରନ୍ତ ତାଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯିବାରୁ ବର୍ତ୍ତମାନ ସେ ସୁସ୍ଥ ଥିବା ଜଣାପଡ଼ିଛି। ବଟିଘର ଅଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ସେମାନେ ମୁଖ୍ୟତଃ ଏଠାରୁ ୨୦ କିମି ଦୂର ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ୩୫ କିମି ଦୂର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିଥାନ୍ତି। ଯାତାୟାତ ସମସ୍ୟା ଯୋଗୁ ଏସବୁ ସ୍ଥାନରେ ରୋଗୀ ପହଞ୍ଚିବା ବେଳକୁ ବହୁ ବିଳମ୍ବ ହୋଇଯାଇଥାଏ। ଏବେ କିନ୍ତୁ ବୋଟ୍ ଆମ୍ବୁଲାନ୍ସ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ର ଯିବାରେ କୌଣସି ବିଳମ୍ବ କିମ୍ବା ଅସୁବିଧା ହେଉନି।


ଏନେଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଉର୍ମିଳା ମିଶ୍ର କହିଛନ୍ତି, ବୋଟ୍ ଆମ୍ବୁଲାନ୍ସ ବିଚ୍ଛିନ୍ନାଞ୍ଚଳରେ ରୋଗୀଙ୍କ ଯାତାୟାତରେ ବେଶ୍ ସହାୟକ ହେବା ସହିତ ବର୍ତ୍ତମାନ କୋଭିଡ୍ ମହାମାରୀ ସମୟରେ ମଧ୍ୟ ବିଶେଷ ସାହାଯ୍ୟ କରୁଛି। ନିକଟରେ କରୋନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ବୋଟ୍ ଆମ୍ବୁଲାନ୍ସ ଦ୍ୱାରା ଆମେ ବିଚ୍ଛିନ୍ନାଞ୍ଚଳରେ ଏକାଧିକ ସଚେତନଭିତ୍ତିକ ସ୍ୱାସ୍ଥ୍ୟ କ୍ୟାମ୍ପର ଆୟୋଜନ କରିଥିଲୁ। ତେବେ ଏହି ସଫଳତାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ରାଜ୍ୟରେ ବୋଟ୍ ଆମ୍ବୁଲାନ୍ସ ସେବାକୁ ଆହୁରି ସମ୍ପ୍ରସାରଣ କରାଯିବାର ଯୋଜନା ରହିଥିବା ଏହାର ପରିଚାଳନା କରୁଥିବା ସଂସ୍ଥା ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି।

# ରେକର୍ଡ ଭାଙ୍ଗିଲା କରୋନା

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

- ୫ହଜାର ଡେଇଁଲା ଆକ୍ରାନ୍ତଙ୍କ ସଂଖ୍ୟା
- ଆଉ ୨ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ
- ପୁଣି ସୁସ୍ଥ ହେଲେ ୧୮୬
- ଆଉ ୪୨ଜଣ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀ ସଂକ୍ରମିତ

**ଦିନକରେ ୩୦୪ ଆକ୍ରାନ୍ତ, ନେଲା ଆଉ ୨ ମୁଣ୍ଡ**



ଓଡ଼ିଶାରେ କରୋନା ସ୍ଥିତି ଦିନକୁ ଦିନ ଜଟିଳ ହେଉଛି। ଘାତକ ଭାଇରସ୍ କୋଭିଡ୍-୧୯ ସବୁ ଜିଲାକୁ ଡେଇଁବା ପରେ ଉଗ୍ର ହେବାରେ ଲାଗିଛି। ରବିବାର ଉଭୟ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟାରେ ରେକର୍ଡ ସୃଷ୍ଟି କରିଛି। ୨୪ ଘଣ୍ଟାରେ ଆଉ ୨ ମୁଣ୍ଡ ନେଇଥିବାବେଳେ ୨୧ ଜିଲାରୁ ସର୍ବାଧିକ ୩୦୪ଜଣଙ୍କୁ ଆକ୍ରାନ୍ତ କରିଛି ଏହି ମହାମାରୀ। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୫ହଜାର ଡେଇଁଥିବାବେଳେ କରୋନାରେ ୧୪ଜଣଙ୍କ ଜୀବନ ଗଲାଣି।

ରାଜ୍ୟରେ ପ୍ରଥମଥର ଗୋଟିଏ ଦିନରେ ଏତେ ସଂଖ୍ୟକ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୭୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୩୨ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଜପତି ଜିଲାରୁ ସର୍ବାଧିକ ୪୭ଜଣ ଥିବାବେଳେ ଗଞ୍ଜାମରୁ ୪୦, ଜଗତ୍‌ସିଂହପୁରରୁ ୨୯, ଝାରସୁଗୁଡ଼ାରୁ ୨୫, ଯାଜପୁରରୁ ୨୧, ବାଲେଶ୍ୱରରୁ ୧୭, ବରଗଡ଼ରୁ ୧୪, କଟକରୁ ୧୩, କନ୍ଧମାଳରୁ ୧୨, ଭଦ୍ରକରୁ ୧୧, ମୟୂରଭଞ୍ଜରୁ ୬, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ା ୫ଜଣ ଲେଖାଏ, ସୋନପୁରରୁ ୪, ନୟାଗଡ଼ ଓ ପୁରୀରୁ ୩ଜଣ ଲେଖାଏ, ସମ୍ବଲପୁର ଓ ମାଲକାନଗିରିରୁ ୨ଜଣ ଲେଖାଏ ଏବଂ ଢେଙ୍କାନାଳ, ସୁନ୍ଦରଗଡ଼ ଓ ବଲାଙ୍ଗୀରରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୪୨ଜଣ ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ କର୍ମଚାରୀ ଅଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୧୬୦ରେ ପହଞ୍ଚିଛି। ସେପଟେ ରବିବାର କରୋନାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ହେଉଛନ୍ତି ବରଗଡ଼ ଜିଲାର ୭୬ ବର୍ଷୀୟ ପୁରୁଷ। ସେ ଡାଇବେଟିସ୍ ରୋଗରେ ପୀଡ଼ିତ ଥିଲେ। ଅନ୍ୟଜଣେ ଗଞ୍ଜାମ ଜିଲାର ୪୬ ବର୍ଷୀୟ ପୁରୁଷ ଓ ସେ ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ଥିଲେ। ଫଳରେ ବରଗଡ଼ ଜିଲାରେ ଏହା ପ୍ରଥମ କରୋନା ମୃତ୍ୟୁ ହୋଇଥିବାବେଳେ ଗଞ୍ଜାମ ଜିଲାରେ ଏହି ସଂଖ୍ୟା ୭ରେ ପହଞ୍ଚିଛି। ଅନ୍ୟପକ୍ଷରେ କରୋନାରେ ଆକ୍ରାନ୍ତ ଥିବା ଆଉ ୨ଜଣଙ୍କର ମଧ୍ୟ ଅନ୍ୟ ରୋଗରେ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରୁ ଜଣେ ନବରଙ୍ଗପୁରର ୧୭ ବର୍ଷୀୟ ଯୁବକ। ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ ଓ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେହିପରି ଅନ୍ୟଜଣେ ହେଉଛନ୍ତି ପୁରୀ ଜିଲାର ୫୩ ବର୍ଷୀୟ ବ୍ୟକ୍ତି ଓ ସେ କ୍ୟାନ୍‌ସରରେ ପୀଡିତ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

ଅନ୍ୟପଟେ ରାଜ୍ୟରେ ପୁଣି ସୁସ୍ଥ ୧୮୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ କଟକ ଜିଲାରୁ ୬୨ଜଣ ଥିବାବେଳେ କନ୍ଧମାଳରୁ ୪୧, ଖୋର୍ଦ୍ଧାରୁ ୩୨, ଗଞ୍ଜାମରୁ ୧୨, ମୟୂରଭଞ୍ଜରୁ ୮, ଅନୁଗୋଳରୁ ୭, କେନ୍ଦୁଝରରୁ ୫, ମାଲକାନଗିରି, ନୟାଗଡ଼ ଓ ପୁରୀରୁ ୪ଜଣ ଲେଖାଏ, ବାଲେଶ୍ୱର, ଦେବଗଡ଼ ଓ ସୋନପୁରରୁ ୨ଜଣ ଲେଖାଏ ଏବଂ ସୁନ୍ଦରଗଡ଼ର ଜଣେ ରହିଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ୩୭୨୦ଜଣ ସୁସ୍ଥ ହୋଇଛନ୍ତି।

## ପୁରୀବାସୀଙ୍କୁ ଉପବାସ ରହିବାକୁ ସମ୍ବିତ୍‌ଙ୍କ ନିବେଦନ

ପୁରୀ ଅଫିସ,୨୧।୬

ରଥଯାତ୍ରା ରାୟର ପୁନର୍ବିଚାର ତଥା ପରିବର୍ତ୍ତନ ପାଇଁ ସୁପ୍ରିମ୍‌କୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଛି। ପୁରୀ ରଥଯାତ୍ରାକୁ ଅନୁମତି ଦେବା ଲାଗି ସମସ୍ତେ ନିବେଦନ କରିଛନ୍ତି। ରବିବାର ସର୍ବୋଚ୍ଚ ନ୍ୟାୟାଳୟରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ମଧ୍ୟ ପିଟିଶନ ଦାଖଲ କରିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟାରେ ଏହାର ଶୁଣାଣି ରହିଛି। ତେଣୁ ସୋମବାର ପୁରୀବାସୀଙ୍କୁ ଉପବାସ ରହିବା ଲାଗି ସମ୍ବିତ୍ ନିବେଦନ କରିଛନ୍ତି। ସେ କହିଛନ୍ତି, କୋର୍ଟରେ ବିଜୟ ପାଇଁ ସମସ୍ତଙ୍କୁ ମିଶି ପ୍ରାର୍ଥନା କରିବାକୁ ହେବ। ନିଶ୍ଚିତ ଆମକୁ ମହାପ୍ରଭୁଙ୍କ ଆଶୀର୍ବାଦ ମିଳିବ। ଏଥିପାଇଁ ସେ ନିଜେ ସୋମବାର ଉପବାସ ରହିବେ। ଉପବାସର ବହୁତ ଶକ୍ତି ରହିଛି ବୋଲି ସମ୍ବିତ୍ କହିଛନ୍ତି। ତେଣୁ ପୁରୀବାସୀ ଉପବାସରେ ରହିବାକୁ ସେ ନିବେଦନ କରିଛନ୍ତି।

# ପୁନର୍ବିଚାର ପରେ ଆଇନଗତ ପଦକ୍ଷେପ ନେବେ ସରକାର

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନ କରିବା ପାଇଁ ସୁପ୍ରିମକୋର୍ଟ ଜୁନ୍ ୧୮ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ରାଜ୍ୟ ସରକାର ସେହିଦିନ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଥିଲେ। ତେବେ ଏହି ନିଷ୍ପତ୍ତି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ସୃଷ୍ଟି କରିଛି। ରଥଯାତ୍ରା କରିବା ପାଇଁ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି, ଛତିଶା ନିଯୋଗ ଏବଂ ବିଭିନ୍ନ ମହଲରୁ ଦାବି କରାଯାଉଛି। ଆସନ୍ତା ୨୩ତାରିଖରେ ରଥଯାତ୍ରା କରିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଓ ଛତିଶା ନିଯୋଗ ବୈଠକ ପରେ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଗଜପତିଙ୍କ ଅନୁରୋଧ ପରେ ରାଜ୍ୟ ସରକାର ଆଇନ ଅନୁଯାୟୀ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ପୁନର୍ବିଚାର ରାୟ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

**ରଥଯାତ୍ରା ପ୍ରସଙ୍ଗ**

ରଥଯାତ୍ରା ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ହୋଇଥିବା ମୂଳ ରିଟ୍‌ପିଟିଶନ (ନଂ.୫୭୧/୨୦୨୦)ର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ରଥଯାତ୍ରା ବନ୍ଦ କରିବାକୁ ରାୟ ପ୍ରକାଶ କରିବା ପରେ ଏହାକୁ ବିଭିନ୍ନ ବ୍ୟକ୍ତିବିଶେଷ, ଅନୁଷ୍ଠାନ ପକ୍ଷରୁ ବିରୋଧ କରାଯାଇଥିଲା। ଏପରିକି ଏହି ରାୟ ପରିବର୍ତ୍ତନ କରିବାକୁ ଏକାଧିକ ରିଭ୍ୟୁ ପିଟିଶନ ଦାଖଲ କରାଯାଇଛି। ସୁପ୍ରିମକୋର୍ଟରେ ସୋମବାର ଏହାର ଶୁଣାଣି ହେବ। ତେବେ ମୁଖ୍ୟମନ୍ତ୍ରୀଙ୍କୁ ଗଜପତି ମହାରାଜାଙ୍କ ଅନୁରୋଧ ପରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ରଥଯାତ୍ରା କରିବାକୁ ସୁପ୍ରିମକୋର୍ଟରେ ୩ଟି ଇଣ୍ଟରଭେନ୍‌ଶନ୍ ଆବେଦନ କରାଯାଇଥିଲା। ସାମାଜିକ ଦୂରତା ରକ୍ଷା କରି ସେବାୟତ ଏବଂ ପୋଲିସ ପ୍ରଶାସନ ସହାୟତାରେ ରଥ ଟାଣିବାକୁ ଆବେଦନକାରୀ ପିଟିଶନ ମାଧ୍ୟମରେ ଦର୍ଶାଇଥିଲେ। ତେବେ କୋଭିଡ-୧୯ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରଥଯାତ୍ରା ପାଇଁ ଅନୁମତି ନ ଦେବା ଲାଗି ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଜଣାଇଥିଲେ। ସରକାର ଏହି ମହାମାରୀକୁ ଏ ପର୍ଯ୍ୟନ୍ତ ସଫଳତାର ସହ ମୁକାବିଲା କରି ଆସିଛନ୍ତି। ରାଜ୍ୟକୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ କ୍ୱାରାଣ୍ଟାଇନ ଅବଧି ଶେଷ କରି ଘରକୁ ଫେରିଛନ୍ତି। ମୌସୁମୀ ଆସିଥିବାରୁ ଜୁନ୍ ଓ ଜୁଲାଇ ମାସରେ କରୋନା ସଂକ୍ରମଣର ଆଶଙ୍କା ଅଧିକ ମାତ୍ରାରେ ରହିଛି। ଏହି ମହାମାରୀ ଯୋଗୁ ସମଗ୍ର ବିଶ୍ୱରେ ଲକ୍ଷାଧିକ ଲୋକଙ୍କ ଜୀବନ ଗଲାଣି। ଲୋକମାନଙ୍କ ସମାଗମ ହେଲେ ଏହା ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଜନସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସର୍ବୋଚ୍ଚ ନ୍ୟାୟାଳୟ ରଥଯାତ୍ରା ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



**ଆଜିର ମନ୍ତବ୍ୟ**
"କରୋନାକୁ ହରାଇବାରେ ଯୋଗ ସହାୟକ ହେଉଥିବାରୁ ଏବେ ବିଶ୍ୱରେ ଏହାର ଆବଶ୍ୟକତା ଅନୁଭୂତ ହେଉଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:.......................................
ଜନ୍ମ ତାରିଖ: ..............................



ସରୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ 'ବିଶ୍ୱର ଫାର୍ମାସୀ' ଭୂମିକା ନେଇଛି: ଏସ୍‌ସିଓ

**ବେଜିଂ,୨୧।୬(ପି.ଟି.)**

- ସର୍ବବୃହତ୍ ଜେନେରିକ ଔଷଧ ଉତ୍ପାଦକ
- ବିଶ୍ୱର ୬୨% ଟିକା ଚାହିଦାକୁ ପୂରଣ କରୁଛି



ମେଡିସିନ କ୍ଷେତ୍ରରେ ଗଭୀର ଜ୍ଞାନକୌଶଳ, ଅଭିଜ୍ଞତା ଯୋଗୁ ଭାରତ କରୋନା ମହାମାରୀ ସମୟରେ 'ବିଶ୍ୱର ଫାର୍ମାସୀ' ଭୂମିକା ଗ୍ରହଣ କରିଛି ବୋଲି ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ମହାସଚିବ ଭ୍ଲାଦିମିର ନୋରୋଭ କହିଛନ୍ତି। ଭାରତ ନିଜ ଦେଶର କରୋନା ସଂକ୍ରମଣକୁ ରୋକିବା ଏବଂ ଚିକିତ୍ସା ନିମନ୍ତେ ଜରୁରୀ ପଦକ୍ଷେପ ନେବା ସହ ମହାମାରୀ ବିରୋଧରେ ଲଢ଼ିବା ପାଇଁ ୧୩୩ ଦେଶକୁ ଔଷଧ ଯୋଗାଇଦେଇଛି। ଏହା ଭାରତର ଉଦାରତାକୁ ଦର୍ଶାଉଛି ବୋଲି ନୋରୋଭ ନ୍ୟୁଜ୍ ଏଜେନ୍ସି ପିଟିଆଇକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ତାଙ୍କ ମତରେ ଏହା ଏକ ମୂଲ୍ୟବାନ ଓ ଦାୟିତ୍ୱସମ୍ପନ୍ନ ଉଦାହରଣ, ଯାହା ଏକ ବଡ଼ ଶକ୍ତିର ଆଚରଣର ପ୍ରତୀକ। ଏହାସହିତ ଏସ୍‌ସିଓ ସଦସ୍ୟ ଦେଶଗୁଡ଼ିକର ପରିପୂର୍ଣ୍ଣତା ଏବଂ ପାରସ୍ପରିକ ସହଯୋଗକୁ ଦର୍ଶାଉଛି। ନିକଟରେ ଭାରତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟ ଭାବେ ନିର୍ବାଚିତ ହୋଇଛି। ଏନେଇ ନୋରୋଭ କହିଛନ୍ତି ଯେ, ୨୦୨୧-୨୨ ପାଇଁ ଭାରତ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟତା ହାସଲ କରିଛି। ଏହା ବହୁତ ଗୁରୁତ୍ୱବହନ କରେ। ଗତ ଜାନୁୟାରୀରେ ଭାରତ ଗସ୍ତରେ ଆସି ଶୀର୍ଷ ନେତୃତ୍ୱଙ୍କ ସହ ବ୍ୟାପକ ବାର୍ତ୍ତାଳାପ କରିଥିବା ନୋରୋଭ କହିଛନ୍ତି ଯେ, ଭାରତର ଦକ୍ଷତାସମ୍ପନ୍ନ ବୈଜ୍ଞାନିକ ଏବଂ ଡାକ୍ତରୀ ବୃତ୍ତିଧାରୀମାନେ କରୋନା ଭାଇରସ୍ ସମ୍ପର୍କରେ ବିଶ୍ୱସ୍ତରରେ ହେଉଥିବା ଅଧ୍ୟୟନ ଓ ଟିକା ବିକାଶ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ତାଙ୍କର ବିଶ୍ୱାସ ରହିଛି। ସୂଚନାଥାଉ କି, ଏସ୍‌ସିଓର ମୁଖ୍ୟ କାର୍ଯ୍ୟାଳୟ ଚାଇନା ରାଜଧାନୀ ବେଜିଂରେ ରହିଛି। ଏହା ହେଉଛି ୮ ଦେଶ ବିଶିଷ୍ଟ ଅର୍ଥନୈତିକ ଓ ସୁରକ୍ଷା ବ୍ଲକ। ଭାରତ ଓ ପାକିସ୍ତାନ ୨୦୧୭ରେ ଏହାର ସଦସ୍ୟ ହୋଇଥିଲେ। ଏହାର ପ୍ରତିଷ୍ଠାତା ସଦସ୍ୟମାନେ ହେଲେ, ଚାଇନା, ରୁଷିଆ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନ।

ଉଜ୍‌ବେକିସ୍ତାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ନୋରୋଭ କହିଛନ୍ତି ଯେ, ଭାରତ ଏବେ ଅନେକ ବିଶ୍ୱସ୍ତରୀୟ ପଦକ୍ଷେପ ପାଇଁ ଦିଗ ନିର୍ଦ୍ଧାରଣ କରିଛି। ଏହାର କାରଣ ହେଉଛି, ଉଚ୍ଚଗୁଣ ସମ୍ପନ୍ନ ତଥା ସୁଲଭ ମୂଲ୍ୟର ଔଷଧ, ଯନ୍ତ୍ରପାତି, ଟିକା ଉତ୍ପାଦନ ସାଙ୍ଗକୁ ଔଷଧ ଏବଂ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ଭାରତର ବ୍ୟାପକ ଅଭିଜ୍ଞତା ଏବଂ ଗଭୀର ଜ୍ଞାନ। ସେ କହିଛନ୍ତି ଯେ, ଜେନେରିକ ଔଷଧ କ୍ଷେତ୍ରରେ ଭାରତ ବିଶ୍ୱର ସର୍ବବୃହତ ଉତ୍ପାଦକ ହୋଇପାରିଛି, ଯାହା ସମୁଦାୟ ବିଶ୍ୱ ଉତ୍ପାଦନର ୨୦%। ଏହାସହିତ ବିଶ୍ୱର ୬୨% ଟିକା ଚାହିଦାକୁ ଭାରତ ପୂରଣ କରୁଛି।

# ୧୧ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

**ରାଜ୍ୟରେ ହୋଇଛି ୩୬ % ଅଧିକ ବର୍ଷା**

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଏଥିସହିତ ଉତ୍ତର ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଫଳରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଉପରେ ଏକ ଟ୍ରଫ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷ କରି ନୂଆପଡ଼ା, ନବରଙ୍ଗପୁର, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହୁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ରେ ୧୦୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୬.୮, ଝାରସୁଗୁଡା ୬୩.୮, ସମ୍ବଲପୁର ୩୮, ହୀରାକୁଦ ୨୧.୪, ଭବାନୀପାଟଣା ୩୯.୬, ବଲାଙ୍ଗୀର ୮.୪, କୋରାପୁଟ ୨୭.୮, ଫୁଲବାଣୀ ୧୩, ଟିଟିଲାଗଡ ୯୭, ଦାରିଙ୍ଗବାଡି ୨୧, ଛତ୍ରପୁର ୨୫, ପାରଳାଖେମୁଣ୍ଡି ୧୩.୨ ଏବଂ ରାୟଗଡ଼ା ଜିଲ୍ଲାରେ ୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ତେବେ ଜୁନ୍ ପହିଲାରୁ ୨୧ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ୩୬ ପ୍ରତିଶତ ଅଧିକ ବର୍ଷ ରେକର୍ଡ କରାଯାଇଛି। ଏହି ସମୟ ମଧ୍ୟରେ ସ୍ୱାଭାବିକ ଭାବେ ୧୨୬.୫ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୭୨.୩ ମିଲିମିଟର ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବି ଆରଦ୍ରା ନକ୍ଷତ୍ରରେ ରହିଥିବାରୁ ଆପଣଙ୍କ ବିଚାରଧାରା ଓ ନିଷ୍ପତ୍ତି ଠିକ୍ ରହି ନ ପାରେ । ପରିବାରରେ ସନ୍ତାନମାନଙ୍କ ଶିକ୍ଷା,ସ୍ୱାସ୍ଥ୍ୟ ଓ ସମସ୍ୟା ବିଷୟ ନେଇ ମାନସିକ ସ୍ତରରେ ବିଚଳିତ ରହିବେ । ତଥାପି କର୍ମକ୍ଷେତ୍ରରେ ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ ।

**ବୃଷ** ଚନ୍ଦ୍ର ପାପଗ୍ରହ ରାହୁ ନକ୍ଷତ୍ରସ୍ଥ ଯୋଗୁ ବିଭିନ୍ନ ଦୁଶ୍ଚିନ୍ତା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ । ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର ଘରୋଇ ଝମେଲା ଲାଗି ରହିବ । ଅବଶ୍ୟ ବାଣିଜ୍ୟ ଓ ବ୍ୟବସାୟ, ପରିବହନ, ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ ।

**ମିଥୁନ** ଆଜି ଘାତବାର କାରଣରୁ ବାରାଧିପ ସ୍ୱରାଶିରେ ସ୍ୱାସ୍ଥ୍ୟହାନିର କାରଣ ହୋଇପାରନ୍ତି । ତଥାପି ମୃଗଶିରା ନକ୍ଷତ୍ରର ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ । ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ, ଫଳରେ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି ।

**କର୍କଟ** ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଆପଣେଇ ନେଇ କାମ ହାସଲ କରିପାରିବେ । କର୍ମକ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି । ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ ।

**ସିଂହ** ରବି ଓ ବୃହସ୍ପତି ଷଡ଼ାଷ୍ଟକରେ ଅବସ୍ଥାନ କରିଥିବାରୁ ବିଶିଷ୍ଟବ୍ୟକ୍ତିଙ୍କ ସହ ମତାନ୍ତର ଆଶଙ୍କା ରହିଛି । ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି । ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ । କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ ।

**କନ୍ୟା** ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଂଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ । ତଥାପି କୌଣସି ଦୁଷ୍ଟଲୋକଙ୍କ କଥାରେ ପଡି ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବାକୁ ପଡିପାରେ । ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ ।

**ତୁଳା** ପାପଗ୍ରହଯୁକ୍ତ ରବିଙ୍କ ଦୋଷରୁ ଆବଶ୍ୟକ ସମୟରେ କୌଣସି ମୂଲ୍ୟବାନ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ରାଗିପାରନ୍ତି । କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ । ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇବେ ।

**ବିଛା** ଚନ୍ଦ୍ର ଅଶୁଭଗ୍ରହ ମଧ୍ୟସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବ । କ୍ରୋଧର ବଶବର୍ତ୍ତୀ ହୋଇ ଟିକିଏ ଟିକିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି ।

**ଧନୁ** ଉପୁଜିଥିବା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ । ପାଖ ପଡୋଶୀମାନଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ । ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢାଇ ଦେଇପାରନ୍ତି । ବନ୍ଧୁଙ୍କ ନିକଟରେ ଦୀର୍ଘଦିନରୁ ବାକି ରହି ଆସିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ ।

**ମକର** ଦୁଃସ୍ଥାନସ୍ଥ ଏକାଧିକଗ୍ରହ କାରଣରୁ ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ । କିଛି କହିବା ଅପେକ୍ଷା ନୀରବତା ଅବଲମ୍ବନ କରି ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରିବା ଭଲ ହେବ । ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି ।

**କୁମ୍ଭ** ଦୀର୍ଘଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ । ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିପାରନ୍ତି । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ ।

**ମୀନ** କୌଣସି ଏକ ନିର୍ଦ୍ଦିଷ୍ଟ କାମ ସକାଶେ ବ୍ୟସ୍ତ ରହିଥିବା ସମୟରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିହୋଇପାରେ । ଫଳତଃ ଅଟକି ରହିଥିବା କାମଗୁଡିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡିବ । ଅନାବଶ୍ୟକ ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ ।

ଆଜି ଆଷାଢ଼ ଶୁକ୍ଳ ପ୍ରତିପଦ ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରୀଜୀଉମାନଙ୍କର ଉଭାଯାତ୍ରା, ଜୁନ୍ ୨୨ ତାରିଖ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, ଦିବା ଘ.୦୧.୩୦ମି.ଗତେ ପୁନର୍ବସୁ ନକ୍ଷତ୍ର, କନ୍ୟା ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୮.୪୪ମି.ଗତେ ଘ.୧୦.୩୦ମି.ମଧ୍ୟେ, ରାତ୍ରି ଘ.୦୯.୧୭ମି.ଗତେ ଘ.୧୨.୧୦ମି.ମଧ୍ୟେ, ଘ.୦୧.୩୬ମି.ଗତେ ଘ.୦୩.୦୩ମି.ମଧ୍ୟେ ଅମୃତବେଳା। ରାତ୍ରି ଘ.୦୩.୪୬ମି. ଗତେ ଘ.୦୪.୨୯ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬.୫୨ମି.ଗତେ ଘ.୦୮.୩୧ମି.ମଧ୍ୟେ ରାହୁକାଳ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଳରେ ଖୋସିଲି ଦାଆ**
**ଏତେ ବଡ଼ ଘରେ ଦେଇଛି ମୋ ବାପା**
**ଶିଙ୍ଗଟାଳି ମୁହିଁ ଯାଆ ।**

ଝିଅଟି ଯେବେ ଘରଯୋଗ୍ୟା ହୁଏ, ତାକୁ ଭଲ ଘର ଭଲ ବର ଦେଖି ହାତକୁ ଦି' ହାତ କରିଦିଆଯାଏ । ପରନ୍ତୁ ଶାଶୁ ଘରର ସଦସ୍ୟଙ୍କ ସହ ଯଦି ତା'ର ଭଲ ନ ପଡ଼େ ବା ମନୋମାଳିନ୍ୟ ଘଟେ, ତା'ହେଲେ କଥା କଥାକେ ଉଲୁଗୁଣା ଶୁଣିବାକୁ ପଡ଼ିଥାଏ । ଫଳସ୍ୱରୂପ ଅନେକ ଦୁଃଖ କଷ୍ଟ ସହିବା ସାର ହୋଇଥିବା ବେଳେ ଯାଆର ବଦସ୍ୱଭାବରେ ଅତିଷ୍ଠ ହୋଇପଡ଼ିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଉଳ ଚିକ୍କଣ ମେଘ ଗର୍ଜନ**
**ଭଲ ସାଜିଅଛି ତତେରେ**
**କେଉଁ ନାରୀ ତୋର ମୁଖ ବାନ୍ଧିଦେଲା**
**କଥା ନ କହିଲୁ ମତେରେ ।**

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ତାହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ -ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ**

## ପ୍ରଥମ ପୃଷ୍ଠାରୁ...

### ସେନାକୁ ଅସ୍ତ୍ର ବ୍ୟବହାର ...

ହେଲିକପ୍ଟର ପଠାଯାଇଛି। ସେହିପରି ହଜାର ହଜାର ସଂଖ୍ୟାରେ ଅତିରିକ୍ତ ଯବାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ମୁତୟନ କରାଯାଇଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ବିପିନ ରାୱତ, ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱଣେ, ନୌସେନା ମୁଖ୍ୟ ଆଡ୍‌ମିରାଲ କରମବୀର ସିଂ ଓ ବାୟୁସେନା ମୁଖ୍ୟ ମାର୍ଶଲ ଆର୍‌କେଏସ୍ ଭଦଉରିଆ ଯୋଗଦେଇଥିଲେ। ଜଳ, ସ୍ଥଳ ଓ ବାୟୁ ସୀମାରେ ଚାଇନାର ଗତିବିଧି ଉପରେ କଡ଼ା ନଜର ରଖିବା ପାଇଁ ବରିଷ୍ଠ ସେନା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଯେ ଏଲ୍‌ଏସିରେ କୌଣସି ପ୍ରକାର ଅତିକ୍ରମଣ କରାଗଲେ ଭାରତ ମୁହଁତୋଡ଼ ଜବାବ ଦେବ ବୋଲି ଶୁକ୍ରବାର ସର୍ବଦଳୀୟ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ।

### ସଙ୍କଟରେ କ୍ଷୁଦ୍ର, ...

ବିକାଶ ନୀତି ବଳରେ ରାଜ୍ୟରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହୋଇଛି। ଶିକ୍ଷିତ ଯୁବ ଉଦ୍ୟୋଗୀମାନେ ଏଥିପ୍ରତି ଆଗ୍ରହ ଦେଖାଉଛନ୍ତି।

କରୋନା ସଂକ୍ରମଣ ଆଶଙ୍କାରେ ଅଢେଇମାସ କାଳ ଲକ୍‌ଡାଉନ ହେବା ପରେ ଉଦ୍ୟୋଗୀମାନେ ଅଣ୍ଟା ସଳଖିବା ପାଇଁ ସରକାରୀ ସହଯୋଗ, ଶ୍ରମିକ, କଞ୍ଚାମାଲ, ବଜାର ସୁବିଧାକୁ ଅପେକ୍ଷା କରିଛନ୍ତି। ଯଦିଓ ଉଦ୍ୟୋଗଗୁଡିକୁ ସରକାର ଖୋଲିବାକୁ ଅନୁମତି ଦେଇଛନ୍ତି ତେବେ ଶ୍ରମିକ କଟକଣା ଯୋଗୁ ବହୁ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମ ବନ୍ଦ ହେବା ସହ ଲୋକମାନଙ୍କ କ୍ରୟ ପ୍ରତି ଆଗ୍ରହ କମିବା ଏହି କ୍ଷେତ୍ର ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କରୋନା ଭୟ ଦୂର ହୋଇ ନ ଥିବାରୁ ଲୋକମାନେ କୌଣସି ସୌଖୀନ ସାମଗ୍ରୀ କ୍ରୟ କରିବାକୁ ପୂର୍ବଭଳି ଆଗ୍ରହ ଦେଖାଉ ନାହାନ୍ତି।

ଅନ୍ୟ ପକ୍ଷରେ କରୋନା(କୋଭିଡ୍-୧୯) ଆଳରେ କ୍ଷୁଦ୍ର, ସୂକ୍ଷ୍ମ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ପାଇଁ ସରକାରୀ ସଂସ୍ଥା ମଧ୍ୟ ଦାଉ ସାଧୁଛନ୍ତି । ଅର୍ଥ ବିଭାଗ ନିର୍ଦ୍ଦେଶ ସତ୍ତ୍ୱେ ବିଭିନ୍ନ ବିଭାଗରେ ଗତ କିଛିବର୍ଷ ଧରି ବାକି ରହିଥିବା ବିଭିନ୍ନ ବିଲ୍ ବାବଦ ଅର୍ଥ ଉଦ୍ୟାଗୀଙ୍କୁ ମିଳୁ ନାହିଁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ବଳ ଦେବା ପାଇଁ ସରକାର ୨୦୨୦ ଏପ୍ରିଲ ୨୩ ତାରିଖରେ ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି । କମିଟିରେ ଅର୍ଥମନ୍ତ୍ରୀଙ୍କ ସମେତ ଇସ୍ପାତ ଓ ଖଣିମନ୍ତ୍ରୀ, ଶ୍ରମ ଓ ନିୟୋଜନ ମନ୍ତ୍ରୀ, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଏବଂ ଶକ୍ତିମନ୍ତ୍ରୀ ସଦସ୍ୟ ରହିଛନ୍ତି । ଶିଳ୍ପ ବିଭାଗ ପ୍ରମୁଖ ସଚିବ ଏହି କମିଟିର ଆବାହକ ଅଛନ୍ତି। ଏହି କମିଟି ବୃହତ ଶିଳ୍ପ , ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ୍‌ଗୁଡିକ କରୋନା ମହାମାରୀ କାଳରେ ସମ୍ମୁଖୀନ ହେଉଥିବା ସମସ୍ୟାର ସମୀକ୍ଷା କରି ପଦକ୍ଷେପ ନେବେ। କମିଟି ଗଠନ ହେଲା। କିନ୍ତୁ ସମସ୍ୟା ସମାଧାନ ପାଇଁ ସେପରି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ସମସ୍ୟାରେ ଘାଣ୍ଟି ହେଉଛନ୍ତି। କରୋନା ଯୋଗୁ ସମସ୍ୟାରେ ପଡିଥିବା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ପୁଣି ଛିଡା କରିବା ଲାଗି ସରକାରୀ ବିଭାଗଗୁଡିକରେ ବାକି ରହିଥିବା ଟଙ୍କାକୁ ତୁରନ୍ତ ଦେବା ସକାଶେ ପଦକ୍ଷେପ ନେବାକୁ ଅର୍ଥ ବିଭାଗ ପକ୍ଷରୁ ୨୦୨୦ ମେ ୧୬ ତାରିଖରେ ସମସ୍ତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଜିଲାପାଳମାନଙ୍କୁ ଚିଠି ଲେଖାଯାଇଛି। ଚିଠିରେ କୁହାଯାଇଛି ଯେ, କରୋନା ମହାମାରୀ ଯୋଗୁ ଏମ୍‌ଏସ୍‌ଏମ୍‌ଇଗୁଡିକରେ ଭୟଙ୍କର ଆର୍ଥିକ ସମସ୍ୟା ଦେଖାଦେଇଛି। ଯେଉଁ ସରକାରୀ କାର୍ଯ୍ୟାଳୟ, ଉଦ୍ୟୋଗ, ସ୍ୱୟଂଶାସିତ ସଂସ୍ଥାଗୁଡିକରେ ଅମାନତ ରାଶି, କାର୍ଯ୍ୟ ବାବଦରେ ବକେୟା ରହିଛି ତୁରନ୍ତ ପଇଠ କରିବାକୁ କୁହାଯାଇଥିଲା। ବକେୟା ଦୁଇ ସପ୍ତାହ ଅର୍ଥାତ ମେ ୩୦ ତାରିଖ ସୁଦ୍ଧା ପଇଠ କରିବାକୁ ଅର୍ଥ ବିଭାଗ ପରାମର୍ଶ ଦେଇଥିଲା। ସମସ୍ତ ପ୍ରକ୍ରିୟା ଶେଷ କରି ଜୁନ ୧୦ ତାରିଖ ସୁଦ୍ଧା ଅର୍ଥ ବିଭାଗକୁ ଜଣାଇବାକୁ କୁହାଯାଇଥିଲା। ହେଲେ ଉଦ୍ୟୋଗୀମାନେ ବକେୟା ଟଙ୍କା କିମ୍ବା ଜମା ରହିଥିବା ଅମାନତ ପାଇଁ ଆବେଦନ କଲେ ମଧ୍ୟ ଓଲଟା ତାଙ୍କୁ ଧମକ୍ ମିଳୁଥିବା ଅଭିଯୋଗ ହେଉଛି। କାଳେ ଭବିଷ୍ୟତରେ ଆଉ କାମ ମିଳିବ କି ନାହିଁ ସେହି ଭୟରେ ଉଦ୍ୟୋଗୀମାନେ ଟଙ୍କା ମାଗିବାକୁ ସାହସ କରୁନାହାନ୍ତି । ଏ ସମ୍ପର୍କରେ କ୍ଷୁଦ୍ର ଶିଳ୍ପ ଉଦ୍ୟୋଗ ସଚିବ ସ୍ୱସ୍ତିକ ସ୍ୱାଇଁ କହିଛନ୍ତି ଯେ, କରୋନା ମହାମାରୀ ପରେ କ୍ଷୁଦ୍ରଶିଳ୍ପଗୁଡିକ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ବକେୟା ଟଙ୍କା ସରକାରୀ ସଂସ୍ଥାଗୁଡିକ ମଧ୍ୟ ଦେଉ ନାହାନ୍ତି। ଶ୍ରମିକ, ଆର୍ଥିକ ସଙ୍କଟ ଓ ଉତ୍ପାଦିତ ଦ୍ରବ୍ୟର ଅଭାବୀ ବିକ୍ରି ସମସ୍ୟାକୁ ବହୁଗୁଣିତ କରିଦେଇଛି। ସରକାର ଉଦ୍ୟୋଗଗୁଡ଼ିକ ଉପରୁ କଟକଣା ଉଠାଇବା ସହିତ ଆର୍ଥିକ ସହାୟତା ନ କଲେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଗୁରୁତର ଭାବେ ପ୍ରଭାବିତ ହେବ। ଏଥିରେ ନିଯୁକ୍ତି ପାଇଥିବା ଲକ୍ଷ ଲକ୍ଷ ଲୋକ କାମଧନ୍ଦା ହରାଇ ବସିବେ ବୋଲି ସ୍ୱାଇଁ କହିଛନ୍ତି।

### କାଠଗଡ଼ାରେ ରଥଯାତ୍ରା ...

ନେଇଥିବାବେଳେ ପୁନଶ୍ଚ ଶ୍ରୀମନ୍ଦିର ଛତିଶା ନିଯୋଗ ଓ ପରିଚାଳନା କମିଟି ମିଳିତ ବୈଠକର ନିଷ୍ପତ୍ତି ପୁଣି ଆଶା ଉଜ୍ଜୀବିତ କରିଛି। ସୁପ୍ରିମ୍‌କୋର୍ଟରେ ଦାଖଲ ପିଟିଶନର ନିଷ୍ପତ୍ତି କ'ଣ ଆସୁଛି ସୋମବାରକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି କମିଟି ଅଧ୍ୟକ୍ଷ ଗଜପତି ମହାରାଜା କହିଛନ୍ତି। ମୂଳପୀଠରେ କୌଣସି ପରିସ୍ଥିତିରେ ରଥଯାତ୍ରା ବନ୍ଦ ନ କରିବାକୁ ଗଜପତି ମୁଖ୍ୟମନ୍ତ୍ରୀଙ୍କ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ଶଙ୍କରାଚାର୍ଯ୍ୟ ମଧ୍ୟ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ରଥଯାତ୍ରାକୁ ନେଇ ଭକ୍ତମହଲରେ ଆଶା ଉଜ୍ଜୀବିତ ହୋଇଛି। ଅପପକ୍ଷରେ ତିନିରଥ ମଧ୍ୟ ପ୍ରସ୍ତୁତ ହୋଇରହିଛି। ରବିବାର ରଥରେ କନା ପଡିବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ମଧ୍ୟ ଶେଷ ହୋଇଛି।

ପୁରୀ ସହର ବାସିନ୍ଦା ରାଜୀବ ପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥଯାତ୍ରା ବନ୍ଦ ହେବ ଏହି କଥାକୁ କେବେ ବିଶ୍ୱାସ କରିପାରୁନି। ପିଲାଟି ଦିନରୁ ରଥଯାତ୍ରା ଦେଖିଆସୁଛି। ହେଲେ ଏଥର ଯଦି ମହାମାରୀ କରୋନା ବାଧକ ସାଜିଛି ତେବେ ବିନା ଭକ୍ତରେ ରଥଯାତ୍ରା କରାଯାଉ, ସମ୍ପୂର୍ଣ୍ଣ ବନ୍ଦ ନ ହେଉ। ସେମିତି ବି ହେବ। ମହାପ୍ରଭୁ ନିଶ୍ଚିତ ଶେଷ ମୁହୂର୍ତ୍ତରେ କିଛି ଚମତ୍କାରିତା କରିବେ ବୋଲି ବିଶ୍ୱାସ ରଖିଛନ୍ତି ରାଜୀବ। କେବଳ ରାଜୀବ ନୁହଁନ୍ତି, ପ୍ରାୟ ସମସ୍ତେ ରଥଯାତ୍ରାକୁ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଛନ୍ତି।

### ପ୍ରାୟୋଜିତ ଯୋଜନା....

ଭିଡିଓ ବାର୍ତ୍ତାରେ ଜଗଦ୍‌ଗୁରୁ କହିଛନ୍ତି, ରାୟର ପୁନର୍ବିଚାର ପାଇଁ ଯଦି ସୁପ୍ରିମ୍‌କୋର୍ଟ ଚାହିଁଥାନ୍ତେ ତେବେ ୨୦ ତାରିଖରେ ସ୍ୱେଚ୍ଛାକୃତ ଭାବେ ଆବେଦନକୁ ଗ୍ରହଣ କରିପାରିଥାନ୍ତେ। ବର୍ତ୍ତମାନ ଅବକାଶକାଳୀନ ଛୁଟି ଥିଲେ ମଧ୍ୟ ବିଶେଷ ପରିସ୍ଥିତିରେ ନ୍ୟାୟାଳୟ ଖୋଲିଥାଏ। ମଙ୍ଗଳବାର ରଥଯାତ୍ରା। ମଝିରେ ମାତ୍ର ଗୋଟିଏ ଦିନ ସୋମବାର ରହିଛି। ତେଣୁ ରଥଯାତ୍ରା ବନ୍ଦ ପାଇଁ ସୁନିୟୋଜିତ ଯୋଜନା ହୋଇଥିବା ଯେ କେହି ଭାବିବାକୁ ବାଧ୍ୟ ହେବେ। ଗ୍ରୀଷ୍ମ ଅବକାଶ ଠିକ୍ ପୂର୍ବରୁ ଏଭଳି ରାୟ ଦିଆଯିବା ଏହାକୁ ସ୍ପଷ୍ଟ କରୁଛି ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ସ୍ଥିତି ପରଖିଲେ ମୁଖ୍ୟ ପ୍ରଶାସକ, ଡିଆଇଜି

**ପୁରୀ ଅଫିସ,୨୧।୬:** ରଥଯାତ୍ରାକୁ ନେଇ ସୋମବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ରହିଛି। ଯଦି ପୂର୍ବ ରାୟରେ ପରିବର୍ତ୍ତନ ହୁଏ ତେବେ ବଡ଼ଦାଣ୍ଡରେ ଗଡ଼ିବ ରଥ। ତେଣୁ କମ୍ ସମୟ ମଧ୍ୟରେ କିପରି ସବୁ ପ୍ରସ୍ତୁତି କରାଯାଇପାରିବ ସେ ନେଇ ରବିବାର ପୁରୀରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଏବଂ ଡିଆଇଜି ଆଶିଷ ସିଂ ସ୍ଥିତି ପରଖିଛନ୍ତି। ରବିବାର ସନ୍ଧ୍ୟାରେ ଏହି ଦୁଇଜଣଙ୍କ ସମେତ ଜିଲାପାଳ ବଲୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ଶ୍ରୀମନ୍ଦିରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। କେତେଜଣ ସେବାୟତଙ୍କ ସହ ମଧ୍ୟ କଥା ହୋଇଛନ୍ତି। ଏହି ଅବସରରେ ମୁଖ୍ୟ ପ୍ରଶାସକଙ୍କୁ କୋଭିଡ୍ କଟକଣା ମାନି କିପରି ରଥଯାତ୍ରା କରାଯିବ ସେ ନେଇ ଦଇତାପତି ନିଯୋଗ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରିଛି।

### ଆଜି ହେବ...

ମହାରାଜା ମଧ୍ୟ ରାୟର ପରିବର୍ତ୍ତନ ସପକ୍ଷରେ ମତ ଦେଇଥିଲେ। ଏପରି କି ଶନିବାର ମହାରାଜା ଗଜପତି ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରଥଯାତ୍ରା କୌଣସି ପରିସ୍ଥିତିରେ ବନ୍ଦ ନ କରିବାକୁ କହିଥିଲେ। ଇତିମଧ୍ୟରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ସଂଗଠନ ପକ୍ଷରୁ ଏକାଧିକ ପୁନର୍ବିଚାର ଆବେଦନ ସୁପ୍ରିମକୋର୍ଟରେ ହୋଇଛି। ମଙ୍ଗଳବାର ଶ୍ରୀଗୁଣ୍ଡିଚା ଯାତ୍ରା ଥିବାରୁ ସୋମବାରର ଶୁଣାଣି ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି।


# classifieds

**Everyday**
**0674-2580101, 2549302**

real estate

healthcare

**SALE**

Cuttack near OMP Square 4800 Sq.ft. Mini Apartment with 6 Nos. of Flat inbuilt (4 Nos. of 3 BHK Flat & 2 Nos. of 2 BHK Flat). Entire property for sale. Asking Price 1.5 Crore. Whatsapp - 9938219434. D-17471

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft. କୁ sqft-1400 ରେ ବିକ୍ରିହେବ। 7991052183.** D-69121

ସୁନ୍ଦରପଦା କୁହା ମୌଜାରେ yellow zone plot- sqft.1450/- & କ୍ଷେତ୍ରପାଳ ମୌଜାରେ ଘରବାରି plot sqft.-700/- ରେ bank Finance ସହିତ ମିଳୁଛି। 8480619769. D-17537

Refreshments Bhubaneswar Experienced professional gents/ ladies massage. 7750073898, 9853999966, homeservices 9853999966@gmail. com. D-17345

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

Ayurvedic full body massage Ladies and Gents. Contact- 9861064981. D-69516

Full body herbal massage with refreshment expert therapist. 7381239385, 06742540855. D-69285

Experience full body massage with us (expert). Call: 7377048581, 06742597822. D-69284

Newly open full body massage SPA in Bhubaneswar. Contact: 7205058838. D-69283

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨୩ରୁ ପିପିଲିକୁ ଗଡ଼ିବ ମୋ ବସ୍

ନୂଆ ରୁଟ୍ ଆରମ୍ଭ, ମାଷ୍ଟରକ୍ୟାଣ୍ଟିନ୍‌ରୁ ବାହାରିବ



**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ଆସନ୍ତା ୨୩ ତାରିଖରୁ ପିପିଲିକୁ ଗଡ଼ିବ ମୋ ବସ୍। ଏଥିପାଇଁ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ନୂଆ ରୁଟ୍ ନଂ.୩୩ ଆରମ୍ଭ କରିବାକୁ ଯାଉଛି। ଏହି ରୁଟ୍ ଭୁବନେଶ୍ୱର ରେଲୱେ ଷ୍ଟେଶନରୁ ପିପିଲିକୁ ସଂଯୋଗ କରିବ। ଦୂରତା ୨୪.୮ କି.ମି ରହିଥିବା କ୍ରୁଟ୍‌ର ମୁଖ୍ୟ ପ୍ରବନ୍ଧକ ଦୀପ୍ତି ମହାପାତ୍ର ରବିବାର କହିଛନ୍ତି। ପିପିଲିକୁ ମୋ ବସ୍ ଚଳାଚଳ ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା। ଲୋକଙ୍କ ଅନୁରୋଧକୁ ରକ୍ଷାକରି ସେମାନଙ୍କ ସହ ପର୍ଯ୍ୟଟକଙ୍କ ଯାତାୟତର ସୁବିଧା ପାଇଁ କ୍ରୁଟ୍ ପକ୍ଷରୁ ଏହି ରୁଟ୍ ଆରମ୍ଭ କରିବାକୁ ସ୍ଥିର କରାଯାଇଛି। ମୋଟ ୪ଟି ବସ ପ୍ରତିଦିନ ୩୩ଟି ବସ୍‌ଷ୍ଟପ୍ ମଧ୍ୟରେ ଯାତ୍ରା କରିବ। ପ୍ରଥମ ବସ୍ ସକାଳ ୭ଟାରେ ଓ ଶେଷ ବସ୍ ଅପରାହ୍ଣ ୫.୫୦ରେ ମାଷ୍ଟରକ୍ୟାଣ୍ଟିନରୁ ବାହାରି ପିପିଲି ଅଭିମୁଖେ ଯାତ୍ରା କରିବ। ସେହିପରି ପିପିଲିରୁ ପ୍ରଥମ ବସ୍ ସକାଳ ୭ଟା ୪୫ ଓ ଶେଷ ବସ୍ ରାତି ୭ଟାରେ ବାହାରିବ। ବୁଧବାର ପ୍ରଥମ ଦିନରେ ମାତ୍ର ଗୋଟିଏ ବସ୍ ଚାଲିବ। ଟିକେଟ୍‌ର ମୂଲ୍ୟ ସର୍ବାଧିକ ୩୦ ଟଙ୍କା ରହିଛି। ବିନା ମାସ୍କରେ କୌଣସି ଯାତ୍ରୀ ଯାତ୍ରା କରିପାରିବେ ନାହିଁ ଓ ଠିଆହୋଇ ଯାତ୍ରା କରିବା ନିଷେଧ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜଧାନୀରେ ଡକ୍ଟରେଟ୍ ଡିଗ୍ରୀ ଠକେଇ ର୍‍ୟାକେଟ

■ଦେଶର ବିଭିନ୍ନ ରାଜ୍ୟକୁ ଲମ୍ବିଛି ଚେର
■ଗୁଆହାଟୀ ପୋଲିସ କମିଶନରଙ୍କ ନିକଟରେ ଏକାଧିକ ଅଭିଯୋଗ
■ଓଡ଼ିଶା ରାଜ୍ୟପାଳଙ୍କୁ ଚିଠି ଲେଖିଲେ ଗୁଆହାଟୀର ଖବରଦାତା

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)

ପାଠପଢ଼ା, ଗବେଷଣା କି ପରୀକ୍ଷା ଦେବାକୁ ପଡ଼ିବନି। ଟଙ୍କାରେ ମିଳୁଛି ବିଭିନ୍ନ ଡକ୍ଟରେଟ୍ ଡିଗ୍ରୀ। ଏଭଳି ଏକ ବିଜ୍ଞାପନ ସୋସିଆଲ ମିଡ଼ିଆରେ ଘୂରି ବୁଲୁଥିବାବେଳେ ସାର୍ଟିଫିକେଟ ପାଇବା ଆଶାରେ ହଜାର ହଜାର ଛାତ୍ରୀଛାତ୍ର ଠକେଇର ଶିକାର ହୋଇଛନ୍ତି। ଟଙ୍କା ବଦଳରେ ଜାଲ୍ ସାର୍ଟିଫିକେଟ ପାଇଁ ହଟହଟା ହୋଇନ୍ତି। ରାଜଧାନୀ ଭୁବନେଶ୍ୱରରେ ଏହି ର୍‍ୟାକେଟ କାର୍ଯ୍ୟ କରୁଥିବାବେଳେ ଦେଶର ବିଭିନ୍ନ ରାଜ୍ୟକୁ ଏହାର ଚେର ଲମ୍ବିଛି। ଗୁଆହାଟୀ ପୋଲିସ କମିଶନଙ୍କର ନିକଟରେ ଏଭଳି ଏକାଧିକ ଅଭିଯୋଗ ହୋଇଛି। ଏନେଇ ଗୁଆହାଟୀର ଜଣେ ଖବରଦାତା ଓଡ଼ିଶାର ରାଜ୍ୟପାଳଙ୍କୁ ଚିଠି କରିବା ପରେ ଘଟଣା ପଦାକୁ ଆସିଛି।

ଅଭିଯୋଗ ଅନୁସାରେ, ବିଜ୍ଞାପନରେ ଥିବା ସଂସ୍ଥାର ନାମ ମହାତ୍ମାଗାନ୍ଧୀ ଗ୍ଲୋବାଲ ପିସ୍ ଫାଉଣ୍ଡେଶନ ରହିଥିବାବେଳେ ପ୍ରତିଷ୍ଠାତା ତଥା ଅନ୍ତର୍ଜାତୀୟ ସଭାପତି ଚିତ୍ତରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ଡ. ହୃଷୀକେଶ ଆଚାର୍ଯ୍ୟ ଓ ସେମାନଙ୍କ ଫଟୋ ରହିଛି। ସଂସ୍ଥାର ଠିକଣା ଭୁବନେଶ୍ୱର କଳିଙ୍ଗନଗରର ପ୍ଲଟ୍ ନଂ.କେ୪/୩୭ରେ କାର୍ଯ୍ୟ କରୁଥିବା ଉଲ୍ଲେଖ ରହିଛି। ସେଥିରେ ଦିଆଯାଇଥିବା ଫୋନ୍ ନମ୍ବରରେ ଯୋଗାଯୋଗ କରି ଛାତ୍ରୀଛାତ୍ରମାନେ ଟଙ୍କା ପଠାଇଛନ୍ତି। ହେଲେ ଏହି ଠିକଣାରେ ସେପରି କିଛି ସଂସ୍ଥା ନ ଥିବାବେଳେ ସେଠାରେ ଜଣେ ବ୍ୟକ୍ତି ପରିବାର ସହ ରହୁଥିବା ଜଣାପଡ଼ିଛି। ତାଙ୍କ ପାଖକୁ ବହୁତ ଚିଠି ଆସିଥିବାବେଳେ ପୋଲିସ ଓ ଛାତ୍ରୀଛାତ୍ର ଆସି ପଚାରୁଥିବା କହିଛନ୍ତି। ତେବେ ଠକମାନେ ଅନ୍‌ଲାଇନ୍‌ରେ ତାଙ୍କ ଘର ଠିକଣା ଦେଇ ବହୁ କୋଟି ଟଙ୍କା ଠକିନେଇଥିବା ଅନୁମାନ କରାଯାଉଛି। ତେବେ ଦିଆଯାଇଥିବା ଫୋନ୍ ନମ୍ବରରେ ଆମ ପ୍ରତିନିଧି ଯୋଗାଯୋଗ କରିବାରୁ ଜଣେ ବ୍ୟକ୍ତି କଲ୍ ରିସିଭ୍ କରିବା ସହ କଥା ହୋଇଥିଲେ। ପରିଚୟ ପଚାରି ସାର୍ଟିଫିକେଟ ପାଇଁ ୮୦ ହଜାରରୁ ୧ଲକ୍ଷ ଟଙ୍କା ଲାଗିବ ଓ ଲକ୍‌ଡାଉନ୍ ପାଇଁ କେବଳ ଅନ୍‌ଲାଇନ୍‌ରେ ଦିଆଯିବ ବୋଲି କହିଥିଲେ।

ଅନ୍ୟପକ୍ଷରେ ଠକେଇର ଶିକାର ହୋଇଥିବା ଗୁଆହାଟୀ ଭରଲୁମୁଖ ଅଞ୍ଚଳର ସୟଦୁର୍ ରହମନ ସେଠାକାର ପୋଲିସ କମିଶନରଙ୍କ ନିକଟରେ ଗତ ଜୁନ୍ ୧୫ରେ ଅଭିଯୋଗ କରିଛନ୍ତି। ଜୁନ ୧୬ରେ ଗୁଆହାଟୀ ଡିସିପି (କ୍ରାଇମ୍) ମାମଲାର ତଦନ୍ତ ଆରମ୍ଭ କରିଥିବାବେଳେ ଭୁବନେଶ୍ୱର କମିଶନରେଟ ପୋଲିସକୁ ମଧ୍ୟ ଗୁଆହାଟୀର ଜଣେ ଖବରଦାତା ମନୋଜିତ୍ ଏ ସଂକ୍ରାନ୍ତରେ ଅନ୍‌ଲାଇନ୍‌ରେ ଅବଗତ କରାଇଛନ୍ତି। ପିଏମ୍ଓ ଇଣ୍ଡିଆ ଓ ଓଡ଼ିଶା ରାଜ୍ୟପାଳଙ୍କୁ ମଧ୍ୟ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ନେବାକୁ ନିବେଦନ କରିଛନ୍ତି। ଗୁଆହାଟୀର ଶତାଧିକ ଛାତ୍ରୀଛାତ୍ର ଏହି ଠକେଇର ଶିକାର ହୋଇଥିବାରୁ ସ୍ଥାନୀୟ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ଖୁବ୍‌ଶୀଘ୍ର ଓଡ଼ିଶା ଆସି ଖୋଳତାଡ଼ କରିବ ବୋଲି ଜଣାପଡ଼ିଛି।




# ମେସେଜ ଦେଲେ ଘରେ ପହଞ୍ଚିବେ କର୍ମଚାରୀ

## 'ତୁ ମୋ ସାହାରା' ଯୋଜନା

■ହାତ ପାଆନ୍ତାରେ ସରକାରୀ କାମ
■ରାଜ୍ୟରେ ପ୍ରଥମ ଭାବେ କଟକରୁ ହେବ ଶୁଭାରମ୍ଭ
■ଆପ୍‌ରେ ଦାଖଲ ହେବ ଅଭିଯୋଗ
■ବରିଷ୍ଠ ନାଗରିକ, ଅବହେଳିତଙ୍କୁ ସୁବିଧା

କଟକ ଅଫିସ,୨୧।୬

ସରକାରୀ କାର୍ଯ୍ୟ ପାଇଁ ଆଉ ଯିବାକୁ ହେବନି ସରକାରୀ ଦପ୍ତର। ଗୋଟିଏ ମେସେଜରେ ଘରେ ପହଞ୍ଚିବେ କର୍ମଚାରୀ। ମେଡିକାଲଠାରୁ ଆରମ୍ଭ କରି ଜମିଜମା ପଞ୍ଜୀକରଣ ପର୍ଯ୍ୟନ୍ତ ଅନେକ ସରକାରୀ କାର୍ଯ୍ୟ ଏଣିକି ଘରେ ହୋଇପାରିବ। ପ୍ରଶାସନକୁ ସାଧାରଣ ଲୋକଙ୍କ ନିକଟତର କରିବା ପାଇଁ କଟକ ଜିଲାରେ ଆରମ୍ଭ ହେବାକୁ ଯାଉଛି 'ତୁ ମୋ ସାହାରା'। ଜୁଲାଇ ପ୍ରଥମ ସପ୍ତାହରେ କଟକ ସହରରୁ ଏହି ଯୋଜନାର ଶୁଭାରମ୍ଭ କରାଯିବ। ବରିଷ୍ଠ ନାଗରିକ ଓ ଅବହେଳିତ ଗୋଷ୍ଠୀଙ୍କୁ ସେବା ଦେବା ଏଥିରେ ପ୍ରାଥମିକତା ରହିବ।

ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି, 'ତୁ ମୋ ସାହାରା' ଯୋଜନା ଏକ ଘରୋଇ ସଂସ୍ଥାର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବ। ଏହି ଯୋଜନା ଅନୁଯାୟୀ ଏକ ମୋବାଇଲ୍ ଆପ୍ ପ୍ରସ୍ତୁତ କରାଯାଉଛି। ଏହାସହ ଜଡ଼ିତ ହେବାକୁ ଚାହୁଁଥିବା ଲୋକେ ନିଜକୁ ଏହି ଆପ୍‌ରେ ପଞ୍ଜୀକୃତ କରିବେ। ଯଦି କେହି ହଠାତ୍ ଅସୁସ୍ଥ ହୋଇପଡ଼ୁଛନ୍ତି, ତେବେ ଏହି ଆପ୍‌ରେ ସୂଚନା ଦେବା କ୍ଷଣି ଘରୋଇ ସଂସ୍ଥାର କର୍ମଚାରୀ ତାଙ୍କ ପାଖରେ ପହଞ୍ଚିବେ। ମେଡିକାଲ ନେବା ଆଣିବା ସହ ସ୍ୱାସ୍ଥ୍ୟସେବା ଦେବାରେ ସାହାଯ୍ୟ କରିବେ। ଡ୍ରାଇଭିଂ ଲାଇସେନ୍ସ ହେଉ ଅବା ବିଭିନ୍ନ ପ୍ରକାର ସରକାରୀ ପ୍ରମାଣପତ୍ର ପାଇବା ପାଇଁ ଆବେଦନ ସୁବିଧା ଏହି ଆପ୍‌ରେ ରହିବ। ଏଥିପାଇଁ ନିର୍ଦ୍ଦିଷ୍ଟ ଫି ଦେବାକୁ ପଡ଼ିବ। ଏହି ଯୋଜନା ପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ୍‌ରୁମ୍ ମଧ୍ୟ ଖୋଲାଯିବ, ଯେଉଁଠି ଲୋକେ ସେମାନଙ୍କ ଆପତ୍ତି ଅଭିଯୋଗ ମଧ୍ୟ ଦାଖଲ କରିପାରିବେ। ଏହି ଯୋଜନା ଜରିଆରେ ଜିଲାର କ୍ଷୀର ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ପଞ୍ଜୀକୃତ ବ୍ୟକ୍ତିଙ୍କୁ ଦିନକୁ ଗୋଟିଏ ଲିଟର କ୍ଷୀର କିଣିବାକୁ ହେବ। କର୍ମଚାରୀମାନେ ଦୈନିକ ପଞ୍ଜୀକୃତ ବ୍ୟକ୍ତିଙ୍କ ଘରେ କ୍ଷୀର ଯୋଗାଇଦେବେ ବୋଲି ଜିଲାପାଳ ଚୟନୀ କହିଛନ୍ତି।



ପଠାଣିସାମନ୍ତ ପ୍ଲାନେଟୋରିୟମ୍‌ର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକଙ୍କ ଭୁବନେଶ୍ୱର ଜାଗମରାସ୍ଥିତ ବାସଭବନ ପରିସରରେ ରବିବାର ଛାତ୍ରୀମାନେ ସୌର ଚଷମାରେ ସୂର୍ଯ୍ୟୋପରାଗ ଦୃଶ୍ୟ ଦେଖୁଛନ୍ତି।

# ଯୁବକଙ୍କୁ ପିଟିପିଟି ହତ୍ୟା

ଗଛରେ ଝୁଲାଇଦେଲେ ମୃତଦେହ

ଖୁଣ୍ଟୁଣୀ,୨୧।୬(ଡି.ଏନ୍.ଏ.)

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମରେ ଜଣେ ଯୁବକଙ୍କୁ ପିଟି ହତ୍ୟା କରିବା ପରେ ଗଛରେ ଝୁଲାଇ ଦିଆଯାଇଥିବା ରବିବାର ଅଭିଯୋଗ ହୋଇଛି। ମୃତକ ହେଲେ ଗଙ୍ଗାଧର ପରିଡ଼ା(୧୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ଗଙ୍ଗାଧରଙ୍କ ମା' ସୁଲୋଚନା ପରିଡ଼ାଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୨/୩୪ରେ ଏକ ହତ୍ୟା ମାମଲା (ନଂ.୭୫/୨୦) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜେମାଦେଇପୁର ଗ୍ରାମର ଜଣେ ଯୁବତୀଙ୍କ ସହ ଗଙ୍ଗାଧରଙ୍କ ବନ୍ଧୁତା ରହିଥିଲା। ଶନିବାର ରାତି ପ୍ରାୟ ସାଢ଼େ ୧ଟାରେ ଗଙ୍ଗାଧର ଉକ୍ତ ଯୁବତୀଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଯୁବତୀଙ୍କ ତିନି ଭାଇ ଗଙ୍ଗାଧରଙ୍କୁ ଦେଖିବା ସହ ମାଡ଼ ମାରିଥିଲେ। ଏହା ପରେ ଗଙ୍ଗାଧରଙ୍କ ମା'ଙ୍କୁ ଫୋନ କରିବା ସହ ତୁମ ପୁଅକୁ ଏଠାରୁ ନେଇଯାଅ ବୋଲି କହିଥିଲେ। ସୁଲୋଚନା ପହଞ୍ଚି ତାଙ୍କ ପୁଅକୁ ନେଇ ଆସୁଥିବା ବେଳେ ବାଟରୁ ପୁଣି ଉକ୍ତ ତିନି ଭାଇ ଗଙ୍ଗାଧରଙ୍କୁ ଛଡ଼ାଇ ନେଇ ସେଠାରୁ ପଳାଇଥିଲେ। ରବିବାର ସକାଳ ପର୍ଯ୍ୟନ୍ତ ଗଙ୍ଗାଧର ଘରକୁ ନ ଫେରିବାରୁ ସୁଲୋଚନା ଫୋନରେ ପଚାରିଥିଲେ। ତୁମ ପୁଅ କୁସପଙ୍ଗୀର ଏକ ଗଛରେ ଝୁଲୁଛି ବୋଲି ତିନିଭାଇ କହିଥିବା ସୁଲୋଚନା ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନେ ଫେରାର ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଗୟାଧର ବେହେରା କହିଛନ୍ତି।

# ୩ ସଂକ୍ରମିତ ଚିହ୍ନଟ, ୪ ସୁସ୍ଥ

ପୁରୀ ଅଫିସ,୨୧।୬

ପୁରୀ ଜିଲାରୁ ରବିବାର ୩ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୪ ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୨୧୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ରବିବାରର ୪ ଜଣଙ୍କୁ ମିଶାଇ ୧୧୯ ଜଣ ଆରୋଗ୍ୟ ଲାଭ କରିଥିବାବେଳେ ୯୩ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି ଏବଂ ଜଣଙ୍କର ମୃତ୍ୟୁ ଘଟିଛି। ଆଉ ଜଣଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରବିବାର ଚିହ୍ନଟ ୩ଜଣଙ୍କ ସଂକ୍ରାନ୍ତରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଥ୍ୟ ଦିଆଯାଇ ନାହିଁ। ତେଣୁ ଏମାନଙ୍କ ମଧ୍ୟରୁ କେତେଜଣ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ଓ ବାହାରୁ କେତେଜଣ ଆସିଥିଲେ ତାହା ସ୍ପଷ୍ଟ ହୋଇ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଗତ କିଛିଦିନ ଧରି ଜିଲାର ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି, ଯାହାକି ଜିଲାବାସୀଙ୍କ ସମେତ ପ୍ରଶାସନର ଚିନ୍ତା ବଢାଇ ଦେଇଛି।

# କରୋନାଜନିତ ମୃତ୍ୟୁ ପରେ ୨ ଗାଁ ସିଲ୍

୨୨ ଜଣଙ୍କ ସ୍ୱାବ ଟେଷ୍ଟ ପାଇଁ ପଠାଗଲା ନମୁନା

ଗୋପ, ୨୧।୬(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକରେ ପ୍ରଥମ କରୋନାଜନିତ ମୃତ୍ୟୁ ପରେ ପ୍ରଶାସନିକ ପଦକ୍ଷେପ ନିଆଯାଇଛି। କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହେବା ପରେ ପ୍ରଶାସନ ପକ୍ଷରୁ ୨ଟି ଗାଁକୁ ସିଲ୍ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା ୨୨ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ଲାଗି ପଠାଯାଇଛି। ଉକ୍ତ ୨ଟି ଗ୍ରାମକୁ କେହି ଯାଇପାରିବେ ନାହିଁ କି ସେଠାରୁ କେହି ବାହାରକୁ ଆସିପାରିବେ ନାହିଁ ବୋଲି ପ୍ରଶାସନ କଟକଣା ଜାରି କରିଛି। ଗୋପ ବ୍ଲକରେ ୭୨ଟି ଅସ୍ଥାୟୀ କ୍ୱାରାଣ୍ଟାଇନ ସେଣ୍ଟରରେ ପ୍ରବାସୀ ରହିଥିଲେ। ମାତ୍ର କେତେକ କ୍ୱାରାଣ୍ଟାଇନ ସେଣ୍ଟରର ପ୍ରବାସୀ ବାହାରେ ବୁଲାବୁଲି କରିବା ଭଳି ଅଭିଯୋଗ ଆସିଥିଲା। ୭୨ଟି କ୍ୱାରାଣ୍ଟାଇନ ସେଣ୍ଟରକୁ ରବିବାର ସୁଦ୍ଧା ୨୨୧୦ ଜଣ ପ୍ରବାସୀ ଆସିଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ପଜିଟିଭ୍ ବାହାରିଛି। ୫ଜଣ ପ୍ରବାସୀ ବିଦେଶରୁ ଆସିଥିବା ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି। ତେବେ ବୃଦ୍ଧ ଜଣକ ଗାଁରେ ଦୋକାନ କରିଥିବା ବେଳେ କିପରି କରୋନାରେ ଆକ୍ରାନ୍ତ ହେଲେ ତାହା ଏବେ ପ୍ରଶ୍ନ ହୋଇଛି। ୪ଦିନ ତଳେ ସମ୍ପୃକ୍ତ ବୃଦ୍ଧଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ପରିବାରବର୍ଗ ତାଙ୍କୁ ନିମାପଡ଼ା ଡାକ୍ତରଖାନାକୁ ଆଣିଥିଲେ। ପରେ ତାଙ୍କୁ ଭୁବନେଶ୍ୱରସ୍ଥ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ପରିବାରବର୍ଗଙ୍କ ସମେତ ଅନ୍ୟମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି।

# ଖୋର୍ଦ୍ଧାରେ ୭ କରୋନା ପଜିଟିଭ୍

ଖୋର୍ଦ୍ଧା ଅଫିସ,୨୧।୬

ଖୋର୍ଦ୍ଧା ଉପଖଣ୍ଡରେ ରବିବାର ପୁଣି ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଲୁଗାଁର ୪ଜଣ, ବୋଲଗଡ଼ର ଜଣେ ୨୯ବର୍ଷୀୟ ପୁରୁଷ, ବାଲିପାଟଣାର ଜଣେ ୨୭ବର୍ଷୀୟା ମହିଳା ଏବଂ ଅନ୍ୟ ଜଣେ ଜଟଣୀ ବ୍ଲକର ୪୨ ବର୍ଷୀୟ ପୁରୁଷ ରହିଛନ୍ତି। ସମସ୍ତ ଆକ୍ରାନ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର କେନ୍ଦ୍ରରେ ରହିଥିଲେ। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

भारतीय विमानपत्तन प्राधिकरण
AIRPORTS AUTHORITY OF INDIA

ଟେଣ୍ଡର ବିଜ୍ଞପ୍ତି

ଅଧ୍ୟକ୍ଷ, ଭାରତୀୟ ବିମାନ ବନ୍ଦର ପ୍ରାଧିକରଣଙ୍କ ତରଫରୁ ସହାୟକ ମହାପ୍ରବନ୍ଧକ (ଇଂଜିନିୟରିଂ-ବିଦ୍ୟୁତ) ଦ୍ୱାରା ସିପିଡବ୍ଲ୍ୟୁଡି / ଏମ୍ଇଏସ୍ / ପି ଆଣ୍ଡ ଟି / ରାଜ୍ୟ ପିଡବ୍ଲ୍ୟୁଡି/ପିୟୁଏସ୍/ ସ୍ୱତନ୍ତ୍ର ଏଜେନ୍ସିମାନଙ୍କର ଉପଯୁକ୍ତ ବର୍ଗର ସୂଚୀଭୁକ୍ତ ଠିକାଦାରମାନଙ୍କ ଠାରୁ ଇ-ଟେଣ୍ଡରିଙ୍ଗ୍ ମାଧ୍ୟମରେ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି।
(୧)ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ଜିଏଲ୍ଏଫ୍ ସିଷ୍ଟମ୍, ଏନ୍ଏଭି-ଏଆଇଡିଏସ୍, ଏଟିସି ବିଲ୍ଡିଙ୍ଗ୍ ଏବଂ ସମ୍ପର୍କିତ ଅଞ୍ଚଳର ଇ ଆଣ୍ଡ ଏମ୍ ସଂସ୍ଥାପନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଚୁକ୍ତି।
(ଟେଣ୍ଡର ଆଇଡି ନଂ. 2020_AAI_46520_1)।
(୨)ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ସ୍ପ୍ଲିଟ୍ ଏବଂ ୱିଣ୍ଡୋ ଏସିଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ ଏବଂ T1 ବିଲ୍ଡିଙ୍ଗ୍‌ର 3x390 ଟିଆର ଏୟାର କଣ୍ଡିସନିଙ୍ଗ୍ ପ୍ଲାଣ୍ଟ, T2 ବିଲ୍ଡିଙ୍ଗ୍‌ର 3x110 ଟିଆର ଏୟାର କଣ୍ଡିସନିଙ୍ଗ୍ ପ୍ଲାଣ୍ଟ ନିମନ୍ତେ ପରିଚାଳନା ଏବଂ ବ୍ୟାପକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।
(ଟେଣ୍ଡର ଆଇଡି ନଂ. 2020_AAI_50912_1)।
(୩)ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ନୂଆ ଘରୋଇ ଟର୍ମିନାଲ ବିଲ୍ଡିଙ୍ଗ୍ (T1) ଏବଂ ଏହାର ପାୱାର ହାଉସ୍ ଏବଂ ଏକୀକୃତ କାର୍ଯ୍ୟାଳୟ ପରିସର ତଥା ଏହାର ପାୱାର ହାଉସ୍‌ର ଇଲେକ୍ଟ୍ରିକାଲ ଏବଂ ମେକାନିକାଲ ସଂସ୍ଥାପନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଚୁକ୍ତି।
(ଟେଣ୍ଡର ଆଇଡି ନଂ. 2020_AAI_50914_1)।
(୪)ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ଆନ୍ତର୍ଜାତିକ ଟର୍ମିନାଲ T2 ଏବଂ ଏହାର ପାୱାର ହାଉସ୍, ଆବାସିକ କଲୋନୀ ଏବଂ ସିଆଇଏସ୍ଏଫ୍ ବାରାକ୍‌ର ଇଲେକ୍ଟ୍ରିକାଲ ଏବଂ ମେକାନିକାଲ ସଂସ୍ଥାପନଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ଚୁକ୍ତି।
(ଟେଣ୍ଡର ଆଇଡି ନଂ. 2020_AAI_50915_1)।
ଆବଶ୍ୟକ ସମୟ : ୨୪ ମାସ (ସମସ୍ତ ଟେଣ୍ଡର ପାଇଁ)।
ବିଡ୍ ଦାଖଲ କରାଯିବାର ଶେଷ ତାରିଖ: ତା.୩୦.୦୬.୨୦୨୦ରିଖ।
ଟେଣ୍ଡର ଖୋଲାଯିବା ତାରିଖ: ତା.୦୬.୦୭.୨୦୨୦ରିଖ
ସମ୍ପୂର୍ଣ୍ଣ ସୂଚନାବଳୀ ନିମନ୍ତେ ୱେବ୍‌ସାଇଟ: www.aai.aero କିମ୍ବା https://etenders.gov.in/eprocure/app ଲଗ୍ ଅନ୍ କରନ୍ତୁ।
ଏ ସମ୍ପର୍କିତ ପରବର୍ତ୍ତୀ ସ୍ପଷ୍ଟୀକରଣ/ଶୁଦ୍ଧିପତ୍ର (ଯଦି ଥାଏ), କେବଳ https://etenders.gov.in/eprocure/app ରେ ଅପଲୋଡ୍ କରାଯିବ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GLOBAL FINANCE LIMITED
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

INDIA NETWORK
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

NEEM SEEDS
required on urgent basis for Manufacturing.
ନିମ ମଞ୍ଜି
ଅତିଶୀଘ୍ର ଦରକାର।
At: DHENKANAL
Contact No.:
9178545391,
9439468968,
9668855308.

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୂର୍ବତଟ ରେଳପଥ ପକ୍ଷରୁ ଯୋଗ ଦିବସ

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ପୂର୍ବତଟ ରେଳପଥ ରବିବାର 'ଅନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରିଛି। କରୋନା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ, ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ସମେତ ସମସ୍ତ ପ୍ରମୁଖ ମୁଖ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନିଜ ବାସଭବନରେ ଯୋଗାଭ୍ୟାସ କରିଥିଲେ। ବର୍ତ୍ତମାନ କୋଭିଡ୍-୧୯ ସହ ଲଢ଼େଇ କରିବା ପାଇଁ ଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ବୋଲି ମହାପ୍ରବନ୍ଧକ ବିଦ୍ୟାଭୂଷଣ କହିଥିଲେ।

# ଆଖି ବୁଜିଲେ ଚିକିତ୍ସାଧୀନ କରୋନା ଆକ୍ରାନ୍ତ

**କଟକ ଅଫିସ,୨୧।୬:** କଟକ ଜିଲାର ଜଣେ କରୋନା ଆକ୍ରାନ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ମୃତ୍ୟୁ ହୋଇଛି। ମୃତ୍ୟୁ ବ୍ୟକ୍ତି ଜଣକ କଟକ ସହରର ହୋଇଥିବା ବେଳେ ଗତ ୧୫ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ ବାହାରିଥିଲା। ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କର ମୃତ୍ୟୁ କରୋନା ଯୋଗୁ ହୋଇଛି ନା' ଅନ୍ୟ କିଛି କାରଣ ରହିଛି, ତାହା ସ୍ପଷ୍ଟ ହୋଇନାହିଁ ବୋଲି ସିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି। ଅପରପକ୍ଷେ ରବିବାର ଜିଲାରେ ମୋଟ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ମାହାଙ୍ଗା ଏବଂ କାନପୁରରୁ ସର୍ବାଧିକ ୬ଜଣ ଲେଖାଏ ଚିହ୍ନଟ ହୋଇଥିବା ବେଳେ ଆଠଗଡ଼, ସାଲେପୁର, ଟାଙ୍ଗୀ ଏବଂ ନିଆଳିରୁ ଜଣେ ଲେଖାଏ, ବାଙ୍କୀରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଏଥିସହ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୧୪ରେ ପହଞ୍ଚିଛି। ସେଥିରୁ ୩୧୩ ଜଣ ସୁସ୍ଥ ହୋଇଥିବା ବେଳେ ୯୯ ଜଣ ଚିକିତ୍ସାଧୀନ ରହିଛନ୍ତି। ରବିବାର ଗୋଟିଏ ଦିନରେ ୬୨ଜଣ ସୁସ୍ଥ ହୋଇଥିଲେ।

# ଓଡ଼ିଶାରେ ହେବ ଏନ୍‌ଜିଏମ୍‌ଏ ଗ୍ୟାଲେରି

■କଳାକ୍ଷେତ୍ରରେ ଗବେଷଣାକୁ ମିଳିବ ପ୍ରୋତ୍ସାହନ
■କୋଭିଡ୍‌ଜନିତ ସମସ୍ୟାର ସମାଧାନ ପାଇଁ ଦାବି

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଖୋଲିବ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)। ଏହାଦ୍ୱାରା ଓଡ଼ିଶାରେ କଳା କ୍ଷେତ୍ରରେ ଅଧିକ ଗବେଷଣା କରାଯିବା ସହ ଉତ୍କଳୀୟ କଳାର ପ୍ରଚାରପ୍ରସାର ହୋଇପାରିବ ବୋଲି ଏନ୍‌ଜିଏମ୍‌ଏ ଡିଜି ଅଦ୍ୱୈତ ଗଡ଼ନାୟକ ସୂଚନା ଦେଇଛନ୍ତି। ଆର୍ଟିଷ୍ଟ ଫେଡେରେଶନ ଅଫ୍ ଓଡ଼ିଶା ଫର୍ ଡିଜାଷ୍ଟର ଫିଲାନ୍‌ଥ୍ରୋପି ପକ୍ଷରୁ ଭାରତୀୟ କଳା ଉପରେ କୋଭିଡ୍-୧୯ର ପ୍ରଭାବ'କୁ ନେଇ ଆୟୋଜିତ ଭର୍ଚୁଆଲ କନ୍‌ଫରେନ୍ସରେ ଯୋଗଦେଇ ଗଡ଼ନାୟକ ଏହା କହିଛନ୍ତି। ସେ କହିଲେ, ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବାବେଳେ ସ୍ଥାନ ଚୟନ ହୋଇସାରିଛି। କରୋନା ପରବର୍ତ୍ତୀ ସମୟରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଓଡ଼ିଶା ଉତ୍କୃଷ୍ଟ କଳାର ରାଜ୍ୟ ହୋଇଥିଲେ ମଧ୍ୟ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଯେଉଁ ପରିଚୟ ଓ ହକ୍ ପାଇବା କଥା ତାହା ପାଇପାରିନି। ଓଡ଼ିଶା ନିଜର ହକ୍ ସାବ୍ୟସ୍ତ କରିବା ଲାଗି ବର୍ତ୍ତମାନ ପ୍ରକୃଷ୍ଟ ସମୟ। ଏ ସମୟରେ ଆମେ ଜାତୀୟସ୍ତରରେ ନେତୃତ୍ୱ ନେଇପାରିବା। ଭର୍ଚୁଆଲ ପ୍ଲାଟଫର୍ମରେ ଆମ କଳାକୁ ବିଶ୍ୱଦରବାରରେ ଉପସ୍ଥାପନ କରିପାରିବା ବୋଲି ଗଡ଼ନାୟକ କହିଛନ୍ତି।

ପୁରୀ ଜିଲା ରଘୁରାଜପୁର ଐତିହ୍ୟଗ୍ରାମର ପଟ୍ଟଚିତ୍ର ଶିଳ୍ପୀମାନେ କୋଭିଡ୍-୧୯ ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ଅଧିକାଂଶ ଶିଳ୍ପୀଙ୍କୁ କଞ୍ଚାମାଲ୍ ଓ ଗ୍ରାହକ ମଧ୍ୟ ମିଳୁନାହାନ୍ତି। ଏଭଳିସ୍ଥଳେ ରାଜ୍ୟରେ ଚିତ୍ରକର ଓ ସ୍ଥାପତ୍ୟକାରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରାଜ୍ୟ ସରକାର ପ୍ରୟାସ କରିବାକୁ ଏହି ୱେବିନାରରେ ଦାବି ହୋଇଛି। ଭର୍ଚୁଆଲ ମାର୍କେଟ ମାଧ୍ୟମରେ କିଭଳି ଆମ କଳାକୁ ବଞ୍ଚାଇ ରଖିହେବ ସେନେଇ ଯୋଜନା ପ୍ରସ୍ତୁତ କରିବାକୁ କୁହାଯାଇଛି। ଓଡ଼ିଶା ଲଳିତକଳା ଏକାଡେମୀ ଏ ଦିଗରେ ବିଶେଷ ଧ୍ୟାନ ଦେବାସହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ପ୍ରକାଶନୀ କାର୍ଯ୍ୟକୁ ପୁଣିଥରେ ଆରମ୍ଭ କରିବାକୁ ଉପସ୍ଥିତ ଶିଳ୍ପୀମାନେ କହିଛନ୍ତି। ଶିଳ୍ପମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଗ୍ରାମୀଣ, ଆଭ୍ୟନ୍ତରୀଣ ଓ ମାଓବାଦୀ ଅଞ୍ଚଳରେ ରହୁଥିବା ଶିଳ୍ପୀମାନେ କିଭଳି ଡିଜିଟାଲ ପ୍ଲାଟଫର୍ମରେ ଯୋଗଦେଇପାରିବେ ସେନେଇ ଆଲୋଚନା କରିଥିଲେ। ରାଜ୍ୟର ୪,୦୦୦ ଶିଳ୍ପୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଖୁବ୍‌ଶୀଘ୍ର ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ଗଜେନ୍ଦ୍ର ସାହୁ କହିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର, ପଞ୍ଚମୀ ଉକିଲ୍, ଆର୍ଟିଷ୍ଟ ଫେଡେରେଶନ ଅଫ୍ ଓଡ଼ିଶା ଫର୍ ଡିଜାଷ୍ଟର ଫିଲାନ୍‌ଥ୍ରୋପିର ସମ୍ପାଦକ କ୍ଷିତୀଶ ଦାଶ ପ୍ରମୁଖ ଭାଗନେଇଥିଲେ।

Government Of India
OFFICE OF THE ASSISTANT COMMISSIONER
GST & Central Excise
Jharsuguda Division, Dist.- Jharsuguda
Govt. of India — NATION TAX MARKET

TENDER FOR SWEEPING, CLEANING AND HOUSE KEEPING SERVICE

Office of the Asst. Commissioner, GST and Central Excise, Jharsuguda Division, Jharsugda invites sealed tenders under two part bid system from the eligible house keeping service providers for providing sweeping / cleaning and miscellaneous house keeping services on square feet basis for a total 9496 sqft. **No. of persons required – 04.**

| Sl. No. | Name of the Building / Offices | Plinth Area (Approx) |
|---|---|---|
| 1 | Office of the Assistant Commissioner, GST & Central Excise, Jharsuguda Division alongwith Jharsuguda-1/II/III/IV Range Office, at COX Colony, Mafidar Lane, Jharsuguda, Odisha, 768203 | 8496 Sqft. |
| 2. | Office of the Superintendent, GST & Central Excise, Belpahar Range, Belpahar | 1000 Sqft. |

The tenderer fulfilling all the terms and conditions may submit the tender in a sealed envelop mentioning on the top of cover **"Tender for Providing Sweeping / Cleaning and House keeping service"** to the Office of the Asst. Commissioner, GST and Central Excise, Jharsuguda Division, Jharsuguda either by Regd. post / Speed post or in person on or before **10.07.2020 upto 17.00 hrs.** Bids beyond the specific dates and time will not be accepted. The date of opening of the tender paper is **14.07.2020 at 11.00 hrs.** in the Office of the Asst. Commissioner, GST and Central Excise, Jharsuguda Division, Jharsuguda. If any of the bidders likes to participate in tender opening process, they may be present at the venue at aforesaid time. The office reserve the right to reject any prospective application without assigning any reasons. The details of the tender is available at **www.cbec.gov.in**

**Sd/- Udaya Shankar Singh**
**Assistant Commissioner, GST and Central Excise,**
**Jharsuguda Division, Jharsuguda**

ଯୀଶୁଖ୍ରୀଷ୍ଟ ପୃଥିବୀକୁ ଆସିଥିଲେ ଶୁଦ୍ଧି-ସାଧନା ପାଇଁ। ପୂର୍ଣ୍ଣତାର ସିଦ୍ଧି ପାଇଁ ନୁହେଁ। ସେ ପୂର୍ବରୁ ଜାଣିଥିଲେ ଯେ, ତାଙ୍କର ବ୍ରତ ସଫଳ ହେବ ନାହିଁ। ତାଙ୍କୁ ଆଉଥରେ ଏହି ପ୍ରତ୍ୟାଖ୍ୟାନକାରୀ ପୃଥିବୀକୁ ଫେରିଆସିବାକୁ ହେବ ଈଶ୍ୱରଙ୍କ କୃପାଣକୁ ହାତରେ ଧାରଣ କରି। -ଶ୍ରୀଅରବିନ୍ଦ

# ଦୂର ପର୍ବତ ସୁନ୍ଦର

ଲଦାଖର ଗଲୱାନ ଉପତ୍ୟକା ମଧ୍ୟକୁ ଚାଇନାର ପିଏଲ୍‌ଏ ପ୍ରବେଶ ଓ ଭାରତର ୨୦ ଜଣ ଯବାନ ଶହୀଦ ହେବା ବିଷୟ ସମସ୍ତେ ଜାଣନ୍ତି। ସେଥିମଧ୍ୟରୁ ଦୁଇ ଜଣ ଓଡ଼ିଆ ଯବାନ ଶହୀଦ ହୋଇଥିବା ଖବର ଓଡ଼ିଶାବାସୀଙ୍କୁ ଯେତିକି ମର୍ମାହତ କରିଛି, ସେତିକି ଗୌରବାନ୍ୱିତ ମଧ୍ୟ କରିଛି। ଏହା ସହ୍ଧରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯ ଜୁନ୍‌ରେ ସର୍ବଦଳୀୟ ବୈଠକରେ କହିଥିଲେ ଯେ, ଭାରତର ସୀମାକୁ କେହି ପଶି ନାହାନ୍ତି କି କୌଣସି ଘାଟି ଦଖଲ ହୋଇ ନାହିଁ। ମୋଦିଙ୍କ ଏଭଳି ବୟାନ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଯଦି ଚାଇନା ସେନା ଭାରତ ଭିତରକୁ ପ୍ରବେଶ କରି ନାହାନ୍ତି, ତାହା ହେଲେ ୨୦ ଭାରତୀୟ ସୈନ୍ୟ କାହିଁକି ଶହୀଦ ହେଲେ। ଗୋଟିଏ ପଟେ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଉଥିବା ବେଳେ ଅନ୍ୟପଟେ ସୈନ୍ୟମାନଙ୍କ ତ୍ୟାଗକୁ ବିନା କାରଣରେ ହୋଇଥିବା ଦର୍ଶାଯାଉଛି। ସମ୍ଭବତଃ ଏଭଳି ବିରୋଧାଭାସକୁ ଲକ୍ଷ୍ୟ କରି ରାହୁଲ ପ୍ରଥମେ କହିଥିଲେ ଯେ, ଚାଇନାର ଆକ୍ରମଣ ଆଗରେ ମୋଦି ଭାରତର ସେହି ଅଞ୍ଚଳକୁ ସରେଣ୍ଡର ବା ଆତ୍ମସମର୍ପଣ କରିଦେଇଛନ୍ତି। ୨୧ ଜୁନ୍‌ରେ ରାହୁଲ ଆଉ ଟିକେ ବ୍ୟଙ୍ଗାତ୍ମକ ଢଙ୍ଗରେ କହିଛନ୍ତି, ନରେନ୍ଦ୍ର ମୋଦି ଏବେ ସରେଣ୍ଡର ମୋଦି ହୋଇଯାଇଛନ୍ତି।

ରାହୁଲଙ୍କ ଯୁକ୍ତି ସହ ରଣନୀତିକ ବ୍ୟାପାର ବିଶେଷଜ୍ଞଙ୍କଠାରୁ ଆରମ୍ଭ କରି ବାସ୍ତବତାକୁ ହୃଦୟଙ୍ଗମ କରୁଥିବା ପ୍ରତ୍ୟେକ ଭାରତୀୟ ଏକମତ ହେବା ସ୍ୱାଭାବିକ। କାରଣ ଚାଇନା ସେନା ଭାରତ ଭୂଖଣ୍ଡକୁ ପଶି ନ ଥିଲେ ଆମ ସୈନ୍ୟଙ୍କ ମୃତ୍ୟୁ ଘଟି ନ ଥାନ୍ତା। ତେବେ ରାହୁଲଙ୍କୁ ପାଲଟା ଆକ୍ରମଣ କରି ଭାଜପା ଯୁକ୍ତି କରୁଛି ଯେ, କଶ୍ମୀରର ଏକ ବଡ଼ ଅଞ୍ଚଳ ପିଓକେ ଭାବେ ପାକିସ୍ତାନକୁ ହସ୍ତାନ୍ତର କରିବା, ଲଦାଖର ଅନ୍ୟ ଏକ ଅଞ୍ଚଳକୁ ଚାଇନା ହାତରେ ଛାଡ଼ିଦେବା ଭଳି ଭାରତର ଅନ୍ତର୍ଜାତୀୟ ସୀମାକୁ ବଦଳାଇବା ପାଇଁ ଗାନ୍ଧୀ ପରିବାର ଦାୟୀ। ଭାଜପାର ଏହି ଯୁକ୍ତିକୁ କେହି ଅସ୍ୱୀକାର କରିବେ ନାହିଁ। ବିଗତ ଦଶନ୍ଧିଗୁଡ଼ିକରେ କଂଗ୍ରେସ ଶାସନ ବେଳେ ଭାରତର କୂଟନୈତିକ ଓ ସାମରିକ ବିଫଳତା ସର୍ବଦା ଲାଗି ରହିଥିଲା। ତେବେ ଦଶ ବର୍ଷ ପୂର୍ବର ପଖାଳ ଖାଇ ଆଜି ପେଟ ପୂରାଇ ହେବ ନାହିଁ। ସେଥିପାଇଁ ୨୦୧୪ ମସିହାରୁ ଭାରତର ଭୋଟରମାନେ କଂଗ୍ରେସକୁ ପରାସ୍ତ କରି ଏକପ୍ରକାର ତଳିତଳାନ୍ତ କରିଦେଇଛନ୍ତି। ବିରୋଧୀ ଦଳ ଭାବେ ମଧ୍ୟ କଂଗ୍ରେସ ଭୁଶୁଡ଼ି ପଡ଼ିଛି। ଏଥିରୁ ବୁଝିବାକୁ ହେବ ଯେ ଆଜି ଅନୁଭବ ହେଉଥିବା ଭୋକ ପାଇଁ ସଜପଖାଳର ଚାହିଦା ଥିବା ଭଳି ଏବର ଅର୍ଥନୈତିକ ସମସ୍ୟା ଓ ଯୁଦ୍ଧ ପାଇଁ ଆଜିର ସରକାର ଦାୟୀ ହେବା ଉଚିତ। ସବୁବେଳେ ପୁରୁଣା ବିଫଳତାକୁ ଦେଖାଇ ବର୍ତ୍ତମାନର ଦାୟିତ୍ୱକୁ ଏଡ଼ାଇ ହେବ ନାହିଁ କିମ୍ବା ଆଗର ବିଫଳତା ସହ ଆଜିର ପଦକ୍ଷେପକୁ ତଉଲିବା ଉଚିତ ନୁହେଁ।

**ତଥାଗତ ସତପଥୀ**

ଅନେକ ଭାରତୀୟ ପ୍ରଶ୍ନ କରୁଛନ୍ତି ଯେ, ଏବେ ହଠାତ୍ ବିରୋଧୀ ନେତାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପଛରେ ଉଦ୍ଦେଶ୍ୟ କ'ଣ ଥିଲା। ମୋଦି ଜଣେ ଏଭଳି ନେତା ଯେ ସେ କାହାରି ରାଜନୈତିକ ପରାମର୍ଶ ଲୋଡ଼ନ୍ତି ନାହିଁ। ଏବେ ସମ୍ଭବତଃ ପରିସ୍ଥିତି ଅସମ୍ଭାଳ ହୋଇଥିବାରୁ ସର୍ବଦଳୀୟ ବୈଠକ ଡକାଇବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ବିରୋଧୀ ନେତାମାନେ କାହିଁକି ଏ ଆଲୋଚନାରେ ଭାଗ ନେବାକୁ କ୍ୟାମେରା ସମ୍ମୁଖରେ ବସିପଡ଼ିଲେ। ହୁଏତ ସେମାନେ ଭାଗ ନେବାକୁ ଅନିଚ୍ଛା ପ୍ରକାଶ କରିଥିଲେ ସେମାନଙ୍କୁ ଚାଇନା ସପକ୍ଷବାଦୀ ଓ ଭାରତ ବିରୋଧୀ ବୋଲି ଆଖ୍ୟା ଦିଆଯାଇ ପାରିଥାନ୍ତା। ସେହି ବଦ୍‌ନାମକୁ ଡରି ଅଧିକାଂଶ ଅଣଭାଜପା ନେତା ଏହି ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥାଇପାରନ୍ତି। କିନ୍ତୁ ଆଲୋଚନା ଶେଷ ପରେ ମଧ୍ୟ ବିରୋଧୀ ନେତାମାନେ ସେମାନଙ୍କ ମନ୍ତବ୍ୟକୁ ଜନସାଧାରଣଙ୍କ ସମ୍ମୁଖରେ ରଖିବାକୁ ପସନ୍ଦ କଲେ ନାହିଁ। ଏହା ଫଳରେ କେବଳ ପ୍ରଧାନମନ୍ତ୍ରୀ ମୋଦି ନିଜର ବାର୍ତ୍ତା ୧୯ ଜୁନ୍‌ରେ ଦେଲେ। ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ବିକୃତ କରାଯାଇଛି ଏବଂ ଯାହା ସେ କହିଥିଲେ ତାହାର ଏକ ସ୍ପଷ୍ଟୀକରଣ ମଧ୍ୟ ତାଙ୍କ ଅଫିସରୁ ୨୦ ଜୁନ୍‌ରେ ପ୍ରକାଶ ପାଇଲା। ପରବର୍ତ୍ତୀ ସମୟରେ ସେହି ସ୍ପଷ୍ଟୀକରଣ ଉପରେ ସ୍ପଷ୍ଟୀକରଣ ଦେବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ବାଧ୍ୟ ହେଲା। ଏହି ଗୋଲମାଲିଆ ପରିସ୍ଥିତି ଯୋଗୁ ଧାରଣା ସୃଷ୍ଟି ହେଉଛି ଯେ, କେନ୍ଦ୍ର ସରକାରଙ୍କ କାର୍ଯ୍ୟକଳାପରେ ବାଚାଳାମି ଦେଖାଦେଲାଣି।

ଏଠାରେ ରାଜନୈତିକ ଆକ୍ରମଣ ଓ ପ୍ରତିଆକ୍ରମଣ ଦିଗକୁ ଅନିଶା ନ କରି ଯଦି ନିଚ୍ଛକ ଘଟଣା ଉପରେ ଦୃଷ୍ଟି ନିକ୍ଷେପ କରାଯାଏ ତାହା ହେଲେ କେନ୍ଦ୍ର ସରକାରଙ୍କ କୂଟନୈତିକ ବିଫଳତା ସ୍ପଷ୍ଟ ଦେଖା ହୋଇଯାଉଛି। ବିଶ୍ୱବାସୀ ଜାଣିଛନ୍ତି, ୧୯୬୨ ଭାରତ-ଚାଇନା ଯୁଦ୍ଧ ବେଳେ ବେଜିଂ ଯେତେ ଶକ୍ତିଶାଳୀ ଥିଲା, ଏବେ ତା'ଠାରୁ ସାମରିକ ଦିଗରୁ ଢେର ଅଧିକ ସୁଦୃଢ଼ ଅଛି। ତେଣୁ ପ୍ରତିଆକ୍ରମଣ ସହିତ ବାଂଲାଦେଶ ଏବଂ ଆସିଆନ ଦେଶଗୁଡ଼ିକ ସହ କୂଟନୈତିକ ସହଯୋଗ ବଢ଼ାଇ ଚାଇନାର କୁପ୍ରଭାବକୁ ପ୍ରତିରୋଧ କରାଯାଇପାରନ୍ତା। ସେତକ ଚିନ୍ତା ଭାରତୀୟ ନେତୃତ୍ୱଙ୍କ ମୁଣ୍ଡକୁ ଆଜି ପର୍ଯ୍ୟନ୍ତ ଢୁକି ନାହିଁ। ପଡ଼ୋଶୀ ଦେଶଗୁଡ଼ିକ ସହିତ ବନ୍ଧୁତ୍ୱ ସୃଷ୍ଟି କରିବାକୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅନିଚ୍ଛା ଥିବା ଭଳି ମନେହୁଏ। ଏଠାରେ ମନେପଡ଼େ ମୋଦିଙ୍କ ୨୦୧୪ ମେ' ୨୬ରେ ଶପଥଗ୍ରହଣ ଉତ୍ସବରେ କେବଳ ପଡ଼ୋଶୀ ଦେଶର ନେତାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସେତେବେଳେ ବିଶ୍ୱାସ କରାଗଲା ଯେ, ଭାରତର ବହିର୍ବ୍ୟାପାର ଦିଗରେ ମୋଦି ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବେ। ଅବସୋସର ବିଷୟ ଯେ, ଖୁବ୍‌ଶୀଘ୍ର ସେହିସବୁ ଦେଶଗୁଡ଼ିକୁ ଭୁଲିଯାଇ କେବଳ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ବାରାକ ଓବାମାଙ୍କ ପଛରେ ମୋଦି ଗୋଡ଼ାଇଲେ। ଢଗ ଅଛି 'ଦୂର ପର୍ବତ ଅତି ସୁନ୍ଦର'। ହୁଏତ ସେହି ନୀତିରେ ଆମେରିକା ସହିତ ବନ୍ଧୁତ୍ୱ ବଢ଼ାଇବାକୁ ଯାଇ ଭାରତ ଚାରିପଟେ ଥିବା ପଡ଼ୋଶୀଙ୍କୁ ମୋଦିଙ୍କ ହେୟଜ୍ଞାନ ଆଜି ଆମ ସମସ୍ତଙ୍କ ପାଇଁ ଦୁର୍ଦ୍ଦିନ ଆଣିଦେଇଛି।

# ଭାରତ-ଚାଇନା ବାଣିଜ୍ୟିକ ଯୁଦ୍ଧ




ଡ. ପ୍ରୀତିଶ କୁମାର ସାହୁ


ଲଦାଖର ଗଲୱାନ ଉପତ୍ୟକାରେ ଭାରତ-ଚାଇନା ମଧ୍ୟରେ ହୋଇଥିବା ସଂଘର୍ଷ ଅର୍ଥନୈତିକ ଏବଂ ବାଣିଜ୍ୟିକ ଦିଗକୁ ପ୍ରଭାବିତ କରିବାରେ ଅନେକ ସଂକେତ ଦେଇଛି। ଯଦିବା ସଂଘର୍ଷକୁ ପ୍ରଶମିତ କରିବା ଲାଗି ଉଭୟ କୂଟନୈତିକ ଏବଂ ସାମରିକ ସ୍ତରରେ କଥାବାର୍ତ୍ତା ଜାରି ରହିଛି କିନ୍ତୁ ବାଣିଜ୍ୟ କାରବାରକୁ ରୋକିବା ଲାଗି 'ବୟକଟ ଚାଇନା'ର ନାରା ତୀବ୍ର ଧରିଛି। ଏହି ପରିସ୍ଥିତିରେ ପ୍ରଶ୍ନ ଉଠୁଛି କି- ଭାରତ କ'ଣ ଚାଇନା ସହିତ ଅର୍ଥନୈତିକ ଏବଂ ବାଣିଜ୍ୟ କାରବାର ବନ୍ଦ କରିପାରିବ ? ଯଦିବା ସମ୍ପୂର୍ଣ୍ଣ ବାଣିଜ୍ୟ କାରବାର ବନ୍ଦ କରିବା ଅସମ୍ଭବ କିନ୍ତୁ ଏହି କାରବାର କମ୍ କରିବାରେ କେତେଦୂର ସମ୍ଭବ।

ବର୍ତ୍ତମାନ ପରିସ୍ଥିତିରେ ଚାଇନା ସହିତ ଭାରତର ଦ୍ୱିତୀୟ ସର୍ବବୃହତ୍ ବାଣିଜ୍ୟ କାରବାର ଅଛି। ଭାରତର ବାଣିଜ୍ୟ ମନ୍ତ୍ରଣାଳୟ ଡାଟା କହୁଛି କି- ଆର୍ଥିକ ବର୍ଷ ୨୦୧୯-୨୦ରେ (ଏପ୍ରିଲ ୨୦୧୯-ମାର୍ଚ୍ଚ ୨୦୨୦) ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପ୍ରାୟ ୮୧ ବିଲିୟନ ଡଲାର ହୋଇଛି। ଏହା ମଧ୍ୟରୁ ଭାରତର ଆମଦାନୀ ଚାଇନାଠାରୁ ୬୫.୩ ବିଲିୟନ ହୋଇଥିବାବେଳେ ଭାରତ ଚାଇନାକୁ ୧୬.୬ ବିଲିୟନ ଡଲାରର ରପ୍ତାନି କରିଛି। ଅର୍ଥାତ୍, ଭାରତ ନିଜ ଆମଦାନୀର ୧୩.୩ ପ୍ରତିଶତ ଆମଦାନୀ ଚାଇନାଠାରୁ କରିଥିବାବେଳେ ଭାରତ ନିଜ ରପ୍ତାନିର ୫.୩ ପ୍ରତିଶତ ରପ୍ତାନି ଚାଇନାକୁ କରିଛି। ଆଜିର ଦିନରେ ଭାରତର ଚାଇନା ସହିତ ବାଣିଜ୍ୟିକ ଘାଟା (ଟ୍ରେଡ୍ ଡେଫିସିଟ) ୪୮.୭ ବିଲିୟନ ଡଲାର ଅଛି। ଏହା ଏକା ପ୍ରକାରର ଆଶ୍ୱସ୍ତିଜନକ ଯେ, ଯେଉଁ ବାଣିଜ୍ୟିକ ଘାଟା ୨୦୧୭-୧୮ରେ ୬୩.୩ ବିଲିୟନ ଡଲାର ଥିଲା ତାହା ଆଜି କମ୍ ହୋଇ ୪୮.୭ ବିଲିୟନ ଡଲାରରେ ପହଞ୍ଚିଛି। ଯଦିଓ ଭାରତର ବାଣିଜ୍ୟିକ ଘାଟା ଚାଇନା ସହିତ କମିଛି କିନ୍ତୁ ଆଜିର ଦିନରେ ଚାଇନାଠାରୁ ଭାରତର ଆମଦାନୀ ଏହାର ରପ୍ତାନି ତୁଳନାରେ ୩.୯ ଗୁଣ ଅଧିକ।

ଭାରତ ଚାଇନାଠାରୁ ମୁଖ୍ୟତଃ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍, ଔଷଧ ଓ ସୋଲାର ଶକ୍ତି ଉପକରଣ ପ୍ରଭୃତି ଦ୍ରବ୍ୟ ଆମଦାନୀ କରିଥିବାବେଳେ ଭାରତ ମୁଖ୍ୟତଃ ପ୍ରାଥମିକ ଦ୍ରବ୍ୟ ଏବଂ ଧାତୁ ପଦାର୍ଥ ଚାଇନାକୁ ରପ୍ତାନି କରିଥାଏ। ଭାରତର ବହୁ କ୍ଷେତ୍ର ଏବଂ ଶିଳ୍ପାନୁଷ୍ଠାନ ମଧ୍ୟବର୍ତ୍ତୀ ଦ୍ରବ୍ୟ (ଇଣ୍ଟରମିଡିଏଟ୍ ପ୍ରଡକ୍ଟ) ଚାଇନାଠାରୁ ଆମଦାନୀ କରିଥାଏ। ବ୍ରୁକିଙ୍ଗ ଇଣ୍ଡିଆ ରିପୋର୍ଟ ଅନୁଯାୟୀ ଚାଇନାରୁ ପ୍ରାୟ ୨୬ ବିଲିୟନ ଡଲାର ପୁଞ୍ଜି (ଇନଭେଷ୍ଟମେଣ୍ଟ) ଭାରତରେ ବିଭିନ୍ନ ସମାପିତ ଏବଂ ଯୋଜନାବଦ୍ଧ କାର୍ଯ୍ୟରେ ବିନିଯୋଗ ହୋଇଛି। ଏହିସବୁ ପରିସ୍ଥିତି ଦେଖି ଏହା ସ୍ପଷ୍ଟ ଯେ, ଦୁଇଦେଶ ମଧ୍ୟରେ ଅର୍ଥନୈତିକ, ବାଣିଜ୍ୟ ଓ ନିବେଶ କାରବାର ଅତି ଅଧିକ। ଏହି କାରବାର ଅଚାନକ ବନ୍ଦ ହୋଇଗଲେ ଏହା ବାଣିଜ୍ୟ ଏବଂ ଅର୍ଥବ୍ୟବସ୍ଥାକୁ ଆଘାତ ସୃଷ୍ଟି କରିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଭାରତ ଆଗାମୀ ଦିନରେ ଏହି ଦ୍ୱିପାକ୍ଷିକ ନିର୍ଭରତାକୁ କମ୍ କରିପାରିବ ନାହିଁ। ସ୍ୱଳ୍ପ ସମୟ ମଧ୍ୟରେ ବର୍ତ୍ତମାନର ପରିସ୍ଥିତିକୁ ଆଖି ଆଗରେ ରଖି ସରକାର ବାଣିଜ୍ୟ ଦିଗରେ କିଛି ତୁରନ୍ତ ପଦକ୍ଷେପ ଉଠାଇଛନ୍ତି। ଭାରତୀୟ ରେଳବାଇ ନିଷ୍ପତ୍ତି ଅନୁଯାୟୀ ଯେଉଁ ୪୭୧ କୋଟି ଟଙ୍କାର ଟେଲିକମ୍ୟୁନିକେଶନ୍ କଣ୍ଟ୍ରାକ୍ଟ ଚାଇନିଜ କମ୍ପାନୀକୁ ଦିଆଯାଇଥିଲା ତାହା ବାତିଲ କରାଯିବ। ଭାରତ ମଧ୍ୟ ୩୦୦ ଚାଇନା ପ୍ରଡକ୍ଟ ଉପରେ ଅଧିକ ଆମଦାନୀ ଟିକସ ଲଗାଇବାର ଯୋଜନା ରଖିଛି, ଯାହାଦ୍ୱାରା ଏହାର ଆମଦାନୀ କମ୍ ହେବା ସହିତ ଭାରତୀୟ ଉତ୍ପାଦନକାରୀମାନଙ୍କୁ ମଧ୍ୟ ଫଳପ୍ରଦ ହେବ। ଆହୁରି ମଧ୍ୟ ୧୬୦-୨୦୦ ପ୍ରଡକ୍ଟ ଉପରେ ବେଟିକସ ପ୍ରତିବନ୍ଧ ତଥା ଲାଇସେନ୍‌ସିଙ୍ଗ ଆବଶ୍ୟକତା, କ୍ୱାଲିଟି ନିୟନ୍ତ୍ରଣ ପ୍ରଭୃତି ଲଗାଇ ଏହାର ଆମଦାନୀ କମ୍ କରିବାର ଯୋଜନା ମଧ୍ୟ ଅଛି। ଏପରି କି ଆଗାମୀ ଦିନରେ କିଛି ନୀତି ଓ ବ୍ୟବସ୍ଥାର ଭିତ୍ତିଭୂମି ସ୍ଥାପନ କରିବାର ମନସ୍ଥ କରିଛନ୍ତି, ଯାହାଦ୍ୱାରା ଭାରତର ଅର୍ଥବ୍ୟବସ୍ଥାରେ ଚାଇନା କମ୍ପାନୀର ଭୂମିକା କମ୍ ହେବ। ସିଏ ବାଣିଜ୍ୟ ହେଉ କି ନିବେଶ ହେଉ କି ଇନ୍‌ଫ୍ରାଷ୍ଟ୍ରକଚର୍ ହେଉ, ଭାରତ ସରକାର କିଛି ନୀତି ଆପଣାଇବା ପ୍ରଣାଳୀରେ ଅଛି, ଯାହାଦ୍ୱାରା ଚାଇନା କମ୍ପାନୀମାନେ ଭାଗ ନେବା କଷ୍ଟକର ହେବ। ତାହା ସହିତ ମଧ୍ୟ ଭାରତ ନିଜର ବାଣିଜ୍ୟ ଚୁକ୍ତି ଥିବା ଦେଶଗୁଡ଼ିକ ସହିତ ସମୀକ୍ଷା କରିବାର ଯୋଜନା ଅଛି, ଯେପରି କି ଚାଇନା ଏହି ଦେଶଗୁଡ଼ିକୁ ପ୍ରଭାବିତ ନ କରି ତାହାର ପ୍ରଡକ୍ଟ ଭାରତୀୟ ବଜାରକୁ ଅନୈତିକ ଭାବରେ ନ ଛାଡ଼େ।


ଆଜିର ବିଶ୍ୱକରଣ ସମୟରେ ଏହା ନିଶ୍ଚିତ ଯେ, ଭାରତ ଚାଇନା ସହିତ ସମ୍ପୂର୍ଣ୍ଣ ଭାବରେ ଅର୍ଥନୈତିକ ବାସନ୍ଦ କରିପାରିବ ନାହିଁ। ତାହା ସହିତ ମଧ୍ୟ ଭାରତ ଏବଂ ଚାଇନା ଉଭୟ ବିଶ୍ୱ ବ୍ୟାପାର ସଂଗଠନର (ଡବ୍ଲ୍ୟୁଟିଓ) ସଦସ୍ୟ ହୋଇଥିବାରୁ ଭାରତ ଚାଇନାକୁ ସମ୍ପୂର୍ଣ୍ଣ ବାଣିଜ୍ୟ ବାସନ୍ଦ କରିପାରିବ ନାହିଁ। କିନ୍ତୁ ଏହା ସମ୍ଭବ ହୋଇପାରିବ ଯେ, ଭାରତ ଆଗାମୀ ଦିନରେ ନିଜର ବାଣିଜ୍ୟିକ ଦିଗ ପରିବର୍ତ୍ତନ (ଟ୍ରେଡ ଡାଇଭରସନ୍) କରି ଚାଇନା ସହିତ ବାଣିଜ୍ୟ ଏବଂ ଅର୍ଥନୈତିକ ନିର୍ଭରଶୀଳତାକୁ କମ୍ କରିପାରିବ। ଅର୍ଥାତ୍, ଭାରତ ନିଜର ବାଣିଜ୍ୟ, ନିବେଶ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଅନ୍ୟ ଦେଶଗୁଡ଼ିକ ସହିତ ଅର୍ଥନୈତିକ ନିବିଡ଼ତା ମଜଭୁତ କରିପାରିବ।

ପୂର୍ବରୁ ସମାପିତ କ୍ଷେତ୍ରୀୟ ବ୍ୟାପାର ଆର୍ଥିକ ଭାଗୀଦାରି (ରିଜିଓନାଲ କମ୍ପ୍ରେହେନସିଭ ଇକୋନୋମିକ ପାର୍ଟନରଶିପ - ଆରସିଇପି) ଚୁକ୍ତିରୁ ଭାରତର ପ୍ରତ୍ୟାଖ୍ୟାନ ନିଶ୍ଚିତ ଭାବରେ ଏକ ଫଳପ୍ରଦ ପଦକ୍ଷେପ। ଏହି ଚୁକ୍ତି ଅନୁଯାୟୀ ବାଣିଜ୍ୟ ଟିକସ ବିଲୋପ ଦ୍ୱାରା ଅଧିକ ମାତ୍ରାରେ ଚାଇନାରୁ ଶସ୍ତା ସାମଗ୍ରୀ ଭାରତୀୟ ବଜାରକୁ ପ୍ରବେଶ କରିବାର ପରିସ୍ଥିତିକୁ ଏଡାଇ ଦିଆଯାଇଛି। ଚାଇନା ସହିତ ବାଣିଜ୍ୟ କାରବାରକୁ କମ୍ କରିବାକୁ ହେଲେ ଭାରତ ଅନ୍ୟ ଦେଶମାନଙ୍କ ସହିତ ଏକ ଲାଭଜନକ ଦ୍ୱିପାକ୍ଷୀୟ ବା ବହୁପାକ୍ଷୀୟ ବାଣିଜ୍ୟ ଏବଂ ନିବେଶ ଚୁକ୍ତିକୁ ଚୂଡାନ୍ତ କରିବାର ଆବଶ୍ୟକ ଅଛି। ଯଥା ଭାରତ ବାଣିଜ୍ୟ ଚୁକ୍ତି ଆଲୋଚନା ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ସହିତ ଆରମ୍ଭ କରିଛି, ଯାହାକୁ ଚୂଡ଼ାନ୍ତ କରିବା ଆବଶ୍ୟକ। ସେହିପରି ଭାବେ, ଭାରତ ବର୍ତ୍ତମାନର ସ୍ଥିତିକୁ ଉପଯୁକ୍ତ ବ୍ୟବହାର କରି ଆମେରିକା ଏବଂ ଇଉରୋପିଆନ ୟୁନିୟନ୍ ସହିତ ଏକ ସକାରାତ୍ମକ ବାଣିଜ୍ୟ ଚୁକ୍ତିର ଆବଶ୍ୟକତା ଅଛି। ଏହାଦ୍ୱାରା ଭାରତ ବାଣିଜ୍ୟିକ ପରିବର୍ତ୍ତନ (ଟ୍ରେଡ ଡାଇଭରସନ) ଦ୍ୱାରା ଚାଇନା ସହିତ ବାଣିଜ୍ୟ କାରବାର କମ୍ କରିପାରିବ ଏବଂ ବାଣିଜ୍ୟିକ ଘାଟା (ଟ୍ରେଡ୍ ଡେଫିସିଟ) ମଧ୍ୟ କମ୍ ହୋଇପାରିବ।

ଏହା ନିଶ୍ଚିତ ଯେ, କୋଭିଡ-୧୯ ସମୟ ଏବଂ ଏହା ପରବର୍ତ୍ତୀ ସମୟରେ ବିଶ୍ୱରେ ନିବେଶକଙ୍କ ଗତିବିଧିରେ ଅନେକ ପରିଲକ୍ଷିତ ହେବ। ଯେହେତୁ ଭାରତ ଗୋଟିଏ ନିବେଶକଙ୍କ ପସନ୍ଦ ସ୍ଥାନ, ସରକାରଙ୍କ ଉପଯୁକ୍ତ ପଦକ୍ଷେପ ଏବଂ ବୃହତ ନୀତି ବିଦେଶୀ ନିବେଶକଙ୍କୁ ଆକୃଷ୍ଟ କରିବାରେ ମଧ୍ୟ ସହାୟକ ହେବ। ତାହା ସହିତ କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଜାନ ନୀତି, ଭାରତର ଇଜ ଅଫ ଡୁଇଙ୍ଗ ବିଜନେସ୍‌ରେ ଅଗ୍ରଗତି ଓ ଗ୍ଲୋବାଲ କମ୍ପିଟେଟିଭ୍ ଇଣ୍ଡେକ୍ସରେ ଆଜିର ସ୍ଥିତି ମଧ୍ୟ ଭାରତକୁ ନିବେଶକମାନଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ। ସବୁଠାରୁ ବଡ଼ କଥା ହେଲା- ସ୍ୱଦେଶୀ ଉଦ୍ୟୋଗ ଓ ଉତ୍ପାଦନକାରୀଙ୍କୁ ମଜଭୁତ କରିବାକୁ ପଡ଼ିବ, ଯାହା କି ଆଗାମୀ ସମୟରେ ସପ୍ଲାଏ ଚେନକୁ ମଜଭୁତ କରିବା ସହିତ ରୋଜଗାରୀ, ଆୟ ଏବଂ ସ୍ୱୟଂସମ୍ପନ୍ନ ଲକ୍ଷ୍ୟକୁ ହାସଲ କରିବାରେ ସହାୟକ ହେବ। ଯଦି ଏହିସବୁ ଦିଗରେ ଭାରତ ବହୁ ମାତ୍ରାରେ ଫଳପ୍ରଦ ହୁଏ ଏବଂ ସରକାରଙ୍କ ମୌଦ୍ରିକ, ରାଜକୋଷୀୟ ଓ ଅନ୍ୟ ବୃହତ୍ ନୀତି ଆତ୍ମନିର୍ଭରତା ଅଭିଯାନକୁ ଆହୁରି ମଜଭୁତ କରାଏ ତା'ହେଲେ ଆଗାମୀ ଦିନରେ ଭାରତର ଅର୍ଥନୈତିକ ସମ୍ପର୍କ ଏବଂ ବାଣିଜ୍ୟ କାରବାର ଚାଇନା ସହିତ କମ୍ ହେବ ଏଥିରେ କୌଣସି ସନ୍ଦେହ ନାହିଁ।


ପ୍ରାଧ୍ୟାପକ, ବିର୍ଲା ଗ୍ଲୋବାଲ ୟୁନିଭରସିଟି,
ଭୁବନେଶ୍ୱର, ମୋ:୭୩୮୧୭୩୧୮୭


# ନୋଟ୍‌ର ମାୟା, ରୋଗର ଛାୟା




ଈପ୍ସିତା ମହାନ୍ତି


ଆମ ପକେଟ୍ ଅବା ପର୍ସରେ ଥିବା ନୋଟ୍ ଓ ମୁଦ୍ରାଗୁଡ଼ିକ କେତେ ପରିଷ୍କୃତ, ସେ ବିଷୟରେ ଆମେ କିନ୍ତୁ କେବେ ଧ୍ୟାନ ଦେଇ ନ ଥାଉ। ମାୟା ଅର୍ଥାତ୍ ଧନ ସର୍ବଦା ଚଞ୍ଚଳ ସ୍ୱଭାବର ହୋଇଥାଏ। ନୋଟ୍ ଓ ମୁଦ୍ରାର ଏହି ମାୟା କିନ୍ତୁ ରୋଗର ଛାୟା ସୃଷ୍ଟିକାରୀ। କୌଣସି ନୋଟ୍ ଅବା ମୁଦ୍ରା ସର୍ବଦା ଜଣଙ୍କ ପାଖରେ ରହି ନ ଥାଏ। ଏଗୁଡ଼ିକ ଜଣଙ୍କ ପକେଟ୍‌ରୁ ଆଉ ଜଣଙ୍କ ପକେଟ୍‌କୁ ଘୂରି ବୁଲିଥାଏ। ଅନେକ ହାତ ଦେଇ ଆମ ପକେଟ୍‌ରେ ପହଞ୍ଚି ଥାଏ। ଏଗୁଡ଼ିକ ଯେତେ ପୁରୁଣା ହୋଇଥାଏ, ସେତେ ଅଧିକ ସଂଖ୍ୟକ ରୋଗ ଜୀବାଣୁ ରହିଥାନ୍ତି ଏଥିରେ। ରୋଗ ଜୀବାଣୁ, କୀଟାଣୁ, କବକ, ପରଜୀବୀ ଓ ଭୂତାଣୁ ଆମ ହାତ ଦେଇ ଶରୀର ଭିତରେ ପ୍ରବେଶ କରିଥାଏ। ତେଣୁ ସମ୍ପ୍ରତି କରୋନା ମହାମାରୀ ସମୟରେ କରୋନା ଭୂତାଣୁ ଭୟ ଲୋକଙ୍କୁ ଘାରିବା ସ୍ୱାଭାବିକ।

୨୦୧୫ରେ ଦିଲ୍ଲୀସ୍ଥିତ ବୈଜ୍ଞାନିକ ଏବଂ ଔଦ୍ୟୋଗିକ ଅନୁସନ୍ଧାନ ପରିଷଦର ଗବେଷକଗଣ ୧୦ଟଙ୍କିଆ, ୨୦ଟଙ୍କିଆ ଓ ୧୦୦ଟଙ୍କିଆ ନୋଟ୍‌ର ନମୁନା ସଂଗ୍ରହ କରିଥିଲେ। ଏଗୁଡ଼ିକୁ ଯାଞ୍ଚ କରିବାରୁ ୭୦ ପ୍ରତିଶତ ନୋଟ୍‌ରେ କବକ ପରି ଅଣୁଜୀବ ବା ଫଙ୍ଗସ୍, ୯ପ୍ରତିଶତ ନୋଟ୍‌ରେ ବୀଜାଣୁ ଓ ୧ପ୍ରତିଶତ ନୋଟ୍‌ରେ ଭୂତାଣୁ ରହିଥିବା ଜଣାପଡ଼ିଥିଲା। ଏସବୁ ନୋଟ୍‌ରେ ୭୮ ପ୍ରକାରର ରୋଗ ସୃଷ୍ଟିକାରୀ ଅଣୁଜୀବ ରହିଥିବା ଗବେଷକଗଣ ଚିହ୍ନଟ କରିଥିଲେ।

ଏହି ସମସ୍ୟାର ପରିଧିକୁ ଯେତେ ଅଧିକ ପରିବ୍ୟାପ୍ତ କରିବା ସେତେ ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଆମେ ପାଇପାରିବା। ଚାଇନାର ୟୁଆନ୍ ବିଶ୍ୱର ସବୁଠାରୁ ମଇଳା ନୋଟ୍ ଓ ମୁଦ୍ରା ରୂପେ ଅପଖ୍ୟାତି ପାଇବା ସବୁଠାରୁ ବିଚଳିତ କରିଦେଲା ଭଳି ଖବର। କାରଣ ଦୁନିଆର ଅନ୍ୟ ଦେଶର ନୋଟ୍ ଓ ମୁଦ୍ରା ତୁଳନାରେ ୟୁଆନରେ ଅଧିକ ରୋଗ ଜୀବାଣୁ, ବୀଜାଣୁ ଓ ଭୂତାଣୁ ରହିଥିବା ଜଣାଯାଏ। ବାୟୋ ମେଡିସିନ୍ସ ଏଣ୍ଡ ବାୟୋ ଟେକ୍ନୋଲୋଜି ନାମକ ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନ ଅନୁସାରେ ପ୍ରାୟ ୯୮ ପ୍ରତିଶତ ଭାରତୀୟ ନୋଟ୍‌ରେ ରୋଗ ଜୀବାଣୁ ଓ ଭୂତାଣୁ ରହିଛନ୍ତି। ସେହିଭଳି ସୌଦି ଆରବର ରିୟାଲରେ ୮୮ରୁ ୧୦୦ ପ୍ରତିଶତ ହାନିକାରକ ବୀଜାଣୁ ରହିଥିବା ଜଣାଯାଇଛି। ପୁଣି ଯାଞ୍ଚ କରିବାରୁ ଫିଲିସ୍ତିନର ୯୬ ପ୍ରତିଶତ, କଲମ୍ବିଆର ୯୧ ପ୍ରତିଶତ ଏବଂ ଦକ୍ଷିଣ ଆଫ୍ରିକାର ୯୦ ପ୍ରତିଶତ ନୋଟ୍ ଓ ମୁଦ୍ରାରେ ହାନିକାରକ ରୋଗ ବୀଜାଣୁ ଓ ଭୂତାଣୁ ରହିଥିବା ଜଣା ପଡିଛି । କିନ୍ତୁ ବୀଜାଣୁ ଓ ଭୂତାଣୁଯୁକ୍ତ ନୋଟ୍ ଓ ମୁଦ୍ରା ପ୍ରକୃତରେ ସଂକ୍ରମଣ ଘଟାଇଥାନ୍ତି, ଯାହାଦ୍ୱାରା ଆମ ଫୁସଫୁସ୍, ବୃକକ୍ ଓ ଯକୃତର କ୍ଷତି ଘଟିଥାଏ । ମୁଣ୍ଡ ବୁଲେଇବା, ଛାତି ଓ ଗଳାରେ ଯନ୍ତ୍ରଣା ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ମଧ୍ୟ ହୋଇଥାଏ। ଏହି ଦୃଷ୍ଟିରୁ ବ୍ୟାଙ୍କରେ ଯଦି କେହି ହିସାବ ରକ୍ଷକର ଦାୟିତ୍ୱ ନିର୍ବାହ କରୁଥାନ୍ତି, ତେବେ ତାଙ୍କ ଶରୀର ପ୍ରତି ଯଥେଷ୍ଟ ବିପଦ ରହିଅଛି । ବିମୁଦ୍ରୀକରଣ ବେଳେ ଅନେକ ପୁରୁଣା ନୋଟ୍ ବଦଳ ଦ୍ୱାରା ଏପରି ମାତ୍ରାଧିକ ଘଟଣା ସାମ୍ନାକୁ ଆସିଥିଲା।

ଲକ୍ଷ୍ନୌସ୍ଥିତ କିଙ୍ଗ୍ ଜର୍ଜ ମେଡିକାଲ ୟୁନିଭରସିଟି (ବର୍ତ୍ତମାନର ଛତ୍ରପତି ସାହୁଜୀ ମହାରାଜ ଭେଷଜ ବିଶ୍ୱବିଦ୍ୟାଳୟ) ଭିନ୍ନ ଭିନ୍ନ ସ୍ଥାନରୁ ୯୬ଟି ନୋଟ୍ ଓ ୪୮ଟି ମୁଦ୍ରା ସଂଗ୍ରହ କରି ଗବେଷଣା କରିବାରୁ ସମସ୍ତ ନୋଟ୍ ଓ ମୁଦ୍ରା ଜୀବାଣୁ, ବୀଜାଣୁ, କବକ, ପରଜୀବୀ ଓ ଭୂତାଣୁଙ୍କ ଦ୍ୱାରା ସଂକ୍ରମିତ ବୋଲି ଜଣାପଡିଥିଲା। ଏହି ନୋଟ୍‌ରେ ଇ-କୋଲାଇ ନାମକ ବୀଜାଣୁ ମଧ୍ୟ ରହିଥିଲା, ଯାହା ତରଳ ଝାଡାର ବାହାକ ଏବଂ ବୃକକ୍‌କୁ ଅଚଳ କରିଦେଇଥାଏ।

ଦେଖିବାକୁ ଗଲେ ନୋଟ୍‌ର ଆକାର ଓ ମୂଲ୍ୟ ଯେତେ କମ୍ ହୋଇଥାଏ, ସେଥିରେ ବୀଜାଣୁଙ୍କ ସଂଖ୍ୟା ସେତେ ଅଧିକ ହୋଇଥାଏ। ଅର୍ଥାତ୍ ଯାହା ପାଖରେ ଯେତେ ଅଧିକ ସଂଖ୍ୟକ ୧୦, ୨୦ ଓ ୧ଶହ ଟଙ୍କିଆ ନୋଟ୍ ଥାଏ, ତା' ପାଇଁ ବିପଦର ମାତ୍ରା ସେତେ ଅଧିକ ହୋଇଥାଏ। କାରଣ କମ୍ ମୂଲ୍ୟଯୁକ୍ତ ନୋଟ୍‌ର ଆକାର ଅପେକ୍ଷାକୃତ ସାନ ହୋଇଥାଏ କିନ୍ତୁ ଏଗୁଡ଼ିକ ବହୁ ସ୍ଥାନ ଦେଇ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥାନ୍ତି। ନୋଟ୍ ଓ ମୁଦ୍ରାର ବ୍ୟବହାର ପରେ ନିଜ ହାତକୁ ପରିଷ୍କାର କରିବା ପାଇଁ କେହି ଧ୍ୟାନ ଦେଇ ନ ଥାନ୍ତି। ବରଂ ଜିଭରେ ଆଙ୍ଗୁଠି ଲଗାଇ ନୋଟ୍ ଗଣିବାର ଅଭ୍ୟାସ ଆପଣେଇ ନେଇଥାନ୍ତି । ଏଭଳି ଅଭ୍ୟାସକୁ ଯଥାଶୀଘ୍ର ପରିତ୍ୟାଗ କରିବା ସହ ଏଗୁଡିକର ବ୍ୟବହାର ପରେ ନିଜ ହାତକୁ ଭଲଭାବେ ଧୋଇ ନେବା ଉଚିତ । କାରଣ ନୋଟ୍ ଓ ମୁଦ୍ରାର ବ୍ୟବହାରକୁ ଆମେ କଦାପି ବନ୍ଦ କରିପାରିବା ନାହିଁ ।

ନୋଟ୍ ଓ ମୁଦ୍ରାରେ କେବଳ ଜୀବାଣୁ ନ ଥାନ୍ତି; ଆମେରିକାରେ ପ୍ରଚଳିତ ୯୦ ପ୍ରତିଶତ ଡଲାରରେ କୋକେନ୍ ନାମକ ଉତ୍ତେଜକ ନିଶା ଦ୍ରବ୍ୟ ରହିଥିବା ଜଣାଯାଇଛି। ବ୍ରିଟେନରେ ହୋଇଥିବା ୨୦୧୦ର ଏକ ଅଧ୍ୟୟନ ଅନୁସାରେ; ଏଠାରେ ପ୍ରଚଳିତ ଶତ ପ୍ରତିଶତ ନୋଟ୍‌ରେ କୋକେନ୍ ରହିଥିବା କୁହାଯାଇଛି। ସାଧାରଣ ଭାବେ ଆଧୁନିକ ନୋଟ୍ ସୂତା, ଲିନେନ୍, ପ୍ଲାଷ୍ଟିକ ଓ କାଗଜରେ ତିଆରି। କାଗଜ ନୋଟ୍ ପୁରୁଣା ହେଲେ ବୀଜାଣୁଙ୍କୁ ଧରି ରଖିବାରେ ସହାୟକ ହୋଇଥାଏ। ୨୦୧୨ରେ ଅକ୍ସଫୋର୍ଡ ୟୁନିଭରସିଟି ଦ୍ୱାରା ହୋଇଥିବା ଗବେଷଣାର ତଥ୍ୟ ଅନୁସାରେ ଗୋଟିଏ ନୋଟ୍‌ରେ ହାରାହାରି ୨୬ହଜାର ପ୍ରଜାତିର ବୀଜାଣୁ ରହିଥାନ୍ତି। ଚାଇନାର ଗୋଟିଏ ୟୁଆନ ନୋଟ୍‌ରେ ୧ଲକ୍ଷ ୭୮ହଜାର ବୀଜାଣୁ ରହିଥିବା, ୨୦୦୩ରେ ହଂକଂର ଏକ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ପାଦିତ ଗବେଷଣାରୁ ବୈଜ୍ଞାନିକମାନେ ଜାଣି ପାରିଥିଲେ । ୨୦୦୬ର ଏକ ଅଧ୍ୟୟନରୁ ଜଣାପଡିଛି, ମହିଳାମାନେ ବ୍ୟବହାର କରୁଥିବା ହ୍ୟାଣ୍ଡବ୍ୟାଗ୍ ସର୍ବସାଧାରଣ ଶୌଚାଳୟର ଚଟାଣ ପରି ଅପରିଷ୍କୃତ । ତେଣୁ ମହିଳାଙ୍କୁ ନିଜ ପର୍ସ କିମ୍ବା ହ୍ୟାଣ୍ଡବ୍ୟାଗରେ ନୋଟ୍ ରଖିବା ବେଳେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

କେତେକ ଅନ୍ତଃରାଷ୍ଟ୍ରୀୟ ବ୍ୟାଙ୍କ୍ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ନୋଟ୍‌ଗୁଡିକୁ ଉତ୍ତପ୍ତ କରି ବିଶୋଧନ କରିଥାନ୍ତି। ଜାପାନର ୟୁ.ଏଫ୍.ଜେ. ବ୍ୟାଙ୍କ୍ ୧୯୯୦ରୁ ଏଭଳି କରି ଆସୁଅଛି । ଅବଶ୍ୟ ସମୟକ୍ରମେ ବିଶୋଧିତ ନୋଟ୍‌ରେ ମଧ୍ୟ ରୋଗ ଜୀବାଣୁ କାୟା ବିସ୍ତାର କରି ନେଇଥାନ୍ତି। ତେଣୁ ବିଶ୍ୱର ୨୦ରୁ ଅଧିକ ଦେଶରେ କାଗଜ ବଦଳରେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ ହେଲାଣି। ଏହାକୁ ଯେ କେହି ବି ସହଜରେ ପରିଷ୍କାର କରିପାରୁଛନ୍ତି। ଏବେ ତ କ୍ୟାଶ୍‌ଲେସ୍ ନେଣଦେଣ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି କିନ୍ତୁ ଆମ ଦେଶରେ ଭିତ୍ତିଭୂମି ସୁଦୃଢ ନ ଥିବାରୁ ସାଧାରଣ ଲୋକେ ଏଭଳି ବ୍ୟବସ୍ଥାଠାରୁ ବହୁ ଦୂରରେ।


ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫
lmohanty.1991@gmail.com


## ଏଇ ଭାରତରେ

ପଡ଼ିଆ ଜମିକୁ ଶସ୍ୟଶ୍ୟାମଳା କରିବାରେ କେରଳରେ ଏକ ବ୍ଲକର ଗାଁଗୁଡ଼ିକ ଉଦାହରଣ ସୃଷ୍ଟି କରିଛନ୍ତି। ଥିରୁଭାନନ୍ତପୁରମ୍ ଜିଲାର ନେଦୁମନଗଡ ତହସିଲ ଅନ୍ତର୍ଗତ ନେଦୁମନଗଡ ବ୍ଲକର ପଞ୍ଚାୟତଗୁଡ଼ିକରେ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗତ ୪ ବର୍ଷ ମଧ୍ୟରେ ୧୦୦ ଏକର ପଡିଆ ଜମିରେ ଜୈବିକ କୃଷି କରାଯାଇପାରିଛି। ନେଦୁମନଗଡର ଛାତ୍ର, କୃଷକ ଓ ବ୍ୟବସାୟୀମାନଙ୍କ ଦ୍ୱାରା ୨୦୧୬ରେ 'ଜୈବଗ୍ରାମ' ଅଭିଯାନ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ସହକାରୀ କୃଷି ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନ ପ୍ରଥମେ ୩ ଏକର ପଡିଆ ଜମିରୁ ଆରମ୍ଭ କରାଯାଇଥିଲା। ପଞ୍ଚାୟତ ସଦସ୍ୟ ଓ ଅଧିକାରୀମାନେ ଏଥିପାଇଁ ସହଯୋଗ କରିବା ଦ୍ୱାରା ବିଭିନ୍ନ ଗ୍ରାମରେ ଅଭିଯାନକୁ ଚାଲୁ କରାଯିବା ସହ ଏବେ ୧୦୦ ଏକର ଜମିରେ ଚାଷ ଚାଲିଛି। ଏଥିରେ ପଞ୍ଚାୟତର ୨୧,୦୦୦ ପରିବାର ଯୋଡି ହୋଇଛନ୍ତି ଓ ଚାଷ କରିବା ଲାଗି ୯୭ ଜଣ ସଦସ୍ୟ ଚୟନ କରାଯାଇଛି। ଜୈବଗ୍ରାମ ଅଭିଯାନରେ ଭାଗ ନେଇଥିବା ଲୋକମାନଙ୍କୁ ୩୮ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଏହାର ଲାଭାଂଶ ଚାଷୀଙ୍କ ପାଖକୁ ଯାଉଛି ଓ ସେଥିରୁ କିଛି ଏହି ଅଭିଯାନକୁ ଆଗକୁ ବଢ଼ାଇବା ଲାଗି ବ୍ୟୟ କରାଯାଉଛି। 'ଜୈବଗ୍ରାମ'କୁ ସଫଳତା ମିଳିବା ପରେ କେତେକ ପଞ୍ଚାୟତରେ ପରିବା ଓ ଫୁଲ ଚାଷରେ ସ୍ୱାବଲମ୍ବୀ ହେବା ପାଇଁ 'ବଲ୍ଲମ ନୀରା' ଅଭିଯାନ ଆରମ୍ଭ କରାଯାଇଛି। ନେଦୁମନଗଡର ପଞ୍ଚାୟତଗୁଡ଼ିକରେ 'ଜୈବସଭା' ବି ଆୟୋଜନ କରାଯାଉଛି।

## ସାପ୍ତାହିକ ପଞ୍ଜିକା

**ଜୁନ୍ ୧୪:** ବଲିଉଡ୍‌ର ଖ୍ୟାତିସମ୍ପନ୍ନ ଅଭିନେତା ସୁଶାନ୍ତ ସିଂ ରାଜପୁତ ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନରେ ଆତ୍ମହତ୍ୟା କରିଛନ୍ତି।

**ଜୁନ୍ ୧୫:** ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୩.୩୫ ଲକ୍ଷ ଟପିଲା। ଗଲାଣି ୯୫୭୬ ଜୀବନ।

**ଜୁନ୍ ୧୬:** ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଚାଇନା-ଭାରତ ସେନା ମଧ୍ୟରେ ସଂଘର୍ଷରେ ୨୦ ଭାରତୀୟ ଯବାନ ଶହୀଦ। ପିଏଲ୍‌ଏର ୪୩ ସୈନ୍ୟ ମୃତାହତ।

**ଜୁନ୍ ୧୭:** ପୂର୍ବ ଲଦାଖ ସୀମା ଗଲୱାନ ଉପତ୍ୟକାରେ ପାଟ୍ରୋଲିଂ ପଏଣ୍ଟ-୧୪ରେ ଭାରତ-ଚାଇନା ସେନା ମଧ୍ୟରେ ହୋଇଥିବା ସଂଘର୍ଷରେ ଶହୀଦ ୨୦ ଜଣ ଭାରତୀୟ ଯବାନଙ୍କ ମଧ୍ୟରେ ରହିଛନ୍ତି ୨ ଜଣ ଓଡ଼ିଆ।

**ଜୁନ୍ ୧୮:** ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅସ୍ଥାୟୀ ସଦସ୍ୟ ଭାବେ ଭାରତ ନିର୍ବାଚିତ ହୋଇଛି।

## ଚିରନ୍ତନୀ

ସନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
(ସନ୍ଧ୍ୟା ପଥେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୫

- ଓମ୍ ଶିନିରିକ୍ୟୋ ଧାର୍ମିକ ସଙ୍ଗଠନର ମୁଖ୍ୟ ଶୋକୋ ଅଶାହରାଙ୍କୁ ଖଲାସ କରିବା ଦାବିରେ ୩୫୦ ଜଣ ଯାତ୍ରୀ ଓ ୧୫ ବିମାନ କର୍ମଚାରୀଙ୍କୁ ନେଇ ଯାଉଥିବା ଜାପାନ ଏୟାର୍ ଲାଇନ୍ସର ଏକ ବିମାନକୁ ହାକୋଦାତେ ବିମାନବନ୍ଦରଠାରୁ ଅପହରଣ କରିନିଆଯାଇଛି।
- ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ବସ୍ କାଠମାଣ୍ଡୁଠାରୁ ୬୦ କି.ମି. ଦୂର ତ୍ରିଶୂଳି ନଦୀରେ ଖସିପଡ଼ିବା ଫଳରେ ୫୧ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | 6 | | | 9 | 0 | | | 8 | | |
| | | | 3 | 7 | | | | | | | | | | |
| 0 | | | | B | D | | | | | 5 | | | E | |
| 3 | | A | | | 4 | | | | | | | | C | 1 |
| | E | 2 | | 5 | 0 | | | | | | C | A | | |
| 6 | | | | | | | | | | 8 | | | | 0 |
| | | E | | | 8 | | | D | | | | | | B |
| 8 | | B | | | | | | 2 | | C | 4 | D | | A |
| | | | 0 | 1 | | | 4 | | | 7 | 2 | | | E |
| | | 3 | | 6 | | | 7 | | B | | A | 5 | | 2 |
| | 8 | 4 | D | | | | | | | | 1 | 6 | | |
| | 6 | 5 | | | C | 2 | | | | E | | 0 | 4 | |
| 7 | | | | 3 | E | | 5 | | | | B | 9 | | |
| A | | D | 9 | | B | | | 7 | 8 | | | | | |
| | C | 1 | | 8 | | | | | 9 | 6 | | 2 | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 2 | A | 3 | 0 | 1 | 5 | 7 | 8 | 6 | D | B | 4 | E |
| D | 8 | 5 | 4 | 6 | 7 | 3 | B | C | 2 | 9 | E | A | 0 | 1 |
| A | 7 | 3 | 2 | 1 | E | 8 | D | 4 | C | 0 | B | 9 | 6 | 5 |
| B | 4 | 0 | D | 8 | 9 | 2 | E | 6 | 1 | A | 5 | 3 | 7 | C |
| E | 1 | 6 | 5 | C | B | 0 | A | 9 | 7 | 3 | 4 | 2 | D | 8 |
| 2 | 9 | A | E | B | 8 | 4 | 6 | 0 | D | C | 1 | 7 | 5 | 3 |
| C | D | 1 | 3 | 7 | A | 5 | 2 | 8 | 4 | E | 9 | 0 | B | 6 |
| 4 | E | 8 | 0 | D | 5 | 9 | 7 | B | 6 | 2 | 3 | C | 1 | A |
| 6 | 3 | 7 | 9 | 4 | C | A | 1 | E | 5 | B | 0 | 8 | 2 | D |
| 0 | 5 | B | 6 | 2 | 1 | C | 3 | D | A | 8 | 7 | 4 | E | 9 |
| 8 | A | 4 | 7 | E | 3 | D | 9 | 2 | B | 1 | 6 | 5 | C | 0 |
| 7 | 0 | D | C | A | 4 | 6 | 8 | 1 | 3 | 5 | 2 | E | 9 | B |
| 3 | B | 9 | 8 | 0 | 6 | 7 | 4 | 5 | E | D | C | 1 | A | 2 |
| 1 | 2 | C | B | 5 | D | E | 0 | A | 9 | 4 | 8 | 6 | 3 | 7 |
| 5 | 6 | E | 1 | 9 | 2 | B | C | 3 | 0 | 7 | A | D | 8 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଣାର୍କ ପ୍ରତି ଖାମଖିଆଲ ନୀତି କାହିଁକି

ମହାଶୟ,

କୋଣାର୍କ ସୂର୍ଯ୍ୟମନ୍ଦିର ଏବେ ଶ୍ରୀହୀନ ହେବାରେ ଲାଗିଛି। ପୂର୍ବରୁ ମନ୍ଦିରରେ ଥିବା କୀର୍ତ୍ତିରାଜି, ଭାସ୍କର୍ଯ୍ୟ ବେଶ୍ ମନୋରମ ଦେଖାଯାଉଥିଲା। ଯେବେଠୁ ଏଏସ୍‌ଆଇ ଏହି ମନ୍ଦିରର ଦାୟିତ୍ୱ ନେଇଛି ସେବେଠୁ ଏହି ମନ୍ଦିର ଦିନକୁ ଦିନ ତା'ର ସୌନ୍ଦର୍ଯ୍ୟ ହରାଇ ବସିଛି। ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟର ସ୍ଥାନ ନେଇଥିବା କୋଣାର୍କକୁ ଦୀର୍ଘ ୧୫ ବର୍ଷ ଧରି ବନ୍ଦୀ କରି ରଖିଥିବା ଲୁହାର ରେଲିଂ କଢ଼ାଯିବା ପରେ ଏବେ ସବୁକିଛି ସ୍ପଷ୍ଟ ହୋଇଯାଇଛି। କୋଣାର୍କ କାନ୍ଥରେ ବିଶ୍ୱକୁ ଚକିତ କଲାଭଳି ସେହି ଭାସ୍କର୍ଯ୍ୟ ଆଉ ନାହିଁ। କୋଣାର୍କ ଆଉ କୋଣାର୍କ ହୋଇ ରହିନାହିଁ। ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଜୀବନ୍ତ କୋଣାର୍କକୁ ସମାଧି ଦେଇ ମୃତ କୋଣାର୍କ ଗଢୁଛି। କାରୁକାର୍ଯ୍ୟପୂର୍ଣ୍ଣ ଶହ ଶହ ବର୍ଷ ତଳର ପୁରୁଣା ପଥର ବଦଳରେ ଲାଗିଛି ପ୍ଲେନ୍ ପଥର। କୋଣାର୍କର ଏହି ଚିତ୍ର ଦେଖିବା ପରେ ଯାହାକୁ ନେଇ ଖାଲି ଭାରତ କାହିଁକି ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ପୂର୍ବରୁ ଏଏସ୍‌ଆଇର ଏଭଳି କାର୍ଯ୍ୟ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଏସ୍‌ଆଇ ମହାନିର୍ଦ୍ଦେଶକ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓଡ଼ିଶା ଆସି କୋଣାର୍କ ବୁଲି ଦେଖିଥିଲେ। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପୃଥିବୀର ଅଷ୍ଟମ ଆଶ୍ଚର୍ଯ୍ୟର ସ୍ଥାନ ନେଇଥିବା କୋଣାର୍କର ଭାସ୍କର୍ଯ୍ୟ ସୁରକ୍ଷିତ ରହିବ ବୋଲି ଗଣମାଧ୍ୟମରେ ନିର୍ଭର ପ୍ରତିଶ୍ରୁତି ଦେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁଃଖର କଥା ଯେ ଏସବୁ ବିଷୟ ଏଏସ୍‌ଆଇ ଗୋପନ ରଖିଛି। ଯଦି ଏହିଭଳି ଲାଗିରହେ ଆଗକୁ ବିଶ୍ୱ ଦେଖିବ ଏକ ମୃତ କୋଣାର୍କ ଏଥିରେ ତିଳେ ହେଁ ସନ୍ଦେହ ନାହିଁ। ତେବେ ପ୍ରଶ୍ନ ଉଠେ ଓଡ଼ିଶାର କୋଣାର୍କ ପ୍ରତି ଏଏସ୍‌ଆଇର ଏତେ ଖାମଖିଆଲ ନୀତି କାହିଁକି। ଗବେଷକମାନେ ମତାମତ ଦେବା ଜରୁରୀ ହୋଇପଡ଼ିଛି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ସୋମବାର, ୨୨ ଜୁନ୍, ୨୦୨୦



## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ରାଇରଙ୍ଗପୁର,୨୧।୬(ଡି.ଏନ.ଏ): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅନ୍ତର୍ଗତ ବୁଢ଼ିଝରଣ ଗ୍ରାମର ଜଣେ ଯୁବକ ରବିବାର ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କାନ୍ଦ୍ରା ଦେହୁରୀ(୨୬)। ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ସେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

#### ଗୋଇନ୍ଦା ସୂଚନା ପରେ ହାଇଆଲର୍ଟ ଜାରି

**ନୂଆଦିଲ୍ଲୀ,୨୧।୬:** ଜମ୍ମୁ-କଶ୍ମୀରରୁ କେତେଜଣ ଆତଙ୍କବାଦୀ ଦିଲ୍ଲୀ ଆସୁଛନ୍ତି। ସେମାନେ ଦିଲ୍ଲୀରେ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସଂସ୍ଥାଗୁଡ଼ିକ ସୂଚନା ଦେବା ପରେ ଜାତୀୟ ରାଜଧାନୀରେ ହାଇଆଲର୍ଟ ଜାରି କରାଯାଇଛି। ମିଳିଥିବା ସୂଚନାନୁସାରେ ଜମ୍ମୁ-କଶ୍ମୀରରୁ ଆତଙ୍କବାଦୀମାନେ ଟ୍ରକ୍, ବସ୍, କାର୍ କିମ୍ବା ଟ୍ୟାକ୍ସିରେ ଆସି ଦିଲ୍ଲୀରେ ପ୍ରବେଶ କରିପାରନ୍ତି। କେତେଜଣ ଆତଙ୍କବାଦୀ ଦିଲ୍ଲୀରେ ପ୍ରବେଶ କରିସାରିଥିବାବେଳେ ଅନ୍ୟ ୪ରୁ ୫ ଜଣ ଏକ ଟ୍ରକ୍‌ରେ ଯାଉଛନ୍ତି। ଆତଙ୍କବାଦୀମାନେ ବଡ଼ଧରଣର ଆକ୍ରମଣ ଘଟାଇପାରନ୍ତି। ଏଭଳି ସୂଚନା ମିଳିବା ପରେ ହୋଟେଲ, ଗେଷ୍ଟହାଉସ୍ ଓ ଯାନବାହନଗୁଡ଼ିକୁ ଯାଞ୍ଚ କରାଯାଉଛି। ବିଶେଷକରି କଶ୍ମୀରର ରେଜିଷ୍ଟ୍ରେଶନ ନମ୍ବର ଥିବା ଗାଡ଼ିଗୁଡ଼ିକୁ ତନ୍ନ ତନ୍ନ କରି ଚେକ୍ କରାଯାଉଛି। ବସ୍ ଟର୍ମିନାଲ ଓ ରେଲୱେ ଷ୍ଟେଶନଗୁଡ଼ିକରେ ସର୍ବାଧିକ ସତର୍କତା ଅବଲମ୍ବନ ପାଇଁ ପୋଲିସକୁ କୁହାଯାଇଛି। ଦିଲ୍ଲୀ ପୋଲିସର ସମସ୍ତ ଡିସିପି, ସ୍ପେସାଲ ସେଲ କ୍ରାଇମବ୍ରାଞ୍ଚ ଓ ଅନ୍ୟ ୟୁନିଟଗୁଡ଼ିକୁ ସକ୍ରିୟ କରାଯାଇଛି।

### ୨ ଖବରଦାତାଙ୍କ କୋଭିଡ୍ ଟେଷ୍ଟ, ରିପୋର୍ଟକୁ ଅପେକ୍ଷା

**ଛତ୍ରପୁର,୨୧।୬(ଡି.ଏନ.ଏ.):** ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏ ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ଖବରଦାତାମାନେ ପ୍ରଶାସନିକ ଅଧିକାରୀ ଓ ଜନସାଧାରଣଙ୍କୁ ଭେଟୁଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲରେ ରବିବାରଠାରୁ ଜିଲାର ଖବରଦାତାମାନଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହୋଇଛି। ପ୍ରଥମ ଦିନ ଡିପିଏମ ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୨୬ ଜଣ ଖବରଦାତାଙ୍କ ସ୍କ୍ରିନିଂ କରାଯାଇଥିଲା। ୨ ଜଣଙ୍କ ଲକ୍ଷଣ ବାହାରିବାରୁ ସେମାନଙ୍କର କୋଭିଡ-୧୯ ଟେଷ୍ଟିଂ ଆରମ୍ଭ ହୋଇଛି। ଏହାର ରିପୋର୍ଟକୁ ଅପେକ୍ଷା କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି।


Collector & District Magistrate, Gan...

In a special health screening program, all media personnel checked at city hospital ,26 journalist have been medically checked. Two symptomatic journalists have been tested for Covid-19 and result is awaited.@CMO_Odisha @HFWOdisha

### କରୋନା ଭୟ: ମୂର୍ଚ୍ଛା ରୋଗୀଙ୍କୁ ଛୁଇଁଲେନି

**ଦେଓଗାଁ,୨୧।୬(ଡି.ଏନ.ଏ.):** କରୋନା ଭୟରେ ଜଣେ ମୂର୍ଚ୍ଛା ରୋଗୀଙ୍କୁ କେହି ଛୁଇଁ ନ ଥିଲେ। ସେ ଯନ୍ତ୍ରଣାରେ ଛଟପଟ ହେବା ପରେ ତାଙ୍କୁ ସହାୟତା ମିଳି ନ ଥିଲା। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବ୍ରାହ୍ମଣୀଯୋର ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ଏହି ଘଟଣା ଘଟିଛି। ମୃତକ ହେଲେ ସିଂହାମୁଣ୍ଡା ପଞ୍ଚାୟତ ଖଲିଆପାଲିର ରମାକାନ୍ତ ମଲ୍ଲିକ(୧୯)। କ୍ୱାରାଣ୍ଟାଇନ ସେଣ୍ଟର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁ ତାଙ୍କ ପୁଅର ମୃତ୍ୟୁ ଘଟିଲା ବୋଲି ରମାକାନ୍ତଙ୍କ ମା’ ମନ୍ଦାର ମଲ୍ଲିକ ଅଭିଯୋଗ କରିଛନ୍ତି। ଚଳିତ ମାସ ୧୫ତାରିଖରେ ରମାକାନ୍ତ ଆନ୍ଧ୍ରପ୍ରଦେଶରୁ ବଲାଙ୍ଗୀର ଆସିବା ପରେ ତାଙ୍କୁ ବ୍ରାହ୍ମଣୀଯୋର କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଥିଲା। ୧୮ ତାରିଖ ବିଳମ୍ବିତ ରାତିରେ ଚିତ୍କାର କରି ସେ ଖଟତଳକୁ ଖସି ପଡିଥିଲେ। ଖବର ପାଇ ଜଗୁଆଳି ସମେତ ଅନ୍ୟମାନେ ଆସି ଦେଖିବା ବେଳକୁ ରମାକାନ୍ତ ତଳେ ପଡିଥିଲେ। ହେଲେ କରୋନା ଭୟରେ କେହି ତାଙ୍କ ପାଖକୁ ଯାଇ ନ ଥିଲେ। ସେଠାରୁ ସେ ଘୁଷୁରି ଘୁଷୁରି ପାଇଖାନା ପାଖକୁ ଆସି ବର୍ଷାରେ ଭିଜି ଯାଇଥିଲେ। ସରପଞ୍ଚ ସ୍ନେହଲତା ଶାନ୍ତ ଓ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଘଟଣାସ୍ଥଳକୁ ଆସିଥିଲେ। ପରେ ସମ୍ପୃକ୍ତ ଯୁବକଙ୍କ ଘର ଲୋକଙ୍କୁ ଖବର ଦିଆଯାଇଥିଲା। ଘର ଲୋକେ ଆସିବା ପରେ ଗାଡିରେ ରାତି ପ୍ରାୟ ୩ଟାରେ ରମାକାନ୍ତଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶନିବାର ବୁର୍ଲା ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସେଠାରୁ ବୁର୍ଲା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୂପଧର ବାଗ ସୂଚନା ଦେଇଛନ୍ତି। ବିଡିଓ ନବୀନ କିଶୋର ପାଢ଼ୀଙ୍କୁ ପଚାରିବାରୁ ପରିବାର ଲୋକେ ଆବେଦନ କଲେ ରେଡକ୍ରସ ପାଣ୍ଠିରୁ ସହାୟତା ଦିଆଯିବ ବୋଲି କହିଛନ୍ତି।

# ମିଲର୍ସଙ୍କ ପାଖରେ ବକେୟା ପଡ଼ିଛି ୩୯% ଚାଉଳ

ଯାଜପୁର ଅଫିସ୍,୨୧।୬

**ଯାଜପୁର ଜିଲା**
- ପୁଣି ଚାଉଳ ରିସାଇକ୍ଲିଂ ପାଇଁ ମସୁଧା
- ହିତାଧିକାରୀଙ୍କୁ ଦେବାକୁ ଆବଶ୍ୟକ ଚାଉଳ ନାହିଁ

ଯାଜପୁର ଜିଲାରେ ଧାନ ସଂଗ୍ରହ ବର୍ଷ ୨୦୧୯-୨୦ରେ ମିଲର୍ସମାନଙ୍କ ଦ୍ୱାରା ଗତ ୧୮ ତାରିଖ ସୁଦ୍ଧା ୩୧୧୨୨.୭୫୦ ମେଟ୍ରିକ ଟନ୍(ଏମ୍‌ଟି) ଅର୍ଥାତ୍ ୩୯% ଚାଉଳ ଦାଖଲ ବାକି ରହିଛି। ଏଭଳି ନୈରାଶ୍ୟଜନକ ପ୍ରଦର୍ଶନ ସହ ମିଲର୍ସମାନେ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଚାଉଳକୁ ରିସାଇକ୍ଲିଂ କରିବାକୁ ମସୁଧା ଚଳାଇଛନ୍ତି। ସେମାନେ ଚାଉଳ ଦାଖଲ କରୁ ନ ଥିବାରୁ ପିଡିଏସ୍ ଏବଂ ଅନ୍ୟାନ୍ୟ ସାମାଜିକ ଯୋଜନାର ହିତାଧିକାରୀଙ୍କ ଦ୍ୱିମାସିକ ଚାଉଳ ଆବଶ୍ୟକତା ପୂରଣ ହେବା ନେଇ ସଂଶୟ ପ୍ରକାଶ ପାଇଛି। ପିଡିଏସ୍ ତଥା ଅନ୍ୟାନ୍ୟ ହିତାଧିକାରୀଙ୍କ ପାଇଁ ଦ୍ୱିମାସିକ ୧୫,୬୦୦ ଏମ୍‌ଟି ଚାଉଳ ଆବଶ୍ୟକତା ଥିବାବେଳେ ଗୋଦାମରେ ଏଯାଏ ମାତ୍ର ୭,୬୪୪(୪୯%) ଏମ୍‌ଟି ଚାଉଳ ମହଜୁଦ ରହିଛି। ଜିଲାର ୫ ମିଲର୍ସଙ୍କ ଚାଉଳ ଦାଖଲ ୬୦ ପ୍ରତିଶତ ଛୁଇଁ ନଥିବାବେଳେ ଧାନ ସଂଗ୍ରହରେ ଭାଗ ନେଇଥିବା ଜିଲା ବାହାର ମିଲର୍ସଙ୍କ ଚାଉଳ ଦାଖଲ ମାତ୍ର ୩୨ ପ୍ରତିଶତ ହୋଇଛି।

ଜିଲାରେ ୧,୧୮,୪୨୫.୮୬୬୬ (ଖରିଫ-୧,୧୧,୬୮୪.୧୨୫ ଏବଂ ରବି-୬,୬୪୧.୭୪୧) ଏମ୍‌ଟି ଧାନ ସଂଗ୍ରହ ହୋଇଛି। ୧୩୭ ପ୍ୟାକ୍ସ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ ହୋଇଛି। ଧାନ ସଂଗ୍ରହକୁ ଦେଖିଲେ ଜିଲାର ୧୨ ମିଲର୍ସଙ୍କଠାରୁ ୮୦,୩୯୩.୭୫୬ ଏମ୍‌ଟି ଚାଉଳ ସଂଗ୍ରହ କରାଯିବ। ତେବେ ଧାନ ସଂଗ୍ରହ ବର୍ଷ ୨୦୧୯-୨୦ରେ ଯାଜପୁର ଓ କୋରେଇ ବ୍ଲକର କେତେକ ସ୍ୱୟଂ ସହାୟକ ଦଳ ନାଁରେ ବିପୁଳ ପରିମାଣର ଧାନ କାଗଜପତ୍ରରେ କିଣା ହୋଇଥିବା ସନ୍ଦେହ କରାଯାଇଛି। ତେଣୁ ଚାଉଳ ଧାର୍ଯ୍ୟଲକ୍ଷ୍ୟ କେଉଁଠୁ ପୂରଣ ହେବ ସେ ନେଇ ମିଲର୍ସମାନେ ଚିନ୍ତାରେ ପଡ଼ିଛନ୍ତି। ପୂର୍ବରୁ ଆବଣ୍ଟିତ ହୋଇଥିବା ପିଡିଏସ୍ ତଥା ଅନ୍ୟାନ୍ୟ ଚାଉଳକୁ କଳାବଜାରି କରି ପୁଣି ମିଲର୍ସଙ୍କ ଗୋଦାମରେ ପହଞ୍ଚାଇବାକୁ ଯୋଜନା ହେଉଛି। ବିଭାଗୀୟସୂତ୍ରରେ ମିଲ୍‌ଗୁଡିକର ଷ୍ଟକ ପୋଜିସନ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ହେଉ ନ ଥିବାରୁ ଏଭଳି ଦୁର୍ନୀତିକୁ ପ୍ରୋତ୍ସାହିତ କରାଯାଉଛି ବୋଲି ଚର୍ଚ୍ଚା ହେଉଛି।

ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ମହାବଳୀ ମଡର୍ନ ରାଇସ୍ ମିଲ୍ ୫,୩୭୬.୮୬ ଏମ୍‌ଟି, ଶାନ୍ତୁକା ଫୁଡ୍‌ସ ପ୍ରାଇଭେଟ ଲିଃ ୩,୯୫୫.୧୦୬ ଏମ୍‌ଟି, କୃପାଳୁ ରାଇସ୍ ମିଲ୍ ୩,୪୩୪.୮୩୭ ଏମ୍‌ଟି, ଆଶୀର୍ବାଦ ଏଗ୍ରୋ ଲିଃ ୬,୭୨୪.୫୬୫ ଏମ୍‌ଟି, ଚଣ୍ଡିଖୋଲ ରାଇସ୍ ମିଲ୍ ୧,୯୩୫.୭୧୭ ଏମ୍‌ଟି, ଇଷ୍ଟର୍ନସ୍ ଫୁଡ୍‌ସ ପ୍ରା.ଲିଃ ୪,୨୭୭.୨୦ ଏମ୍‌ଟି, ବାବା ଚନ୍ଦ୍ରଶେଖର ମିଲ୍ ୨,୩୧୮.୫୫୯ ଏମ୍‌ଟି, ଏସ୍‌ଜିଏସ୍ ଫୁଡ୍ସ ଲିଃ ୨,୧୭୨.୯୪୧ ଏମ୍‌ଟି, ମହାବୀର ଫୁଡ୍ସ ପ୍ରସେସର ୬୩୩.୭୬୬ ଏମ୍‌ଟି, ଶ୍ରୀସାଇ ଏଗ୍ରୋ ମିଲ୍ ୨୧୩.୨୦୧ ଏମ୍‌ଟି ଚାଉଳ ଦାଖଲ ବାକି ରହିଛି। ତେବେ ହରେକୃଷ୍ଣ ରାଇସ୍ ପ୍ରୋସେସିଂ ଓ ଲକ୍ଷ୍ମୀ ଏଗ୍ରୋ ଇଣ୍ଡଷ୍ଟ୍ରିଜ ୧୦୦ ପ୍ରତିଶତ ଚାଉଳ ଦାଖଲ କରି ସାରିଛନ୍ତି। ଅନ୍ୟ ଜିଲାରୁ ଭାଗ ନେଇଥିବା ଶନ୍ତୁକା ଫୁଡ୍ସ ୧୦.୫୭୦ ଏମ୍‌ଟି, ଆଶୀର୍ବାଦ ଏଗ୍ରୋ ୩,୫୬୪.୩୩୫ ଏମ୍‌ଟି, କୃପାଳୁ ରାଇସ୍ ଇଣ୍ଡଷ୍ଟ୍ରିଜ ୧୧,୭୬୮.୮୩୬ ଏମ୍‌ଟି ଚାଉଳ ଦାଖଲ ବାକି ରହିଛି।

ସୂଚନାଥାଉ କି, ଚାଷୀଙ୍କଠାରୁ ସଂଗୃହୀତ ଧାନକୁ ମିଲର୍ସମାନେ ନେଇ ଯୋଗାଣ ବିଭାଗର ଆର୍‌ଆର୍‌ସି(ଚାଉଳ ଗ୍ରହଣ କେନ୍ଦ୍ର)ରେ ଚାଉଳ ଦାଖଲ କରିଥାନ୍ତି। ଆର୍‌ଆର୍‌ସି ଗୋଦାମରୁ ବଣ୍ଟନକାରୀ ସଂସ୍ଥାକୁ ଯାଉଛି ଚାଉଳ। ହେଲେ ସେଠାରୁ ଅନ୍ୟ ଏକ ଟ୍ରକରେ ଚାଉଳ ମିଲର୍ସଙ୍କ ଗୋଦାମକୁ ଫେରିଆସୁଛି। ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଚାଉଳ ଆର୍‌ଆରସି ଗୋଦାମରେ ପୁଣି ହାଜର ହେଉଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥିତିରେ କେତେକ ପ୍ୟାକ୍ସରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେଉ ନଥିବାବେଳେ କାଗଜପତ୍ରରେ ଧାନ ସଂଗ୍ରହ ହେଉଥିବା ଦର୍ଶାଯାଉଛି। ପ୍ରକୃତ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇ ମଧ୍ୟସ୍ଥଙ୍କ ହାତରେ ଧାନ ଟେକି ଦେଉଛନ୍ତି। ମଧ୍ୟସ୍ଥମାନେ ବାହାରକୁ ଟ୍ରକଟ୍ରକ ଧାନ ଚାଲାଣ କରୁଥିବା ଜିଲାରେ ନଜିର ରହିଛି। ଏମାନଙ୍କୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସହଯୋଗ କରୁଥିବାରୁ ଏହିପ୍ରକାର ଦୁର୍ନୀତିର ପର୍ଦ୍ଦାଫାଶ ହେଉନାହିଁ ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ଯୋଗାଣ ନିଗମ ଏମ୍‌ଡି ବିଶ୍ୱଜିତ ଦାସ ମିଲର୍ସମାନଙ୍କଠାରୁ ଚାଉଳ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଯଦି ହିତାଧିକାରୀଙ୍କ ପାଇଁ ମାସିକ ଧାର୍ଯ୍ୟ ପୂରଣ ହେବାରେ ବିଫଳ ହୁଏ ତେବେ ତାହାକୁ ଗୁରୁତର ଭାବେ ନିଆଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## କ୍ୱାରାଣ୍ଟାଇନ ସେଣ୍ଟର ପାଚେରି ଡେଇଁ ୨ ଚମ୍ପଟ

ପାଟଣା,୨୧।୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ଉଚ୍ଚବିଦ୍ୟାଳୟର କ୍ୱାରାଣ୍ଟାଇନ ସେଣ୍ଟରର ପାଚେରି ଡେଇଁ ୨ ପ୍ରବାସୀ ରବିବାର ସନ୍ଧ୍ୟାରେ ପଳାଇଛନ୍ତି। ମେ’ ୩୦ରୁ ଗୋଆରୁ ଆସିଥିବା ଏହି ଦୁଇ ଯୁବକ କ୍ୱାରାଣ୍ଟାଇନ ଅବଧି ସରିବା ପରେ ଜୁନ ୧୬ରେ ଡିସଚାର୍ଜ ହୋଇ ଘରକୁ ଯାଇଥିଲେ। ଗୁରୁବାର ଉକ୍ତ ସେଣ୍ଟରରୁ ୨ଜଣଙ୍କର ପଜିଟିଭ ବାହାରିବା ପରେ ଏକାଠି ରହୁଥିବା ୩୦ଜଣଙ୍କର ରବିବାର ସକାଳୁ ସ୍ୱାବ ସଂଗ୍ରହ କରିବା ପରେ ଉଭୟଙ୍କୁ ରିପୋର୍ଟ ଆସିବା ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଥିଲା। ଉଭୟେ ସରପଞ୍ଚ ଈଶ୍ୱର ନାଏକଙ୍କ ସହ ଗଣ୍ଡଗୋଳ କରିଥିଲେ। ରବିବାର ସନ୍ଧ୍ୟାରେ ସେମାନେ ପାଚେରି ଡେଇଁ ପଳାଇଯାଇଥିବା ସରପଞ୍ଚ ସୂଚନା ଦେଇଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ଶନିବାରଠାରୁ ଆଗାମୀ ୧୪ ଦିନ ପାଇଁ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। କୌଣସି ପୋଲିସ କର୍ମଚାରୀ ମୁତୟନ ହୋଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

# ରଥଯାତ୍ରା ସପକ୍ଷରେ ମୁହଁ ଖୋଲିଲେ ରାଜନେତା

ଭୁବନେଶ୍ୱର,୨୧।୬(ବ୍ୟୁରୋ)

ରଥଯାତ୍ରା କରିବା ଲାଗି ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଶେଷ ହୋଇଥିବା ବେଳେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସବୁକିଛି ଏପଟ ସେପଟ କରିଦେଇଛି। ସୁପ୍ରିମକୋର୍ଟ ରଥ ଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ ଦେବାପରେ ସବୁଆଡେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳୁଛି। ପ୍ରଥମେ ଅନେକ ରାଜନେତା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରୁଥିବା ବେଳେ ହଠାତ୍ ବର୍ତ୍ତମାନ ରଥ ଯାତ୍ରା ହେବା ସପକ୍ଷରେ ମତ ରଖିଲେଣି। ସେପଟେ ରଥ ଯାତ୍ରା ପାଇଁ ଆଉ ଗୋଟିଏ ଦିନ ବାକି ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହାର ପୁନର୍ବିଚାର କରିବାକୁ ପ୍ରାୟ ୧୭ରୁ ଅଧିକ ଲୋକ ପିଟିଶନ ଦାଖଲ କରିଛନ୍ତି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ମଧ୍ୟ ରଥ ଯାତ୍ରା ହେବା ଲାଗି ସୁପ୍ରିମକୋର୍ଟ ପୁନର୍ବିଚାର କରନ୍ତୁ ବୋଲି ରବିବାର ପିଟିଶନ ଦାଖଲ କରିଥିବା ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟ ନେତାମାନେ ମଧ୍ୟ ରଥ ଯାତ୍ରା ସପକ୍ଷରେ ମତ ରଖିବାରେ ଲାଗିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ବିଭିନ୍ନ କଥାରେ କେନ୍ଦ୍ର ଓ ରାଜ୍ୟ ସରକାର ତାଳ ମିଳାଇ ନିଷ୍ପତ୍ତି ନେବା ବେଳେ କୋଟି କୋଟି ଲୋକଙ୍କ ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରା ନିଷ୍ପତ୍ତି ବିଳମ୍ବ କରି ଭବିଷ୍ୟତ ଅନ୍ଧାରକୁ ଠେଲି ଦେଲେ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଯଥେଷ୍ଟ ପୂର୍ବରୁ ସରକାର ନିଷ୍ପତ୍ତି ନେବାର ଥିଲା। ଯଦି ସୁପ୍ରିମକୋର୍ଟ ତାଙ୍କ ଆଦେଶନାମା ପରିବର୍ତ୍ତନ ନ କରନ୍ତି, ତେବେ ବର୍ତ୍ତମାନ ସ୍ଥିତିରେ ବିକଳ୍ପ ବ୍ୟବସ୍ଥା କ’ଣ ହେବ ସେନେଇ ଚିନ୍ତା କରିବାର ସମୟ। ରଥ ଯାତ୍ରା ଏକ ଉତ୍ସବ ନୁହେଁ ଏହା ଏକ ବିଧି ବୋଲି ନିରଞ୍ଜନ କହିଛନ୍ତି।

ସେହିପରି ସୁପ୍ରିମକୋର୍ଟଙ୍କ ଶୁଣାଣି ଆସିବାପରେ ଏହାକୁ ସ୍ୱାଗତ କରୁଥିବା ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏବେ ଗଜପତି ମହାରାଜ ଏବଂ ଶଙ୍କରାଚାର୍ଯ୍ୟଙ୍କ ଅନୁରୋଧ ପାଳନ ଲାଗି କହିଛନ୍ତି। ସମୀର ଆହୁରି କହିଛନ୍ତି, ରଥଯାତ୍ରା ଏବଂ ଶ୍ରୀମନ୍ଦିର ପରିଚାଳନାରେ ଗଜପତି ମହାରାଜା ଏବଂ ଶଙ୍କରାଚାର୍ଯ୍ୟଙ୍କର ବିଶେଷ ଭୂମିକା ରହିଛି। ଏ ଦୁଇ ଆସ୍ଥା କେନ୍ଦ୍ର ଯେଉଁ ଅନୁରୋଧ ଓ ଅପେକ୍ଷା ରଖୁଛନ୍ତି ରାଜ୍ୟ ସରକାର ତାହା ପାଳନ କରନ୍ତୁ। ଗଜପତି ରଥଯାତ୍ରା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଏହି ଅନୁଯାୟୀ ସରକାର ପଦକ୍ଷେପ ନିଅନ୍ତୁ। ସରକାରଙ୍କ ପକ୍ଷରୁ କେହି ଆଲୋଚନା ଲାଗି ଶଙ୍କରାଚାର୍ଯ୍ୟଙ୍କ ନିକଟକୁ ଯାଆନ୍ତୁ। ନୀତିକାନ୍ତି ସମ୍ପର୍କରେ ସରକାର ମତାମତ ନିଅନ୍ତୁ ବୋଲି ଶଙ୍କରାଚାର୍ଯ୍ୟ ଚାହୁଁଥିବା ସମୀର କହିଛନ୍ତି।

ଏହି ପ୍ରସଙ୍ଗରେ ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି, ରଥଯାତ୍ରା ଏକ ପରମ୍ପରା ନୁହେଁ ବିଧି। ବିଧି ବନ୍ଦ ହୋଇପାରିବ ନାହିଁ। ମହାପ୍ରଭୁଙ୍କ ସେବାପୂଜା ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜାଙ୍କ ଅଟେ। ଏଠାରେ ସରକାର କିମ୍ବା ପ୍ରଶାସନ କିଛି କରିପାରିବ ନାହିଁ ବୋଲି ସେ କହିଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ରଘୁନାଥ ମହାପାତ୍ର କହିଛନ୍ତି, ସୁପ୍ରିମକୋର୍ଟରେ ୧୨ରୁ ୧୫ଲକ୍ଷ ଲୋକଙ୍କ ଗହଳି ରଥ ଯାତ୍ରାରେ ହେବା ନେଇ ଦିଆଯାଇଥିବା ତଥ୍ୟ ଉପସ୍ଥାପନ ଭୁଲ୍ ଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଗଜପତି ଯେଉଁ ଚିଠି ଲେଖିଛନ୍ତି ତାହା ସମସ୍ତଙ୍କ ମତ ବୋଲି ରଘୁନାଥ କହିଛନ୍ତି।

## ଗୋ ମାଂସ ବୋଝେଇ କଣ୍ଟେନର ଜବତ


ଜବତ ଗୋ ମାଂସ ବୋଝେଇ କଣ୍ଟେନର ନିକଟରେ ବଜରଙ୍ଗ ଦଳର କର୍ମୀ।

ଗୋପାଳପୁର/ପାତ୍ରପୁର,୨୧।୬(ଡି.ଏନ୍.ଏ.)

- ଚାଳକ, ସହ ଚାଳକ ଗିରଫ
- ୨୬୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମାଂସ ଜବତ

ଗୋ ମାଂସ ବୋଝେଇ ଏକ କଣ୍ଟେନରକୁ ଗଞ୍ଜାମ ଜିଲା ବଜରଙ୍ଗ ଦଳର କର୍ମୀମାନେ ରବିବାର ସକାଳେ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ପୁରୁଷୋତ୍ତମପୁରମ୍ ନିକଟରେ ଅଟକାଇ ଥିଲେ। ପରେ ଏହାକୁ ଇଚ୍ଛାପୁର ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ଚାଳକ ଓ ସହ ଚାଳକଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

କଲିକତାରୁ ୨ଟି କଣ୍ଟେନରରେ ଗୋ ମାଂସ ଚେନ୍ନାଇ ଚାଲାଣ ହେଉଥିବା ଗଞ୍ଜାମ ଜିଲା ବଜରଙ୍ଗ ଦଳର କର୍ମୀମାନଙ୍କ ନିକଟରେ ଶନିବାର ରାତିରେ ଖବର ପହଞ୍ଚିଥିଲା। ରବିବାର ଭୋର୍‌ରେ କର୍ମୀମାନେ ଜାତୀୟ ରାଜପଥ ନଂ.୧୬ ହଳଦିଆପଦର ନିକଟରେ ଜଗି ରହିଥିଲେ। ଏକ କଣ୍ଟେନର (ନଂ.ଟିଏନ୍‌୩୬ଏପି-୭୪୦୧) ସେହି ବାଟ ଦେଇ ଯାଉଥିବାବେଳେ ତାକୁ ଅଟକାଇଥିଲେ। ମାତ୍ର ଚାଳକ ଗାଡି ନ ରଖି ଦ୍ରୁତ ଗତିରେ ଆନ୍ଧ୍ର ଅଭିମୁଖେ ପଳାଇଥିଲେ। କର୍ମୀମାନେ ଏକ ଗାଡିରେ ପିଛା କରି ପୁରୁଷୋଥମ୍‌ପୁରମ ଅଞ୍ଚଳରେ କଣ୍ଟେନରଟିକୁ ଅଟକାଇଥିଲେ। ଯାଞ୍ଚ ପରେ ସେଥିରେ ଗୋ ମାଂସ ଥିବା ଦେଖିବା ପରେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଗାଡିକୁ ଜବତ କରିବା ସହ ଚାଳକ ତାମିଲନାଡୁ ତିରୁନାଭେଲି ଜିଲାର ଫ୍ରାନ୍‌ସିସ ଓ ସହ ଚାଳକ ସେଲମ୍ ଜିଲାର ଗଣପତିଶେଖରଙ୍କୁ ଗିରଫ କରିଛି। ଏନେଇ ପୋଲିସ ନିଜଆଡୁ ମାମଲା (ନଂ.୩୨୨/୨୦) ରୁଜୁକରି ତଦନ୍ତ ଚଳାଇଛି। ଗାଡିରେ ୧୩୦୦ ପ୍ୟାକେଟ (୨୬୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ) ଗୋ-ମାଂସ ଥିବା ଜଣାପଡିଛି। ଜବତ ମାଂସ ଲାବରୋଟୋରିରେ ପରୀକ୍ଷା ପରେ ପ୍ୟାକେଟଗୁଡିକୁ ପୋତି ଦିଆଯିବ ବୋଲି ପୋଲିସ କହିଛି।

ବଜରଙ୍ଗ ଦଳର ମହନ୍ତ ଚିନ୍ମୟାନନ୍ଦ ଦାଶ, ଅମ୍ବିକା ଦାଶ, ସୁଶାନ୍ତ ବେହେରା, ନୀଳାଞ୍ଚଳ ବିଷୋୟୀ, ଦୀପକ ମହାପାତ୍ର, ବାଲକ୍ରିଷ୍ଣା ରେଡ୍ଡୀ ପ୍ରମୁଖ ଗାଡିଟିକୁ ପିଛା କରି ଅଟକାଇଥିଲେ।

# ଖାଦ୍ୟରେ ବିଷ ଦେଇଥିଲେ ସାନଭାଇଙ୍କ ସ୍ତ୍ରୀ

ଖଣ୍ଡପଡ଼ା,୨୧।୬(ସ୍ୱ.ପ୍ର.)

**ବିଷାକ୍ତ ଖାଦ୍ୟଖାଇ ଦମ୍ପତିଙ୍କ ମୃତ୍ୟୁ ଘଟଣା**
- ସାନ ଭାଇଙ୍କ ସ୍ତ୍ରୀ ଓ ତାଙ୍କ ଭଉଣୀଭିଣୋଇ ଅଟକ
- ଜାଗା ପାଇଁ ଲାଗି ରହିଥିଲା ବିବାଦ

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ବୋଦସା ପଞ୍ଚାୟତ ଗୋଲା ସାହିରେ ଗତ ୧୫ ତାରିଖରେ ବିଷାକ୍ତ ଖାଦ୍ୟ ଖାଇ ଦମ୍ପତି ଭାଗୀରଥି ସ୍ୱାଇଁ(୬୦) ଓ ତାଙ୍କ ସ୍ତ୍ରୀ କୌଶଲ୍ୟା(୫୪)ଙ୍କ ହୋଇଥିବା ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ ହୋଇଛି। ଜାଗା ବିବାଦକୁ ନେଇ ଦମ୍ପତିଙ୍କୁ ଖାଦ୍ୟରେ ବିଷ ଦିଆଯାଇ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଛି। ଭାଗୀରଥିଙ୍କ ସାନଭାଇ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ନର୍ମଦା ଏହି କାଣ୍ଡ ଘଟାଇଛନ୍ତି। ସେ ତାଙ୍କ ଭଉଣୀଭିଣୋଇଙ୍କ କଥାରେ ଏପରି କରିଥିବା ସ୍ୱୀକାର କରିଛନ୍ତି। ଏନେଇ ଥାନାରେ ମୃତ ଦମ୍ପତିଙ୍କ ବଡ଼ପୁଅ ସୁବାସ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ-୧୬୨/୨୦) ରୁଜୁ କରିବା ସହ ଘଟଣାରେ ସମ୍ପୃକ୍ତ ନର୍ମଦା ଓ ତାଙ୍କ ଭଉଣୀଭିଣୋଇଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

ସୂଚନା ଅନୁସାରେ, ଦମ୍ପତିଙ୍କ ଏପରି ମୃତ୍ୟୁ ପରେ ଗ୍ରାମସଭାରେ ସବୁକଥା ଆଲୋଚନା ହୋଇଥିଲା। ଫଳରେ ଗ୍ରାମବାସୀଙ୍କ ଚାପରେ ଭାଗୀରଥିଙ୍କ ଭାଇବୋହୂ ନର୍ମଦା ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ନର୍ମଦାଙ୍କ କହିବା ଅନୁସାରେ, ତାଙ୍କ ଭଉଣୀ ସୁକାନ୍ତି ପ୍ରଧାନ ଓ ଭିଣୋଇ ହରିହର ପ୍ରଧାନ ସେହି ଗ୍ରାମର ବାସିନ୍ଦା। ତେଣୁ ହରିହରଙ୍କ ଘର ନିକଟରେ ଭାଗୀରଥିଙ୍କ ଏକ ଖାଲି ଜାଗା ଥିବାରୁ ଏହାକୁ କେନ୍ଦ୍ରକରି ସବୁବେଳେ ହରିହରଙ୍କ ସହ ଭଗୀରଥିଙ୍କ ପାଟିତୁଣ୍ଡ ହୋଇ ଆସୁଥିଲା। ତେଣୁ ନର୍ମଦାଙ୍କ ଜରିଆରେ ଭାଗୀରଥି ଓ ତାଙ୍କ ସ୍ତ୍ରୀ କୌଶଲ୍ୟାଙ୍କୁ ବିଷଦେଇ ମାରି ଦେବା ପାଇଁ ହରିହର ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ଚକ୍ରାନ୍ତ କରିଥିଲେ। ତେଣୁ ନର୍ମଦା ଖାଦ୍ୟରେ ଦମ୍ପତିଙ୍କୁ କୀଟନାଶକ ଦେଇଥିବା ନେଇ ଗ୍ରାମବାସୀଙ୍କ ଆଗରେ ପ୍ରକାଶ କରିଥିଲେ। ଗ୍ରାମବାସୀ ହରିହର ଓ ସୁକାନ୍ତିଙ୍କୁ ଅଟକରଖି ଶନିବାର ରାତିରେ ଖଣ୍ଡପଡା ପୋଲିସକୁ ଖବର ଦେଇଥିଲେ। ଖଣ୍ଡପଡା ଥାନା ଆଇଆଇସି ବିମଳ କୁମାର ମଲ୍ଲିକ ସଦଳବଳ ଗ୍ରାମରେ ପହଞ୍ଚି ହରିହର, ତାଙ୍କ ସ୍ତ୍ରୀ ସୁକାନ୍ତି ଓ ନର୍ମଦାଙ୍କୁ ଥାନାକୁ ଆଣିଥିଲେ। ଅନ୍ୟପକ୍ଷରେ ସୁରଟରେ ରହୁଥିବା ହରିହରଙ୍କ ସାନଭାଇ ଯୋଗୀନାଥ ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି। କାରଣ ଯୋଗୀନାଥ ମଝିରେମଝିରେ ଗ୍ରାମକୁ ଆସି ଭାଇ ଭାଉଜଙ୍କୁ କୁମନ୍ତ୍ରଣା ଦେଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଦମ୍ପତି ବିଷାକ୍ତ ଖାଦ୍ୟ ଖାଇବା ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ବିଷକ୍ରିୟା ଯୋଗୁ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣା ପଡ଼ିଥିଲା।


## ବାପାଙ୍କ ୯ ଦିନରେ ପୁଅର ମୃତ୍ୟୁ

କାଳିମେଳା,୨୧।୬(ଡି.ଏନ.ଏ.)

ବାପାଙ୍କ ମୃତ୍ୟୁର ୯ ଦିନରେ ପୁଅର ମୃତ୍ୟୁ ଘଟିଛି। ମାଲକାନଗିରି ଜିଲା କାଳିମେଳା ବ୍ଲକ ତେଲରାଇ ପଞ୍ଚାୟତର ଏମପିଭି-୭୭ ଗ୍ରାମର ଶୁଭେନ୍ଦୁ ଗାଇନଙ୍କ ପୁଅ ସୁଶାନ୍ତ(୩୫)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଗତ ୯ଦିନ ତଳେ କ୍ୟାନ୍‌ସରରେ ପୀଡିତ ସୁଶାନ୍ତଙ୍କ ବାପା ଶୁଭେନ୍ଦୁଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ପରିବାର ଲୋକେ ଦଶାହ କାର୍ଯ୍ୟ ପାଇଁ ପ୍ରସ୍ତୁତି ଚଳାଇଥିଲେ। ରବିବାର ଦିନ ୧୨ଟାରେ ସୁଶାନ୍ତ ଘରେ ବିଦ୍ୟୁତ୍ ତାର ସଂଯୋଗ କରୁଥିବା ବେଳେ ହଠାତ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା।

# ମାଓବାଦୀ, କରୋନା ମୁକାବିଲା ସମୀକ୍ଷା କଲେ ଡିଜିପି

ଫୁଲବାଣୀ ଅଫିସ, ୨୧।୬



ଟାଉନ୍ ଥାନା ପରିସରରେ ଡିଜିପି ଅଭୟ।

**କନ୍ଧମାଳ ଜିଲା**

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ରବିବାର କନ୍ଧମାଳ ଜିଲା ଗସ୍ତରେ ଆସି ମାଓବାଦୀଙ୍କ ଗତିବିଧି, ସେମାନଙ୍କୁ ଦମନ ଏବଂ କୋଭିଡ-୧୯କୁ କିପରି ପ୍ରତିହତ କରାଯିବ ତାହା ଉପରେ ସମୀକ୍ଷା କରିଛନ୍ତି। ଡିଜିପି ହେଲିକପ୍ଟରରେ ଆସି ଗୋଛାପଡା ଥାନା ଅନ୍ତର୍ଗତ ବାଲନ୍ଦାପଡାଠାରେ ଥିବା ସିଆର୍‌ପିଏଫ ଶିବିର ପାଖରେ ଓହ୍ଲାଇଥିଲେ। ସେଠାରେ କ୍ୟାମ୍ପ ପରିଦର୍ଶନ କରି ଯବାନମାନଙ୍କ ସହ ମାଓମାଦୀ ଦମନ ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଫୁଲବାଣୀ ପୋଲିସ୍ ରିଜର୍ଭ କାର୍ଯ୍ୟାଳୟକୁ ଯାଇ କର୍ମଚାରୀଙ୍କ ପାଇଁ ନିଆଯାଇଥିବା ବିଭିନ୍ନ ମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଭଲ କାର୍ଯ୍ୟ କରିଥିବା କେତେଜଣ କନଷ୍ଟେବଲ ଏବଂ ହାବିଲଦାରଙ୍କ ସହ ଆଲୋଚନା କରିଥିଲେ। ପରେ ଫୁଲବାଣୀ ଆଦର୍ଶ ଟାଉନ ଥାନା ପରିଦର୍ଶନ କରିଥିଲେ। ଜିଲା ପୋଲିସ ମୁଖ୍ୟ କାର୍ଯ୍ୟାଳୟକୁ ଯାଇ ବରିଷ୍ଠ ଅଧିକାରୀ ଏବଂ ଜିଲାପାଳଙ୍କ ସହ ମାଓବାଦୀ ଦମନ, ଆଇନ ଶୃଙ୍ଖଳା ପରିସ୍ଥିତି, କୋଭିଡ୍ ମୁକାବିଲା ଏବଂ ଲକ୍‌ଡାଉନ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ମାଓବାଦୀ ଗତିବିଧି କମିଥିବା, ଆଇନ ଶୃଙ୍ଖଳା ସ୍ଥିତି ଠିକ୍ ଥିବା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଡିଜିପିଙ୍କ ଗସ୍ତ ବେଳେ ଆଇଜି ଅପରେଶନ ଅମିତାଭ୍ ଠାକୁର୍, ଆଇଜି ପର୍ସୋନେଲ୍ ଏସ୍. ପ୍ରବୀଣ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ କୁମାର ସିଂ, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଭିତରେ ପଶିଲା ହାତୀ

ଢେଙ୍କାନାଳ ଅଫିସ, ୨୧।୬


ଆତଙ୍କିତ ପରିବାର।

- ଦେଢ଼ ଘଣ୍ଟା ଧରି ଫସି ରହିଲା ପରିବାର
- ଝରକା ତାଡ଼ି ଉଦ୍ଧାର କଲା ବନ ବିଭାଗ

ଗୋଟିଏ କୋଠରିରେ ହାତୀ, ଅନ୍ୟ କୋଠରିରେ ପରିବାରର ୭ ପ୍ରାଣୀ। ମୃତ୍ୟୁ ସହ ମୁହାଁମୁହିଁ। ଜୀବନ ବଞ୍ଚାଇବାକୁ ଦେଢ଼ଘଣ୍ଟାର ସଂଘର୍ଷ। ଶେଷରେ ବନ ବିଭାଗ ସହାୟତାରେ ଝରକା ତାଡ଼ି ଉଦ୍ଧାର ହେଲେ ପରିବାର ଲୋକେ। ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଗିରିଧରପ୍ରସାଦ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ସୌଭାଗ୍ୟବଶତଃ ଏଥିରୁ ବର୍ତ୍ତିଯାଇଛନ୍ତି କାର୍ତ୍ତିକ ସାମଲଙ୍କ ପରିବାର ସଦସ୍ୟ।

ଘର ଭିତରେ ଥିବା ଆମ୍ବ, ପଣସ ବାସ୍ନାରେ ଆକୃଷ୍ଟ ହୋଇ ଶନିବାର ରାତି ପ୍ରାୟ ସାଢେ ୧ଟା ବେଳେ କାର୍ତ୍ତିକଙ୍କ କୋଠାଘର ଭିତରକୁ ଏକ ମାଈ ହାତୀ ପଶିଯାଇଥିଲା। ହାତୀକୁ ଦେଖି ପରିବାର ଲୋକେ ପ୍ରାଣବିକଳରେ ଏକ କୋଠରିରେ ପଶି ଭିତରପଟୁ କବାଟ ଦେଇ ଦେଇଥିଲେ। ପାଖାପାଖି ଦେଢ଼ଘଣ୍ଟା ଧରି ହାତୀଟି ଘର ଭିତରେ ଆତଙ୍କ ସୃଷ୍ଟି କରିଥିଲା। କାର୍ତ୍ତିକଙ୍କଠାରୁ ସୂଚନା ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇବାକୁ ଉଦ୍ୟମ କରି ନାକେଦମ ହୋଇଥିଲେ। ତେବେ ହାତୀଟି ଘରୁ ବାହାରି ନ ଥିଲା। ଏହାପରେ ଝରକା ତାଡ଼ି ବହୁ କଷ୍ଟରେ ପରିବାର ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ବାଣ ଫୁଟାଇବା ପରେ ହାତୀଟି ଭୟଭୀତ ହୋଇ ଘରୁ ବାହାରି ଜଙ୍ଗଲକୁ ପଳାଇ ଯାଇଥିଲା। ଯିବା ବାଟରେ ହାତୀଟି ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଦେଇଛି। ସେହିପରି କାର୍ତ୍ତିକଙ୍କ ଘରେ ଥିବା ପାଚିଲା ଫଳ ସମେତ ଅନ୍ୟ ଜରୁରୀ ଖାଦ୍ୟ ସାମଗ୍ରୀ ଖାଇଯାଇଥିଲା।

ଏ ନେଇ ଫରେଷ୍ଟର ପ୍ରଶାନ୍ତ ପାଣିଗ୍ରାହୀ କୁହନ୍ତି, ଘରେ ଥିବା ପାଚିଲା ଫଳ ବାସ୍ନା ବାରି ହାତୀଟି ଘରେ ପଶିଯାଇଥିଲା। ସୂଚନା ପାଇ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଝରକା ତାଡ଼ି ତାଙ୍କୁ ଉଦ୍ଧାର କରାଯାଇଥିବା ସେ ସୂଚନା ଦେଇଛନ୍ତି।

# ଏଚ୍ଆର୍‌ପିସିରେ ଗଡୁଛି ପୋଲିସ ବିରୋଧୀ ମାମଲା

## ୮ ବର୍ଷରେ ୭ ମାମଲାର ତଦନ୍ତ ଫଳ ଶୂନ

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୨୧।୬ (ବ୍ୟୁରୋ)

ରାଜ୍ୟର ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅନେକ ସମୟରେ ନିଜ ପଦ ଓ କ୍ଷମତାର ଦୁରୁପଯୋଗ କରୁଥିବା ଅଭିଯୋଗ ଆସିଛି। ଆଇନକୁ ହାତକୁ ନେଇ କେତେବେଳେ ନିରୀହ ତଥା ନିର୍ଦ୍ଦୋଷଙ୍କୁ ମିଛ ମାମଲାରେ ଫସାଉଛି ତ ପୁଣି ଅଭିଯୁକ୍ତଙ୍କ ଇଙ୍ଗିତରେ ଥାନା ହାଜତରେ ଥାର୍ଡ ଡିଗ୍ରୀ ଦେଇ ହତ୍ୟା କରୁଛି। ଅନେକ ଘଟଣାରେ ପୋଲିସର ଦାଦାଗିରି ନଜରକୁ ଆସିଛି। ଏହାଦ୍ୱାରା ସାଧାରଣ ଜନତାଙ୍କ ମାନବିକ ଅଧିକାର କ୍ଷୁଣ୍ଣ ହେଉଛି। ପୋଲିସ ବିରୋଧରେ ଆସୁଥିବା ଏଭଳି ଅଭିଯୋଗର ତଦନ୍ତ ପାଇଁ ରାଜ୍ୟ ପୋଲିସ ବିଭାଗରେ ମାନବିକ ଅଧିକାର ସୁରକ୍ଷା ସେଲ୍ (ଏଚ୍ଆର୍‌ପିସି) ରହିଛି। ଚର୍ଚ୍ଚିତ, ସମ୍ବେଦନଶୀଳ ତଥା ବଡ଼ ବଡ଼ ମାମଲାକୁ ଏଚ୍ଆର୍‌ପିସି ଗ୍ରହଣ କରୁଛି। ହେଲେ ବର୍ଷ ବର୍ଷ ଧରି ସମୟ ଗଡୁଥିଲେ ମଧ୍ୟ ନା ତଦନ୍ତ ସରୁଛି, ନା ଅଭିଯୁକ୍ତ ପୋଲିସଙ୍କୁ ଦଣ୍ଡ ମିଳୁଛି। ୮ ବର୍ଷ ମଧ୍ୟରେ ଏଚ୍ଆର୍‌ପିସି ୧୦ ମାମଲା ନେଇଛି। ଗୋଟିଏ ମାମଲାର ଫାଇଲ୍ ବନ୍ଦ କରିଦେଇଥିବାବେଳେ ୨ଟିର ତଦନ୍ତ ସରିଛି। ବାକି ୯ଟି ମାମଲା ସେମିତି ପଡ଼ି ରହିଛି। ଫଳରେ ଦିନକୁ ଦିନ ଏଚ୍ଆର୍‌ପିସି ଜନତାଙ୍କ ବିଶ୍ୱାସ ହରାଇବାରେ ଲାଗିଛି। ଲୋକେ ଏଚ୍ଆରପିସିକୁ ନ ଯାଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି) କିମ୍ବା ଜାତୀୟ ମାନବିକ ଅଧିକାର କମିଶନ (ଏନ୍ଏଚ୍ଆରସି)ର ଦ୍ୱାରସ୍ଥ ହେଉଛନ୍ତି।

ଏସ୍ଏସ୍ ପାଢ଼ି ଡିଜିପି ଥିବା ସମୟରେ ୧୯୮୧ରେ ଓଡ଼ିଶାରେ ଏଚ୍ଆର୍‌ପିସି ଗଠନ ହୋଇଥିଲା। ଏଚ୍ଆର୍‌ପିସି ମୁଖ୍ୟଭାବେ ଜଣେ ଅତିରିକ୍ତ ଡିଜି ର୍‍ୟାଙ୍କ୍‌ର ଅଧିକାରୀ ରହିଥିବାବେଳେ ଆଉଜଣେ ଆଇଜି ର୍‍ୟାଙ୍କ୍‌ର ଅଧିକାରୀ ପ୍ରମୁଖ ଦାୟିତ୍ୱରେ ଅଛନ୍ତି। ସେମାନଙ୍କ ଅଧୀନରେ ୩୦ରୁ ଊର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏହି ବିଭାଗ ଏନ୍ଏଚ୍ଆରସି, ଓଏଚ୍ଆରସି, ଏନ୍‌ସିଡବ୍ଲ୍ୟୁ,ଏସ୍‌ସିଡବ୍ଲ୍ୟୁ ଏବଂ ଜାତୀୟ ଏସ୍‌ଟି ଓ ଏସ୍‌ସି ଆୟୋଗଙ୍କ ଏକ ନୋଡାଲ ଏଜେନ୍ସି ଭାବେ ମଧ୍ୟ କାର୍ଯ୍ୟ କରୁଛି। ଏହିସବୁ ବିଭାଗରୁ ଆସୁଥିବା ନିର୍ଦ୍ଦେଶ ଆଧାରରେ ତଦନ୍ତ କରି ଏଚ୍ଆରପିସି ରିପୋର୍ଟ ଦେଇଥାଏ। ହେଲେ ତଦନ୍ତ ବିଳମ୍ବିତ ତଥା ପ୍ରଭାବିତ ହେଉଥିବାରୁ ତ୍ୱରିତ ନ୍ୟାୟ ମିଳିପାରୁନି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୩ ରୁ ୨୦୧୯ ମଧ୍ୟରେ ରାଜ୍ୟର ଚର୍ଚ୍ଚିତ ୧୦ ମାନବିକ ଅଧିକାର ଉଲ୍ଲଂଘନ ମାମଲା ନେଇଛି ଏଚ୍ଆର୍‌ପିସି। ୨୦୧୩, ୨୦୧୫, ୨୦୧୮ ଓ ୨୦୧୯ରେ ଗୋଟିଏ ଲେଖାଏ ଏବଂ ୨୦୧୪,୨୦୧୬ ଓ ୨୦୧୭ରେ ଦୁଇଟି ଲେଖାଏ ମାମଲା ରହିଛି। ୭ଟି




- ୨୦୧୩ରୁ ୨୦୧୯ ମଧ୍ୟରେ ରହିଛି ୧୦ ଚର୍ଚ୍ଚିତ ମାମଲା
- ଗୋଟିଏ ଫାଇଲ୍ ବନ୍ଦ, ୭ଟିର ତଦନ୍ତ ବିଳମ୍ବିତ

ଗୁରୁତ୍ୱପୂର୍ଣ୍ଣ ମାମଲା ପଡିରହିଥିବା ବେଳେ ୨୦୧୩ରେ କଟକ ମାଙ୍ଗଳାବାଗ ଥାନା କେସ୍ ନଂ.୪୩/୧୩ ମାମଲାକୁ ମିଷ୍ଟେକ୍ ଅଫ୍ ଫ୍ୟାକ୍ଟ ଦର୍ଶାଇ ଏହାର ଫାଇଲ ବନ୍ଦ କରିଦିଆଯାଇଛି। ଫଳରେ ତତ୍କାଳୀନ ବିଦ୍ୟୁତ୍ ଥାନା ଅଧିକାରୀ ସତ୍ୟନାରାୟଣ ରଥ ନିର୍ଦ୍ଦୋଷରେ ଖସିଯାଇଛନ୍ତି। ସେହିପରି ୨୦୧୪ରେ ଟିଟିଲାଗଡ଼ ଥାନା କେସ୍ ନଂ.୧୪୪/୧୪ରେ ସମ୍ପୃକ୍ତ ୭ଜଣ ପୋଲିସ ଅଧିକାରୀଙ୍କ ଦୋଷ ଥିବା ନେଇ ରିପୋର୍ଟ ଦିଆଯାଇଛି। ସେହିବର୍ଷ ଭୁବନେଶ୍ୱର ବଡ଼ଗଡ଼ ଥାନା କେସ୍ ନଂ.୧୧୫/୧୪ରେ ହୋଇଥିବା ମାମଲାର ତଦନ୍ତ ଏପର୍ଯ୍ୟନ୍ତ ସରିନାହିଁ। ୨୦୧୫ରେ ଓଲଟପୁର ଥାନା କେସ୍ ନଂ.୪୭/୧୫ର ତଦନ୍ତ କରି ଏଚ୍ଆର୍‌ପିସି ରିପୋର୍ଟ ଦେବାପରେ ତତ୍କାଳୀନ ଥାନା ଅଧିକାରୀ ରଶ୍ମିରେଖା ମଲିକ, ଏଏସ୍ଆଇ ଆଲୋକ ଷଡ଼ଙ୍ଗୀ ଓ କନ୍‌ଷ୍ଟେବଳ କିଶୋର ଚନ୍ଦ୍ର ମଲିକଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ୨୦୧୬ରେ ଜଗନ୍ନାଥପ୍ରସାଦ ଥାନା କେସ୍ ନଂ.୬/୧୫ରେ ଜଣେ ଏସ୍ଆଇ ଓ ଏଏସ୍ଆଇଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତଦନ୍ତ ସରୁ ନ ଥିବାରୁ ସେମାନେ ଦୋଷୀ ପ୍ରମାଣିତ ହୋଇପାରୁନାହାନ୍ତି। ସେହିବର୍ଷ ବାଲିଗୁଡା ଥାନା କେସ୍ ନଂ.୧୦୯/୧୬ରେ ୪ଜଣ ଏସ୍ଓଜିଯବାନ ଗୁଳିକରି ୫ଜଣ ନିରୀହ ଆଦିବାସୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ଥିଲା, ଯାହାର ତଦନ୍ତ ଏପର୍ଯ୍ୟନ୍ତ ଚାଲିଛି। ୨୦୧୭ରେ ହାତୀବାରି ଥାନା ହାଜତ ମୃତ୍ୟୁ କେସ୍ ନଂ.୫୪/୧୬ ଓ ରଘୁନାଥପାଲି ଥାନା ପୋଲିସ ବିରୋଧରେ ହତ୍ୟା ମାମଲା ନଂ.୨୬୭/୧୫ର ତଦନ୍ତ ମଧ୍ୟ ଶେଷ ହୋଇନାହିଁ। ସେହିଭଳି ୨୦୧୮ରେ ଅଇଁଠାପାଲି ଥାନା ହାଜତରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଥାନାଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ଏଚ୍ଆର୍‌ପିସିରେ ମାମଲା ନଂ.୧/୧୮ ରୁଜୁ ହୋଇଥିଲା। ୨୦୧୯ରେ କଟକ ବାଙ୍କୀ ଥାନା କେସ୍ ନଂ.୩୦୮/୧୯ ଏଚ୍ଆର୍‌ପିସିରେ ପହଞ୍ଚିଥିଲେ ମଧ୍ୟ ଏସବୁର ତଦନ୍ତ ବିଳମ୍ବିତ ହେବାରେ ଲାଗିଛି।

### ସବୁଦିଗକୁ ନେଇ ତଦନ୍ତ କରାଯାଉଥିବାରୁ ବିଳମ୍ବିତ ହେଉଛି



ଏଚ୍ଆର୍‌ପିସିକୁ ପୋଲିସ ବିରୋଧରେ ଆସୁଥିବା ମାମଲାଗୁଡିକ ବେଶ୍ ସମ୍ବେଦନଶୀଳ। ତେଣୁ ସବୁଦିଗକୁ ନେଇ ତଦନ୍ତ କରାଯାଉଥିବାରୁ ବିଳମ୍ବ ହେଉଛି। ଆମେ ପଡିରହିଥିବା ମାମଲାର ତଦନ୍ତ ତୁରନ୍ତ ଶେଷ କରିବାକୁ ଚେଷ୍ଟା କରୁଛୁ। କିନ୍ତୁ ଆମ ପାଖକୁ ଲୋକେ ଆସିଲେ ଆର୍ଥିକ ସହଯୋଗ ପାଇବେ ନାହିଁ। ତେଣୁ ଲୋକେ ଏନ୍ଏଚ୍ଆର୍‌ସି ଏବଂ ଓଏଚ୍ଆରସିକୁ ଅଭିଯୋଗ ନେଇ ଯାଉଛନ୍ତି।

- ଏସ୍.ଏମ୍. ନରଭଣେ, ଏଡିଜି, ଏଚ୍ଆର୍‌ପିସି

### ଏଚ୍ଆର୍‌ପିସି ଉପରେ ଜନତାଙ୍କ ଭରସା ତୁଟୁଛି

ଏଚ୍ଆର୍‌ପିସିକୁ ଆସୁଥିବା ପୋଲିସ ବିରୋଧୀ ଅଭିଯୋଗକୁ ଚାପି ଦିଆଯାଉଛି। ତଦନ୍ତ ଶେଷ ନ କରି ସମୟ ଗଡ଼ାଯାଉଛି। ଅଭିଯୁକ୍ତ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦେଉଥିବାରୁ ଏଚ୍ଆର୍‌ପିସି ଉପରେ ଲୋକଙ୍କ ଭରସା ତୁଟିଯାଉଛି।

- ହିମାଂଶୁ ଶେଖର ନାୟକ, ମାନବିକ ଅଧିକାର କର୍ମୀ

## ସଂକ୍ଷେପରେ

### ମୁଖ୍ୟ ପ୍ରଶାସକଙ୍କୁ ଦଇତାପତି ନିଯୋଗ ଦେଲା ସ୍ମାରକପତ୍ର

**ପୁରୀ ଅଫିସ,୨୧।୬:** ମହାମାରୀ କରୋନା ପାଇଁ ଏ ବର୍ଷ ରଥଯାତ୍ରା ହୋଇପାରିବ ନାହିଁ ବୋଲି ରାୟ ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ହେଲେ ଏଭଳି ନିଷ୍ପତ୍ତିକୁ

- କୋଭିଡ୍ ନିୟମ ମାନିବାକୁ ଦେଲେ ପ୍ରତିଶ୍ରୁତି
- ପରମ୍ପରା ବିରୋଧୀ କାର୍ଯ୍ୟରେ ସହଯୋଗ ରହିବ ନାହିଁ

ଗ୍ରହଣ କରିପାରୁ ନାହାନ୍ତି ଭକ୍ତ କିମ୍ବା ସେବାୟତ। ସମସ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟର ପୁନର୍ବିଚାର କରି ପୁରୀ ରଥଯାତ୍ରା ଆୟୋଜନ ପାଇଁ ଅନୁମତି ଦିଅନ୍ତୁ ବୋଲି ଏକାଧିକ ବ୍ୟକ୍ତି ଏବଂ ଅନୁଷ୍ଠାନ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଆବେଦନ କରିଛନ୍ତି। ଏଥିଯୋଗୁ ରଥଯାତ୍ରାକୁ ନେଇ ଶେଷ ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ରବିବାର ଦଇତାପତି ନିଯୋଗର ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ନିଯୋଗ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଏଥିରେ ଦର୍ଶାଯାଇଛି ଯେ, ରଥଯାତ୍ରାରେ ସରକାରଙ୍କ କୋଭିଡ୍ ନିୟମାବଳୀକୁ ନିଯୋଗର ସମସ୍ତ ସଦସ୍ୟ ମାନିବେ। ରଥଯାତ୍ରା କ୍ଷେତ୍ରରେ କୌଣସି ଶାସ୍ତ୍ରୀୟ ପରମ୍ପରା ବିରୋଧୀ କାର୍ଯ୍ୟରେ ନିଯୋଗର ସହମତି ରହିବ ନାହିଁ ବୋଲି ନିଯୋଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରାକୁ ସଫଳ କରିବା ଲାଗି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ନିଯୋଗ ନିବେଦନ କରୁଛି ବୋଲି ସମ୍ପାଦକ ଦୁର୍ଗାପ୍ରସାଦ ଦାସମହାପାତ୍ର କହିଛନ୍ତି।

### ଭାରତକୁ ଲୋଡ଼ା ସ୍ୱତନ୍ତ୍ର ଅର୍ଥନୈତିକ ପଲିସି

କଟକ ଅଫିସ,୨୧।୬: ସ୍ୱାମୀ ବିବେକାନନ୍ଦ ଯୁବ ସଂସଦ ପକ୍ଷରୁ ରବିବାର ଅନ୍‌ଲାଇନ୍‌ରେ ଏକ ବକ୍ତୃତାମାଳା ଅନୁଷ୍ଠିତ ହୋଇଛି। ଏଥିରେ 'ଭାରତ ଚୀନ୍ ସୀମା ବିବାଦ- ଅର୍ଥନୈତିକ ବିକଳ୍ପ' ଉପରେ ଆଲୋଚନା କରାଯାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପ୍ରଫେସର ନେତାଜୀ ଅଭିନନ୍ଦନ ଯୋଗଦେଇ କହିଥିଲେ ଯେ, ଚୀନ ସମଗ୍ର ବିଶ୍ୱକୁ ନିଜ ନିୟନ୍ତ୍ରଣାଧୀନ କରିବାକୁ ଚାହୁଁଛି। ଯାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କରୋନା ଭୂତାଣୁ। ଏହା ଚୀନ୍‌ର ରଚିତ ଷଡ଼ଯନ୍ତ୍ର। ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାଗିରଥୀ ପଣ୍ଡା କହିଥିଲେ, ଚୀନ ଦ୍ରବ୍ୟ ଉପରେ ଭାରତ ନିର୍ଭର କରିବା ଅନୁଚିତ। ଏଥିପାଇଁ ଭାରତକୁ ଏକ ସ୍ୱତନ୍ତ୍ର ଅର୍ଥନୈତିକ ପଲିସି ତିଆରି କରିବାର ଆବଶ୍ୟକତା ରହିଛି। ଅନୁଷ୍ଠାନର ଉପସଭାପତି ଡ. ରବିନାରାୟଣ ପାତ୍ର ଅତିଥି ପରିଚୟ ଓ ଗୁପ୍ତେଶ୍ୱର ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୌତମ ସାମଲ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ସଭାପତି ଡ. ଚିତ୍ତରଞ୍ଜନ ନାୟକ, ଆଶିଷ ପ୍ରଧାନ, ପ୍ରିୟବ୍ରତ ଶତପଥୀ, ବିନାୟକ ଘୋଷ, ପ୍ରିୟବ୍ରତ ମିଶ୍ର, ଚିନ୍ମୟ ରଞ୍ଜନ କୁମାର, ବିଶ୍ୱେଶ୍ୱର ମହାପାତ୍ର ଉପସ୍ଥିତ ଥିଲେ।

## ସବ୍ୟସାଚୀଙ୍କୁ ସୁପରହିରୋ କହିଲେ ତାମିଲନାଡୁରେ ଫସିଥିବା ଓଡ଼ିଆ



ସ୍ତ୍ରୀଙ୍କ ସହ ବଳରାମ।

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** କରୋନା ଲକ୍‌ଡାଉନ୍ ଯୋଗୁ ଚେନ୍ନାଇରେ ଗତ ୩ମାସ ଧରି ଫସି ରହିଥିବା ଗଞ୍ଜାମ କବିସୂର୍ଯ୍ୟନଗରର ବଳରାମ ବେହେରାଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ବଳରାମ ଓ ତାଙ୍କ ଗର୍ଭବତୀ ସ୍ତ୍ରୀ ସବ୍ୟସାଚୀଙ୍କ ସହାୟତାରେ ଓଡ଼ିଶା ଫେରି ଆସିଛନ୍ତି। ଚେନ୍ନାଇରେ ରହି କାମ କରୁଥିବା ବଳରାମ ଲକ୍‌ଡାଉନ୍ ପରେ ସେଠାରେ ଫସି ରହିଥିଲେ। ଖାଇବା ଓ ରହିବାରେ ସମସ୍ୟା ଥିଲା। ଏଭଳିସ୍ଥଳେ ସାହା ହୋଇଥିଲେ ସବ୍ୟସାଚୀ। ସୋସିଆଲ ମିଡ଼ିଆରେ ବଳରାମ ଏନେଇ ପୋଷ୍ଟ କରିବାପରେ ସବ୍ୟସାଚୀ ତାଙ୍କୁ ତୁରନ୍ତ ଓଡ଼ିଶା ଫେରାଇ ଆଣିବା ଲାଗି ପଦକ୍ଷେପ ନେଇଥିଲେ। ନିକଟରେ ସେ ସ୍ତ୍ରୀଙ୍କ ସହ ଓଡ଼ିଶା ଫେରି ଆସିଥିବାବେଳେ ଏନେଇ ସବ୍ୟସାଚୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ ଜଣେ ହିରୋ ନୁହେଁ, ସୁପରହିରୋ ବୋଲି ବଳରାମ କହିଛନ୍ତି। ଏପଟେ ଖୁବ୍‌ଶୀଘ୍ର ମାମୁଁ ହେବେ ବୋଲି ସବ୍ୟସାଚୀ ପୋଷ୍ଟ କରିଥିବା ବେଳେ ପରେ ତାଙ୍କ ଘରକୁ ଯିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ରଥଯାତ୍ରା ଦାବିରେ ସମୂହ ଦୀପଦାନ







ସିଂହଦ୍ୱାର ସମ୍ମୁଖରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଏବଂ ପୁରୀ ସେବା ସମିତିର ସଦସ୍ୟମାନେ ସମୂହ ଦୀପ ଦାନ କରୁଛନ୍ତି।

ପୁରୀ ଅଫିସ,୨୧।୬

ଚଳିତବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରା ହେବା ଦାବିରେ ରବିବାର ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଏଥର ବଡ଼ଦାଣ୍ଡରେ ରଥ ଗଡ଼ିପାରିବନି ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେବା ପରେ ଭକ୍ତ ଓ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ପାଇଁ ରବିବାର ଅପରାହ୍ନରେ ପୁରୀ ସହରର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ସେବାୟତମାନେ ଶ୍ରୀମନ୍ଦିର ଆଗରେ ସମୂହ ଦୀପଜାଳି ପ୍ରାର୍ଥନା କରିଛନ୍ତି। ପ୍ରଥମେ ଅଖଣ୍ଡ ମେକାପ ସେବକ ଦାମୋଦର ମହାନ୍ତି ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ନିକଟରେ ଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ଭକ୍ତ ସମାଜ ପକ୍ଷରୁ ପତିତପାବନଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଚଳିତବର୍ଷ ଘୋଷଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଜଗଦ୍‌ଗୁରୁ, ଗଜପତି ମହାରାଜା, ରାଜ୍ୟ ଓ କେନ୍ଦ୍ର ସରକାର ସମେତ ସମସ୍ତଙ୍କ କଣ୍ଠରେ ମା' ସରସ୍ୱତୀ ବିରାଜମାନ କରନ୍ତୁ। ସୁପ୍ରିମକୋର୍ଟଙ୍କ ଶୁଣାଣି ସକାରାତ୍ମକ ହେଉ ଏବଂ କଟକଣା ମଧ୍ୟରେ ବଡ଼ଦାଣ୍ଡରେ ରଥ ଗଡୁ ବୋଲି ସମସ୍ତେ ପ୍ରାର୍ଥନା କରିଥିଲେ। ସ୍ୱଶକ୍ତି ଜାଗରଣ ସେବା ସଂସ୍ଥାନ, ଶ୍ରୀଜଗନ୍ନାଥ ଭକ୍ତ ସେବା ସଂସ୍ଥା, ଭାରତ ବିକାଶ ପରିଷଦ, ପୁରୀ ସେବା ସମିତି, ସ୍ୱଦେଶୀ ଜାଗରଣ ମଞ୍ଚ, ଦିବ୍ୟ ଜୀବନ ସଂଘ, ଶ୍ରୀଜଗନ୍ନାଥ ପ୍ରଚାର ସମିତି, ସଂସ୍କାର ଭାରତୀ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ସାମିଲ ଥିଲେ।

## ପରାଗ ସ୍ନାନ କଲେ ଶ୍ରୀଲିଙ୍ଗରାଜ

**ପୁରୁଣା ଭୁବନେଶ୍ୱର,୨୧।୬(ଡି.ଏନ୍.ଏ.):** ମହାପ୍ରଭୁ ଶ୍ରୀଲିଙ୍ଗରାଜ ରବିବାର ସୂର୍ଯ୍ୟ ପରାଗରେ ପବିତ୍ର ବିନ୍ଦୁସାଗର ଯାତ୍ରା କରି ପରାଗ ସ୍ନାନ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟା ୩୦ରେ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ମା' ଦୁର୍ଗା, ପ୍ରଭୁ ବାସୁଦେବ ପାଲିଙ୍କିରେ ବସି ବିନ୍ଦୁସାଗରକୁ ଯାତ୍ରା କରିଥିଲେ। ସେଠାରେ ବ୍ରହ୍ମାଘାଟରେ ଖଟୁଲିରେ ଉପବିଷ୍ଟ କରିବା ପରେ ଉକ୍ତ ଦିନର ପାଳିଆ ପୂଜା ପଣ୍ଡା ଶ୍ରୀଜୀଉଙ୍କୁ ମନ୍ତ୍ରପୂତ ଭାବେ ସ୍ନାନ କରାଇଥିଲେ। ପରେ ବ୍ରାହ୍ମଣନିଯୋଗର ସେବକମାନେ ଶ୍ରୀଜୀଉମାନଙ୍କୁ ବସ୍ତ୍ର ପରିଧାନ କରାଇବା ପରେ ଦେବଦେବୀ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ଉକ୍ତ ଦିନର ପାଳିଆ ବଡୁ ସେବକ ବିନ୍ଦୁସାଗରରୁ ଆସିଥିବା ଜଳକୁ ଗର୍ଭଗୃହରେ ଶ୍ରୀଲିଙ୍ଗରାଜଙ୍କୁ ସ୍ନାନ କରାଇଥିଲେ। ଶ୍ରୀଜୀଉଙ୍କୁ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ରୁପା ଥାଳିରେ ପରାଗ ଖେଇ ପଞ୍ଚ ଉପଚାରରେ ପୂଜା କରିଥିଲେ। ଅପରାହ୍ନରେ ଶ୍ରୀଜୀଉଙ୍କୁ ମହାସ୍ନାନ କରାଯାଇ ମଙ୍ଗଳ ଆଳତି, ଅବକାଶ ସହ ଅନ୍ୟାନ୍ୟ ନୀତି ସମ୍ପାଦନ କରାଯାଇଥିଲା।

# ଆବଶ୍ୟକ ପଡୁଛି ସ୍ୱତନ୍ତ୍ର ନିଶ୍ଚେତକ

କଟକ ଅଫିସ,୨୧।୬

**ଏସ୍‌ସିବି ମେଡିକାଲ**

- ନିଯୁକ୍ତି ହେଲେ କ୍ରିୟାଶୀଳ ହେବ ସ୍ନାୟୁ, ହୃଦ୍ ଶଲ୍ୟ ବିଭାଗ
- ଭିତ୍ତିଭୂମି ସଜାଡ଼ିଲେ ଆରମ୍ଭ ହୋଇପାରିବ ଡି.ଏମ୍. ପାଠ୍ୟକ୍ରମ

ଶଲ୍ୟ ବିଭାଗ କାଳକ୍ରମେ ସମ୍ପ୍ରସାରିତ ଓ ବିଭାଜିତ ହୋଇ ବିଭିନ୍ନ ପ୍ରକାରର ସୁପର୍ ସ୍ପେଶିଆଲିଟି ବିଭାଗ ସୃଷ୍ଟି ହୋଇଛି। ଫଳରେ ନ୍ୟୁରୋ ସର୍ଜରି (ସ୍ନାୟୁ), ସିଟିଭିଏସ୍ (ହୃଦ୍ ଶଲ୍ୟ ବକ୍ଷ), ୟୁରୋ (ମୂତ୍ରାଶୟ) ଏବଂ ପ୍ଲାଷ୍ଟିକ ସର୍ଜରି ପରି ବିଭାଗ ଯୋଗୁ ରୋଗୀସେବା ଆହୁରି କ୍ରିୟାଶୀଳ ହୋଇଛି। ସେହିପରି ନିଶ୍ଚେତକ ବିଭାଗ ବି ରୋଗୀସେବାରେ ଅଧିକ ସଫଳ ହେବା ପାଇଁ ଏହା ସମ୍ପ୍ରସାରଣ ଜରୁରୀ ଥିବା ମତ ରଖିଛନ୍ତି ଏସ୍‌ସିବିର ନ୍ୟୁରୋ ସର୍ଜରି ଏବଂ ସିଟିଭିଏସ୍ ବିଭାଗୀୟ ମୁଖ୍ୟ।

ଉଭୟଙ୍କ କହିବା ଅନୁଯାୟୀ, ଆମ ଦେଶର ଅନେକ ପ୍ରମୁଖ ହସ୍ପିଟାଲ ଓ ମେଡିକାଲ କଲେଜରେ ସ୍ୱତନ୍ତ୍ର ଭାବେ ସ୍ନାୟୁ ଓ ହୃଦ୍ ଶଲ୍ୟ ବିଭାଗ ପାଇଁ ଯୋଗ୍ୟତାପ୍ରାପ୍ତ ନ୍ୟୁରୋ ଓ କାର୍ଡିଆକ ଆନାସ୍ଥେସିଆ ଡାକ୍ତର ଥିବା ସହ ବିଭାଗ ବି ରହିଛି। ଏହା ବ୍ୟତୀତ ସେହି ସବୁ ସ୍ଥାନରେ ସ୍ନାୟୁ ଓ ହୃଦ୍ ଶଲ୍ୟ ଆନାସ୍ଥେସିଆରେ ଡି.ଏମ୍ ପାଠ୍ୟକ୍ରମର ବ୍ୟବସ୍ଥା ମଧ୍ୟ ଅଛି। ଏସ୍‌ସିବିକୁ ଏମ୍‌ସ ପ୍ଲସ୍ କରିବାର ଯୋଜନା ଥିବାରୁ ଏଭଳି ପ୍ରସ୍ତାବକୁ ବିଚାରକୁ ନିଆଯିବା ଜରୁରୀ ଓ ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ରୋଗୀସେବା ବ୍ୟାପକ ହେବ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ, ଉପରୋକ୍ତ ଦୁଇ ବିଭାଗ ମୂଳ ଆନାସ୍ଥେସିଆ ବିଭାଗ ଉପରେ ନିର୍ଭର କରୁଛନ୍ତି। ମୂଳ ଆନାସ୍ଥେସିଆ ବିଭାଗର ଡାକ୍ତରମାନେ ଏସ୍‌ସିବିର ସମସ୍ତ ବିଭାଗରେ ଅସ୍ତ୍ରୋପଚାର ପାଇଁ ସହଯୋଗ ଦେଇଥାନ୍ତି। କିନ୍ତୁ ସ୍ୱତନ୍ତ୍ର ଭାବେ ନ୍ୟୁରୋ ଓ କାର୍ଡିଆକ ଆନାସ୍ଥେସିଆ ବିଭାଗ ହେଲେ ନିର୍ବିଘ୍ନରେ କାମ କରାଯିବା ସହ ବୈଷୟିକ ତ୍ରୁଟିକୁ ମଧ୍ୟ ଏଡ଼ାଇ ଦେଇହେବ। ସେହିପରି ଡି.ଏମ୍ ପାଠ୍ୟକ୍ରମ ଆରମ୍ଭ ପାଇଁ ଭିତ୍ତିଭୂମିରେ ଅନେକ ପରିବର୍ତ୍ତନ ଓ ଆବଶ୍ୟକତା ରହିଛି। ସବୁଠାରୁ ମୁଖ୍ୟ ଆବଶ୍ୟକତା ହେଲା ଯୋଗ୍ୟତାପ୍ରାପ୍ତ ଡାକ୍ତର ନିଯୁକ୍ତି। କାରଣ ଏସ୍‌ସିବିର ଏହି ଦୁଇ ବିଭାଗରେ ଅସ୍ତ୍ରୋପଚାର କରାଇବା ପାଇଁ ରୋଗୀ ସଂଖ୍ୟାରେ ଅଭାବ ନାହିଁ। କେବଳ ଡାକ୍ତର ସଂଖ୍ୟା ପୂରଣ ଓ ଅନ୍ୟ ଭିତ୍ତିଭୂମି ସଜାଡ଼ି ଦିଆଗଲେ ଏମ୍‌ସିଆଇ ଅନୁମୋଦନ ମିଳିବାରେ ମଧ୍ୟ ବାଧା ଉପୁଜିବ ନାହିଁ ବୋଲି ମତ ପ୍ରକାଶ ପାଇଛି।

# ବିବାଦରେ ନୁହେଁ, ଭାବରେ ବନ୍ଧା ଚିତ୍ରକର

**ଚତୁର୍ଦ୍ଧା ମୂର୍ତ୍ତିରେ ରଙ୍ଗ ଭରିବା ବେଳେ ଚିତ୍ରକର ବୁଝେନା କିଛି ବିବାଦ କି ତର୍କ। ସେ ଭାବକୁ ବୁଝେ। ଏଇ ଭାବ ହିଁ ଆଙ୍କିଦିଏ କାଠ ଉପରେ ଚତୁର୍ଦ୍ଧା ମୂରତିର ଆକର୍ଷଣୀୟ ରୂପ। ଏଥର ରଥଯାତ୍ରା ହେବ କି ନାହିଁ, ତାହାକୁ ନେଇ କେତେ ବିବାଦ, ତର୍କ। କିନ୍ତୁ ଏସବୁ ବିବାଦର ଛାଇ ଚିତ୍ରକରର ତୂଳୀକୁ ଛୁଇଁପାରିନି ବୋଲି କହିଛନ୍ତି ଦରଘାବଜାର ଚିତ୍ରକର ସାହିର ଶିଳ୍ପୀ।**

କଟକ ଅଫିସ,୨୧।୬



ଦରଘା ବଜାର ଚିତ୍ରକର ସାହିରେ ଜଣେ ଶିଳ୍ପୀ ଶ୍ରୀଜଗନ୍ନାଥଙ୍କ ପ୍ରତିମାରେ ରଙ୍ଗ ଦେଉଛନ୍ତି।

ଦରଘାବଜାର ନିକଟରେ ରହିଛି ଚିତ୍ରକର ସାହି। ଏହି ସାହିର ସେପରି କୌଣସି ବଡ଼ ପରିଚୟ ନାହିଁ। ତେବେ ଏଠାକାର ବାସିନ୍ଦା କଟକର ଖୁବ୍ ପୁରୁଣା। ଦରଘାବଜାର ଥାନା ନିକଟ ଛକରୁ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଆଡ଼କୁ ଯାଇଥିବା ବାଟରେ ଏହି ଚିତ୍ରଶିଳ୍ପୀମାନେ ରୁହନ୍ତି। ୪ ପିଢ଼ି ଧରି ସେମାନେ ଚତୁର୍ଦ୍ଧାଙ୍କ କାଠ ତିଆରି ପ୍ରତିମାରେ ରଙ୍ଗ ଦେଉଥିବା କହିଛନ୍ତି ଦୁଇ ଭାଇ ଗଗନ ମହାରଣା ଓ ଗଜେନ୍ଦ୍ର ମହାରଣା। ଏହା କେବଳ ଏକ ବେଉସା ନୁହେଁ, ଏହା ସେମାନଙ୍କ ଭାବାବେଗ ସହ ଜଡ଼ିତ ବୋଲି ଦୁଇ ଭାଇ କହିଛନ୍ତି। ଲିମ୍ବକାଠରେ ତିଆରି ହେଉଛି ଜଗନ୍ନାଥଙ୍କ ପ୍ରତିମା। ଏହାଛଡ଼ା ଲୋକେ ଘରେ ପୂଜା କରୁଥିବା ଜଗନ୍ନାଥଙ୍କ ପ୍ରତିମା ଏହି ସାହିକୁ ରଙ୍ଗ ଦେବା ଲାଗି ଆଣନ୍ତି। ସ୍ନାନପୂର୍ଣ୍ଣିମା ପରଠାରୁ ହିଁ ଆରମ୍ଭ ହୁଏ ରଙ୍ଗ କାର୍ଯ୍ୟ। ପ୍ରତିମା ସ୍ଥାପିତ ହୋଇଥିବା ସିଂହାସନ ମଧ୍ୟ ଏଠାରେ ରଙ୍ଗ କାର୍ଯ୍ୟ କରାଯାଏ। ଗୋଟିଏ ଛୋଟ ପ୍ରତିମାକୁ ରଙ୍ଗ ଦେବା ପାଇଁ ୫୦ ଟଙ୍କା ଖର୍ଚ୍ଚ ହୁଏ ବୋଲି ଗଗନ କହିଥିଲେ। ରଙ୍ଗ ଖର୍ଚ୍ଚ ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପ୍ରତ୍ୟେକ ବର୍ଷ ସ୍ନାନପୂର୍ଣ୍ଣିମାକୁ ଅପେକ୍ଷା ଥାଏ। ପୁରୀରେ ଯେବେ ଶ୍ରୀଜୀଉ ଅଣସର ଘରକୁ ଯାଆନ୍ତି, ସେତେବେଳେ ସହରବାସୀ ନିଜ ଘରର ପ୍ରତିମାଙ୍କୁ ରଙ୍ଗ ଦେବା ଲାଗି ଆଣନ୍ତି। ଗୋଟିଏ ବର୍ଷରେ ହଜାର ହଜାର କାଠ ପ୍ରତିମାକୁ ରଙ୍ଗ ଦିଆଯାଏ। ପୂର୍ବ ବର୍ଷଗୁଡ଼ିକରେ ୧୦୦ରୁ ଅଧିକ ପ୍ରତିମା ରଙ୍ଗ ହେବା ପାଇଁ ଆସୁଥିଲା। ଚଳିତବର୍ଷ ଏ ପର୍ଯ୍ୟନ୍ତ ୪୦ଟି ପ୍ରତିମା ଆସିଛି। ବୋଧହୁଏ ଲୋକେ ରଥଯାତ୍ରା ହେବନି ବୋଲି ପ୍ରତିମାଗୁଡ଼ିକୁ ରଙ୍ଗ ଦେଉନାହାନ୍ତି ବୋଲି ଚିତ୍ରଶିଳ୍ପୀ ଗଗନ କହିଛନ୍ତି।

# ମହାପ୍ରଭୁଙ୍କ ସେବାରେ ଗୁରୁଜଙ୍ଗ ସୋଲ କାରିଗର

ଖୋର୍ଦ୍ଧା ଅଫିସ, ୨୧।୬

- ବିନା ପାରିଶ୍ରମିକରେ ଯୋଗାଉଛନ୍ତି ସୋଲ ଫୁଲ
- ଆମ ପରିଶ୍ରମ ବୃଥା ନ ଯାଉ, ରଥଯାତ୍ରା ହେଉ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାରୁ ଆନନ୍ଦ ମିଳେ। ତେଣୁ ବିଭିନ୍ନ ଉପାୟରେ ଅନେକେ ସେବା ଯୋଗାଇ ଦେଇଥାନ୍ତି। ଖୋର୍ଦ୍ଧା ଜିଲା ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ନାୟକଙ୍କ ପରିବାର ବିନା ପାରିଶ୍ରମିକରେ ସୋଲ ଫୁଲ ତିଆରି କରି ତିନି ରଥ ସାଜସଜ୍ଜା ଲାଗି ଦୀର୍ଘ ୨୦ ବର୍ଷ ହେଲା ଯୋଗାଇ ଆସୁଛନ୍ତି। ନେତ୍ରୋତ୍ସବ ପରେ ତିନି ରଥ ସିଂହଦ୍ୱାର ନିକଟରେ ଲାଗିଲେ ଏହି ପରିବାର ସୋଲଫୁଲଗୁଡ଼ିକୁ ନେଇ ରଥରେ ସଜାଇଥାନ୍ତି। ଚଳିତ ବର୍ଷ ରଥଯାତ୍ରା ପାଇଁ ସେମାନେ ତିଆରି କରିଥିବା ସୋଲ ଫୁଲକୁ ଧରି ସୋମବାର ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିବେ ବୋଲି ରବିବାର ରାଜକିଶୋର ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ରାଜକିଶୋର କହିଛନ୍ତି, ୧୯୯୯ ମସିହାରେ ରଥଯାତ୍ରା ଦେଖିବାକୁ ଆମେ ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସମୟରେ ରଥରେ ଆମ ପରିବାରକୁ ସେବା ଲାଗି ଅନୁମତି ଦେବା ପାଇଁ ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲ ତିଆରି ଫୁଲରେ ସାଜସଜ୍ଜା କରିବା ନେଇ ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ଆମକୁ ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ୨୦୦୦ ମସିହାଠାରୁ ନିରବଚ୍ଛିନ୍ନ ଭାବେ ସୋଲଫୁଲ ଯୋଗାଇ ଆସୁଛୁ। ଅନ୍ୟ ଜଣେ କାରିଗର ବୀରକିଶୋର ନାୟକ କହିଛନ୍ତି, ସାଧାରଣତଃ କାର୍ତ୍ତିକ ମାସରୁ ଆମେ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ପ୍ରଭୃତି ସ୍ଥାନରୁ ସୋଲ ସଂଗ୍ରହ କରୁ।



କାରିଗରମାନେ ସୋଲରେ ଫୁଲ ତିଆରି କରୁଛନ୍ତି।

ଅକ୍ଷୟ ତୃତୀୟା ଦିନ କାମ ଆରମ୍ଭ କରିଥାଉ। ନେତ୍ରୋତ୍ସବ ପୂର୍ବରୁ କାମ ସରିଯାଇଥାଏ। ତା' ପରେ ଏହାକୁ ନେଇ ପୁରୀ ଯାଇ ରଥରେ ସଜ୍ଜିତ କରିଥାଉ। ମହାପ୍ରଭୁଙ୍କ ଏହି ସେବା ପାଇଥିବାରୁ ଆମ ପରିବାର ଗର୍ବ ଅନୁଭବ କରୁଛି। କାରିଗର ମୀନା ନାୟକ କହିଛନ୍ତି, ଏହି କାର୍ଯ୍ୟରେ ଆମେ ମଧ୍ୟ ସହଯୋଗ କରୁଛୁ। ଘର ଲିପାପୋଛା ସହ ଅରୁଆ ଅନ୍ନ ଖାଇ ନିଷ୍ଠା ଓ ନୀତି ନିୟମରେ ରହି ସବୁ କାର୍ଯ୍ୟ କରୁ। ଧନେଶ୍ୱର ନାୟକ କହିଛନ୍ତି, ଚଳିତବର୍ଷ ସୁପ୍ରିମକୋର୍ଟ ପୁରୀ ରଥଯାତ୍ରା ବନ୍ଦ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହା ଆମ ସମସ୍ତଙ୍କ ମନରେ ଦୁଃଖ ଆଣିଛି। ତେବେ ଆମ ସେବା ବୃଥା ନ ଯାଉ। ଘୋଷଯାତ୍ରା ହେଉ ଏବଂ ସୋଲ ଫୁଲରେ ତିନି ରଥ ଝଲସି ଉଠୁ ଆମେ ଶ୍ରୀଜଗନ୍ନାଥଙ୍କୁ ଏହି ଗୁହାରି ଜଣାଉଛୁ ବୋଲି ଲୁହ ଛଳ ଛଳ ଆଖିରେ ଧନେଶ୍ୱର ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ବଢ଼ିଲା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟବୀମା ଅବଧି

**ନୂଆଦିଲ୍ଲୀ,୨୧।୬:** କରୋନା ସଂକ୍ରମଣରୁ ଦେଶବାସୀଙ୍କୁ ସୁରକ୍ଷା ଯୋଗାଇ ଦେଉଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯାଉଛି। ଏହି ବୀମାର ଅବଧି ପ୍ରାଥମିକ ପର୍ଯ୍ୟାୟରେ ଜୁନ ୩୦ ପର୍ଯ୍ୟନ୍ତ ରହିଥିଲା। ବର୍ତ୍ତମାନ ସଂକ୍ରମଣ ହ୍ରାସ ହେଉ ନଥିବାରୁ ଏହାକୁ ନଜରରେ ରଖି ସରକାର ଉକ୍ତ ଯୋଜନାର ଅବଧିକୁ ଚଳିତ ବର୍ଷ ସେପ୍ଟେମ୍ବର ଶେଷ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। କରୋନା ଯୋଦ୍ଧାଙ୍କୁ ସହାୟତା ପାଇଁ ମାର୍ଚ୍ଚ ଶେଷ ସପ୍ତାହରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଅଧୀନରେ ୨୨ଲକ୍ଷରୁ ଊର୍ଦ୍ଧ୍ୱ ସବୁ ବର୍ଗର ସରକାରୀ ସ୍ୱାସ୍ଥ୍ୟକର୍ମୀଙ୍କ ସୁରକ୍ଷା ପାଇଁ ୫୦ଲକ୍ଷର ସ୍ୱାସ୍ଥ୍ୟବୀମା ଘୋଷଣା କରାଯାଇଥିଲା। ଏହି ଯୋଜନାକୁ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କାର୍ଯ୍ୟକାରୀ କରୁଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କରୋନା ଯୁଦ୍ଧ ସାମିଲ ସବୁ ବର୍ଗର ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି ସୁବିଧା ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଶୀର୍ଷ ଫିଲାନଥ୍ରୋପିଷ୍ଟ ତାଲିକାରେ ନୀତା

**ମୁମ୍ବାଇ,୨୧।୬:** ନୀତା ଅମ୍ବାନୀ ଏବଂ ଫାଉଣ୍ଡେଶନକୁ ୨୦୨୦ର ଶୀର୍ଷ ଫିଲାନଥ୍ରୋପିଷ୍ଟ ତାଲିକାରେ ସାମିଲ କରାଯାଇଛି। ଆମେରିକାର ପ୍ରମୁଖ ମାଗାଜିନ ଟାଉନ ଆଣ୍ଡ କଣ୍ଟ୍ରି ଏହାର ଗ୍ରୀଷ୍ମ ସଂସ୍କରଣରେ ନୀତାଙ୍କୁ ସ୍ଥାନିତ କରିଥିବା ଜଣାପଡିଛି। କରୋନା ସମୟରେ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକୁ ମାଗାଜିନ ପକ୍ଷରୁ ପ୍ରଶଂସା କରାଯାଇଛି। ଏହି ଫାଉଣ୍ଡେଶନ ପ୍ରବାସୀ ଶ୍ରମିକ ଏବଂ ଗରିବଙ୍କ ଖାଦ୍ୟ ଯୋଗାଣ, ଆର୍ଥିକ ସହାୟତା ଏବଂ କୋଭିଡ-୧୯ ହସ୍ପିଟାଲ ସ୍ଥାପନ କରିବାରେ ନିଜର ଯୋଗଦାନ ରଖିଛି।

# ବସ୍, ଟ୍ୟାକ୍ସି କ୍ଷେତ୍ରରେ ୨୦ ଲକ୍ଷ ନିଯୁକ୍ତି ହ୍ରାସ



■ ୩୦ରୁ ୪୦ ଲକ୍ଷଙ୍କ ନିଯୁକ୍ତି ଉପରେ କଳାବାଦଲ
■ ବିଭିନ୍ନ ସମସ୍ୟା ପାଇଁ ଛିଡ଼ା ହୋଇଛି ୬୫% ଟ୍ରକ

ନୂଆଦିଲ୍ଲୀ,୨୧।୬

କରୋନା ଭାଇରସ ଲକ୍‌ଡାଉନ ଯୋଗୁ ବସ୍ ଏବଂ ଟୁରିଷ୍ଟ ଟ୍ୟାକ୍ସି ଅପରେଟରମାନେ ବର୍ତ୍ତମାନ କାମ ନ ପାଇ ବସି ରହିଛନ୍ତି। ଫଳରେ ଏହି କ୍ଷେତ୍ରରେ ପ୍ରାୟ ୨୦ ଲକ୍ଷ ନିଯୁକ୍ତି ହ୍ରାସ ହୋଇଛି। ଏହି କ୍ଷେତ୍ରରେ ସମାନ ସଂଖ୍ୟକ ଲୋକଙ୍କ ନିଯୁକ୍ତି ଉପରେ ବର୍ତ୍ତମାନ କଳାବାଦଲ ଛାଇ ହୋଇ ରହିଛି ବୋଲି ବସ୍ ଏବଂ କାର ପରିଚାଳକ ମହାସଂଘ (ବିଓସିଆଇ) ପକ୍ଷରୁ ରବିବାର ସୂଚନା ରହିଛି। ସଂଘରେ ବର୍ତ୍ତମାନ ୨୦ହଜାର ଅପରେଟର ରହିଛନ୍ତି। ୧୫ ଲକ୍ଷ ବସ୍ ଏବଂ ୧୧ ଲକ୍ଷ ଟୁରିଷ୍ଟ ଟ୍ୟାକ୍ସିରେ ୧ କୋଟି ଲୋକ କାମ କରୁଛନ୍ତି। ଏଭଳି ସ୍ଥଳେ ପରିଚାଳକମାନେ କ୍ଷତିରେ ରହିଥିବାରୁ ଲୋକଙ୍କୁ ବେତନ ଦେବା ସହ ଅନ୍ୟ ସମସ୍ୟା ସାମ୍ନା କରିବାକୁ ପଡୁଥିବା କହିଛନ୍ତି। ଟିକସ ଛାଡ ଏବଂ ଋଣ ଉପରେ ସୁଧ ରିହାତି ଦେବା ଲାଗି ସଂଘ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

ଲକ୍‌ଡାଉନ ଯୋଗୁ ୯୫% ଯାନ ଚଳାଚଳ ବନ୍ଦ ରହିଛି। ମାତ୍ର କିଛି ବସ୍ କମ୍ପାନୀ କଣ୍ଟ୍ରାକ୍ଟ ଲାଗି ଗଡିଥିଲା। ସେହିଭଳି ଆଉ କିଛି ପ୍ରବାସୀ ଶ୍ରମିକଙ୍କୁ ଘରକୁ ପହଞ୍ଚାଇବା ପାଇଁ ଲାଗିଥିଲା ବୋଲି ସଂଘର ସଭାପତି ପ୍ରସନ୍ନ ପଟ୍ଟବର୍ଦ୍ଧନ ସୂଚନା ଦେଇଛନ୍ତି। ଏବେ ବେପାର ହେଉ ନ ଥିବାରୁ କର୍ମଚାରୀଙ୍କୁ ବେତନ ଯୋଗାଣ ଏବଂ ଅନ୍ୟ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇ ପଡୁଛି। ୧ କୋଟି ଲୋକଙ୍କ ମଧ୍ୟରୁ ପ୍ରାୟ ୨୦ ଲକ୍ଷ ଲୋକ ସେମାନଙ୍କ ଚାକିରି ହରାଇଥିବା ବେଳେ ଆଉ ୩୦ରୁ ୪୦ ଲକ୍ଷ ବେକାର ହେବାର ଆଶଙ୍କା ଉପୁଜିଛି। ଅନ୍ୟମାନଙ୍କ ଚାକିରି ଉପରେ ମଧ୍ୟ ଚାପ ରହିଛି। କାରଣ ବର୍ତ୍ତମାନ ସବୁ କିଛି ପରିଚାଳନା କରିବା କଷ୍ଟକର ହେଉଥିବାରୁ ଅନେକ ଗାଡି ବିଜନେସରୁ ଓହରିବାକୁ ବସିଲେଣି। ସେପ୍ଟେମ୍ବରରେ ରିଜର୍ଭ ବ୍ୟାଙ୍କର ଋଣ ମୋରାଟୋରିୟମ ସମୟ ଶେଷ ହେଉଛି। ଅପରେଟରମାନେ ଆଗକୁ ଇଏମ୍‌ଆଇ ଦେବାକୁ ମଧ୍ୟ ସକ୍ଷମ ହେବେନାହିଁ।

ଯାନ ଉପରେ ଲାଗୁଥିବା ଟିକସ, ଟୋଲ ଟିକସ, ଇଣ୍ଟର ସିଟି ଟ୍ରାଭେଲ ଏବଂ ଡିଜେଲ ଉପରେ ରିହାତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି ରଖାଯାଇଛି। ସେହିଭଳି ବୀମା ଅବଧିରେ ବୃଦ୍ଧି ସମେତ ଅନ୍ୟ ସୁବିଧା ସୁଯୋଗ ଉପରେ ସରକାର ନଜର ଦିଅନ୍ତୁ ବୋଲି ଦାବିରେ କୁହାଯାଇଛି। ତେଲ ଦର ବୃଦ୍ଧି ଏବଂ ଦୁର୍ନୀତି ଏବଂ ଟ୍ରାନ୍ସପୋର୍ଟରଙ୍କୁ କୌଣସି ସୁବିଧା ସୁଯୋଗ ମିଳୁ ନ ଥିବା ଯୋଗୁ ପ୍ରାୟ ୬୫% ଟ୍ରକ ଛିଡା ହୋଇ ରହିଥିବା ସର୍ବଭାରତୀୟ ମୋଟର ପରିବହନ କଂଗ୍ରେସ(ଏଆଇଏମ୍‌ଟିସି) ପକ୍ଷରୁ ସୂଚନା ଦିଆଯାଇଛି।

# ଏଚ୍ ୧-ବି ଭିଜା ଉପରେ ଲାଗିବ କଟକଣା

**ନୂଆଦିଲ୍ଲୀ,୨୧।୬:** ଏଚ୍ ୧-ବି ଏବଂ ଏଲ୍‌୧ ଭିଜା ଉପରେ ଆମେରିକା ନୂଆ କଟକଣା ଜାରି କରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ସମ୍ପର୍କରେ ରବିବାର ସୂଚନା ଦେଇଛନ୍ତି। କରୋନା ମହାମାରୀ ଯୋଗୁ ଆମେରିକାରେ ଅନେକ ଲୋକ ବେକାର ହୋଇଛନ୍ତି। ସେଠାକାର ଜବ୍ ମାର୍କେଟରେ ବିଦେଶୀଙ୍କୁ ବର୍ତ୍ତମାନ କଟକଣା ଲଗାଇବା ଲାଗି ଏଭଳି ନୀତି ଆମେରିକା ଗ୍ରହଣ କରୁଥିବା କୁହାଯାଉଛି। ସୋମବାର କିମ୍ବା ଆଗାମୀ ଦିନଗୁଡିକରେ ଭିଜାକୁ ନେଇ ନୂଆ ଘୋଷଣା ହେବ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ବଜାର ସ୍ଥିତି ଠିକ୍ ନ ଥିବାରୁ କେତେକ କଠୋର ନିଷ୍ପତ୍ତି ନେବାକୁ ପଡୁଛି। ନୂଆ ନୀତି ଶୀଘ୍ର ଘୋଷଣା ହେବାକୁ ଥିବା ବେଳେ ସେ ଅଧିକ କିଛି କହିନାହାନ୍ତି। ମହାମାରୀକୁ ଏକ ସୁଯୋଗ ଭାବେ ଗ୍ରହଣ କରିବା ସହ ବିଦେଶୀଙ୍କୁ ଆମେରିକାକୁ ପୂରାଇ ନ ଦେବା ଲାଗି ଟ୍ରମ୍ପ ଚାହୁଁଥିବା ସେଠାକାର ବଜାର ବିଶେଷଜ୍ଞ କହିଛନ୍ତି। କାରଣ ଟ୍ରମ୍ପ ଆମେରିକାବାସୀଙ୍କୁ ପୂର୍ବଥର ମଧ୍ୟ ଗୁରୁତ୍ୱ ଦେଇଥିଲେ। ନିର୍ବାଚନ ପାଖେଇ ଆସୁଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଲାଗି ଟ୍ରମ୍ପ ଆଗଭର ହେଉଥିବା କୁହାଯାଉଛି। ବିଦେଶୀ ଟ୍ୟାଲେଣ୍ଟଙ୍କୁ ଆମେରିକା ଆସିବାରେ କୌଣସି ପ୍ରତିବନ୍ଧକ ନ ଲାଗୁ ବୋଲି ପ୍ରମୁଖ କମ୍ପାନୀଙ୍କ ସହ ଟେକ୍ନୋଲୋଜି କମ୍ପାନୀଗୁଡିକ ଟ୍ରମ୍ପଙ୍କୁ ନିବେଦନ କରିଛନ୍ତି। ଏହାଦ୍ୱାରା ଆମେରିକା ଅର୍ଥ ବ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପଡିବ ବୋଲି ଟ୍ରମ୍ପଙ୍କୁ କମ୍ପାନୀଗୁଡିକର ପ୍ରତିନିଧି ଅବଗତ କରାଇଛନ୍ତି।




# ଅନ୍‌ଲାଇନ ହେଟ୍ ବିରୋଧରେ ରତନ ଟାଟାଙ୍କ ଆହ୍ୱାନ

**ମୁମ୍ବାଇ,୨୧।୬:** ବର୍ତ୍ତମାନ ଅନଲାଇନରେ ଘୃଣା, ଟ୍ରୋଲ ଏବଂ ଅନ୍ୟକୁ ଭଡକାଇବା ଭଳି ବିଭିନ୍ନ ଘଟଣା ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ଅନଲାଇନ ହେଟ୍‌କୁ ବନ୍ଦ କରିବା ଲାଗି ଜଣାଶୁଣା ଉଦ୍ୟୋଗପତି ତଥା ଟାଟା ଗ୍ରୁପର ସେବା ନିବୃତ୍ତ ଅଧ୍ୟକ୍ଷ ରତନ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ବର୍ଷ ଭାରତ ସାମ୍ନାରେ ଅନେକ ଚ୍ୟାଲେଞ୍ଜ ରହିଛି। ଏଭଳି ସ୍ଥିତିରେ ଅନଲାଇନରେ ଘୃଣା ଏବଂ ଦ୍ୱେଷ ବୃଦ୍ଧିକୁ ପ୍ରଶ୍ରୟ ଦିଆଯିବା ଉଚିତ ନୁହେଁ। ଏଥିରୁ ଲୋକମାନେ ଦୂରେଇ ରହିବା ଆବଶ୍ୟକ। ବର୍ତ୍ତମାନ ବ୍ୟକ୍ତି ଅନ୍ୟକୁ ସହାୟତା କରିବାର ମନୋଭାବ ପୋଷଣ କରିବା ଉଚିତ। ଇନଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ କରି ରତନ ଟାଟା କହିଛନ୍ତି ଯେ, ଅନଲାଇନରେ ବିଭିନ୍ନ କମ୍ୟୁନିଟି ମଧ୍ୟରେ ଯୁକ୍ତିତର୍କ ଲାଗି ରହୁଥିବା ଦେଖାଯାଉଛି। ଜଣେ ଅନ୍ୟ ଜଣକୁ ନୀଚା ଦେଖାଇବାକୁ ସବୁ ବେଳେ ଅଡି ବସୁଛି। ବର୍ତ୍ତମାନ ସମୟରେ ସମ୍ବେଦନଶୀଳତା ମନୋଭାବ ରଖିବା ସହ କୋମଳ ମନୋଭାବ ପୋଷଣ କରିବା, ସହାୟତା ଯୋଗାଇ ଦେବା ଜଣେ ଅନ୍ୟ ଜଣକୁ ବୁଝିବାର ଆବଶ୍ୟକତା ରହିଛି। ଅନଲାଇନ ହେଟ୍‌ଠାରୁ ଲୋକମାନେ ଦୂରେଇ ରହିବା ନେଇ ଆଗେଇ ଆସିବାକୁ ସେ ପୋଷ୍ଟ ଯୋଗେ ଆହ୍ୱାନ ଜଣାଇଛନ୍ତି।

# ୧୦ହଜାର ଛଟେଇ କରିବ ଡେମ୍‌ଲର

**ନୂଆଦିଲ୍ଲୀ, ୨୧।୬:** ବହୁଦେଶୀୟ ଅଟୋମୋବାଇଲ କମ୍ପାନୀ ଡେମ୍‌ଲର ଏଜି, ୨୦୨୫ ମଧ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛଟେଇ କରିବାର ଯୋଜନା କରିଛି। ବର୍ତ୍ତମାନର ବଜାର ମାନ୍ଦାବସ୍ଥା ସହ ଆର୍ଥିକ ସ୍ଥିତିରେ ସୁଧାର ପାଇଁ କମ୍ପାନୀ ଏଭଳି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ସ୍ଥିର କରିଛି ବୋଲି କମ୍ପାନୀ'ର ସିଇଓ ଓଲା କେଏଲିନିୟସ କହିଛନ୍ତି। ଏ ନେଇ ଅଟୋମୋବାଇଲ ୱିକ୍ ନାମକ ମାଗାଜିନରେ ଏହି ରିପୋର୍ଟ ପ୍ରକାଶ ପାଇଛି। କମ୍ପାନୀ ଏହାର ଆଇଟି ଓ ଗବେଷଣା ଏବଂ ଉନ୍ନତୀକରଣ କ୍ଷେତ୍ରରୁ ଏହି ଛଟେଇ କରିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ୨ବର୍ଷର ରେକର୍ଡ ଭାଙ୍ଗିଲା ଡିଜେଲ ଦର

**ନୂଆଦିଲ୍ଲୀ,୨୧।୬:** ରବିବାର ତୈଳ ଦର ପେଟ୍ରୋଲ ଲିଟର ପିଛା ୩୫ ପଇସା ଏବଂ ଡିଜେଲ ୬୦ ପଇସା ବୃଦ୍ଧି ପାଇଛି। ଫଳରେ ଗତ ୨ବର୍ଷ ମଧ୍ୟରେ ଡିଜେଲ ଦର ରେକର୍ଡ ସୃଷ୍ଟି କରିଛି। ୨୦୧୮ ଅକ୍ଟୋବର ୧୬ରେ ଦେଶର ଡିଜେଲ ଦର ପ୍ରାୟ ୭୫.୬୯ପଇସା ରହିଥିଲା। ୨୧ମାସ ପରେ ପୁଣି ଥରେ ଡିଜେଲ ଦର ଆକାଶ ଛୁଆଁ ହୋଇଛି । ସେହିଭଳି ରବିବାର ପେଟ୍ରୋଲ ଲିଟର ପିଛା ୩୫ ପଇସା ବୃଦ୍ଧି ଫଳରେ ଦର ମଧ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି ବୋଲି ତୈଳ ବିପଣନ କମ୍ପାନୀ ଗୁଡିକ ସୂଚନା ଦେଇଛନ୍ତି। ଗତ ୪ ଅକ୍ଟୋବର ୨୦୧୮ ପରେ ଏହା ହେଉଛି ସର୍ବାଧିକ ତୈଳ ଦର ବୃଦ୍ଧି। ବର୍ତ୍ତମାନ ଲୋକଙ୍କର ଆର୍ଥିକ ଅବସ୍ଥା ଭଲ ନଥିବା ବେଳେ ଏହି ସମୟରେ ତେଲ ଦର ବୃଦ୍ଧି ସବୁ ବର୍ଗର ଗ୍ରାହକଙ୍କୁ ଚିନ୍ତାରେ ପକାଇଛି। ଗତ ୧୫ ଦିନ ମଧ୍ୟରେ ତେଲ ଦର ବୃଦ୍ଧି ପାଇ ଚାଲିଛି। ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଭଳି ଦର ବୃଦ୍ଧି ପାଇବ ବୋଲି କୁହାଯାଉଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ହ୍ରାସ ନ ହେଲା ଯାଏ ଏଭଳି ସ୍ଥିତି ଜାରି ରହିବ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ପକ୍ଷରୁ କୁହାଯାଇଛି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ରବିବାର) ଦେଶର ତେଲ ଦର ବଢି ଚାଲିଛି। ଫଳରେ ଗତ ୧୫ଦିନ ମଧ୍ୟରେ ପେଟ୍ରୋଲ ଉପରେ ୭.୯୭ ଟଙ୍କା ଏବଂ ଡିଜେଲ ୮.୮୮ଟଙ୍କା ବୃଦ୍ଧି ପାଇଛି। ସୂଚନା ଅନୁସାରେ, ୨୧ ତାରିଖ ଦିନ ପେଟ୍ରୋଲ ଲିଟର ପିଛା ୩୫ ପଇସା ଏବଂ ଡିଜେଲ ୬୦ ପଇସା ବୃଦ୍ଧି ପାଇଛି। ଫଳରେ ରବିବାର ପେଟ୍ରୋଲ ଦର ୭୮.୮୮ଟଙ୍କାରୁ ବୃଦ୍ଧି ପାଇ ୭୯.୨୩ ଟଙ୍କା ଏବଂ ଡିଜେଲ ଦର ୭୭.୬୬ ଟଙ୍କାରୁ ବୃଦ୍ଧି ପାଇଁ ୭୮.୨୬ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୭୯.୭୮ ଟଙ୍କା ଓ ଡିଜେଲ ଲିଟର ପିଛା ୭୬.୪୭ ଟଙ୍କା ଛୁଇଁଥିବା ସୂଚନା ରହିଛି।



## ଖେଳ ଖବର

### ଅନ୍ୟ ରାଜ୍ୟରୁ ଖେଳିବେ ଅଶୋକ ଡିଣ୍ଡା




**କୋଲକାତା, ୨୧।୬ (ପି.ଟି.):** ଭେଟେରାନ ପେସ୍ ବୋଲର ଅଶୋକ ଡିଣ୍ଡା କହିଛନ୍ତି, ସେ ରାଜନୀତିର ଶିକାର ହୋଇଛନ୍ତି। ଏହି କାରଣରୁ ଗତବର୍ଷ ରଣଜୀ ଟ୍ରଫିର ମଧ୍ୟଭାଗରେ ଶୃଙ୍ଖଳାଗତ କାରଣରୁ ବେଙ୍ଗଲ ଦଳରୁ ସେ ବାଦ୍ ପଡ଼ିଥିଲେ। ଆସନ୍ତା ସିଜନରେ କିନ୍ତୁ ସେ ଏକ ନୂଆ ଟିମ୍‌ରେ ଯୋଗଦାନ ସହ ସଫଳ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟ ରଖିଛନ୍ତି। ଉତ୍ପଳ ଚାଟାର୍ଜୀଙ୍କ ପରେ ଡିଣ୍ଡା ହେଉଛନ୍ତି ବେଙ୍ଗଲର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ବୋଲିଂ କୋଚ୍ ରଣଦେବ ବୋଷଙ୍କ ସହିତ ବଚସା ଯୋଗୁ ସେ ବିବାଦୀୟ ହୋଇପଡ଼ିଥିଲେ। ତାଙ୍କୁ ଦଳର ବିଦା ହେବାକୁ ପଡ଼ିଥିଲା। ଡିଣ୍ଡା ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ଇତିମଧ୍ୟରେ କେତୋଟି ଦଳ ସହିତ କଥାବାର୍ତ୍ତା କରି ସାରିଛନ୍ତି। ସେ ଖୁବ୍‌ଶୀଘ୍ର ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି)ଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ଆବେଦନ କରିବେ। ସେ କହିଛନ୍ତି ଆଜିକାଲି ସବୁଠାରେ ପକ୍ଷପାତିତା ଓ ରାଜନୀତି ଚାଲିଛି। ନିକଟରେ ଅଭିନେତା ସୁଶାନ୍ତ ସିଂ ରାଜପୁତ ଏହାର ଶିକାର ହୋଇ ପରଲୋକଗମନ କରିଛନ୍ତି। ହେଲେ ମୁଁ ମାନସିକ ସ୍ତରରେ ସୁଦୃଢ଼। ମୋ ମନୋବଳକୁ କେହି ଭାଙ୍ଗି ପାରିବେ ନାହିଁ। ଅନ୍ୟ କେତେକ ରାଜ୍ୟରୁ ଖେଳିବା ଲାଗି ମୋତେ ଅଫର ଆସିଛି। ସେମାନଙ୍କ ସହିତ ମୁଁ ଆଲୋଚନା ମଧ୍ୟ କରିଛି। ହେଲେ ଆସନ୍ତା ସିଜନରେ ମୁଁ କେଉଁ ରାଜ୍ୟରୁ ପ୍ରତିନିଧିତ୍ୱ କରିବି ତାହା ଚୂଡ଼ାନ୍ତ କରି ନାହିଁ ବୋଲି ଭାରତ ତରଫରୁ ୧୩ ଅନ୍ତର୍ଜାତୀୟ ଦିନିକିଆ ଓ ୯ ଅନ୍ତର୍ଜାତୀୟ ଟି୨୦ ଖେଳିଥିବା ଡିଣ୍ଡା କହିଛନ୍ତି। ୯୧ଟି ମ୍ୟାଚରେ ୩୧୭ ପ୍ରଥମଶ୍ରେଣୀ ଉଇକେଟ ଅକ୍ତିଆର କରିଥିବା କୋଚ୍ ବୋଷ୍‌ଙ୍କୁ ଡିଣ୍ଡା ସର୍ବସାଧାରଣରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଏହି ଆଚରଣ ପାଇଁ ଡିଣ୍ଡା କ୍ଷମାପ୍ରାର୍ଥନା ପାଇଁ ମନା କରିଦେଇଥିଲେ ବରଂ ବୋଷ୍ ଟିମ୍‌ରେ ବିଭାଜନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଥିଲେ।

# ଭୋଲକୋଭଙ୍କୁ ହରାଇଲେ କୁର୍ଟିସ

ଲାସ ଭେଗାସ, ୨୧।୬(ଏପି)




କୁର୍ଟିସ ବ୍ଲେଜ୍ସ (ଉପର) ଓ ଆଲେକଜାଣ୍ଡର ଭୋଲକୋଭଙ୍କ ମଧ୍ୟରେ କୁସ୍ତି ଲଢ଼େଇ।

ଅଲ୍‌ଟିମେଟ ଫାଇଟିଂ ଚାମ୍ପିୟନଶିପ୍ (ୟୁଏଫସି) ହେଭିୱେଟ ପ୍ରତିଦ୍ୱନ୍ଦ୍ୱୀ ଆମେରିକାର କୁର୍ଟିସ ବ୍ଲେଜ୍ସ ଶନିବାର ରାତିରେ ଅନୁଷ୍ଠିତ କୁସ୍ତି ଲଢ଼େଇରେ ରୁଷିଆର ଆଲେକଜାଣ୍ଡର ଭୋଲକୋଭଙ୍କୁ ପରାସ୍ତ କରିଛନ୍ତି। ପ୍ରତିପକ୍ଷଙ୍କୁ ଅଣନିଃଶ୍ୱାସୀ କରିବାପରେ ନିର୍ବିବାଦରେ କୁର୍ଟିସଙ୍କୁ ବିଜେତା ଘୋଷଣା କରାଯାଇଥିଲା। ଏହାଥିଲା ତାଙ୍କର କ୍ରମାଗତ ୪ର୍ଥ ବିଜୟ। ଫିଦରୱେଟ ବିଭାଗରେ ଶେନ ବୁର୍ଗୋସଙ୍କୁ ୨୯-୨୮, ୨୯-୨୮ ଓ ୨୯୨୭ ପଏଣ୍ଟରେ ହରାଇଛନ୍ତି ଜୋଶ୍ ଇମେଟ। ଘରୋଇ ସହରରେ ମିକ୍ସଡ ମାର୍ଶାଲ ଆର୍ଟ୍ସକୁ ପ୍ରମୋଟ କରିବା ଉଦ୍ଦେଶ୍ୟରେ ୟୁଏଫସି ଆପେକ୍ସ ଜିମ୍‌ରେ ବିନା ଦର୍ଶକରେ ଲଢ଼େଇଗୁଡ଼ିକ ଅନୁଷ୍ଠିତ ହୋଇଥିଲା। ଆରମ୍ଭରୁ ନିଜ କୁସ୍ତି ଦକ୍ଷତା ପ୍ରଦର୍ଶନ କରି କୁର୍ଟିସ ପ୍ରତିପକ୍ଷ ଭୋଲକୋଭଙ୍କ ବିପକ୍ଷରେ ଆଧିପତ୍ୟ ବିସ୍ତାର କରିଥିଲେ। ମାତ୍ର ୧୦ ସେକେଣ୍ଡ ମଧ୍ୟରେ ସେ ଭୋଲକୋଭଙ୍କୁ ତଳେ ପକାଇ ଦେଇଥିଲେ। ପାଖାପାଖି ପ୍ରଥମ ୪ ରାଉଣ୍ଡ ପର୍ଯ୍ୟନ୍ତ କୁର୍ଟିସଙ୍କ ପ୍ରାଧାନ୍ୟ ଅବ୍ୟାହତ ରହିଥିଲା। ୪ର୍ଥ ରାଉଣ୍ଡର ଶେଷ ଭାଗ ଏବଂ ୫ମ ରାଉଣ୍ଡରେ ଭୋଲକୋଭ କୌଶଳ ଖଟାଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ଜଜ୍‌ମାନେ ବ୍ଲେଜ୍ସଙ୍କ ସପକ୍ଷରେ ୪୯-୪୬, ୪୮-୪୭,

**ୟୁଏଫସି ହେଭିୱେଟ ଲଢ଼େଇ**

୪୮-୪୬ ପଏଣ୍ଟ ଦେଇଥିଲେ। ହେଭିୱେଟ ଟାଇଟଲ ପାଇଁ ବ୍ଲେଜ୍ସ କାମେରୁନ-ଫ୍ରେଞ୍ଚ୍ ପ୍ରଫେଶନାଲ ଫ୍ରାନ୍ସିସ ଏନଗାନୋଉଙ୍କୁ ଭେଟିବା ସମ୍ଭାବନା ରହିଛି। ବ୍ଲେଜ୍ କ୍ୟାରିୟରରେ ମାତ୍ର ୨ ଥର ପରାଜିତ ହୋଇଛନ୍ତି। କୌତୂହଳ କଥା ହେଲେ ସେ ୨ ଥରଯାକ ଏହି ଏନ୍‌ଗାନୋଉଙ୍କଠାରୁ ହିଁ ୨୦୧୬ ଓ ୨୦୧୮ରେ ହାରିଛନ୍ତି।

# ଗ୍ରୋଭରଙ୍କ ସହାୟତା ନେଉଛନ୍ତି ଶ୍ରୀସନ୍ଥ


**ନୂଆଦିଲ୍ଲୀ, ୨୧।୬ (ପି.ଟି.):** କ୍ରିକେଟକୁ ଫେରିବା ଲାଗି ପ୍ରସ୍ତୁତି ଚଳାଇଛନ୍ତି ପେସ୍‌ବୋଲର ଏସ୍ ଶ୍ରୀସନ୍ଥ। ମାଇକେଲ ଜୋର୍ଡାନଙ୍କ ପୂର୍ବତନ ଟ୍ରେନର ଟିମ୍ ଗ୍ରୋଭରଙ୍କଠାରୁ ମେଣ୍ଟାଲ କଣ୍ଡିଶନିଂ ଶିକ୍ଷା ନେଉଛନ୍ତି। ଗ୍ରୋଭର ହେଉଛନ୍ତି ଏନବିଏର ଜଣାଶୁଣା ଶାରୀରିକ ଓ ମାନସିକ ଟ୍ରେନିଂ କୋଚ୍। ମାଇକେଲ ଜୋର୍ଡାନ ଓ କୋବେ ବ୍ରାଏଣ୍ଟଙ୍କ ଭଳି ଷ୍ଟାର ବାସ୍କେଟବଲ ଖେଳାଳିଙ୍କ ସହିତ ସେ କାର୍ଯ୍ୟ କରିଛନ୍ତି। ଶ୍ରୀସନ୍ଥ କହିଛନ୍ତି ସପ୍ତାହକୁ ୩ଥର ସକାଳ ୫ଟା ୩୦ରୁ ୮ଟା ୩୦ ପର୍ଯ୍ୟନ୍ତ ଗ୍ରୋଭରଙ୍କ ଅନ୍‌ଲାଇନ୍ କ୍ଲାସ୍‌ରେ ଯୋଗ ଦେଉଛନ୍ତି। ଅପରାହ୍ନରେ ୧ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏର୍ନାକୁଲମସ୍ଥିତ ଇନ୍‌ଡୋର ନେଟ୍ସରେ ୨୩ ବର୍ଷରୁ କମ୍ କେରଳ ଦଳର ବହୁ ଖେଳାଳି ଏବଂ ସଚିନ ବେବିଙ୍କ ଭଳି ରଣଜୀ ଖେଳାଳିଙ୍କ ସହ ଅଭ୍ୟାସ ଜାରି ରଖିଛନ୍ତି। ୨୦୧୩ ଆଇପିଏଲ ସ୍ପଟ ଫିକ୍ସିଂ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୭ ବର୍ଷ ଦଣ୍ଡିତ ହେବାପରେ ଭାରତର ଏହି ପ୍ରତିଭା ସମ୍ପନ୍ନ ସୁଇଂ ବୋଲର କେରଳ ତରଫରୁ ପୁଣି ରଣଜୀ ଖେଳିବା ଲାଗି ଯୋଜନା ଚଳାଇଛନ୍ତି।



ଟିମ୍ ଗ୍ରୋଭର ଓ ଏସ୍. ଶ୍ରୀସନ୍ଥ।

# କିମ୍ବଦନ୍ତୀ ପ୍ରଥମଶ୍ରେଣୀ ସ୍ପିନର ରାଜିନ୍ଦର ଗୋଏଲଙ୍କ ଦେହାନ୍ତ

**ନୂଆଦିଲ୍ଲୀ, ୨୧।୬ (ପି.ଟି.):** କିମ୍ବଦନ୍ତୀ ପ୍ରଥମଶ୍ରେଣୀ ସ୍ପିନର ରାଜିନ୍ଦର ଗୋଏଲଙ୍କର ରବିବାର ପରାଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ରାଜିନ୍ଦରଙ୍କୁ ୭୭ ବର୍ଷ ହୋଇଥିଲା। ସେ ତାଙ୍କ ସ୍ତ୍ରୀ ଏବଂ ପୁତ୍ର ନୀତୀନ ଗୋଏଲଙ୍କୁ ଛାଡ଼ି ଚାଲିଯାଇଛନ୍ତି। ରାଜିନ୍ଦର ଜଣେ ଘରୋଇ ମ୍ୟାଚ ରେଫରି ମଧ୍ୟ ଥିଲେ। ବିଶନ ସିଂ ବେଦୀଙ୍କ ଯୁଗରେ ଏହି ବାମହାତୀ ସ୍ପିନର ଦୁର୍ଭାଗ୍ୟଜନକ ଭାବେ ଭାରତୀୟ ଦଳରେ ସ୍ଥାନ ପାଇ ପାରି ନ ଥିଲେ। ଘରୋଇ କ୍ରିକେଟରେ ସେ ହରିୟାଣା ଓ ଉତ୍ତରାଞ୍ଚଳରୁ ପ୍ରତିନିଧିତ୍ୱ କରିଥିଲେ। ସେ ୧୫୭ ପ୍ରଥମ ଶ୍ରେଣୀ ମ୍ୟାଚରେ ୭୫୦ ଉଇକେଟ ଅକ୍ତିଆର କରିଥିଲେ। ୪୪ବର୍ଷ ବୟସ ପର୍ଯ୍ୟନ୍ତ ସେ ପ୍ରଥମ ଶ୍ରେଣୀ କ୍ରିକେଟ ଖେଳି ଆସୁଥିଲେ। ଘଟଣାକ୍ରମେ ବେଦୀ ତାଙ୍କୁ ବିସିସିଆଇର ସି.କେ. ନାଇଡୁ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପ୍ରଦାନ କରିଥିଲେ। ବିସିସିଆଇର ପୂର୍ବତନ ସଭାପତି ରଣବୀର ସିଂ ରାଜିନ୍ଦରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଅବସର ପରେ ଖେଳ ପ୍ରତି ରାଜିନ୍ଦରଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ଦେଶର ସେ ଥିଲେ ଅନ୍ୟତମ ଶ୍ରେଷ୍ଠ ବାମହାତୀ ସ୍ପିନର ବୋଲି ସେ କହିଛନ୍ତି।



# ଫାଇନାଲରେ ଜୋକୋଭିଚ୍

**ଜଡାର (କ୍ରୋଏସିଆ),୨୧।୬:** ନିଜ ପ୍ରଦର୍ଶନୀ ଟେନିସ ଟୁର୍ନାମେଣ୍ଟରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଛନ୍ତି। କ୍ରୋଏସିଆର କୋଷ୍ଟାଲ ରିସୋର୍ଟ ଜଡାରର ଆଡ୍ରିଆ ଟୁରରେ ଚାଲିଥିବା ଏହି ଟୁର୍ନାମେଣ୍ଟର ସିଙ୍ଗଲ୍ସରେ ସେ ପ୍ରଥମ ଦୁଇଟି ମ୍ୟାଚ୍ ଜିତି ଫାଇନାଲକୁ ଉଠିଛନ୍ତି। ପ୍ରଥମ ମ୍ୟାଚ୍‌ରେ ସେ ନିଜ ଦେଶର ପେଡଜା କ୍ରିଷ୍ଟିନଙ୍କୁ ୪-୩, ୪-୧ରେ ପରାସ୍ତ କରିଥିଲେ। ଏହାପରେ ଘରୋଇ ଖେଳାଳି ତଥା ଫେଭରାଇଟ୍ ବୋର୍ନା କୋରିକଙ୍କୁ ୪-୧, ୪-୩ ସେଟ୍‌ରେ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଦେଖିବାକୁ ସ୍ଥାନୀୟ ଭିସନ୍‌ଜିକ୍ ଟେନିସ୍ କମ୍ପ୍ଲେକ୍ସରେ ହଜାର ହଜାର ଦର୍ଶକ ଉପସ୍ଥିତ ଥିଲେ। କୋଭିଡ୍ -୧୯ କାରଣରୁ ସାରା ବିଶ୍ୱରେ ଟେନିସ୍‌କୁ ସ୍ଥଗିତ ରଖାଯାଇଥିବା ବେଳେ ଏହି ମ୍ୟାଚ୍ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିବ ବୋଲି ଜୋକୋଭିଚ୍ କହିଛନ୍ତି। ଏହି ଦୁଇ ଦିନିଆ ଇଭେଣ୍ଟ ହେଉଛି ଜୋକୋଭିଚ୍‌ଙ୍କ ଆଡ୍ରିଆ ଟୁର'ର ସେକେଣ୍ଡ ଲେଗ୍। ପୂର୍ବରୁ ଗତ ସପ୍ତାହ ଶେଷରେ ବେଲଗ୍ରେଡ୍‌ରେ ଫାଷ୍ଟ ଲେଗ୍ ଆୟୋଜନ ହୋଇଥିଲା।

# ପ୍ରଣୟଙ୍କ ନାମ ସୁପାରିସ କଲେ ଗୋପୀଚାନ୍ଦ

ହାଇଦ୍ରାବାଦ,୨୧।୬



ଏଚ୍.ଏସ୍. ପ୍ରଣୟ

ଅର୍ଜୁନ ପୁରସ୍କାର ପାଇଁ ବ୍ୟାଡମିଣ୍ଟନ ତାରକା ଏଚ୍.ଏସ୍. ପ୍ରଣୟଙ୍କ ନାମ ସୁପାରିସ କରିଛନ୍ତି ଜଣାଶୁଣା କୋଚ୍ ପୁଲେଲା ଗୋପୀଚାନ୍ଦ। ତେବେ ଏହା ବ୍ୟାଡମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ) ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ଅର୍ଜୁନ ପୁରସ୍କାର ପାଇଁ ବିଏଆଇ ପ୍ରଣୟଙ୍କ ନାମ ସୁପାରିସ କରି ନ ଥିଲା। ଶୃଙ୍ଖଳାଗତ କାରଣରୁ ତାଙ୍କ ନାମ ସୁପାରିସ କରାଯାଇ ନ ଥିଲା ବୋଲି ବିଏଆଇ କହିଛି। ପ୍ରଣୟ ମଧ୍ୟ ଏଥିରେ ଅସନ୍ତୋଷ ଜାହିର କରି ବିଏଆଇକୁ ସମାଲୋଚନା କରିଥିଲେ। ଅର୍ଜୁନ ପୁରସ୍କାର ସୁପାରିସ ତାଲିକାରେ ସ୍ୱାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ, ଚିରାଗ ସେଟ୍ଟୀ ଓ ସମୀର ବର୍ମାଙ୍କ ନାମ୍ ସାମିଲ କରାଯାଇଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଚାମ୍ପିୟନଶିପ୍‌ରେ ପଦକ ହାସଲ କରିଥିବା ଖେଳାଳିଙ୍କୁ ଅଣଦେଖା କରାଯାଉଛି। କିନ୍ତୁ ଯେଉଁ ଖେଳାଳିମାନେ ଏହି ମେଜର ଇଭେଣ୍ଟରେ ଅଂଶଗ୍ରହଣ କରି ନାହାନ୍ତି ସେମାନଙ୍କ ନାମ ସୁପାରିସ୍ କରାଯାଇଛି ବୋଲି ପ୍ରଣୟ ଟୁଇଟ୍ କରିଥିଲେ। ଅନ୍ୟପଟେ ପ୍ରଣୟ ତୃତୀୟ ଭାରତୀୟ ଖେଳାଳିଭାବେ ଏସିଆନ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ସିଙ୍ଗଲ୍ସ ଟାଇଟଲ ହାସଲ କରିବାକୁ ସକ୍ଷମ ହୋଇଛନ୍ତି।

ଅର୍ଜୁନ ପାଇଁ ପ୍ରଣୟଙ୍କ ନାମ ଜୁନ୍ ୩ ତାରିଖରେ ଗୋପୀଚାନ୍ଦ ସରକାରଙ୍କ ନିକଟକୁ ସୁପାରିସ କରିଛନ୍ତି। ଗୋପୀଚାନ୍ଦଙ୍କ ସୁପାରିସକୁ ନେଇ ବିଏଆଇ ନିକଟରେ କୌଣସି ସୂଚନା ନାହିଁ ବୋଲି କୁହାଯାଇଛି। ପ୍ରଣୟଙ୍କ ବିରୋଧରେ ଶୃଙ୍ଖଳାଗତ ମାମଲା ରହିବା ନେଇ ମୋ ପାଖରେ କୌଣସି ସୂଚନା ନାହିଁ। ତେବେ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ହାସଲ କରିଥିବାରୁ ଅର୍ଜୁନ ପୁରସ୍କାର ପାଇଁ ଜଣେ ଖେଳାଳିଙ୍କ ନାମ ସୁପାରିଶ କରିପାରିବି ବୋଲି ୨୦୦୬ରୁ ଜାତୀୟ କୋଚ୍‌ର ଦାୟିତ୍ୱ ସମ୍ଭାଳି ଆସିଥିବା ଗୋପୀଚାନ୍ଦ କହିଛନ୍ତି। ଉଲ୍ଲେଖଥାଉ କି, ଏସିଆନ ଚାମ୍ପିୟନଶିପ୍

**ଅର୍ଜୁନ ପୁରସ୍କାର**

ସେମିରେ ପ୍ରବେଶ କରିବା ପରେ କିଡାମ୍ବୀ ଶ୍ରୀକାନ୍ତ ଓ ପ୍ରଣୟ ଭାରତୀୟ ଦଳ ଛାଡି ଦେଇଥିଲେ ଓ ଅଲିମ୍ପିକ୍ସ ର୍ୟାଙ୍କିଙ୍ଗ୍ ପଏଣ୍ଟ ପାଇଁ ସ୍ପେନ୍ ଚାଲିଯାଇଥିଲା। ଏହାଦ୍ୱାରା ବିଏଆଇ ଅସନ୍ତୋଷ ଜାହିର କରିଥିଲା। ପୁଣି ଏକାଧିକ ଥର କହିବା ସତ୍ତ୍ୱେ ଅତୀତରେ ଶ୍ରେଷ୍ଠ ଖେଳାଳିମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଥୋମାସ, ଉବର କପ ଓ ଏସିଆନ ଟିମ୍ ଇଭେଣ୍ଟରେ ଅଂଶଗ୍ରହଣ କରି ନ ଥିଲେ।



ଦୀର୍ଘ ୨ ବର୍ଷର ବ୍ରେକ୍‌ଅପ୍ ପରେ ପୁଣିଥରେ ଶାହାରୁଖ ଖାଁ ବଡ ପରଦାକୁ ଫେରିବେ ବୋଲି ଶୁଣିବାକୁ ମିଳିଛି । ଏଥର ସେ ରାଜକୁମାର ହିରାନିଙ୍କ ଫିଲ୍ମ ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନ ଦେବାକୁ ପ୍ରସ୍ତୁତ ହେଉଛନ୍ତି । ଯଦି କରୋନା ସଂକ୍ରମଣକୁ ନେଇ କିଛି ଅସୁବିଧା ଦେଖା ନ ଯାଏ ତେବେ ଶାହାରୁଖଙ୍କ ଫିଲ୍ମ ଅକ୍ଟୋବର ସୁଦ୍ଧା ଶୁଟିଂ କରାଯିବା ଯୋଜନା ରହିଛି ।

# ଚାଇନାକୁ ନେଇ ତାତିଲେ ରୀଚା



ରୀଚା ଚଢ୍ଢା

**ମୁମ୍ବାଇ:** ଗୋଟେପଟେ କରୋନା ସଙ୍କଟ ଓ ଅନ୍ୟପଟେ ଗଲୱାନ ଘାଟିରେ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ । ଏହାକୁ ନେଇ ସାରା ଦେଶ ଚାଇନାକୁ ତୀବ୍ର ସମାଲୋଚନା କରୁଥିବା ବେଳେ ଅଭିନେତ୍ରୀ ରୀଚା ଚଢ୍ଢା ମଧ୍ୟ ଏଥିରେ ସାମିଲ ହୋଇଛନ୍ତି । ସେ ସୋସିଆଲ ମିଡିଆରେ ଚାଇନା ବିରୋଧରେ ଲେଖିଛନ୍ତି ଓ ତା' ସହିତ ବିଶ୍ୱର ବଡ଼ ବଡ଼ ନେତାମାନଙ୍କୁ ସମାଲୋଚନା କରିଛନ୍ତି । ଚାଇନା ବିରୋଧରେ ବିଶ୍ୱର ବଡ଼ ବଡ଼ ନେତାମାନେ କାହିଁକି ମୁହଁ ଖୋଲୁ ନାହାନ୍ତି ବୋଲି ସେ ପଚାରିଛନ୍ତି । ତା' ସହିତ ସେମାନେ ଚୀନକୁ ସମସ୍ତେ ଡରୁଛନ୍ତି କି ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି । ରିଚା ଏକ ଟ୍ୱିଟ୍ କରି ଲେଖିଛନ୍ତି, 'ଏକ ଦେଶ ଯୋଗୁ ସମଗ୍ର ବିଶ୍ୱରେ ଏକ ପ୍ରାଣଘାତୀ ରୋଗ ମାଡ଼ି ଚାଲିଛି, ଲକ୍ଷ ଲକ୍ଷ ଜୀବନ ଯାଉଛି, ସମଗ୍ର ବିଶ୍ୱର ଅର୍ଥନୀତିକୁ ଦୋହଲାଇ ଦେଇଛି । ରାତାରାତି ଅନେକ ୟୁରୋପୀୟ କମ୍ପାନୀର ଶେୟାର୍ କିଣି ନେଉଛି, ଗଲୱାନରେ ଆମର ସୈନିକମାନଙ୍କୁ ହତ୍ୟା କରୁଛି ଓ ଆମକୁ ଦ୍ୱିତୀୟ ଥର ପାଇଁ ଯୁଦ୍ଧ କରିବାକୁ ବାଧ୍ୟ କରୁଛି । ହେଲେ ସମଗ୍ର ବିଶ୍ୱ ଏହାର ଉତ୍ତର ନ ଦେଇ ଚୁପ୍ ବସିଛି । ଲୋକମାନେ କାହିଁକି ଏହି ଦେଶକୁ ଭୟ କରୁଛନ୍ତି ? କାହିଁକି ବାକି ସମସ୍ତ ଦେଶ ଏକାଠି ହୋଇ କିଛି କରୁ ନାହାନ୍ତି ? ମୋର ଅଜା ସ୍ୱାଧୀନତା ସଂଗ୍ରାମୀ ଥିଲେ । ୧୯୬୨ ମସିହାରେ ଦେଶ ପାଇଁ ଲଢ଼ିଥିଲେ । କିନ୍ତୁ ଏଭଳି ପରିସ୍ଥିତିରେ ଚୁପ୍ ବସିବା ମୋତେ କଷ୍ଟ ଦେଉଛି ବୋଲି ରୀଚା ଲେଖିଛନ୍ତି । କଡ଼ା ପଦକ୍ଷେପ ନେବା ଦରକାର । ସୂଚନାଯୋଗ୍ୟ ଯେ, ରୀଚା ଏକା ନୁହନ୍ତି, ବଲିଉଡର ଆହୁରି ଅନେକ ସେଲେବ୍ରିଟି ଚାଇନା ସାମଗ୍ରୀ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି ଓ ସ୍ୱଦେଶୀ ଜିନିଷକୁ ପ୍ରୋତ୍ସାହିତ କରିବାକୁ ଦାବି କରିଛନ୍ତି । ସାରା ଦେଶରେ ଏବେ ଏହି ଗୋଟିଏ ନାରା 'ଚାଇନା ବସ୍ତୁ ବର୍ଜନ କର' । ସୋଶାଲ ମିଡିଆରେ ମଧ୍ୟ ଏ ନେଇ ଲୋକମାନେ ବହୁତ ପୋଷ୍ଟ କରୁଛନ୍ତି ।

# ସିଏସ୍ଏସ୍ ପରୀକ୍ଷାରେ ସଫଳ ୫ ଭଉଣୀ



ଇସଲାମାବାଦ: ଗୋଟିଏ ପରିବାରର ୫ ଭଉଣୀ ପ୍ରଶାସନିକ ପରୀକ୍ଷାରେ ସଫଳତା ହାସଲ କରିବା ନିଶ୍ଚିତ ଭାବେ ଏକ ଗୌରବର କଥା । ଏଭଳି ଘଟଣା ପାକିସ୍ତାନରେ ଘଟିଛି । ରାୱଲପିଣ୍ଡିରେ ବାସ କରୁଥିବା ମଲିକ୍ ରଫିକ୍ ଅୱାନଙ୍କ ୫ ଝିଅ ଏଭଳି କରି ଇତିହାସ ରଚିଛନ୍ତି । ଏବେ ଭଉଣୀମାନଙ୍କୁ ନେଇ ସାରା ପୃଥିବୀରେ ସୋସିଆଲ ମିଡ଼ିଆରେ ଚର୍ଚ୍ଚା ହେଉଛି । ଲୋକେ ସେମାନଙ୍କୁ ପ୍ରଶଂସା କରୁଛନ୍ତି । ସବୁ ଭଉଣୀ ସିଏସ୍ଏସ୍(ସେଣ୍ଟ୍ରାଲ ସୁପରିଅର ସର୍ଭିସ୍)ରେ କୃତୀତ୍ୱ ଅର୍ଜନ କରିଛନ୍ତି । ସିଏସ୍ଏସ୍ ପରୀକ୍ଷାରେ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି । ପ୍ରଥମେ ୨୦୦୮ରେ ଲୈଲା ମଲିକ୍ ଶେର୍ ସିଏସ୍ଏସ୍ ପାସ୍ କରିଥିଲେ । ସେ କରାଚିର ଫେଡେରାଲ ବ୍ୟୁରୋ ଅଫ୍ ରେଭିନ୍ୟୁରେ ଡେପୁଟି କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ୨୦୧୦ରେ ଲୈଲାଙ୍କ ତଳ ଭଉଣୀ ଶିରିନ୍ ମଲିକ ଶେର୍ ସିଏସ୍ଏସ୍ ପରୀକ୍ଷାରେ ସଫଳତା ହାସଲ କରି ନ୍ୟାଶନାଲ ହାଇୱେ ଅଥରିଟିରେ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ ଅଛନ୍ତି । ୨୦୧୭ରେ ପରିବାରର ତୃତୀୟ ଝିଅ ସାସି ମଲିକ ଶେର୍ ସିଏସ୍ଏସ୍ରେ ସଫଳତା ହାସଲ କରି ଅଣ୍ଡର ଟ୍ରେନିଂ ଲାହୋର କଣ୍ଟନମେଣ୍ଟର ସିଇଓ ଭାବେ କାର୍ଯ୍ୟ କରୁଥିବାବେଳେ ଚତୁର୍ଥ ଝିଅ ମାର୍ବି ମାଲିକ ଶେର ସିଏସ୍ଏସ୍ ପରୀକ୍ଷା ପାସ୍ କରି ଏବ୍ଟାବାଦରେ ସହକାରୀ କମିଶନର ଭାବେ କାର୍ଯ୍ୟ କରୁଛନ୍ତି । ୨୦୧୯ରେ ରଫିକ୍‌ଙ୍କର ସାନ ଝିଅ ଜୋହା ମଲିକ ଶେର୍ ସିଏସ୍ଏସ୍ ପରୀକ୍ଷାରେ ସଫଳତା ଲାଭ କରିଥିଲେ । ତାଙ୍କ ପିତାଙ୍କର ମହିଳାଙ୍କ ପ୍ରତି ଥିବା ସମ୍ମାନ ଯୋଗୁ ଆଜି ସେମାନେ ଏଭଳି ସଫଳ ହୋଇପାରିଥିବା ଭଉଣୀମାନେ କୁହନ୍ତି ।


27th Birthday




Saroj Kanta Sahani
Village: Sanamanga, Dist: Kendrapada
Many many happy returns of the day.
Wish you Happy Birth Day.
With best wishes:
Friends, Relative & family members.
D-17545


## ୧୪ ହଜାର ଫୁଟ ଉଚ୍ଚରେ ଯୋଗକଲେ ଯବାନ

**ଚାମୋଲି:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭାରତୀୟ ଯବାନମାନେ ଯୋଗ କରିଛନ୍ତି । ଉତ୍ତରାଖଣ୍ଡ ଚାମୋଲି ଜିଲାର ଭାରତ ଚାଇନା ସୀମାରେ ମୁତୟନ ଥିବା ଆଇଟିବିପି ଯବାନମାନେ ସମୁଦ୍ରପତ୍ତନଠାରୁ ୧୪ ହଜାର ଫୁଟ ଉଚ୍ଚରେ ବରଫରେ ବସି ଯୋଗ କରିଛନ୍ତି । ଏହାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ହିମାଳୟର ୧୮,୮୦୦ ଫୁଟ ଉଚ୍ଚରେ ସିକିମ୍‌ର ହିମବୀରମାନେ ଯୋଗ କରିଛନ୍ତି । ସେହିପରି ଲଦାଖର ଖରଡୁଙ୍ଗ୍ ଲା'ଠାରେ ୧୮୦୦୦ ଫୁଟ ଉଚ୍ଚରେ ଯବାନମାନେ ଯୋଗ କରିଛନ୍ତି ।



# ପିତାଙ୍କ ସହ ଫଟୋ ଶେୟାର କଲେ ଅନୁଷ୍କା



ମୁମ୍ବାଇ: ରବିବାର ଥିଲା ବିଶ୍ୱ ପିତୃ ଦିବସ । ଏହି ଅବସରରେ ଅନୁଷ୍କା ତାଙ୍କ ବାପାଙ୍କ ସହ ଉଠାଇଥିବା ଏକ ସୁନ୍ଦର ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଏହି ଫଟୋଟି ସ ତାଙ୍କ ମେହେନ୍ଦୀ ସେରିମନୀରେ ଉଠାଇଥିଲେ । ଏଥିରେ ବିରାଟ କୋହଲି ମଧ୍ୟ ନଜର୍ ଆସିଛନ୍ତି । ବିରାଟ ଦୂରରେ ଠିଆ ହୋଇ ବାପା ଏବଂ ଝିଅ ମଧ୍ୟରେ ଥିବା ଭଲ ପାଇବା ବହୁତ ଖୁସିରେ ଦେଖୁଛନ୍ତି । ସେହିଠାରେ ଅନୁଷ୍କାଙ୍କ ମା' ମଧ୍ୟ ଉପସ୍ଥିତ ଅଛନ୍ତି । ଅନୁଷ୍କା ଶର୍ମା ହେଉଛନ୍ତି ତାଙ୍କ ବାପାଙ୍କ ଲାଡଲୀ । ତେବେ ଏହି ଥ୍ରୋ ବ୍ୟାକ ଫଟୋ ଦେଖିଲେ ସମସ୍ତେ ନିଶ୍ଚିତ ଜାଣିପାରିବେ । ଅନୁଷ୍କା ଏହି ଫଟୋକୁ ଶେୟାର କରି ଲେଖିଛନ୍ତି ଯେ, ବାଙ୍ଗାଲୋରରେ ଆର୍ମି ପୋଷ୍ଟିଂ ଯେତେବେଳେ ହୋଇଥିଲା ସେତେବେଳେ ମୋ ବାପା ସବୁଦିନ ମୋତେ କଲେଜ୍ ଛାଡ଼ିବାକୁ ଯାଉଥିଲେ । ଏବଂ ସବୁବେଳେ କହୁଥିଲେ । ଜୀବନରେ ଯେତେ କଠିନ ପରିସ୍ଥିତି ଆସୁ ନା କାହିଁକି ସବୁବେଳେ ଭଲ କାମ କର । ଏହି କାମ କଲେ ତମେ ନିଶ୍ଚିତ ଖୁସିରେ ରହିବ ଏବଂ ହୃଦୟରୁ ଶାନ୍ତି ମିଳିବ । ଏହି କେଇ ପଦ କଥା ମୋ ବାପାଙ୍କର ବହୁତ ଭଲ ଲାଗେ । ଜୀବନରେ ଯାହା ବି ପାଇଛି ସବୁ ମୋ ବାପାଙ୍କ ପାଇଁ ବୋଲି ଅନୁଷ୍କା କହିଛନ୍ତି । ଆଶା କରୁଛି ସବୁ ଝିଅଙ୍କୁ ଏଭଳି ପିତା ମିଳନ୍ତୁ । ଲକ୍‌ଡାଉନ୍ ପାଇଁ ଅନୁଷ୍କା ତାଙ୍କ ପରିବାରଙ୍କ ସହ ସମୟ କାଟୁଛନ୍ତି । ସେ ଆଉ ଏକ ଫଟୋ ମଧ୍ୟ ଶେୟାର କରିଛନ୍ତି ଯେଉଁଥିରେ ସେ ତାଙ୍କ ବାପା, ମା'ଙ୍କ ସହିତ ଲୁଡୋ ଖେଳୁଥିବା ନଜର୍‌କୁ ଆସିଛନ୍ତି । ଏହି ଫଟୋ ଗୁଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରୁଛନ୍ତି ।

# ହ୍ୟାଣ୍ଡ୍ ଫ୍ରି ଡୋର୍ ଓପ୍‌ନର

ଲକ୍ଷ୍ନୌ: ସବୁ ଦେଶରେ ଘର ହେଉ କି ଅଫିସ ଅବା ଅନ୍ୟ ସ୍ଥାନ ସବୁଆଡ଼େ ହାତରେ କବାଟ ଖୋଲିବାକୁ ପଡ଼ିଥାଏ । କିନ୍ତୁ ଏବେ ହାତ ବଦଳରେ ଗୋଡ଼ରେ ମଧ୍ୟ କବାଟ ଖୋଲିହେବ । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏମିତି ଏକ ସ୍ୱତନ୍ତ୍ର ଉପକରଣ ହ୍ୟାଣ୍ଡ୍ ଫ୍ରି ଡୋର୍ ଓପ୍‌ନର ବା ଲେଗ୍ ପ୍ୟାଡ୍ ଡିଜାଇନ କରି ଚର୍ଚ୍ଚାକୁ ଆସିଛନ୍ତି ଉତ୍ତରପ୍ରଦେଶ ଆଲିଗଡ଼ର ଯୁବକ ଗୌରବ ପଣ୍ଡିତ ।

କରୋନା ସଂକ୍ରମଣ ରୋକିବା ପାଇଁ ସବୁ ସ୍ଥାନରେ ହାତ ନ ଲଗାଇବାକୁ ପରାମର୍ଶ ଦିଆଯାଉଛି । ଏଥିପାଇଁ କବାଟରେ ହାତ ନ ଲଗାଇ କିପରିଭାବେ ଖୋଲିହେବ ସେନେଇ ଅନେକ ଦିନ ଚିନ୍ତା କରିବା ପରେ ଗୌରବ ସଫଳତା ହାସଲ କରିଥିଲେ । ଏହି ଉପକରଣକୁ କବାଟର ତଳ ଭାଗରେ ଏକ କୋଣରେ ଲଗାଇବାକୁ ହେବ । ଫଳରେ ଯେକୌଣସି ଲୋକ ସହଜରେ ଗୋଡ଼ରେ କବଟ ଖୋଲି ଯିବାଆସିବା କରିପାରିବ । ଗୌରବ ଏବେ ଲେଗ୍ ପ୍ୟାଡ ଅନ୍‌ଲାଇନ୍ ମାର୍କେଟିଂ ଆରମ୍ଭ କରି କୋଟି କୋଟି ଟଙ୍କା ରୋଜଗାର କରିବାକୁ ଯାଉଛନ୍ତି । କାରଣ ତାଙ୍କର ଏହି ଡିଜାଇନ୍ ଏବେ ଆମେରିକାର ବିଭିନ୍ନ କମ୍ପାନୀକୁ ବହୁତ ପସନ୍ଦ ଆସିଛି । ସେଥିପାଇଁ ଆମେରିକାରୁ ତାଙ୍କ ପାଖକୁ ୪ଟି କମ୍ପାନୀରୁ ୧.୨୫ ଲକ୍ଷ ପିସ୍ ନେବାର ଅର୍ଡର ଆସିଛି, ଯାହାର ମୂଲ୍ୟ ୨ କୋଟିରୁ ଅଧିକ ହେବ । ସେଥିପାଇଁ ଗୌରବ ଏବେ ଏହି ଲେଗ୍ ପ୍ୟାଡ୍ ତିଆରି କରିବାରେ ଲାଗିଛନ୍ତି ।

ଗୌରବ ଆଲିଗଡ଼ ମୁସଲିମ୍ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂ କରିବା ପରେ ନିଜର ଏକ ଫାର୍ମ କରି ଅଟୋ ମୋବାଇଲ୍ ପାର୍ଟ ତିଆରି କରୁଥିଲେ । କିନ୍ତୁ ଲକ୍‌ଡାଉନ୍ ପାଇଁ ଏହି କାମ ବନ୍ଦ ହୋଇଯାଇଥିବାରୁ ଏଭଳି ଏକ ଉପକରଣ କରିବାଲାଗି ସେ ଚିନ୍ତା କରିଥିଲେ ।



# ସ୍ୱୟଂକ୍ରିୟ କୋଭିଡ୍ ଟେଷ୍ଟିଂ ମେଶିନ

କୋଚି(କେରଳ): କରୋନା ସଂକ୍ରମଣ ଚିହ୍ନଟ କରିବା ଦିଗରେ ସ୍ୱାସ୍ଥ୍ୟକର୍ମୀଙ୍କୁ ସାହାଯ୍ୟ କରିବା ପାଇଁ କେରଳର ଜଣେ ଇଞ୍ଜିନିୟରିଂ ଛାତ୍ର ଏକ ସ୍ୱୟଂକ୍ରିୟ କୋଭିଡ୍ ଟେଷ୍ଟିଂ ମେଶିନ ବିକଶିତ କରିଛନ୍ତି । କେରଳର କାକ୍କାନଡ଼ସ୍ଥିତ ଏକ ଘରୋଇ ଇଞ୍ଜିନିୟରଂ କଲେଜର ବି-ଟେକ୍(କମ୍ପ୍ୟୁଟର ସାଇନ୍ସ) ଛାତ୍ର ଡିଭିନ୍ ମାଥ୍ୟୁ ବିଭାଗୀୟ ମୁଖ୍ୟଙ୍କ ତତ୍ତ୍ୱାବଧାନରେ ଏହି 'ଅଟୋ ଟେମ୍ପ କ୍ୟାମେରା ଇଣ୍ଟିଗ୍ରେସନ' ତିଆରି କରିଛନ୍ତି । ଏହି ମେଶିନ ଦ୍ୱାରା ଥର୍ମାଲ ସ୍କାନିଂ ମାଧ୍ୟମରେ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇପାରିବ । ଏଥିରେ ଥିବା ସେନ୍ସର ଦ୍ୱାରା ଶରୀରର ତାପମାତ୍ରା ଜାଣିହୁଏ । ସାଧାରଣଠାରୁ ଅଧିକ ତାପମାତ୍ରା ରହିଥିଲେ ଏହି ଯନ୍ତ୍ର ବ୍ୟକ୍ତିଙ୍କ ଏକ ଫଟୋ ଉତ୍ତୋଳନ କରିବା ସହ ସଂଯୋଗ ହୋଇଥିବା କମ୍ପ୍ୟୁଟର ସର୍ଭରକୁ ୱାଇ-ଫାଇ ମାଧ୍ୟମରେ ଟ୍ରାନ୍ସଫର ହୋଇଥାଏ । ଏହି ତଥ୍ୟକୁ ସ୍ୱାସ୍ଥ୍ୟକର୍ମୀମାନେ ପରବର୍ତ୍ତୀ ସମୟରେ ନିଜ ମୋବାଇଲ କିମ୍ବା ସିଷ୍ଟମ ମାଧ୍ୟମରେ ବ୍ୟବହାର କରିପାରିବେ । ଏହି ଅଟୋ ଟେମ୍ପ ମେଶିନ ବ୍ୟାଟେରି ଦ୍ୱାରା ଚାଳିତ ହୋଇଥାଏ । ସ୍ୱାସ୍ଥ୍ୟକର୍ମୀମାନେ ଲୋକଙ୍କ ନିକଟକୁ ନ ଯାଇ ଯେ କୌଣସି ସ୍ଥାନରେ ମଧ୍ୟ ଯନ୍ତ୍ରକୁ ରଖି ସ୍କାନିଂ କରିପାରିବେ । ଗୋଟିଏ ମେଶିନର ମୂଲ୍ୟ ମାତ୍ର ୪ହଜାର ଟଙ୍କା ରହିଥିବା ଜଣାପଡ଼ିଛି ।



# ହରର୍ ସିନେମା ଥିମ୍‌ରେ ମାସ୍କ

**ନୂଆଦିଲ୍ଲୀ:** ଲକ୍‌ଡାଉନ୍ ପରେ ସିନେମା ନିର୍ମାଣ କାମ ପୂରା ବନ୍ଦ ହୋଇଯାଇଥିବାରୁ ଏହା ସହିତ ଜଡ଼ିତ ବହୁ କଳାକାର ବେକାର ହୋଇଯାଇଛନ୍ତି । ସେଥିପାଇଁ କେତେକ କଳାକାର ଏବେ ନିଜ ଦକ୍ଷତାକୁ ଅନ୍ୟ ଦିଗରେ ଉପଯୋଗ କରିବା ଆରମ୍ଭ କରିଦେଇଛନ୍ତି । ଏହାର ଏକ ଉଦାହରଣ ହେଉଛନ୍ତି ସିନେମାରେ ଇଫେକ୍ଟ ଦେଉଥିବା କଳାକାର । ଏମାନେ ଏବେ ବିଭିନ୍ନ ଥିମ୍‌ରେ ମାସ୍କ ତିଆରି କରି ହଠାତ୍ ଲୋକପ୍ରିୟ ହେବାରେ ଲାଗିଛନ୍ତି ।

ଫିଲିପାଇନ୍ସର ଜଣେ କଳାକାର ରେନେ ଆବେଲାର୍ଡୋ ଏବେ ଏମିତି ମାସ୍କ ତିଆରି କରି ବେଶ୍ ଚର୍ଚ୍ଚିତ ହୋଇଛନ୍ତି । ଲକ୍‌ଡାଉନ୍ ପରଠାରୁ ଢେରଦିନ ଘରେ ବସିବା ପରେ ସେ ମାସ୍କ ତିଆରି ଆରମ୍ଭ କରିଥିଲେ । ମାସ୍କ ପିନ୍ଧିବାରେ ଏକ ମଜାଦାୟକ ଅନୁଭବ ଦେବାକୁ ସେ ପ୍ରଥମେ ମାସ୍କ ଉପରେ ବିଭିନ୍ନ ପ୍ରକାର ଭୂତପ୍ରେତ ଭଳି ଆତଙ୍କଜନିତ ଚିତ୍ର ଆଙ୍କିଥିଲେ । ହରର୍ ଫିଲ୍ମରେ ଯେଉଁଭଳି ଚରିତ୍ର ସବୁ ଦେଖାଯାନ୍ତି ସେସବୁକୁ ନେଇ ସେ ମାସ୍କ ଉପରେ ଡିଜାଇନ କରିଥିଲେ । ଏଭଳି ମାସ୍କ ପିନ୍ଧିବା ଫଳରେ ତାଙ୍କ ପ୍ରତି ଲୋକଙ୍କର ସ୍ୱତନ୍ତ୍ର ଦୃଷ୍ଟି ଆସିଥିଲା ଏବଂ ଥରେ ଏଭଳି ମାସ୍କର ଫଟୋକୁ ତାଙ୍କ ଝିଅ ସୋସିଆଲ ମିଡିଆରେ ଶେୟାର କରିଥିଲେ । ଏହା ପରେ ବହୁ ସଂଖ୍ୟାରେ ଲୋକଙ୍କର ଦୃଷ୍ଟିଆକର୍ଷଣ ହୋଇଥିଲା । ବହୁ ସଂଖ୍ୟାରେ ପ୍ରଥମେ ତାଙ୍କର ବନ୍ଧୁ ପରିଚିତମାନେ ଏହି ଡିଜାଇନ ମାସ୍କ ନେବାକୁ ପସନ୍ଦ କରିଥିଲେ । ଏହାପରେ ବାହାର ଲୋକେ ମଧ୍ୟ ତାଙ୍କ ଠାରୁ ମାସ୍କ କିଣିବାକୁ ଅର୍ଡର ଦେଇଥିଲେ । ଏବେ ସେ ଏଭଳି ମାସ୍କ ତିଆରି ପାଇଁ ଦିନକୁ ଶହ ଶହ ସଂଖ୍ୟାରେ ଅର୍ଡର ପାଉଛନ୍ତି । କେବଳ ମଜା କରିବା ପାଇଁ ଏଭଳି ମାସ୍କ ତିଆରି କରିଥିବା ଆବେଲାର୍ଡୋ ଏବେ ହଠାତ୍ ଜଣେ ସଫଳ ବ୍ୟବସାୟୀ ପାଲଟି ଯାଇଛନ୍ତି ।



# ୨୦୨୨ରେ ଆସିବ ସୁଶାନ୍ତଙ୍କ ବାୟୋପିକ



**ମୁମ୍ବାଇ:** ନିର୍ମାଣ ହେବ ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ବାୟୋପିକ । ହିନ୍ଦୀ, ତେଲୁଗୁ ଓ ତାମିଲ ଭାଷାରେ ନିର୍ମାଣ ହେବ ଏହି ଫିଲ୍ମ । ୨୦୨୨ ସୁଦ୍ଧା ଫିଲ୍ମ ରିଲିଜ ହେବ ବୋଲି ଜଣାପଡ଼ିଥିବାବେଳେ ଫିଲ୍ମର ନିର୍ଦ୍ଦେଶନା ଦେବେ ନିର୍ଦ୍ଦେଶକ ନିଖିଲ ଆନନ୍ଦ । ସୂଚନା ଅନୁଯାୟୀ, ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁକୁ ଅଦ୍ୟାବଧି କେହି ସହଜରେ ଗ୍ରହଣ କରିପାରିନାହାନ୍ତି । ବଲିଉଡରେ ତାଙ୍କର କେହି ଗଡଫାଦର ନ ଥିବାବେଳେ ବିହାରରୁ ଆସି କିପରି ବଲିଉଡରେ ନିଜର କ୍ୟାରିୟର ଆରମ୍ଭ କରିଥିଲେ ତାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ । ଛୋଟ ପରଦାରୁ ନିଜର କ୍ୟାରିୟର ଆରମ୍ଭ କରି ବହୁ ସଂଘର୍ଷ ବି-ଟାଉନରେ ସଫଳତା ହାସଲ କରିଥିଲେ ସୁଶାନ୍ତ । ତାଙ୍କ ଜୀବନ ଉପରେ ଚଳଚ୍ଚିତ୍ର ଲୋକଙ୍କୁ ପସନ୍ଦ ଆସିବ ବୋଲି କହିଛନ୍ତି ନିର୍ଦ୍ଦେଶକ ନିଖିଲ ଆନନ୍ଦ । ବିଭିନ୍ନ କାରଣ ଯୋଗୁଁ ଗତ ୬ ମାସ ଧରି ସେ ଡିପ୍ରେସନରେ ଥିଲେ । ସେଥିପାଇଁ ସେ ଚିକିତ୍ସିତ ହେଉଥିଲେ । ଗତ ୧୪ ତାରିଖରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ଫ୍ଲାଟରୁ ସୁଶାନ୍ତଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଏହାପରେ ବଲିଉଡରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଇଣ୍ଡଷ୍ଟ୍ରିର କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଇଁ ସୁଶାନ୍ତ ଆତ୍ମହତ୍ୟା କରିଥିବା କୁହାଯାଉଛି । ସୁଶାନ୍ତଙ୍କ ଫ୍ଲାଟ୍‌ରୁ ଯଶରାଜ ଫିଲ୍ମ ସହ କରାଯାଇଥିବା ଚୁକ୍ତିପତ୍ର ମିଳିଛି । ଏହାକୁ ନେଇ ମୁମ୍ବାଇ ପୋଲିସ ତଦନ୍ତ ଜାରି ରଖିଛି ।

## ସ୍ୱାସ୍ଥ୍ୟ ସୂଚନା




- ଯଦି ଆପଣଙ୍କୁ ଅସୁସ୍ଥ ଲାଗୁଛି ତେବେ ସେହିଦିନ ବ୍ୟାୟାମ କରିବାରୁ ବିରତ ରୁହନ୍ତୁ।
- ବ୍ୟାୟାମ କରିବା ପୂର୍ବରୁ ନିଜର ଓଜନ ମାପି ନେବା ସହ ଯଦି କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି ତାହା ପରୀକ୍ଷା କରାଇ ନିଅନ୍ତୁ।
- ଯଦି ଜିମ୍ ଯାଉଛନ୍ତି ତେବେ କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିବ ସେ ନେଇ ଜିମ୍ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।
- ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରିବା ବେଳେ ନିଜ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷଦ ତଥ୍ୟ ତାଙ୍କୁ ଦିଅନ୍ତୁ। ଏହା ଚିକିତ୍ସାରେ ଅନେକ ସହାୟକ ହୋଇଥାଏ।
- କେତେକେ ଡାକ୍ତରଙ୍କ ସହ ରୋଗ ବିଷୟରେ କଥା ହେବା ସମୟରେ ନିଜ ବିଷୟରେ ତଥ୍ୟ ଦେବାକୁ କୁଣ୍ଠା ପ୍ରକାଶ କରନ୍ତି। ଏପରି ମାନସିକତାର ପରିବର୍ତ୍ତନ କରନ୍ତୁ।
- ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସ ବଦଳାନ୍ତୁ। କାରଣ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ।

## କ୍ୟାନ୍‌ସର ଚିହ୍ନଟ କରିବ ସ୍ମାର୍ଟଫୋନ୍



ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ପ୍ରମୁଖ ରୋଗଗୁଡିକ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। କେତେକ କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ ହେବା ଦ୍ୱାରା କେତେକ କ୍ୟାନ୍‌ସରରୁ ଆରୋଗ୍ୟ ମିଳିପାରୁଛି। ହେଲେ ଏହା ଗୁରୁତର ଅବସ୍ଥାକୁ ଚାଲି ଯାଇଥିଲେ ତାହା ଜୀବନନାଶକ ହୋଇଥାଏ। ତେବେ ଏହାକୁ କିପରି ପ୍ରାରମ୍ଭରୁ ଚିହ୍ନଟ କରିହେବ ସେ ନେଇ କେତେକ ଉପାୟ ତ ରହିଛି। ହେଲେ ଏହି ଚିହ୍ନଟ ପ୍ରକ୍ରିୟାକୁ ଆହୁରି ସରଳ କରିବା ପାଇଁ ଚେଷ୍ଟା ଚାଲିଛି। ଏ କ୍ଷେତ୍ରରେ ନିକଟରେ ସଫଳ ହୋଇଛନ୍ତି ଆମେରିକାସ୍ଥିତ ମାସାଚୁଟେସ ଜେନେରାଲ ହସ୍‌ପିଟାଲର କ୍ୟାନସର ବିଜ୍ଞାନୀମାନେ। ସେମାନେ ଏପରି ଏକ ଅତ୍ୟାଧୁନିକ ଉପକରଣ ପ୍ରସ୍ତୁତ କରିଛନ୍ତି, ଯାହାକୁ ସ୍ମାର୍ଟ ଫୋନ୍‌ରେ ସଂଯୋଗ କରି କ୍ୟାନ୍‌ସରକୁ ଚିହ୍ନଟ କରିହେବ। ଉକ୍ତ ବ୍ୟାଟେରିଚାଳିତ ଏବଂ ଏଲଇଡି ଲାଇଟ୍‌ଯୁକ୍ତ ଇମେଜିଂ ଉପକରଣକୁ 'ଡି–୩' (ଡିଜିଟାଲ ଡିଫେକ୍ସନ ଡାଏଗ୍ନୋସିସ୍) ନାମରେ ନାମିତ କରାଯାଇଛି। ଏହାକୁ ସ୍ମାର୍ଟଫୋନ୍‌ରେ ସଂଯୋଗ କରିବା ପରେ ସ୍ମାର୍ଟଫୋନ୍‌ର କ୍ୟାମେରାଥିବା ହାଇରିଜୋଲ୍ୟୁସନ ସାହାଯ୍ୟରେ ଇମେଜିଂ ଡାଟାକୁ ରେକର୍ଡିଂ କରିହେବ। ଏହି ଉପକରଣ ଦ୍ୱାରା ରକ୍ତରେ ଥିବା ଏକ ଲକ୍ଷରୁ ଉର୍ଦ୍ଧ୍ୱ କୋଷକୁ (ସେଲ୍) ଚିହ୍ନଟ କରାଯାଇପାରିବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।


# ଚନ୍ଦ୍ର ପୃଷ୍ଠରେ ପରାଗ ଗ୍ରହଣ



ଡ. ଶୁଭେନ୍ଦୁ ପଟ୍ଟନାୟକ



ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟ ପରାଗ ବିଷୟରେ ଆମେ ସମସ୍ତେ କିଛି କିଛି ପରିଚିତ । ସାଧାରଣତଃ ପ୍ରତ୍ୟେକ ବର୍ଷ ଚାରିଟି ଗ୍ରହଣ/ପରାଗ ହୁଏ– ଦୁଇଟି ସୂର୍ଯ୍ୟୋପରାଗ ଏବଂ ଦୁଇଟି ଚନ୍ଦ୍ର ଗ୍ରହଣ। ଖୁବ୍ କ୍ୱଚିତ ଗୋଟିଏ ବର୍ଷରେ ପାଞ୍ଚ, ଛଅ କିମ୍ବା ସାତ ଚନ୍ଦ୍ର ଗ୍ରହଣ ଦେଖାଯାଏ। କିନ୍ତୁ ଗୋଟିଏ ବର୍ଷରେ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟୋପରାଗ ମିଶି ଚାରୋଟି ଘଟିବା ଅତି ସାଧାରଣ। ଗୋଟିଏ ବର୍ଷରେ ଗ୍ରହଣ ଓ ପରାଗ ମିଶି ଅତି ବେଶିରେ ୭ଟି ଘଟିପାରେ ସେଥିରୁ ୪ଟି ବା ୫ଟି ସୂର୍ଯ୍ୟୋପରାଗ ଓ ତିନି ବା ଦୁଇଟି ଚନ୍ଦ୍ର ଗ୍ରହଣ ହୁଏ। ବର୍ଷକୁ ଅତି କମ୍‌ରେ ୨ଟି ପରାଗ/ଗ୍ରହଣ ନିଶ୍ଚୟ ଘଟିଥାଏ ଓ ଏପରି ହେଲେ ଦୁଇଟି ଯାକ ସୂର୍ଯ୍ୟୋପରାଗ ହୁଏ। ଏ ତ ହେଲା ଆମ ପୃଥିବୀର କଥା।



"ଚନ୍ଦ୍ରରୁ ଦେଖିଲେ ପୃଥିବୀ ଆମ ଆକାଶରେ ଦେଖାଯାଉଥିବା ଚନ୍ଦ୍ରଠାରୁ ପ୍ରାୟ ଚାରି ଗୁଣ ବଡ଼ ଦେଖାଯାଏ। ତେଣୁ ଯଦି ଆପଣ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ର ପୃଷ୍ଠରେ ଥିବେ, ତେବେ ପୃଥିବୀ – ସୂର୍ଯ୍ୟକୁ ପୂରାପୂରି ଘୋଡାଇଦେବାର ଦେଖିବେ। ଚନ୍ଦ୍ର ଗ୍ରହଣ ସମୟରେ – ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ଥାଏ, ଯଦି ଆପଣ ସେତେବେଳେ ଚନ୍ଦ୍ର ପୃଷ୍ଠରେ ଠିଆ ହୋଇଥିବେ, ତେବେ ଆପଣଙ୍କ ପରିବେଶ ପୂରା ଲାଲ୍ ଆଲୋକରେ ଭରିଯିବ। ଏହାର କାରଣ କ'ଣ?"



ପରାଗ ବା ଗ୍ରହଣ ଘଟିଥାଏ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଏକ ସରଳରେଖାରେ ରହିଲେ । ଟିକେ ଚିନ୍ତା କରନ୍ତୁ, ପୃଥିବୀରେ ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟୋପରାଗ ଘଟୁଥିବା ସମୟରେ ଆପଣ ଚନ୍ଦ୍ରରେ ଥିଲେ କ'ଣ ଦେଖିଥାଆନ୍ତେ ? ଚନ୍ଦ୍ରର ଗୋଟିଏ ପାର୍ଶ୍ୱ ସର୍ବଦା ପୃଥିବୀ ଆଡକୁ ମୁହଁ କରିଥାଏ। ଚନ୍ଦ୍ରରୁ ଗ୍ରହଣ/ପରାଗ ଦେଖିବାକୁ ଆମକୁ ସେହି ପୃଥିବୀ ଆଡକୁ ମୁହଁ କରିଥିବା ଅଞ୍ଚଳକୁ ଯିବାକୁ ପଡିବ। ପୃଥିବୀରେ ଚନ୍ଦ୍ର ଗ୍ରହଣ ଘଟୁଥିବା ସମୟରେ ଚନ୍ଦ୍ରରେ ସୂର୍ଯ୍ୟୋପରାଗ ଘଟୁଥିବ ଅର୍ଥାତ୍ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡୁଥିବ। ସେହିପରି ପୃଥିବୀରେ ସୂର୍ଯ୍ୟୋପରାଗ ଘଟୁଥିବା ବେଳେ ଚନ୍ଦ୍ରରେ ପୃଥିବୀ ଗ୍ରହଣ ହେଉଥିବ। ଅନୁମାନ କରନ୍ତୁ ସେଠିକାର ଦୃଶ୍ୟ କିପରି ଥିବ।

ପୃଥିବୀରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆମ ଆକାଶରେ ପ୍ରାୟ ସମାନ ଆକାରରେ ଦେଖାଯାଏ, ଯଦିଓ ସୂର୍ଯ୍ୟର ବ୍ୟାସାର୍ଦ୍ଧ ଚନ୍ଦ୍ରଠାରୁ ୪୦୦ ଗୁଣ ଅଧିକ। କିନ୍ତୁ, ଚନ୍ଦ୍ରରୁ ଦେଖିଲେ ପୃଥିବୀ ସୂର୍ଯ୍ୟଠାରୁ ବଡ଼ ଦେଖାଯାଏ। ଏହାର କାରଣ ହେଉଛି ପୃଥିବୀ ଚନ୍ଦ୍ରଠାରୁ ବଡ (ପୃଥିବୀର ବ୍ୟାସାର୍ଦ୍ଧ ୬,୩୭୮ କିଲୋମିଟର ; ଚନ୍ଦ୍ରର ବ୍ୟାସାର୍ଦ୍ଧ ୧,୭୩୭ କିଲୋମିଟର)। ଚନ୍ଦ୍ରରୁ ଦେଖିଲେ ପୃଥିବୀ ଆମ ଆକାଶରେ ଦେଖାଯାଉଥିବା ଚନ୍ଦ୍ରଠାରୁ ପ୍ରାୟ ଚାରି ଗୁଣ ବଡ଼ ଦେଖାଯାଏ। ତେଣୁ ଯଦି ଆପଣ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ର ପୃଷ୍ଠରେ ଥିବେ, ତେବେ ପୃଥିବୀ – ସୂର୍ଯ୍ୟକୁ ପୂରାପୂରି ଘୋଡାଇଦେବାର ଦେଖିବେ। ଚନ୍ଦ୍ର ଗ୍ରହଣ ସମୟରେ – ପୃଥିବୀ, ସୂର୍ଯ୍ୟ ଓ ଚନ୍ଦ୍ର ମଝିରେ ଥାଏ, ଯଦି ଆପଣ ସେତେବେଳେ ଚନ୍ଦ୍ର ପୃଷ୍ଠରେ ଠିଆ ହୋଇଥିବେ, ତେବେ ଆପଣଙ୍କ ପରିବେଶ ପୂରା ଲାଲ୍ ଆଲୋକରେ ଭରିଯିବ। ଏହାର କାରଣ କ'ଣ ?

ସୂର୍ଯ୍ୟ କିରଣ ପୃଥିବୀର ବାୟୁମଣ୍ଡଳ ଦେଇ ଯିବାବେଳେ ଏହାର ସମସ୍ତ ଅପେକ୍ଷାକୃତ କମ୍ 'ତରଙ୍ଗ ଦୈର୍ଘ୍ୟର ଆଲୋକ', ଇନ୍ଦ୍ରଧନୁର ପ୍ରଥମ ୫ଟି ରଙ୍ଗ ଯଥା ବାଇଗଣୀ, ଘନ ନୀଳ, ନୀଳ, ସବୁଜ, ହଳଦିଆ ଆଦି ରଙ୍ଗର ଆଲୋକ ଦୈର୍ଘ୍ୟର ଆଲୋକ' ଯେପରି ନାରଙ୍ଗି ଓ ଲାଲ ରଙ୍ଗ ପୂରା ବିଚ୍ଛୁରିତ ନ ହୋଇ ବାୟୁ ମଣ୍ଡଳ ଭିତରେ ଗତିକରି ଚନ୍ଦ୍ରରେ ପଡିଥାଏ ଫଳରେ ଚନ୍ଦ୍ରର ପରିବେଶ ଲାଲ୍ ରଙ୍ଗରେ ଚକମକ୍ ହୁଏ।

ସୂର୍ଯ୍ୟୋପରାଗ ସମୟରେ ଚନ୍ଦ୍ରରୁ ଦେଖିଲେ ପୃଥିବୀ ପଛରେ ସୂର୍ଯ୍ୟ ଧୀରେ ଧୀରେ ଅଦୃଶ୍ୟ ହେବାକୁ ଲାଗିବ। ସୂର୍ଯ୍ୟର ଉଜ୍ଜ୍ୱଳତା ଧୀରେ ଧୀରେ କମିଯାଇ ଲାଲ ହୋଇଯିବ। ସଂପୂର୍ଣ୍ଣ ପର୍ଯ୍ୟାୟରେ, ଏକ ଉଜ୍ଜ୍ୱଳଲାଲ ରଙ୍ଗର ବଳୟ ପୃଥିବୀର ପରିଧି ଚାରିପଟେ ଦେଖାଯିବ। ଏହି ଉଜ୍ଜ୍ୱଳ ଲାଲ ରଙ୍ଗଟି ପୃଥିବୀରେ ସୂର୍ଯ୍ୟ ଉଦୟ ଏବଂ ଅସ୍ତ ସମୟରେ ଦେଖାଯାଏ। ଏହା ଏକ ବିରଳ ଏବଂ ସୁନ୍ଦର ଦୃଶ୍ୟ, ଯାହା ପୂର୍ଣ୍ଣପରାଗ ସମୟରେ ଦେଖାଯିବ।

**ଏକ ଛୋଟ 'ପୃଥିବୀ ଗ୍ରହଣ'ଓ ଲମ୍ବା ସୂର୍ଯ୍ୟୋପରାଗ:** ପୃଥିବୀର ଗ୍ରହଣ ଅଧିକ ସମୟଧରି ଓ ପରାଗ କମ୍ ସମୟ ପାଇଁ ଦେଖାଯାଏ। ଚନ୍ଦ୍ର ଆକାଶରେ ପୃଥିବୀ ୪ ଗୁଣ ବଡ ଦେଖାଯାଏ, ତେଣୁ ସେଠି ସାଧାରଣତଃ ସୂର୍ଯ୍ୟୋ ପରାଗ ମାନେ ସୂର୍ଯ୍ୟ, ପୃଥିବୀ ପଛରେ ପ୍ରାୟ ପାଞ୍ଚ ଘଣ୍ଟା ସମୟ ଲୁଚିଯାଇଥାଏ, ଯାହା ପୃଥିବୀରୁ ଦେଖାଯାଉଥିବା ଚନ୍ଦ୍ର ଗ୍ରହଣ ପାଇଁ ପ୍ରାୟ ତିନି ଘଣ୍ଟା ଅଟେ। ସେହିପରି ଚନ୍ଦ୍ରରେ ଛୋଟ ପୃଥିବୀ ଗ୍ରହଣ ହୋଇଥାଏ। ଚନ୍ଦ୍ର ପୃଷ୍ଠରୁ ଦେଖାଯାଉଥିବା ଗ୍ରହଣ/ପରାଗ ବିଷୟରେ କଳ୍ପନା କରିବା ବହୁତ ମଜାଦାର, କୌଣସି ମଣିଷ ଏଯାଏଁ ତାକୁ ଦେଖିନାହାନ୍ତି, କିନ୍ତୁ ତାକୁ ଦିନେ ନା ଦିନେ କେହି ଜଣେ ଦେଖିବ ନିଶ୍ଚୟ !


–ଉପନିର୍ଦ୍ଦେଶକ,
*ପଠାଣି ସାମନ୍ତ ପ୍ଲାନେଟାରିୟମ,*
*ଆଚାର୍ଯ୍ୟବିହାର, ଭୁବନେଶ୍ୱର*
*ମୋ : ୯୪୩୭୦୦୩୨୮୨*

## ନୋବେଲ ପଦାର୍ଥ ବିଜ୍ଞାନୀ

## ବାପା–ପୁଅର ମେଳ ଭିତରେ ଅମେଳ

(ଶେଷ ଭାଗ)

ଜଣେ ଯୁବ ବିଚକ୍ଷଣ ଓ ବିଜ୍ଞ ଫ୍ରେଞ୍ଚ ବିଜ୍ଞାନୀ ଡି. ବ୍ରୋଗୋଲି ଗୋଟିଏ ଉପକଳ୍ପନା (ହାଇପୋଥେସିସ୍)ର ଅବତାରଣା କଲେ। ଏହି ଚାଞ୍ଚଲ୍ୟକର ପ୍ରକଳ୍ପ ଅନୁଯାୟୀ ଯେ କୌଣସି ବସ୍ତୁ ଗୋଟିଏ ଗୋଟିଏ ତରଙ୍ଗ। ସେଥିପାଇଁ ସେ ଏକ ଗାଣିତିକ ସୂତ୍ର ମଧ ରଖିଥିଲେ। ଏହି ସରଳ ଗାଣିତିକ ସମୀକରଣଟିରେ କଣିକା (ବସ୍ତୁତ୍ୱ) ଓ ତରଙ୍ଗ ଦୈର୍ଘ୍ୟ (ତରଙ୍ଗ)ର ପାରସ୍ପରିକ ଆତ୍ମୀୟତାର ପ୍ରତିଫଳନ। ଉଲ୍ଲେଖନୀୟ ଯେ, ଡି. ବ୍ରୋଗଲିଙ୍କ ସମୀକରଣଟି ତାତ୍ତ୍ୱିକ ଚିନ୍ତର ଏକ ସରଳ କମନୀୟ ପ୍ରତିଶ୍ରୁତି। ତେବେ ଏହାର ସତ୍ୟତା ପରୀକ୍ଷା ଦ୍ୱାରା ପରୀକ୍ଷାଗାରରେ ସିଦ୍ଧ ହେବା ଆବଶ୍ୟକ। ଏହାର ତିନି ବର୍ଷ ପରେ ଏହି ସମୀକରଣଭିତ୍ତିକ ପରୀକ୍ଷା ଡାଭିସନ, ଜର୍ମର ଓ ଜି.ପି. ଥମସନଙ୍କ ଦ୍ୱାରା କରାଗଲା। ଏହା ଜଣାଶୁଣା ଯେ ଆଲୋକ ଗୋଟିଏ ତରଙ୍ଗ ଏବଂ ବିକୀର୍ଣ୍ଣନ ତରଙ୍ଗମାନଙ୍କ ଏକ ଧର୍ମ। ଉପରୋକ୍ତ ପରୀକ୍ଷକମାନେ ଜାଣିବାକୁ ପାଇଲେ ଯେ ଇଲେକଟ୍ରୋନ୍ ଏକ କଣିକା ବା ବସ୍ତୁ ପର୍ଯ୍ୟାୟଭୁକ୍ତ ହୋଇଥିବା ବେଳେ ତରଙ୍ଗ ବୋଲି ଦାବି କରାଯାଉଥିବାରୁ ଏହାର ବିକୀର୍ଣ୍ଣନ ପରି ତରଙ୍ଗ ଗୁଣ ରହିବା ଉଚିତ। ଆନନ୍ଦର ବିଷୟ ଯେ ଉଭୟ ସ୍ୱତନ୍ତ୍ର ପୃଥକ ପରୀକ୍ଷଣ ପ୍ରମାଣ କଲା ଯେ ଇଲେକ୍‌ଟ୍ରୋନ୍‌ର ମଧ୍ୟ ଆଲୋକ ପରି ବିକୀର୍ଣ୍ଣନ ଶୃଙ୍ଖଳା (ଡିଫ୍ରାକ୍ସନ ପାଟର୍ନ) ଅଛି। ୧୯୩୭ରେ ଡେଭିସନ୍ ଓ ଜି.ପି. ଥମସନଙ୍କୁ ମିଳିତ ଭାବରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ଏବଂ ଯୋଗ୍ୟ ବ୍ୟକ୍ତିଦ୍ୱୟଙ୍କୁ ଯଥାର୍ଥ ସମ୍ମାନ। ତେବେ ଏମାନଙ୍କ ମଧ୍ୟରେ ଜଣେ ସହକର୍ମୀ ଜର୍ମରଙ୍କୁ ଏହି ଗୌରବକୁ ବଞ୍ଚିତ କରିବା ଘଟଣା ପାଇଁ ସେତେବେଳେ ନୋବେଲ କମିଟିକୁ ସମାଲୋଚକଙ୍କ ତୀବ୍ର ପ୍ରତିକ୍ରିୟାର ଶରବ୍ୟ ହେବାକୁ ପଡିଥିଲା। କୌତୂହଳର ବିଷୟ ଯେ ବାପା ଜେ.ଜେ ଥମସନଙ୍କୁ ଇଲେକ୍ଟ୍ରୋନ୍‌ର ବସ୍ତୁତ୍ୱ ବା କଣିକା ଗୁଣ ପାଇଁ ନୋବେଲ ସମ୍ମାନ ଦିଆଯାଇଥିବା ବେଳେ ପୁଅ ଜେ.ପି. ଥମସନଙ୍କୁ ତରଙ୍ଗ–ଗୁଣ ସକାଶେ ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା। ଉଲ୍ଲେଖନୀୟ ଯେ ବର୍ଷ ବର୍ଷ ଧରି ନିଉଟନ ଓ ହାଇଜନସଙ୍କ ମଧ୍ୟରେ ଏହି ୱେଭ ଓ ପାର୍ଟିକିଲ୍ ନେଇ ତୁମୁଳ ତର୍କ ବିତର୍କର ସୂତ୍ରପାତ ହୋଇଥିଲା। କିନ୍ତୁ ଏତାଦୃଶ ପ୍ରତ୍ୟେକ କ୍ଷେତ୍ରରେ ପ୍ରମାଣସିଦ୍ଧ ତଥ୍ୟ ହେଉଛି ଯେ, ଜଣଙ୍କଠାରେ ଉଭୟ ବସ୍ତୁ ଓ ତରଙ୍ଗ ଦିଗ ବିଦ୍ୟମାନ, ଅବଶ୍ୟ ଏଥିପାଇଁ ସର୍ତ୍ତ ହେଉଛି ଯେ ବସ୍ତୁଟି ଯେତେ ସୂକ୍ଷ୍ମ (କ୍ୱାଣ୍ଟମ୍) ହେବ ତା'ର ତରଙ୍ଗ ସେତେ ସ୍ପଷ୍ଟ ହେବ। ଏହି ପରିପ୍ରେକ୍ଷୀରେ ବ୍ରିଟିଶ ପଦାର୍ଥ ବିଜ୍ଞାନୀ ଆର୍ଥର ଷ୍ଟାନଲେ ଏଡିଙ୍ଗଟନ ଉକ୍ତ ଦ୍ୱୈତଭାବ (ଡୁଆଲିଟି) ବୁଝାଇବାକୁ ପଦ ଦୁଇଟିକୁ ମିଶାଇ ୧୯୨୮ରେ ଓ୍ୱେଭିକଲ୍ ଶବ୍ଦ ସୃଷ୍ଟି କଲେ। ସଂପ୍ରତି ଏହ ନାମକରଣ ଲୋକପ୍ରିୟ ହୋଇଗଲାଣି। ଏହି ଦୃଷ୍ଟିରୁ ଥମସନ ଯୋଡି (ବାପା–ଜେ.ଜେ. ଓ ପୁଅ ଜେ.ପି.)ଙ୍କୁ ଓ୍ୱେଭିକଲ ପିତା–ପୁତ୍ର କହିଲେ ଅବାନ୍ତର ମନେ ନ ହୋଇପାରେ।




**–ଡ. ନିଖିଳାନନ୍ଦ ପାଣିଗ୍ରାହୀ,**
*ବଡଖେମୁଣ୍ଡି ବଙ୍ଗଳା,*
*ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର*

## କାର୍ଯ୍ୟଦକ୍ଷତା ବଢ଼ାଏ କଥାବାର୍ତ୍ତା ଶୈଳୀ




କଥାବାର୍ତ୍ତା ଶୈଳୀ ଯଦି ମାର୍ଜିତ ଏବଂ ସରଳ ହୁଏ ତେବେ ତାହା କାର୍ଯ୍ୟଦକ୍ଷତା ବଢ଼ାଇବାରେ ସହାୟକ ହୋଇଥାଏ। 'କାର୍ଯ୍ୟଦକ୍ଷତା ଓ କଥାବାର୍ତ୍ତା ଶୈଳୀ' ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଏକଥା ଜଣାପଡିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କର କଥାବାର୍ତ୍ତା ଶୈଳୀ ସହ ସେମାନଙ୍କର କାର୍ଯ୍ୟଦକ୍ଷତାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା ପରେ ସେମାନେ ଏପରି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି।

## ଲାଳ ରୋକିବ ବ୍ୟାକ୍ଟେରିଆ

ଆମ ପାଟି ଭିତରେ ଥିବା ଲାଳ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହା ବ୍ୟାକ୍ଟେରିଆ ବଂଶବୃଦ୍ଧିକୁ ରୋକିବାରେ ସହାୟକ ହୋଇଥାଏ ବୋଲି ଜଣାପଡ଼ିଛି। ଲାଳର ଉପକାରୀ ଗୁଣ ବିଷୟରେ ଅଧିକ ଜାଣିବାକୁ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ କରିଥିବା ଗବେଷଣାରୁ ଏକଥା ଜଣାପଡ଼ିଛି। ଏହାସହ ଭଲ ଭାବରେ କୁଳି କରିବା ଦ୍ୱାରା ପାଟି ଭିତରେ ଥିବା ବ୍ୟାକ୍ଟେରିଆ ଏବଂ କେତେକ ଅପରିଷ୍କାର ତତ୍ତ୍ୱ ବାହାରି ଯାଇଥାଏ।

## ନକାରାତ୍ମକ ମାନସିକତା ଓ ମସ୍ତିଷ୍କର କାର୍ଯ୍ୟଧାରା



ବ୍ୟସ୍ତମୟ ଜୀବନରେ ନିଜ ମାନସିକତାକୁ ସକାରାତ୍ମକ ରଖିବା ହୁଏତ ଏତେଟା ସହଜ ନୁହେଁ। ହେଲେ ଅନ୍ୟପକ୍ଷରେ ତାହାକୁ ଅବହେଳା କରିବା ମଧ୍ୟ ଠିକ୍ ନୁହେଁ। ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନସର ବିଶେଷଜ୍ଞମାନେ ଏକ ରୋଚକ ତଥ୍ୟ ସମାନାକୁ ଆଣିଛନ୍ତି। ଏକ ସଦ୍ୟତମ ଗବେଷଣାରୁ ସେମାନେ ଜାଣିପାରିଛନ୍ତି ଯେ, ଯଦି ଜଣେ ବ୍ୟକ୍ତିଙ୍କର ମାନସିକତା ଅଧିକାଂଶ ସମୟ ନକାରାତ୍ମକ ରହେ ଏବଂ ତାହା ଦୀର୍ଘଦିନ ଧରି ଲାଗି ରହେ ତେବେ ଏହାଦ୍ୱାରା ତାଙ୍କର ମସ୍ତିଷ୍କ କାର୍ଯ୍ୟଧାରା ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଅବସାଦକୁ ନେଇ ଗବେଷଣା କରିବା ବେଳେ ସେମାନେ ଏ ସମ୍ପର୍କରେ ସୂଚନା ପାଇଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ନକାରାତ୍ମକ ମାନସିକତାର ସମ୍ମୁଖୀନ ହୁଅନ୍ତି, ତେବେ ତାହାର ପ୍ରଭାବ ମସ୍ତିଷ୍କ କାର୍ଯ୍ୟଧାରା ଉପରେ ପଡିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। କେତେକ ବ୍ୟକ୍ତିଙ୍କ ମାନସିକତାକୁ ନେଇ ଏ ସମ୍ପର୍କରେ ସର୍ଭେ ମଧ୍ୟ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ କେତେ ଜଣଙ୍କଠାରେ ଏପରି ମସ୍ତିଷ୍କଜନିତ ସମସ୍ୟା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହିବା ଦ୍ୱାରା ଶରୀରରେ କୋଷଗୁଡିକ ଦୁର୍ବଳ ହୋଇପଡନ୍ତି, ଯାହାଫଳରେ ମସ୍ତିଷ୍କର କାର୍ଯ୍ୟଧାରା ବାଧାପ୍ରାପ୍ତ ହୋଇଥାଏ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ପିପିଲି, (ସ୍ୱ.ପ୍ର.): ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରବିବାର ପିପିଲିର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗାଭ୍ୟାସ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଜାଗୃତି ସାଂସ୍କୃତିକ ଯୁବ ସଂଗଠନ ସଭାପତି ପ୍ରଭାତ ମହାପାତ୍ର ଓ ଯୋଗ ଗୁରୁ ବଂଶୀଧର ସାହୁଙ୍କ ନେତୃତ୍ୱରେ ଭୂଇଁଗୁଣ, ହସନପୁର ଓ ମଡ଼ିଆଲିସାହି ଗ୍ରାମରେ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସ୍ଥାନୀୟ ଲୋକେ ଯୋଗଦେଇ ସାମାଜିକ ଦୂରତ୍ୱ ବଜାୟ ରଖି ଯୋଗାଭ୍ୟାସ କରିଥିଲେ। ସଙ୍ଗଠନର ସଦସ୍ୟ ପ୍ରଦୀପ୍ତ ଘଡେଇ, ବାପୁ ବେହେରା, ସଞ୍ଜୀବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପିପିଲି ଟାଏକୋଣ୍ଡା ଏକାଡେମୀ ପକ୍ଷରୁ ସ୍ଥାନୀୟ ଜାଭିୟର ସ୍କୁଲ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି।

**ସଂକ୍ଷେପରେ**

### ଖାରବେଳଙ୍କୁ ବହିଷ୍କାର ଦାବି

**କଟକ ଅଫିସ,୨୧।୬:** ଚଳିତ ବର୍ଷ ରଥଯାତ୍ରା ବନ୍ଦ ପାଇଁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ପ୍ରସଙ୍ଗରେ ଭାଜପା ନେତା ଖାରବେଳ ସ୍ୱାଇଁ ଦେଇଥିବା ମନ୍ତବ୍ୟକୁ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମର ଜାତୀୟ ସଂଯୋଜକ ଆଡଭୋକେଟ ସବ୍ୟସାଚୀ ମହାପାତ୍ର ଓ କାର୍ଯ୍ୟାଳୟ ସମ୍ପାଦକ ଆଡଭୋକେଟ ସୁନୀଲ ବର୍ମା ମିଳିତ ବିବୃତ୍ତିରେ ନିନ୍ଦା କରିଛନ୍ତି। ରଥଯାତ୍ରା ନ ହେଲେ ଶ୍ରୀଜଗନ୍ନାଥ ମଧ ଆମକୁ କ୍ଷମା ଦେବେନାହିଁ ବୋଲି ପୁରୀ ଶଙ୍କରାଚାର୍ଯ୍ୟ କହିଛନ୍ତି। ଗଜପତି ମହାରାଜ ମଧ ଓଡ଼ିଶା ସରକାରଙ୍କୁ ପୁନର୍ବାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଖାରବେଳ ରଥଯାତ୍ରା ବନ୍ଦ ରଖିବା ପାଇଁ ଯୁକ୍ତି ବାଢ଼ିଛନ୍ତି। ରଥଯାତ୍ରା ହେଲେ ଭାରତର ଛବି ତଳକୁ ଖସିଯିବ ଓ ବିଶ୍ୱରେ ଭାରତ ଏକ ହିନ୍ଦୁବହୁଳ ରାଷ୍ଟ୍ର ଭାବେ ଚିତ୍ରିତ ହେବ ବୋଲି ସେ ଦେଇଥିବା ବକ୍ତବ୍ୟ ହିନ୍ଦୁ ବିରୋଧୀ ଓ ଅପରିପକ୍ୱତାର ପରିଚୟ। ତେଣୁ ଭାଜପା ତାଙ୍କୁ ଦଳରୁ ବହିଷ୍କାର କରୁ ବୋଲି ସେମାନେ ଦାବି ରଖିଛନ୍ତି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲିଅନ୍ତା,୨୧।୬(ଡି.ଏନ୍.ଏ.):** ପାହାଳ ଫାଣ୍ଡି ଅଧୀନ ଜଗନ୍ନାଥପୁର ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଗାୟତ୍ରୀ ଭଞ୍ଜ(୨୧)। ଏହି ଘଟଣାରେ ରବିବାର ପୋଲିସ ଅପମୃତ୍ୟୁ ମାମଲା(ନଂ.୧୮/୨୦)ରୁଜୁ କରିବା ସହ ତାଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନା ଅନୁଯାୟୀ, ପାରିବାରିକ କଳହକୁ କେନ୍ଦ୍ରକରି ଶନିବାର ଗାୟତ୍ରୀ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ,୨୧।୬:** ସୀମାରେ ଶହୀଦ ହୋଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଖାନ୍‌ନଗରସ୍ଥିତ ସ୍ୱର୍ଗଧାମରେ ଏକ ସ୍ମୃତିସଭା ଆୟୋଜିତ ହୋଇଛି। ଶହୀଦ ହୋଇଥିବା ୨୦ ଜଣ ଯବାନଙ୍କ ପାଇଁ ୨୦ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ସାମାଜିକ ଦୂରତ୍ୱ ବଜାୟ ରଖି ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଛି। ଦେଶର ସୁରକ୍ଷା ପାଇଁ ବଳିଦାନ ଦେଇ ଯବାନମାନେ ଏକ ସାହସିକତାର ଶିକ୍ଷା ଦେଇଥିବା ମତ ପ୍ରକାଶ ପାଇଛି। ସ୍ୱର୍ଗଧାମ ସେବା ସମିତିର ସଭାପତି ଶରତ ସାହୁ, ଉପସଭାପତି କ୍ଷେତ୍ରମୋହନ ସାହୁ, କୋଷାଧକ୍ଷ ରେଶ୍‌ମା ମହାରଣା, କୃଷ୍ଣଚନ୍ଦ୍ର ପଣ୍ଡା, ସରୋଜିନୀ ମିଶ୍ର ଉପସ୍ଥିତ ଥିଲେ।

# ବିଏମ୍‌ସି ଚିନ୍ତା ବଢ଼ାଇଛନ୍ତି ସଙ୍ଗରୋଧ ଅମାନିଆ

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

## ୭ ସୁସ୍ଥ, ଜଣେ ନୂଆ ପଜିଟିଭ୍

- ପୁଣି ବିଶୋଧନ ଓ ମାସ୍କ ଯାଞ୍ଚ ଜୋରଦାର
- ବିଶୋଧନ ହେଲା ଘରୋଇ ମେଡିକାଲ ୱାର୍ଡ
- କ୍ୱାରାଣ୍ଟାଇନ୍ ଗଲେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ

ସଙ୍ଗରୋଧରେ ଥିବା ଅମାନିଆଙ୍କ ପାଇଁ ଏବେ ରାଜଧାନୀ ଭୁବନେଶ୍ୱର ପୁଣି କରୋନା ହଟ୍‌ସ୍ପଟ୍‌ରେ ପରିଣତ ହେବାକୁ ଯାଉଛି। ସହରର ବସ୍ତି ଓ ଅନ୍ୟ କେତେକ ସ୍ଥାନରେ ସଙ୍ଗରୋଧରେ ଥିବା ଲୋକଙ୍କ ପାଇଁ ସ୍ଥାନୀୟ ଲୋକେ ସଂକ୍ରମଣର ଶିକାର ହେଉଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଚିନ୍ତା ବଢ଼ିଛି। ବିଗିଡି ଯାଉଥିବା ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବିଶୋଧନ ଓ ମାସ୍କ ଯାଞ୍ଚକୁ ପୁଣି ଜୋରଦାର କରାଯାଇଛି। ଏଥିସହ ସଚେତକ ଆର୍ମି ଦ୍ୱାରା ଘରକୁ ଘର ବୁଲି ଲୋକଙ୍କ ଥର୍ମାଲ ସ୍କ୍ରିନିଂ କରାଯାଉଛି। ଲକ୍ଷଣ ଦେଖାଦେଲେ ତୁରନ୍ତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଅନ୍ୟପକ୍ଷରେ ଶେଷ ୨୪ ଘଣ୍ଟା ମଧ୍ୟରେ ସହରରେ ଜଣେ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୭ଜଣ ସୁସ୍ଥ ହୋଇଥିବା ବିଏମ୍‌ସି ଟୁଇଟ୍ ଯୋଗେ ସୂଚନା ଦେଇଛି। ସୁସ୍ଥ ବ୍ୟକ୍ତିଙ୍କ ମଧ୍ୟରେ କଣ୍ଟେନମେଣ୍ଟ ଜୋନ୍‌ରେ ଥିବା ସୁବାସ ନଗର ବସ୍ତିର ପ୍ରଥମ ଆକ୍ରାନ୍ତ ରହିଛନ୍ତି। ସେ ଦିଲ୍ଲୀରୁ ଫେରିଥିଲେ। ନମୁନା ପଜିଟିଭ୍ ଆସିବାରୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ତାଙ୍କ ସହ ସୁସ୍ଥ ହୋଇଥିବା ସମସ୍ତଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। କେତେଜଣଙ୍କୁ ଘରେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇଥିବାବେଳେ ଅନ୍ୟମାନଙ୍କୁ ବିଏମ୍‌ସି ହୋଟେଲ ସଙ୍ଗରୋଧରେ ରଖିଛି। ସୁସ୍ଥ ହୋଇଥିବା ଅନ୍ୟ ଆକ୍ରାନ୍ତମାନେ ହେଲେ ପାତ୍ରପଡ଼ାର କ୍ରିଷ୍ଣା ବିହାରର ୪ବର୍ଷର ଶିଶୁପୁତ୍ର, ନ୍ୟୁ ଫରେଷ୍ଟ ପାର୍କର ୨୯ ବର୍ଷୀୟ ପୁରୁଷ, ୟୁନିଟ୍-୫ର ୪୭ ବର୍ଷୀୟ ପୁରୁଷ, ପାତ୍ରପଡ଼ାର ଦୁଇ ମହିଳା ଓ ଏମ୍‌ସର ଜଣେ ଡାକ୍ତରୀ ଛାତ୍ରୀ ଅଛନ୍ତି।

ସେପଟେ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛନ୍ତି ନୂଆ ଚିହ୍ନଟ ହୋଇଥିବା ଜଣେ ୭୩ ବର୍ଷର କରୋନା ରୋଗୀ। ଚନ୍ଦ୍ରଶେଖରପୁର ନୀଳାଦ୍ରିବିହାରର ଉକ୍ତ ବୃଦ୍ଧଜଣକ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ତାଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଛି। ସେ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଛନ୍ତି। ଉକ୍ତ ହସ୍ପିଟାଲରେ ତାଙ୍କ ଚିକିତ୍ସାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀ ଓ ଡାକ୍ତରଙ୍କୁ ସଙ୍ଗରୋଧରେ ରହିବାକୁ ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ଏହାସହିତ ସେ ଚିକିତ୍ସାଧୀନ ୱାର୍ଡକୁ ସିଲ୍ କରାଯାଇ ବିଶୋଧନ କରିଥିବା ଜଣାପଡ଼ିଛି। ତେବେ ରବିବାର ସୁଦ୍ଧା ବିଏମ୍‌ସି ଅଞ୍ଚଳରେ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୯୩ରେ ପହଞ୍ଚିଥିବାବେଳେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୮୫କୁ ବୃଦ୍ଧି ପାଇଛି। ୮୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

# ଅସ୍ତ୍ରଶସ୍ତ୍ର ସହ ଅଭିଯୁକ୍ତଙ୍କ ଫଟୋ ଭାଇରାଲ

ଭୁବନେଶ୍ୱର, ୨୧।୬ (ବ୍ୟୁରୋ)




- ଫାଳିକିଆ ବସ୍ତିରେ ପୁଣି ଆତଙ୍କ ଖେଳାଇଲେ କେ.କ୍ରିଷ୍ଣା ରାଓ ଗ୍ୟାଙ୍ଗ୍
- ମାମଲା ଉଠାଇବାକୁ ଖଣ୍ଡା ଦେଖାଇ ଧମକ

କ୍ୟାପିଟାଲ ଥାନା ଅନ୍ତର୍ଗତ ଅଶୋକ ନଗର ଫାଳିକିଆ ବସ୍ତିରେ ପୁଣି ଆତଙ୍କ ଖେଳାଉଛନ୍ତି କେ.କ୍ରିଷ୍ଣା ରାଓ ଗ୍ୟାଙ୍ଗ୍। ଗ୍ୟାଙ୍ଗ୍ ମୁଖ୍ୟ କ୍ରିଷ୍ଣାଙ୍କ ସମେତ କେତେଜଣ ସହଯୋଗୀ ବାରମ୍ବାର ଜେଲ୍ ଯାଉଥିଲେ ମଧ୍ୟ ବାହାରିବା ପରେ ଅପରାଧ ଘଟାଉଥିବାରୁ ପୋଲିସର ଚିନ୍ତା ବଢ଼ିଛି। ଏବେ ଖଣ୍ଡା, ଭୁଜାଲି, କଟୁରି ଆଦି ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ କ୍ରିଷ୍ଣାଙ୍କ ସୋସିଆଲ ମିଡିଆ ପୋଷ୍ଟ ଭାଇରାଲ ହୋଇଛି। କ୍ରିଷ୍ଣା ନିଜ ଫେସ୍‌ବୁକ୍ ପୋଷ୍ଟରେ ନିଜକୁ 'ଏବେ ବି ଟାଇଗର ଜିନ୍ଦା ହେ' ଲେଖିଥିଲେ। ପରେ ତାହାକୁ ଡିଲିଟ୍ କରିଦେଇଥିଲେ ମଧ୍ୟ ତାହାକୁ କେହି ସେୟାର କରିବା ପରେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଏହାକୁ ନେଇ ତାଙ୍କ ବିରୋଧରେ ମୁହଁ ଖୋଲୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଅନ୍ୟପକ୍ଷରେ ଚୋରା ମଦ କାରବାରକୁ ଉକ୍ତ ବସ୍ତିର ସୀମା ସେଠୀ ବିରୋଧ କରୁଥିବାରୁ ଗ୍ୟାଙ୍ଗ୍ ସଦସ୍ୟମାନେ ଘରେ ପଶି ତାଙ୍କ ସହ ପରିବାର ଲୋକଙ୍କୁ ଆକ୍ରମଣ କରୁଛନ୍ତି। ପୂର୍ବରୁ କ୍ରିଷ୍ଣା ରାଓ ତାଙ୍କ ଅଟୋକୁ ପୋଡି ଦେବାସହ ଘରେ ନିଆଁ ଲଗାଇ ଦେଇଥିଲେ। ନିକଟରେ ଘରେ ପଶି ଭଙ୍ଗାରୁଜା କରିବା ସହ ସୀମାଙ୍କୁ ହାଣି ଦେଇଥିଲେ। ଏନେଇ କ୍ରିଷ୍ଣା ଓ ସହଯୋଗୀଙ୍କ ନାମରେ ୭ରୁ ଉର୍ଦ୍ଧ୍ୱ ମାମଲା କ୍ୟାପିଟାଲ ଥାନାରେ ରହିଛି। ତେଣୁ ମାମଲା ଉଠାଇବାକୁ ଧମକ ଦେଇ ସେମାନେ ସୀମାଙ୍କୁ ଆକ୍ରମଣ କରୁଛନ୍ତି। ୩ଦିନ ତଳେ କ୍ରିଷ୍ଣାଙ୍କ ସହଯୋଗୀ ସୀମାଙ୍କ ଗ୍ରୋସରୀ ଦୋକାନରେ ରାତି ଅଧରେ ପଶି ଚୋରି କରିବା ସହ ସ୍କୁଟି ଚୋରିକରି ନେଇଥିଲେ। ଏନେଇ ସୀମା ପୁଣି ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ କ୍ରିଷ୍ଣାର ସହଯୋଗୀମାନେ ଖଣ୍ଡା ଦେଖାଇ ମାମଲା ଉଠାଇବାକୁ ସୀମାଙ୍କୁ ଧମକ ଦେଇଥିଲେ। ପରେ ମାଡ଼ମାରି ପଳାଇଥିଲେ। ପୋଲିସ ପହଞ୍ଚିବାବେଳକୁ ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି ଯେ, ଭାଇରାଲ ହୋଇଥିବା ଫଟୋ ପୁରୁଣା। ଏହାକୁ ଦେଖିବା ପରେ ମୁଁ ତାଙ୍କୁ ଗିରଫ କରିଥିଲି। ହେଲେ ସେ ଜେଲ୍‌ରୁ ଫେରି ପୁଣି ଆସି ଆତଙ୍କ କରୁଛି। ତାଙ୍କୁ ଗିରଫ କରିବା ପାଇଁ ଚଢାଉ ଚାଲିଥିବା ସେ କହିଛନ୍ତି।



କଟକ ଖାତବିନ୍‌ସାହିରେ ପିଲାମାନେ ନିଜ ଘରେ ଯୋଗାଭ୍ୟାସ କରୁଛନ୍ତି।

# ଶରୀରକୁ ସୁସ୍ଥ ରଖିବାର ମାଧ୍ୟମ ଯୋଗ

ପୁରୀ/କଟକ ଅଫିସ,୨୧।୬

ସମୁଦ୍ର କୂଳରେ ଯୋଗ ନିକେତନ, ପୁରୀ ପରିଚାଳନାରେ ପୁରୀ ଜିଲା ଯୋଗ ଆସୋସିଏଶନ ଓ ଲିଙ୍ଗରାଜ ଯୋଗ ସଙ୍ଗୀତ ସଂସ୍କୃତି ମହାବିଦ୍ୟାଳୟ ମିଳିତ ସହଯୋଗରେ ରବିବାର ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କରୋନା କଟକଣା ନିୟମ ମାନି ଯୋଗ ସାଧନା ଓ ଯୋଗ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଏହାକୁ ଯୋଗ ନିକେତନ ଅଧ୍ୟକ୍ଷ ଯୋଗବିଦ୍ୟା ବାଚସ୍ପତି ଡ. ରମାକାନ୍ତ କର ଉଦ୍‌ଘାଟନ କରି ଶରୀରକୁ ପ୍ରାକୃତିକ ଉପାୟରେ ରକ୍ଷା କରିବାର ଏକମାତ୍ର ମାଧ୍ୟମ ଯୋଗ ବୋଲି କହିଥିଲେ। ଯୋଗରତ୍ନ ଲୋକନାଥ ପାଣିଗ୍ରାହୀଙ୍କ ପରିଚାଳନାରେ ମଧୁସ୍ମିତା ଆଢ୍ୟ, ମୀରା ମହାନ୍ତି, ସସ୍ମିତା କର, କାଞ୍ଚନ ଶୁକ୍ଳା ଓ ନିବେଦିତା କୁଣ୍ଡୁ ଆକର୍ଷଣୀୟ ଯୋଗାସନ, ପ୍ରାଣାୟାମ, ମୁଦ୍ରାଦି ପ୍ରଦର୍ଶନ କରିଥିଲେ। ଶ୍ରଦ୍ଧାଞ୍ଜଳି ଦୁବେ ଓ ମନସ୍ୱିନୀ ରଥ ଯୋଗ ନୃତ୍ୟ, ଗଣେଶ୍ୱର ପ୍ରହରାଜ ଓ ପ୍ରକାଶ ମିଶ୍ର ଶରୀରତତ୍ତ୍ୱ ସମ୍ବଳିତ ଯୋଗ ସଙ୍ଗୀତ ପରିବେଷଣ କରିଥିଲେ।

ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅନ୍‌ଲାଇନ୍ ମାଧ୍ୟମରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଡ. ସିଦ୍ଧାର୍ଥ ସାହୁ କରୋନାରୁ ରକ୍ଷା ପାଇବା ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଦିଗରେ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତେ ଭୋଗୀ କିମ୍ବା ରୋଗୀ ନ ହୋଇ ଯୋଗୀ ହେବାକୁ ସେ ପରାମର୍ଶ ଦେଇଥିଲେ। ରବିବାର ଶଟ୍‌ଡାଉନ୍ ଥିବାରୁ ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀଛାତ୍ର ନିଜ ଘରେ ରହି ଗୁଗଲ ମିଟ୍ ଆପ୍ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଡ. ଦିଲୀପ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜିକା ଡ. ପ୍ରଶାନ୍ତ ମହାନ୍ତି, ଏନ୍‌ସିସି ଅଫିସର ଡ. ଜ୍ଞାନେଶ୍ୱର ରଥ, ଆତ୍ମ ସୁରକ୍ଷା ସେଲର ସଂଯୋଜିକା ଅଧ୍ୟାପିକା ସ୍ୱାତୀ ଦାସ ସାମିଲ ଥିଲେ।

## ରାଜ୍ୟ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସର ଯୋଗ ପ୍ରତିଯୋଗିତା

ଭୁବନେଶ୍ୱର, ୨୧।୬(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସ ତରଫରୁ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରୋଭର, ରେଞ୍ଜର, ସ୍କାଉଟ ଓ ଗାଇଡ୍‌ମାନଙ୍କୁ ନେଇ ଅନ୍‌ଲାଇନ୍‌ରେ ଏହି ପ୍ରତିଯୋଗିତା କରାଯାଇଥିଲା। ଏହାକୁ ଭାରତ ସ୍କାଉଟ୍‌ସ ଆଣ୍ଡ୍ ଗାଇଡ୍‌ସର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମବଙ୍ଗସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ସାଙ୍ଗଠନିକ କମିଶନର ବବୁଲ୍ଲୁ ଗୋସ୍ୱାମୀ ଯୋଗଦେଇ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଅବିନାଶ ଗଡ଼ନାୟକ ପରିଚାଳନା କରିଥିଲେ। ପୁରୀର ଯୋଗ ଗୁରୁ ତଥା ଗାଇଡ୍ କ୍ୟାପଟେନ ସସ୍ମିତା ରାଉତରାୟ ମୂଲ୍ୟାଙ୍କନ କରିଥିବାବେଳେ ସଂସ୍ଥାର ରାଜ୍ୟ ସାଙ୍ଗଠନିକ କମିଶନର ଅନାମିକା ଦାଶ ଧନ୍ୟବାଦ ଦେଇଥିଲେ।



ରବିବାର ଶଟ୍‌ଡାଉନ୍ ପାଇଁ ଭୁବନେଶ୍ୱର ଜନପଥ ଶୂନ୍‌ଶାନ୍।

# ଲକ୍‌ଡାଉନ୍ ବେଳେ ପ୍ରାଣୀସେବାରେ ଆଭାସ

କଟକ ଅଫିସ,୨୧।୬



ଲକ୍‌ଡାଉନ୍ ସମୟରେ ଦୋକାନ ବଜାର ଓ ହୋଟେଲ ବନ୍ଦ ରହିବା ପରେ ବୁଲା ଗାଈଗୋରୁ ଓ ଅନ୍ୟ ପ୍ରାଣୀମାନେ ଖାଦ୍ୟ ପାଉନାହାନ୍ତି। ସେଭଳି ସମୟରେ ସେମାନଙ୍କୁ ଆହାର ଯୋଗାଉଛନ୍ତି କଟକ ମହାନଦୀ ବିହାର ଅଞ୍ଚଳର ଆଭାସ ମହାନ୍ତି। ଲକ୍‌ଡାଉନ୍ ଆରମ୍ଭରୁ ଏବେଯାଏ ନିଜ ରୋଜଗାରର କିଛି ଅଂଶରୁ ସେ ଗାଈଗୋରୁଙ୍କୁ ଖାଦ୍ୟ ଦେବା ପାଇଁ ଖର୍ଚ୍ଚ କରୁଛନ୍ତି। ପ୍ରଥମେ ସେ ପ୍ରଶାସନଠାରୁ ଅନୁମତି ଆଣି ପ୍ରତ୍ୟେକ ଦିନ ୧୦୦ ବୁଲା ଗାଈଗୋରୁ, ଷଣ୍ଢ ଓ କୁକୁରଙ୍କୁ ରନ୍ଧାଖାଦ୍ୟ, ଚୋକଡ଼, ବିସ୍କୁଟ ଖୁଆଉଥିଲେ। ମହାନଦୀ ବିହାର, କାଳିଆବୋଦା, ଶିଖରପୁର, ପୋତାପୋଖରୀ, ମଧୁପାଟଣା ଅଞ୍ଚଳରେ ତାଙ୍କର ସବୁ ରାତିରେ ଏହି ଅଭିଯାନ ଚାଲିଛି। ଆଭାସଙ୍କୁ ଏହି କାର୍ଯ୍ୟରେ କଟକର ସିଲଭର ସିଟି କଟକ ଗ୍ରୁପ, ଶିବଶକ୍ତି ଗୋ ସେବା ସଂଘ ଆଦି ବହୁ ସାମାଜିକ ଅନୁଷ୍ଠାନ ସହଯୋଗ କରୁଛନ୍ତି। ଆଭାସ ବୃତ୍ତିରେ ଜଣେ ଶିକ୍ଷକ। ଜୀବଜନ୍ତୁଙ୍କ ପ୍ରତି ତାଙ୍କର ଅନେକ ସ୍ନେହ ଓ ଆକର୍ଷଣ ରହିଥିବା ସେ କହିଛନ୍ତି।

# ମନ ଜିଣୁଛି ସାବୁନର କଳାକୃତି

- ସତ୍ୟବ୍ରତଙ୍କ ନିଆରା କାରିଗରି
- ନିଖୁଣତା ବଖାଣୁଛି ପ୍ରତିଭା
- ଅଭାବ ଅନଟନ ସାଜିନି ବାଧକ

ଖୋର୍ଦ୍ଧା ଅଫିସ,୨୧।୬



ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସାବୁନରେ ଅତି ସୁନ୍ଦର କାରୁକାର୍ଯ୍ୟ କରାଯାଇପାରେ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଖୋର୍ଦ୍ଧା ଜିଲା ବାଘମାରୀ ଅଞ୍ଚଳର ସତ୍ୟବ୍ରତ ସେଠୀ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି କଳା ପ୍ରତି ଥିବା ଆଗ୍ରହ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ସତ୍ୟବ୍ରତ ସାବୁନରେ ଗଣେଶ, ସରସ୍ୱତୀ, ଶ୍ରୀକୃଷ୍ଣ, ରାଧା, ଶିବପାର୍ବତୀ, ବୁଦ୍ଧ, ପଶୁପକ୍ଷୀ ଆଦି କଳାକୃତିକୁ ଜୀବନ୍ତ ରୂପ ଦେଇଛନ୍ତି। ତାଙ୍କର ଏହି କଳାକୃତି ପ୍ରଶଂସନୀୟ ହେବା ସହ ଲୋକଙ୍କ ମନ ଜିଣିପାରିଛି।

ସତ୍ୟବ୍ରତଙ୍କ କହିବା ଅନୁଯାୟୀ, ପିଲାବେଳୁ କଳା ପ୍ରତି ତାଙ୍କର ଆଗ୍ରହ ରହିଥିଲା। ତେବେ ଆର୍ଥିକ ଅନଟନ କାରଣରୁ ସେ ଉଚ୍ଚଶିକ୍ଷା ଲାଭ କରିପାରି ନ ଥିଲି। ଗତ ୧୦ବର୍ଷ ପୂର୍ବେ ପ୍ରସ୍ତର ଶିଳ୍ପୀ ଗୁରୁ କଳ୍ପତରୁ ପଣ୍ଡାଙ୍କ ନିକଟରେ ପଥର କାରୁକାର୍ଯ୍ୟ ନିର୍ମାଣ କାର୍ଯ୍ୟ ଶିକ୍ଷା ଆରମ୍ଭ କରିଥିଲି। ତାଙ୍କ ଆଶୀର୍ବାଦ ଓ ପ୍ରେରଣାରୁ ପଥରରେ କିପରି ନିଖୁଣ କାରୁକାର୍ଯ୍ୟ କରାଯିବ ସେ ନେଇ ଶିକ୍ଷା ଗ୍ରହଣ କରିଛି। ଏହି ସମୟରେ ଘରେ ଏକ ସାବୁନରେ ପ୍ରଥମେ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରିଥିଲି। ପ୍ରଥମେ ଏହାକୁ ସମ୍ପୂର୍ଣ୍ଣ ରୂପ ଦେବା ଲାଗି ତିନି ଦିନ ଲାଗିଥିଲା। ସେଦିନର ପ୍ରଥମ କଳାକୃତି ମୋ ଜୀବନର ଗତିପଥ ବଦଳାଇ ଦେଇଥିଲା। ପଥର କାରୁକାର୍ଯ୍ୟ ସହ ସାବୁନରେ ଗୋଟିଏ ପରେ ଗୋଟିଏ କଳାକୃତି ପ୍ରସ୍ତୁତ କରିଥିଲି। ଏହା ପରେ ଲୋକଙ୍କ ଦ୍ୱାରା ଜନାଦୃତ ହେବା ପରେ ମୋର ଆଗ୍ରହ ବଢ଼ିଥିଲା। ଏବେ ଗୋଟିଏ ପ୍ରତିମୂର୍ତ୍ତି ପ୍ରସ୍ତୁତ ଲାଗି ପ୍ରାୟ ଦୁଇରୁ ତିନି ଘଣ୍ଟା ସମୟ ଲାଗୁଛି। ଏହି ପ୍ରତିମୂର୍ତ୍ତିର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଗୋଟିଏ ପ୍ରତିମୂର୍ତ୍ତି ପ୍ରସ୍ତୁତ ଲାଗି ନିଖୁଣ କାରୁକାର୍ଯ୍ୟ କରିବାକୁ ପଡ଼ିଥାଏ। ସେହି ତୁଳନାରେ ପାରିଶ୍ରମିକ ଠିକ୍‌ରେ ମିଳେ ନାହିଁ। ଆଧୁନିକ ସମୟରେ ଏହି କଳା ବେଶ୍ ଆଦୃତ ହୋଇ ନ ଥିବାରୁ ଏହାକୁ ଅଧିକ ମୂଲ୍ୟରେ ଲୋକେ କିଣିବାକୁ ନାପସନ୍ଦ କରୁଛନ୍ତି। ଫଳରେ ଲୋକଙ୍କ ନିକଟରେ ପହଞ୍ଚିବା ଉଦ୍ଦେଶ୍ୟରେ ପ୍ରତିମୂର୍ତ୍ତି ବିକ୍ରି କରିବାକୁ ପଡ଼ିଥାଏ। କଳାକୃତି ଲାଗି ସୁପ୍ରିୟା ଓ ଲାଇଫବୟ ସାବୁନର ବ୍ୟବହାର କରିଥାଏ। ସେଥିରେ ଏକ ସୂକ୍ଷ୍ମ ନିହଣ ସାହାଯ୍ୟରେ ରୂପ ଦେଇଥାଏ। ବର୍ତ୍ତମାନ ସୁଦ୍ଧା ଦୁଇ ଶହରୁ ଉର୍ଦ୍ଧ୍ୱ ସାବୁନରେ ବିଭିନ୍ନ କଳାକୃତି ନିର୍ମାଣ କରିଛି। ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିଲେ ଏହା ଜନାଦୃତ ହୋଇପାରିବ ବୋଲି ସତ୍ୟବ୍ରତ କହିଛନ୍ତି।

## ଫଟୋରେ ଖବର



ପୁରୀ: ଦାରୁଦିଅଁଙ୍କ ପାଇଁ ଚିତା ପ୍ରସ୍ତୁତ କରୁଛନ୍ତି ବଣିଆ ସେବାୟତ।



ଶ୍ରୀମନ୍ଦିରକୁ ଅଧର ହାଣ୍ଡି ନିଆଯାଉଛି।



କଟକଣା ଯୋଗୁ ଭକ୍ତମାନେ ଶ୍ରୀମନ୍ଦିରକୁ ଯାଇ ନ ପାରି ବଡ଼ଦାଣ୍ଡରୁ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରୁଛନ୍ତି।

## ଗୋଟିଏ ପରିବାରର ୩ ପଜିଟିଭ୍

**ରଘୁନାଥପୁର(ଡି.ଏନ.ଏ.):** ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ତାରପୁର ପଞ୍ଚାୟତ ଗୋକୁଳପୁର ଟିଏମସିରେ ଥିବା ଗୋଟିଏ ପରିବାରର ୭ ଜଣଙ୍କ ମଧ୍ୟରୁ ୩ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଉକ୍ତ ପରିବାରର ୬ଜଣ ମହାରାଷ୍ଟ୍ର ଏବଂ ଜଣେ ଅନ୍ୟ ରାଜ୍ୟରୁ ଆସି ସଙ୍ଗରୋଧରେ ଥିଲେ। ଦୁଇଦିନ ତଳେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିଲା। ଶନିବାର ପରିବାରର ଶାଶୁ, ବୋହୂ ଓ ଦିଅରଙ୍କ ଟେଷ୍ଟ ରିପୋର୍ଟ ପଜିଟିଭ ଆସିଥିଲା। କୋଭିଡ ଇନଚାର୍ଜ ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ କୋଭିଡ ହସ୍ପିଟାଲ ପଠାଯାଇଛି। କରୋନାକୁ ନେଇ ଭୟଭୀତ ନ ହେବା ପାଇଁ ସରପଞ୍ଚ ସରୋଜ କୁମାର ଦାସ ପଞ୍ଚାୟତବାସୀଙ୍କୁ ନିବେଦନ କରିଛନ୍ତି।

# ଗୁଣିଆ ସନ୍ଦେହରେ ଦମ୍ପତିଙ୍କୁ ଆକ୍ରମଣ

**ନୟାଗଡ଼ ଅଫିସ/ ରଣପୁର,୨୧।୬(ସ୍ୱ.ପ୍ର.)**

- ଫୁଟୁଥିବା ପାଣିରେ ହାତ ବୁଡ଼ାଇ ରଖିଲେ
- ସ୍ତ୍ରୀଙ୍କୁ ଗାଁ ଦାଣ୍ଡରେ ଅର୍ଦ୍ଧନଗ୍ନ କରି ପିଟିଲେ

ଗୁଣିଆ ସନ୍ଦେହରେ ଦମ୍ପତିଙ୍କୁ ଆକ୍ରମଣ। ନୟାଗଡ଼ ଜିଲା ରଣପୁର ଥାନା ଭାଲିଆମଳେଇ ଗାଁରେ ଶନିବାର ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଜଣେ ଯୁବକ (୪୦) ଓ ତାଙ୍କ ସ୍ତ୍ରୀଙ୍କୁ କେତେଜଣ ଗ୍ରାମବାସୀ ହାତବାନ୍ଧି ଘରୁ ନେଇ ଗାଁଠାକୁରାଣୀ ମନ୍ଦିର ନିକଟରେ କଙ୍ଗାରୁ କୋର୍ଟ କରି ମାରପିଟ କରିଛନ୍ତି। ଏପରି କି ଚୁଲିରେ ବସିଥିବା ଗରମ ପାଣି ହଣ୍ଡାରେ ତାଙ୍କ ହାତ ବୁଡ଼ାଇ ଦେଇଥିଲେ। ସ୍ତ୍ରୀ ବିରୋଧ କରିବାରୁ ତାଙ୍କୁ ଗାଁଦାଣ୍ଡରେ ଅର୍ଦ୍ଧ ନଗ୍ନ କରି ଗୋଡ଼ାଇଗୋଡ଼ାଇ ପିଟିଥିଲେ। ଏତିକିରେ ନିର୍ଯାତନା ସରି ନ ଥିଲା। ଅଧିକ ନିର୍ଯାତନା ଓ ଅର୍ଥ ଦଣ୍ଡରେ ଦଣ୍ଡିତ କରିବାକୁ ପ୍ରସ୍ତୁତ ହେଉଥିଲେ। ହେଲେ ଯୁବକଙ୍କ ଅବସ୍ଥା ଗୁରୁତର ଦେଖି ସେମାନେ ଗାଁ ଲୋକଙ୍କୁ ଭୁଲ ମାଗି ନୀରବତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ନ ହେଲେ ପରିସ୍ଥିତି ଭଲ ହେବ ନାହିଁ କହି ଚାଲି ଯାଇଥିଲେ। ଏହାପରେ ପରିବାର ଲୋକ ଯୁବକଙ୍କୁ ଉଦ୍ଧାର କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରୁ ଫେରି ସେ ରଣପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୪୨, ୩୨୩, ୩୨୪, ୩୫୪, ୨୯୪, ୫୦୬, ୩୪ ଅନୁସାରେ ମାମଲା (ନଂ-୧୬୫/୨୦) ରୁଜୁ କରିବା ସହ



ଫୋଟକା ହୋଇଥିବା ହାତ।

୧୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମହାଦେବ ପ୍ରଧାନ(୩୫), ନାଲୁ ନାୟକ (୩୫), ମାନସ ଦିହୁଡ଼ି(୪୫), ମଧୁ ନାୟକ(୫୫), ପବିତ୍ର ନାୟକ(୬୨), ବ୍ରଜ ଦିହୁଡ଼ି(୫୦), ରାଜ ଦିହୁଡ଼ି(୪୮), ଗୋକୁଳ ଦିହୁଡ଼ି(୬୨), ବିରଞ୍ଚି ଦିହୁଡ଼ି(୪୦), ପୂର୍ଣ୍ଣ ନାୟକ(୩୦), କାଳିଆ ଦୁହୁଡ଼ି(୨୫), ମହେଶ୍ୱର ପ୍ରଧାନ(୬୦) ଓ ଦୀନବନ୍ଧୁ ଦିହୁଡ଼ି। ତେବେ ଗିରଫଦାରି ଭୟରେ ଭାଲିଆମଳେଇ ଗାଁ ଜନଶୂନ୍ୟ ହୋଇ ପଡ଼ିଛି।

ଯୁବକଙ୍କ ଅଭିଯୋଗ ଅନୁସାରେ, ଶନିବାର ସନ୍ଧ୍ୟାରେ ଗାଁର ବନି ନାୟକଙ୍କୁ ଚଣ୍ଡୀ ଲାଗିଛି ବୋଲି ପ୍ରଚାର ହୋଇଥିଲା। ତେଣୁ ଗାଁ ଠାକୁରାଣୀଙ୍କ ପୀଠରେ କଙ୍ଗାରୁ କୋର୍ଟ ବସିଥିଲା। ଯୁବକ ଗୁଣି ଗାରେଡ଼ି କରି ବନିଙ୍କୁ ଚଣ୍ଡୀ ଲଗାଇଥିବା ଗ୍ରାମବାସୀ କହିଥିଲେ। ତେଣୁ ୭ରୁ ୮ଜଣ ଲୋକ ଯୁବକଙ୍କ ଘରକୁ ଆସି ଗାଁରେ ଗୁଣି ଗାରେଡ଼ି କରୁଛ କହି ଗାଳିଗୁଲଜ କରିଥିଲେ। ଏପରି କି ବନିଙ୍କୁ କାହିଁକି ଚଣ୍ଡୀ ଲଗାଇଛ କହି ଯୁବକ ଏବଂ ତାଙ୍କ ସ୍ତ୍ରୀଙ୍କୁ ନେଇ ଗାଁ ଠାକୁରାଣୀ ନିକଟରେ ଚାଲିଥିବା କଙ୍ଗାରୁକୋର୍ଟରେ ଗାଳି ଗୁଲଜ କରିବା ସହ ଉପରୋକ୍ତ କାଣ୍ଡ ଘଟାଇଥିଲେ।

## ସଂକ୍ଷେପରେ

### ଯାଜପୁରରେ ଆଉ ୨୧ ଆକ୍ରାନ୍ତ ଚିହ୍ନଟ

**ଯାଜପୁର ଅଫିସ,୨୧।୬:** ଯାଜପୁର ଜିଲାର ବରୀ, ଦଶରଥପୁର ଓ ଧର୍ମଶାଳା ବ୍ଲକରେ ରବିବାର ଆଉ ୨୧ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୮୧ରେ

**୪ ଜଣ ସ୍ଥାନୀୟ ଲୋକ**

ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବରୀ ବ୍ଲକର ସର୍ବାଧିକ ୯ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣ ସ୍ଥାନୀୟ ଲୋକ(ଯେଉଁମାନଙ୍କର ଟ୍ରାଭେଲ ହିଷ୍ଟ୍ରି ନାହିଁ) ବୋଲି ସୂଚନା ମିଳିଛି, ଯାହାକି ଜିଲା ପାଇଁ ଚିନ୍ତାର ବିଷୟ ହୋଇଛି। ଆଗାମୀ ଦିନରେ ଅଧିକ ସଚେତନ ନ ରହିଲେ ଗୋଷ୍ଠୀ ସଂକ୍ରମଣ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଜଣେ ଲେଖାଏ ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ହରିୟାଣା ଫେରନ୍ତା ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସୂଚନା ଦେଇଛନ୍ତି। ଦଶରଥପୁର ବ୍ଲକର ୭ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୫ଜଣ ଦିଲ୍ଲୀ ଫେରନ୍ତା ଏବଂ ଜଣେ ଲେଖାଏ ତାମିଲ୍‌ନାଡୁ ଓ ମହାରାଷ୍ଟ୍ର ଫେରନ୍ତା ବୋଲି ସୂଚନା ମିଳିଛି। ଧର୍ମଶାଳା ବ୍ଲକର ୫ ଆକ୍ରାନ୍ତଙ୍କ ମଧ୍ୟରୁ ରାଜସ୍ଥାନରୁ ୨, ଉତ୍ତରପ୍ରଦେଶ, କତାର ଓ ଦୁବାଇରୁ ଜଣେ ଲେଖାଏ ଫେରନ୍ତା ଥିବା ସୂଚନା ଦିଆଯାଇଛି।

### ଜଗତ୍‌ସିଂହପୁରରେ ପୁଣି ୨୯ ସଂକ୍ରମିତ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ,୨୧।୬:** ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ରବିବାର ଜିଲାରେ ପୁଣି ୨୯ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ତିର୍ତ୍ତୋଲ ବ୍ଲକ ଅଞ୍ଚଳରୁ ସର୍ବାଧିକ ୧୭ ଜଣ ରହିଛନ୍ତି। ଅନ୍ୟ ବ୍ଲକ ମଧ୍ୟରେ ଜଗତ୍‌ସିଂହପୁରରୁ ୬, ନାଉଗାଁ ୩ ଓ ରଘୁନାଥପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତିର୍ତ୍ତୋଲ ବ୍ଲକର ୧୭ ଜଣଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ୧୦, ଉତ୍ତରପ୍ରଦେଶ ୧, ହରିୟାଣା ୧, ତାମିଲନାଡୁ ୩, କର୍ଣ୍ଣାଟକ ୧ ଓ ପଶ୍ଚିମବଙ୍ଗରୁ ଜଣେ ଫେରିଛନ୍ତି। ଜଗତ୍‌ସିଂହପୁରର ୬ ଜଣଙ୍କ ମଧ୍ୟରୁ ଦିଲ୍ଲୀରୁ ୩, ମହାରାଷ୍ଟ୍ର ୧, ପଶ୍ଚିମବଙ୍ଗ ୧ ଓ ତେଲଙ୍ଗାନାରୁ ଜଣେ ଫେରି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଥିଲେ। ନାଉଗାଁର ୩ ଜଣଙ୍କ ମଧ୍ୟରୁ ଜଣେ ମହାରାଷ୍ଟ୍ର ଫେରନ୍ତା ହୋଇଥିବା ବେଳେ ଦିଲ୍ଲୀରୁ ୧ ଓ ବରଗଡ଼ରୁ ଜଣେ ଫେରିଛନ୍ତି। ରଘୁନାଥପୁରର ୩ ଜଣ ଯାକ ମହାରାଷ୍ଟ୍ର ଫେରନ୍ତା ବୋଲି ଜଣାଯାଇଛି। ଏହି ୨୯ ଜଣଙ୍କୁ ମିଶାଇଲେ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୨୦୮କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୧୩୦ ଜଣ ସୁସ୍ଥ ହୋଇଥିବାବେଳେ ୭୮ ଜଣ ଚିକିତ୍ସାଧୀନ ଅଛନ୍ତି।

### ଡିଏମ୍‌ଏଫ୍‌ର ଠିକ୍ ଉପଯୋଗ ହେଉନି

**କାଳିଆପାଣି,୨୧।୬:** ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନ(ଡିଏମ୍‌ଏଫ) ନାମରେ ଖଣିରୁ ଆଦାୟ ହେଉଥିବା ଅର୍ଥ ଖଣି ସଂଲଗ୍ନ ଗ୍ରାମଗୁଡ଼ିକର ବିକାଶ ପାଇଁ ଖର୍ଚ୍ଚ କରାଯିବା କଥା। ମାତ୍ର ଏଥିରେ ବ୍ୟତୀକ୍ରମ କରାଯାଇଥିବା ଖଣି ଅଞ୍ଚଳ ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଶନିବାର ମଞ୍ଚ ସଭାପତି କେଶବ ହେସାଙ୍କ ଆବାହତ୍ୱରେ କାଳିଆପାଣିଠାରେ ଆୟୋଜିତ ବୈଠକରେ ସମ୍ପାଦକ ସାଲୁକା ହାଲୁଙ୍ଗା, ଜିନିତା ମୁଣ୍ଡା, ଜଗଦିଶ ହେସା, ମନୋଜ ମାଲସାଣ୍ଡିଙ୍କ ସହ ବହୁ ସଭ୍ୟ ସାମିଲ ହୋଇ କହିଥିଲେ, ଖଣି ଅଞ୍ଚଳରୁ ଆଦାୟ ଅର୍ଥ ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନରେ ଦାଖଲ କରାଯାଉଛି। ୨୦୧୬ରୁ ଆଦାୟ ଅର୍ଥ ପ୍ରଥମିକସ୍ତରରେ ସ୍ୱଳ୍ପ ମାତ୍ରାରେ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯାଇଥିବାବେଳେ ଅଧିକାଂଶ ଅର୍ଥ ଖଣି ପ୍ରଭାବିତ ଅଞ୍ଚଳ ବାହାରେ ଖର୍ଚ୍ଚ କରାଯାଇଛି। ତେଣୁ ଆସନ୍ତା ୨୯ରେ ଡିଷ୍ଟ୍ରିକ ମିନେରାଲ ଫାଉଣ୍ଡେଶନ ପକ୍ଷରୁ ହେବାକୁ ଥିବା ରିଭ୍ୟୁ ମିଟିଂରେ ଏନେଇ ବିରୋଧ କରାଯିବ ବୋଲି କୁହାଯାଇଛି। ଜିଲାପାଳଙ୍କ ଅଧକ୍ଷତାରେ ହେବାକୁ ଥିବା ବୈଠକରେ ଜିଲାର ସମସ୍ତ ବିଭାଗ ମୁଖ୍ୟଙ୍କ ସହ ବିଭାଗୀୟ ଯନ୍ତ୍ରୀ, ଶିକ୍ଷା ବିଭାଗ ଓ ସମସ୍ତ ବିଡିଓଙ୍କୁ ସାମିଲ ରହିବାକୁ ନିର୍ଦ୍ଦେଶ ରହିଛି। ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବ।

# ଧାର ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୩ ଗିରଫ

**ଦଶରଥପୁର, ୨୧।୬ (ଡି.ଏନ.ଏ.)**

ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଧୀନ କୟାଁ ପଞ୍ଚାୟତ ଗରବନ୍ଧ ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହାର ସ୍ଥାୟୀ ସମାଧାନ ଲାଗି କେତେଜଣ ବ୍ୟକ୍ତି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସହଯୋଗ ଲୋଡ଼ିଥିଲେ। ୩ ତାରିଖରେ ବିଧାୟିକା ଉକ୍ତ ଗ୍ରାମକୁ ଯାଇ ଘଟଣାର ସମାଧାନ କରିଥିଲେ। ତେବେ ଏହି ବିବାଦ ସମାଧାନ ହେବାପରେ ପୁଣି ଧାର ଟଙ୍କାକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଛି। ରବିବାର ଉଭୟ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଛନ୍ତି। ଏନେଇ ଗୋଟିଏ ଗୋଷ୍ଠୀ ପକ୍ଷରୁ ଭଜହରି ମଲ୍ଲିକ ୨୫ ଜଣଙ୍କ ନାମରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟ ଗୋଷ୍ଠୀର ଝରଣା ମଲ୍ଲିକ ୨୮ଜଣଙ୍କ ନାମରେ ଅଭିଯୋଗ କରିଥିବା ଥାନା ଅଧିକାରୀ ଅସିତ୍ ରଞ୍ଜନ ମହାନ୍ତି କହିଛନ୍ତି।

ଥାନା ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଗ୍ରାମର ଭଜହରି ଝରଣାଙ୍କ ପରିବାରକୁ କିଛି ଟଙ୍କା ଧାର ଦେଇଥିଲେ। ରବିବାର ସେ ଟଙ୍କା ମାଗିବାକୁ ଯାଇଥିବାବେଳେ ଜମିବାଡ଼ିକୁ କେନ୍ଦ୍ରକରି ଝରଣାଙ୍କ ପରିବାର ଏବଂ ତାଙ୍କ ସହଯୋଗୀ ଭଜହରିଙ୍କ ପରିବାରକୁ ଆକ୍ରମଣ କରିଥିଲେ। ଝରଣା ଦେଇଥିବା ଏତାଲାରେ ଦର୍ଶାଇଛନ୍ତି, ସମ୍ପର୍କ ଭଲ ଥିବା ସମୟରେ ଭଜହରି କିଛି ଟଙ୍କା ଆମ ପରିବାରକୁ ସୁଧରେ ଦେଇଥିଲେ। ଏବେ ଲକ୍‌ଡାଉନ୍ ଯୋଗୁ ତାଙ୍କ ଟଙ୍କା ନ ଦେଇପାରିବାରୁ ଜମିବାଡ଼ିକୁ କେନ୍ଦ୍ରକରି ସେମାନେ ସଂଘବଦ୍ଧଭାବେ ଆମପରିବାର ଉପରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଉଭୟ ପକ୍ଷରୁ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଧାର କରଜକୁ ନେଇ ହୋଇଥିବା ଗଣ୍ଡଗୋଳର ମୁଖ୍ୟକାରଣ ଜମି ବିବାଦକୁ ନେଇ ହୋଇଥିବା ପୂର୍ବଶତ୍ରୁତା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ ଥାନା ପକ୍ଷରୁ ନଂ-୨୩୭/୨୦ ଓ ୨୩୮/୨୦ରେ ଦୁଇଟି ମାମଲା ରୁଜୁ ହୋଇଛି। ପୋଲିସ୍ ଘଟଣାରେ ଉଭୟ ପକ୍ଷର ୧୩ ଜଣଙ୍କୁ ଗିରଫ କରିଛି।

# ଆବାସ ଯୋଜନାରୁ ବଞ୍ଚିତ ଦଳିତ ପରିବାର

**ରସୁଲପୁର, ୨୧।୬ (ଡି.ଏନ୍.ଏ.)**

କଚ୍ଚା ଘର ଥିବା ସବୁ ପରିବାରକୁ ପକ୍କା ଘର ଯୋଗାଇ ଦେବା ସକାଶେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜୁ ପକ୍କା ଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ପ୍ରଣୟନ କରିଛନ୍ତି। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ଗୃହ ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯିବା ସହ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସାରିଲେ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ହେଲେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇପାରୁ ନ ଥିବା ବେଳେ ବହୁ ଅଯୋଗ୍ୟ ସରକାରୀ ଯୋଜନା ହାତଉଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଶ୍ରୀବନ୍ତପୁର ପଞ୍ଚାୟତ କାଣ୍ଡସରା ଗ୍ରାମର ଅଜୟ ମଲ୍ଲିକ। ତାଙ୍କ କହିବା ଅନୁସାରେ, ୨୦୧୧ ଜନଗଣନାରେ ତାଙ୍କ ପରିବାରର ନାଁ ନ ଥିବାରୁ ଅବାସ ଯୋଜନାରୁ ତାଙ୍କ ପରିବାର ବାଦ ପଡ଼ିଥିଲା। ଏହାପରେ ଜନଗଣନା ତାଲିକାରେ ନାମ ନ ଥିବା ପରିବାର ସଦସ୍ୟ ଆବାସ ଯୋଜନାରେ ଘର ପାଇବା ପାଇଁ ନିର୍ଦ୍ଦିଷ୍ଟ ଏକ ଫର୍ମ (କ)ରେ ଆବେଦନ କରିବାକୁ ହେବ ବୋଲି ସରକାର ନିୟମ ପ୍ରଣୟନ କରିଥିଲେ।

ଏହି ନିୟମ ଆଧାରରେ ଅଜୟ (କ) ଫର୍ମରେ ଘର ପାଇଁ ଆବେଦନ



ଚାଳ ଘର ଆଗରେ ଦମ୍ପତି।

- ଭଙ୍ଗା ଚାଳଘରେ ମୁଣ୍ଡ ଗୁଞ୍ଜିଛନ୍ତି ୬ ସଦସ୍ୟ
- ଆବାସ ଯୋଜନାରେ ଘର ଖଣ୍ଡେ ଯୋଗାଇଦେବାକୁ ନିବେଦନ

କରିଥିଲେ। ଏହାପରେ ତଦନ୍ତକାରୀ ଅଧିକାରୀମାନେ କାଣ୍ଡସରା ଗ୍ରାମରେ ପହଞ୍ଚି ତାଙ୍କ ଘରର ଫଟୋ ଉଠାଇ ନେବା ସହ ତାଙ୍କୁ ଆବାସ ଯୋଜନାରେ ଘର ମିଳିଯିବ ବୋଲି କହିଥିଲେ। ହେଲେ ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ବି ତାଙ୍କ ପରିବାରକୁ ଘର ଖଣ୍ଡେ ମିଳିନାହିଁ। ଏ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ପଚାରିବା ପରେ ତାଲିକାରେ ନାଁ ନ ଥିବା ଜଣାପଡ଼ିଥିଲା। ଦଳିତ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ନ ଥିବା ବେଳେ ବଡ଼ବଡ଼ିଆମାନେ ସରକାରୀ ଯୋଜନା ହାତଉଛନ୍ତି ବୋଲି ଅଜୟ ଅଭିଯୋଗ କରିଛନ୍ତି। ଘର ଖଣ୍ଡେ ନ ଥିବାରୁ ଅଜୟଙ୍କ ମା'ବାପା, ସ୍ତ୍ରୀ ଓ ପିଲା ୬ଜଣ ମାଟି କୁଡ଼ିଆରେ କାଳ କାଟୁଛନ୍ତି। ଘରର ମାଟି କାନ୍ଥ ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଥିବା ବେଳେ ବର୍ଷା ଦିନ ଯୋଗୁ ଭୟ ଅଧିକ ବଢ଼ି ଯାଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବପ୍ରସାଦ ଧଳଙ୍କୁ ପଚାରିବାରେ ସେ ନୂତନ ଭାବେ ଉକ୍ତ ପଞ୍ଚାୟତରେ ଯୋଗ ଦେଇଛନ୍ତି। ଅନ୍ୟପଟେ ଫର୍ମ (କ) ରେ ଆବେଦନ କରିବା ପାଇଁ ସରକାର ଯେଉଁ ନିୟମ କରିଥିଲେ ତାହା ବଦଳି ଗଲାଣି। ଏବେ ୨୦୧୧ ଜନଗଣନାରେ ନାଁ ଥିବା ଯୋଗ୍ୟ ପରିବାରକୁ ଆବାସ ଯୋଜନାରେ ଘର ମିଳିବ। ଏହାଛଡ଼ା ଅନ୍ୟ କାହାକୁ ଘର ଯୋଗାଇ ଦେବା ସମ୍ଭବ ନୁହେଁ ବୋଲି କହିଛନ୍ତି। ତେବେ ସରକାରୀ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବାକୁ ଅଜୟ ବ୍ଲକ ଓ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

# ନୟାଗଡ଼ରେ ପୁଣି ୩ ଆକ୍ରାନ୍ତ

**ନୟାଗଡ ଅଫିସ/ ରଣପୁର,୨୧।୬(ସ୍ୱ.ପ୍ର.)**

ନୟାଗଡ଼ ଜିଲାରେ ରବିବାର ପୁଣି ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ମିଶାଇ ଜିଲାରେ ମୋଟ୍

**ସୁର୍କାବାଡି ପଞ୍ଚାୟତ ୩ଦିନ ପାଇଁ ଶଟଡାଉନ୍**

ଆକ୍ରାନ୍ତ ସଂଖ୍ୟା ୧୨୦ରେ ପହଞ୍ଚିଛି। ଏଥିରୁ ୧୧୨ ଜଣ ସୁସ୍ଥ ହୋଇ ସାରିଲେଣି। ୮ଜଣ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସିଡିଏମଓ ସୁଧାଂଶୁ ଶେଖର ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ରବିବାର ଚିହ୍ନଟ ହୋଇଥିବା ୩ ଆକ୍ରାନ୍ତ ରଣପୁର ବ୍ଲକ ସୁର୍କାବାଡି ପଞ୍ଚାୟତ ଅଞ୍ଚଳର ବୋଲି ଜଣାପଡିଛି। ଏହି ୩ଜଣ କ୍ୱାରାଣ୍ଟାଇନ ଅବଧି ଶେଷ କରି ହୋମ କ୍ୱାରାଣ୍ଟାଇନରେ ଥିଲେ। ତେବେ ହୋମ କ୍ୱାରାଣ୍ଟାଇନରେ ଥିବାବେଳେ ଅନେକ ବ୍ୟକ୍ତିଙ୍କ ସହ ମିଳାମିଶା କରିଥିବା ଜଣାପଡିଥିଲା। ସଂକ୍ରମଣକୁ ଆଖି ଆଗରେ ରଖି ସୁର୍କାବାଡି ସରପଞ୍ଚ ମୀନତି ସାହୁ ସୁର୍କାବାଡି, ଠଣାପଲ୍ଲୀ ଓ ଠଣାପଲ୍ଲୀ ପାଟଣା ସମେତ ପଞ୍ଚାୟତକୁ ୩ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ୨୦ ତାରିଖ ଶନିବାର ରାତି ୧୨ଟାରୁ ଶଟଡାଉନ ଆରମ୍ଭ ହୋଇଛି। ୨୪ ତାରିଖ ରାତ୍ର ୧୨ ଘଣ୍ଟା ପର୍ଯ୍ୟନ୍ତ କଟକଣା ଜାରି ରହିବବୋଲି ସରପଞ୍ଚ କହିଛନ୍ତି।

# ସରକାରୀ ଗୃହ ଥାଇ ଭଡ଼ାରେ ରହୁଛନ୍ତି ଅଧିକାରୀ

**ଯାଜପୁର ଅଫିସ,୨୧।୬**

**ଯାଜପୁର ଟ୍ରେଜେରି ଅଫିସ**

ଯାଜପୁର ଜିଲା ଟ୍ରେଜେରି ଅଫିସ ପ୍ରତିଷ୍ଠା ହେବାର ଇତିମଧ୍ୟରେ ୧୩ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ହେଁ ଅନେକ ସମସ୍ୟା ଅସମାହିତ ହୋଇରହିଛି। ଏହି ଅଫିସକୁ ଲାଗି ୨୦୦୭ରୁ ୪ଟି ଆବାସିକ କର୍ମଚାରୀ ଗୃହ ଓ ୨ଟି ଅଧିକାରୀ ଗୃହ ନିର୍ମାଣ ହୋଇଛି। କିନ୍ତୁ ଏଯାଏ କୌଣସି କର୍ମଚାରୀ କିମ୍ବା ଅଧିକାରୀଙ୍କୁ ନୂତନ ଗୃହ ଦିଆଯାଇ ନାହିଁ। ଫଳରେ ସରକାରୀ ଗୃହଗୁଡ଼ିକ ବ୍ୟବହାର ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଅନ୍ୟପକ୍ଷରେ ଅଧିକାରୀ ଓ କର୍ମଚାରୀମାନେ ଭଡ଼ା ଘରେ ରହୁଛନ୍ତି। ଫଳରେ ସରକାର ଅଯଥା ରାଜସ୍ୱ କ୍ଷତି କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ବର୍ତ୍ତମାନର ଟ୍ରେଜେରି ଅଫିସର ୯।୫।୨୦୧୮ରୁ ଏଠାରେ ଯୋଗଦାନ କରିଛନ୍ତି। ସେବେଠାରୁ ତାଙ୍କୁ ଦରମାର ୨୦% ଅନୁଯାୟୀ ଘରଭଡ଼ା ଦିଆଯାଉଛି। ସେ କଟକରୁ ଯାଜପୁରରୋଡ କାର୍ଯ୍ୟାଳୟକୁ ଯିବା ଆସିବା କରୁଛନ୍ତି। ଏହାବାଦ ଟ୍ରେଜେରି ଅଫିସରେ ପେନସନଧାରୀଙ୍କ ବସିବା ପାଇଁ ଚେୟାରଟିଏ ବି ନାହିଁ। ଏପରିକି ପିଇବା ପାଇଁ ପାଣି ତଥା ପାଇଖାନା ବ୍ୟବସ୍ଥା କରାଯାଉ ନାହିଁ ବୋଲି ପେନସନଧାରୀ ଅଭିଯୋଗ ଆଣିଛନ୍ତି। ଅର୍ଥ ବିଭାଗର ନିର୍ଦ୍ଦେଶକ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲାର ପେନସଧାରୀ ଓ କର୍ମଚାରୀମାନେ ଦାବି କରିଛନ୍ତି।

# ବଡ଼ଚଣା ଆଦର୍ଶ ବିଦ୍ୟାଳୟ ବିଲ୍ଡିଂ କାର୍ଯ୍ୟ ଅସମ୍ପୂର୍ଣ୍ଣ

**ଯାଜପୁର ଅଫିସ,୨୧।୬**

**ଜୁନ ସୁଦ୍ଧା ଶେଷ କରିବାକୁ ଆର୍‌ଡି ବିଭାଗକୁ ଅନୁରୋଧ**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଆଦର୍ଶ ବିଦ୍ୟାଳୟରେ ୨୦୨୦-୨୧ ଶିକ୍ଷା ବର୍ଷ ଆସନ୍ତା ଜୁଲାଇ ପ୍ରଥମ ସପ୍ତାହ ବେଳକୁ ଆରମ୍ଭ ହେବା ଆଶା କରାଯାଉଛି। କିନ୍ତୁ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନ(ଆରଡି) ପକ୍ଷରୁ ବିଦ୍ୟାଳୟର ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବାରୁ ଶିକ୍ଷାଦାନ ଆରମ୍ଭ ହେବା ନେଇ ସଂଶୟ ପ୍ରକାଶ ପାଇଛି। ଏନେଇ ବିଦ୍ୟାଳୟର ପ୍ରିନ୍ସିପାଲ ଜାରକା ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି ଯେ, ବିଦ୍ୟାଳୟରେ ନାମଲେଖା ପାଇଁ ଏଣ୍ଟ୍ରାନ୍ସ ପରୀକ୍ଷା ଶେଷ ହୋଇସାରିଛି। ଏବେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନାମଲେଖା ପ୍ରକ୍ରିୟା ଚାଲିଛି। ତେଣୁ ଜୁନ୍ ଶେଷ ସୁଦ୍ଧା ବିଲ୍ଡିଂ କାର୍ଯ୍ୟ ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତ କରିବାକୁ ସେ ଅନୁରୋଧ କରିଛନ୍ତି।

# ୨ ୱାର୍ଡ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା

**ଡେରାବିଶ, ୨୧।୬ (ସ୍ୱ.ପ୍ର.)**

ଯାଜପୁର ଜିଲା ବରୀ ଅଞ୍ଚଳରୁ ଚିହ୍ନଟ ଆକ୍ରାନ୍ତ ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ କେଉଟକଣ୍ଠିଆ ଗ୍ରାମରେ ରହିଥିବା ଜଣାପଡ଼ିଛି। ଏହାପରେ ପଞ୍ଚାୟତ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ରବିବାର ଏହି ପଞ୍ଚାୟତର ୧ ଓ ୨ ନମ୍ବର ୱାର୍ଡକୁ ସରପଞ୍ଚ ସଂଯୁକ୍ତା ସାହୁ ୪୮ ଘଣ୍ଟା ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ସୋମବାର ସକାଳ ୫ଟାରୁ ଏହା କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ଏସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ସୂଚନା ଅନୁଯାୟୀ, ଆକ୍ରାନ୍ତ ବ୍ୟକ୍ତି ତାମିଲ୍‌ନାଡୁରୁ ଫେରି ବରୀ ବ୍ଲକ କହରାଗଡ଼ସ୍ଥିତ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ୧୪ ଦିନ ପରେ ତାଙ୍କୁ ସେଠାରୁ ଛଡ଼ାଯାଇଥିବା ବେଳେ ହୋମ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପରାମର୍ଶ ଦିଆଯାଇଥିଲା। ମାତ୍ର ସେ କେଉଟକଣ୍ଠିଆ ଗ୍ରାମସ୍ଥିତ ଶ୍ୱଶୁର ଘରେ ଯାଇ ରହିଥିଲେ। ତାଙ୍କ ସ୍ୱାବ୍ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବା ପରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ କଳିଙ୍ଗନଗର କୋଭିଡ୍ ଚିକିତ୍ସାଳୟକୁ ପଠାଯାଇଛି। ଏହି ଖବର ଜଣାପଡିବା ପରେ ପ୍ରଶାସନ ପକ୍ଷରୁ ଗ୍ରାମକୁ ବିଶୋଧନ କରାଯିବା ସହ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଠାବ କରାଯାଉଛି।

# ଜୁଆ ଆଡ୍ଡାରେ ଚଢ଼ାଉ, ୭ ଗିରଫ

**କୁଜଙ୍ଗ,୨୧।୬(ଡି.ଏନ.ଏ.):** କୁଜଙ୍ଗ ଥାନା ବାମଦେଇପୁର ପଞ୍ଚାୟତ କଙ୍କରଦିଆ ଗ୍ରାମର ନିମ ବେଲାରୀ ଜଙ୍ଗଲରେ ଚାଲିଥିବା ଏକ ପୁରୁଣା ଜୁଆ ଆଡ୍ଡା ଉପରେ କୁଜଙ୍ଗ ପୋଲିସ ରବିବାର ରାତିରେ ଚଢ଼ାଉ କରିଛି। ଚଢ଼ାଉବେଳେ ସେଠାରୁ ୭ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ଏଥିସହ ୮ଟି ବାଇକ୍ ଜବତ ହୋଇଛି। ସେଠାରେ ୨୫ରୁ ଊର୍ଦ୍ଧ୍ୱ ଜୁଆଡ଼ି ଉପସ୍ଥିତ ଥିଲାବେଳେ ଅନେକ ଖସି ପଳାଇଥିଲେ।

# କେନ୍ଦ୍ରାପଡ଼ା: କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୦୦ ଟପିଲା

**କେନ୍ଦ୍ରାପଡା ଅଫିସ, ୨୧।୬**

କେନ୍ଦ୍ରାପଡ଼ା ଜିଲାରେ ରବିବାର ୫ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦୩ରେ ପହଞ୍ଚିଛି। ଏପ୍ରିଲ ୭ରେ ଜିଲାରେ ପ୍ରଥମ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଜୁନ୍ ୧ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଛୁଇଁ ଥିଲା। ମାତ୍ର ୨୦ ଦିନ ମଧ୍ୟରେ ଆକ୍ରନ୍ତଙ୍କ ସଂଖ୍ୟା ୧୦୦ ଟପିଛି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରେ ୧୯୭ ପ୍ରବାସୀ ରହିଛନ୍ତି। ଅନ୍ୟ ୬ ହେଉଛନ୍ତି ଦୁଇ ସଙ୍ଗରୋଧ କେନ୍ଦ୍ରର ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ସଫେଇ କର୍ମଚାରୀ। ସଙ୍ଗରୋଧ କେନ୍ଦ୍ରରୁ ଅଧିକାଂଶ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଠାରୁ ଘରକୁ ଯିବାପରେ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସରକାରୀ ତଥ୍ୟ ଅନୁସାରେ, ମେ ୪ ସୁଦ୍ଧା ଜିଲାକୁ ୧୮ ହଜାର ପ୍ରବାସୀ ଆସିଥିବା ବେଳେ ଏହାପରଠୁ ଅଦ୍ୟାବଧି ୩୫ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଆସିଛନ୍ତି। ସେମାନଙ୍କୁ ୧୩୮ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଅଦ୍ୟାବଧି ପ୍ରାୟ ୬,୭୦୦ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇଥିବା ବେଳେ ଏହି ସଂଖ୍ୟା ବୃଦ୍ଧି କରିବାକୁ ସାଧାରଣରେ ଦାବି ହୋଇଛି।

ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି,ଆକ୍ରାନ୍ତଙ୍କ ମଧ୍ୟରୁ ଇତିମଧ୍ୟରେ ୧୭୪ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ଅଦ୍ୟାବଧି ଗୋଷ୍ଠୀ ସଂକ୍ରମଣ ହୋଇନାହିଁ।

# ରାସ୍ତା ମରାମତି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଦଶରଥପୁର, ୨୧।୬ (ଡି.ଏନ୍.ଏ.):** ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତ ସହିମାଡ଼ (କଣ୍ଟାପାରି) ଯେନାସାହିକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବରେ ଜିଲାପାଳଙ୍କୁ ଇତିମଧ୍ୟରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ୨ ବର୍ଷ ପୂର୍ବେ କମାରଡ଼ିହିଠାରୁ ସହିମାଡ଼ (ଜୟଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ) ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ଦାୟିତ୍ୱରେ ଥିବା ଠିକାଦାର ରାସ୍ତାରେ ମାଟି କାମ ସାରିଥିଲେ ବି ଢ଼ଳେଇ କାର୍ଯ୍ୟ କିଛି ବାଟ କରିବା ପରେ ବନ୍ଦ କରିଦେଇଥିଲେ। ରାସ୍ତାରେ ମାଟି ପଡ଼ି ଥିବାରୁ ବର୍ଷାଦିନେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡୁଛି। ଫଳରେ ଆବଶ୍ୟକ ବେଳେ ଗାଁକୁ ଆମ୍ବୁଲାନ୍ସ କି ଅଗ୍ନିଶମ ସେବା ସଂସ୍ଥା ଗାଡ଼ି ପଶିପାରୁନି। ଅନେକ ସମୟରେ ରୋଗୀଙ୍କୁ ଭାରରେ ବୋହି ମେଡିକାଲକୁ ନେବାକୁ ପଡୁଛି। ତେବେ ରାସ୍ତା କାମ ଦାୟିତ୍ୱରେ ଥିବା ଠିକାଦାର ଅଧାରୁ କାମ ଛାଡ଼ିବା ନେଇ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଦଶରଥପୁର ବିଡିଓଙ୍କୁ ଅବଗତ କରାଇଥିଲେ ବି କିଛି ସୁଫଳ ମିଳି ନଥିଲା। ତେଣୁ ଗତ ଶୁକ୍ରବାର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଆରମ୍ଭ କରା ନଗଲେ ଯେନାସାହିବାସୀ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟଠାରେ ଧାରଣାଦେବେ ବୋଲି ଚେତବାନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ଉର୍ବଶୀ ନାୟକ, ବାଇଧର ଯେନା, ଚୌଧୁରୀ ଯେନା, ରମାମଣୀ ଯେନା, ମଞ୍ଜୁଲତା ରାଉତ, ଶ୍ରୀକାନ୍ତ ଯେନା ପ୍ରମୁଖ ଦାବି ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଅନୁଦାନ ଖର୍ଚ୍ଚ ହୋଇଛି, କାମ ହୋଇନି

**ରତ୍ନଗିରି, ୨୧।୬ (ଡି.ଏନ୍.ଏ.)**

ବରୀ ବ୍ଲକ ଅଧୀନ ଈଶାଣପୁର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବ୍ୟାପକ ଦୁର୍ନୀତୀ ହେଉଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ କାର୍ଯ୍ୟ କରାଯାଉ ନ ଥିବା ବେଳେ କାର୍ଯ୍ୟ ହୋଇଥିବା ଦର୍ଶାଯାଇ ସରପଞ୍ଚଙ୍କର କେତେଜଣ ସମ୍ପର୍କୀୟଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯାଇଛି। ଏ ନେଇ ସ୍ଥାନୀୟ ଲୋକେ ଡାକ ଯୋଗେ ଜିଲାପାଳ ଓ ୫-ଟି ସଚିବଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

ଅଭିଯୋଗ ମୁତାବକ, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାଠାରୁ ସ୍ଥାନୀୟ ଈଶାଣେଶ୍ୱରୀ ବିଦ୍ୟାଳୟ ଖେଳ ପଡ଼ିଆ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ମଞ୍ଜୁର କରାଯାଇଥିଲା। ହେଲେ ରାସ୍ତାରେ କେବଳ ମାଟି ପକାଯାଇଥିବା ବେଳେ ଆଦୌ ମୋରମ ପକାଯାଇ ନ ଥିବା ଦେଖାଯାଇଛି। ଅନ୍ୟପଟେ

**ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅର୍ଥ ହେରଫେର**



- କାର୍ଯ୍ୟସ୍ଥଳରେ ଲଗାଯାଉନି ସୂଚନା ଫଳକ
- ବାରମ୍ବାର ଅଭିଯୋଗ ପରେ ବି ତଦନ୍ତ ହେଉନି
- ଅଭିଯୋଗର ସତ୍ୟତା ନାହିଁ-ସରପଞ୍ଚ

ସରକାରୀ ଯୋଜନାରେ କୌଣସି କାର୍ଯ୍ୟ କରାଗଲେ ସେଠାରେ ସୂଚନା ଫଳକ ଲଗାଯାଇ ବ୍ୟୟ ବରାଦ, କାର୍ଯ୍ୟ ଦିବସ ସମେତ ଶ୍ରମିକଙ୍କ ମଜୁରୀ ଆଦି ସମ୍ପର୍କରେ ଉଲ୍ଲେଖ କରାଯିବାର ନିୟମ ରହିଛି। ହେଲେ ଏହି ରାସ୍ତା କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଅନ୍ୟପଟେ ସେହି ରାସ୍ତା କାର୍ଯ୍ୟ ଜବକାର୍ଡଧାରୀ ନକୁଳ ମହାନ୍ତି (କାର୍ଡ ନଂ.-୧୭୯୭୫)ଙ୍କ ପରିବାରର ୬ଜଣ କରିଥିବା ଦର୍ଶାଯାଇ ତାଙ୍କ ବ୍ୟାଙ୍କ ଜମାଖାତାକୁ ଟଙ୍କା ପଠାଯାଇଥିବା ଜଣାପଡ଼ିଛି। ହେଲେ ସେମାନଙ୍କ ମଧ୍ୟରୁ ଜଣେ ଭାରତୀୟ ସେନାରେ କାମ କରୁଥିବା ବେଳେ ତାଙ୍କୁ କିଭଳି ଏହି ଯେଜାନାରେ ସାମିଲ କରାଯାଇଛି, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ସେହି ଗ୍ରାମର ଦିଲ୍ଲୀପ ଜେନା ନିଜେ ଟଙ୍କା ଖର୍ଚ୍ଚ କରି ଈଶାଣେଶ୍ୱରୀ ସ୍କୁଲ ପାଖରୁ ନିଜ ଘର ପର୍ଯ୍ୟନ୍ତ ରାସ୍ତା ତିଆରି କରିଛନ୍ତି। ହେଲେ ଏହାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଇଥିବା ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ପ୍ରଶାସିନକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ବି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳବାସୀ ପଞ୍ଚାୟତ ସମିତି ଆଗରେ ଅନଶନରେ ବସିବେ ବୋଲି ହରେକୃଷ୍ଣ ଦାସ, କୃପାସିନ୍ଧୁ ଶାନ୍ତି, ଦେବେନ୍ଦ୍ର ଜେନା, ଶଙ୍କର ଘଡାଇ, ଭାରତୀ ବାରିକ ଓ ଉର୍ମିଳା ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ରଞ୍ଜୁଲତା ମହାନ୍ତିଙ୍କୁ ପଚାରିବାରେ ଅଭିଯୋଗରେ ଆଦୌ ସତ୍ୟତା ନାହିଁ ବୋଲି କହିଛନ୍ତି।

## ସଂକ୍ଷେପରେ

### ବସ୍ତାରେ ୨ଜଣଙ୍କ ଆତ୍ମହତ୍ୟା

**ବସ୍ତା, ୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଞ୍ଚଳରେ ରବିବାର ୨ଜଣ ଆତ୍ମହତ୍ୟା କରିଛନ୍ତି। ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧୀନ ସଦାନନ୍ଦପୁର ଗ୍ରାମର ଗୀତାଞ୍ଜଳି ନାମ୍ନୀ ଯୁବତୀ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ଗୀତାଞ୍ଜଳି ରବିବାର ତାଙ୍କ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଝୁଲନ୍ତା ଅବସ୍ଥାରେ ତାଙ୍କ ପରିବାର ଲୋକେ ଉଦ୍ଧାର କରି ବସ୍ତା ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୦) ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ସେହିପରି ସିଂଲା ଥାନା ଅଧୀନ ଇଡ଼ଡ଼ା ଗ୍ରାମର ମହେଶ୍ୱର ସାମମଲ (୩୨) ନାମକ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ରାଜମିସ୍ତ୍ରୀ ଭାବେ କାମ କରନ୍ତି। ରବିବାର କାମକୁ ଯାଇ ଘରକୁ ଫେରିବା ପରେ ତାଙ୍କ ଶୋଇବା ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍‌ପିଟାଲକୁ ନେଇଆସିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବଡ଼ାଣ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୋଗ ଦ୍ୱାରା ବଢ଼େ ରୋଗ ପ୍ରତିରୋଧକ ଶକ୍ତି

**କେନ୍ଦୁଝର ୨୧।୬ (ସ୍ୱ.ପ୍ର.):** ଯୋଗ ମାଧ୍ୟମରେ ମନୁଷ୍ୟ ଶରୀର ଓ ମନ ମଧ୍ୟରେ ସନ୍ତୁଳନ ସ୍ଥାପନା କରି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ବିଭିନ୍ନ ରୋଗ ନିରାକରଣ କରାଯାଇପାରିବ। ଏଭଳି ଆଭିମୁଖ୍ୟ ରଖି ରବିବାର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ଥାନୀୟ ପ୍ରାତଃଭ୍ରମଣ ଓ ଯୋଗ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ଗୁରୁ ପ୍ରଫୁଲ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବହୁ ଯୋଗପ୍ରେମୀ ଉପସ୍ଥିତ ହୋଇ ସାମାଜିକ ଦୂରତ୍ୱ ବଜାୟ ରଖି ଯୋଗ କରିଥିଲେ।

### ଯୋଗ ପ୍ରଦର୍ଶନ କଲେ ଅନ୍ତେବାସୀ

**ଖଇରା, ୨୧।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକରେ ବିଭିନ୍ନ ସ୍ଥାନରେ ଯୋଗଦିବସ ପାଳିତ ହୋଇଯାଇଛି। ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସ୍ୱାମୀ ଗଣେଶାନନ୍ଦଜୀ ମହାରାଜ, ହୃଷିକେଶ ବେହେରା, ରାମଦାସ ଭାରତୀ ପିଲାମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଯୋଗର ଉପକାରିତା ଉପରେ ବୁଝାଇଥିଲେ । ପରେ ୪୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ସୂର୍ଯ୍ୟ ନମସ୍କାର ସହିତ ବିଭିନ୍ନ ଆସନ ଓ ଯୋଗ କୌଶଳ ପ୍ରଦର୍ଶନ କରିଥିଲେ । ସେହିଭଳି ନହଙ୍ଗ ଗ୍ରାମରେ ଜିଲା ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଯୋଗଦିବସ ପାଳିତ ହୋଇଯାଇଛି।

### ଚାଇନା ସାମଗ୍ରୀ ବର୍ଜନ କରିବାକୁ ଶପଥ

**କୁଆମରା,୨୧।୬(ଡି.ଏନ୍.ଏ.):** ଲଦାଖରେ ଚାଇନା ସେନାର ଅତର୍କିତ ଆକ୍ରମଣରେ ଶହୀଦ ହୋଇଥିବା ଭାରତୀୟ ଯବାନଙ୍କ ପାଇଁ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପ୍ରେସ କ୍ଲବ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ଯୁବକ ଯୋଗଦାନ କରିଥିବା ବେଳେ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ଖବରଦାତା ଚିତ୍ତରଞ୍ଜନ ଦଳେଇ, ଯୋଗେଶର ସାହୁ, ରଞ୍ଜନ କୁମାର ମଡୁଆଳ, ସମ୍ଭିତ କୁମାର ରାଉତ, ଦୀପକ କୁମାର ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ଶାନ୍ତନୁ ମଡୁଆଳ, ହିରେନ ରାୟ, ତପନ ପାତ୍ର, ସମ୍ପୂର୍ଣ୍ଣ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଶହୀଦଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଭାରତ ମାତା କି ଜୟ ଓ ଶହୀଦ ଯବାନ ଅମର ରହେ ନାରାରେ ସଭାସ୍ଥଳ କମ୍ପି ଉଠିଥିଲା। ପ୍ରତ୍ୟେକ ନାଗରିକ ଚାଇନା ବସ୍ତୁ ପ୍ରତ୍ୟାହାର କରିବା ନିମନ୍ତେ ସଂକଳ୍ପ ଗ୍ରହଣ କରିବାକୁ ଆୟୋଜିତ କାର୍ଯ୍ୟକ୍ରମରେ ଆହ୍ୱାନ ଦିଆଯାଇଥିଲା। ସେହିଭଳି ଉପସ୍ଥିତ ଯୁବପୀଢ଼ି ଓ ଖବରଦାତାମାନେ ଚାଇନା ସାମଗ୍ରୀ ବର୍ଜନ ନିମନ୍ତେ ଶପଥ ଗ୍ରହଣ କରିଥିଲେ। ପ୍ରେସ କ୍ଲବର ସମ୍ପାଦକ ଡ. କୁମାର ବାବୁଲି ଧନ୍ୟବାଦ ଅର୍ପଣ କରିଥିଲେ।

# ହାତରେ ଜୋତା, କାନ୍ଧରେ ସାଇକେଲ

**ଦେବେନ୍ଦ୍ର ଆଦ୍ଦିଆ**
**ଭଣ୍ଡାରିପୋଖରୀ, ୨୧।୬**




ରାସ୍ତାରେ ଲୋକେ ହାତରେ ଜୋତା ଧରି ଯାଉଥିବା ବେଳେ ଅନ୍ୟଜଣେ ସାଇକେଲ କାନ୍ଧେଇ ଯାଉଛନ୍ତି।

ଏମିତି ରାସ୍ତା ରହିଛି ଯେଉଁଠି ପାଦରେ ଚପଲ ପିନ୍ଧି ଯିବା ଅସମ୍ଭବ। ଲୋକେ ହାତରେ ଜୋତା ଧରି କାନ୍ଧରେ ସାଇକେଲ ପକାଇ ଘରୁ ବାହାରିଥାନ୍ତି। ୩ଶହ ମିଟର ପର୍ଯ୍ୟନ୍ତ ଏମିତି ଅବସ୍ଥାରେ ଆସିବା ପରେ ମୁଖ୍ୟ ରାସ୍ତାରେ ପହଞ୍ଚିଥାନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତରେ। ଆରଡ଼ି ରୋଡ ସରିପୁରଠାରୁ ୩୦୦ ମିଟର ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଏହିଭଳି ହୋଇଥିବାରୁ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଗ୍ରାମ୍ୟଉନ୍ନୟନ ରାସ୍ତା ସରିପୁରଠାରୁ କରଞ୍ଜି ଗ୍ରାମ ଦେଇ ଯାଇଛି ଜଳସମ୍ପଦ ବିଭାଗର ରେବ ନଦୀବନ୍ଧ ରାସ୍ତା। ସରିପୁରଠାରୁ ରେବନଦୀ ପର୍ଯ୍ୟନ୍ତ ରାସ୍ତାର ଲମ୍ବ ପ୍ରାୟ ୧କି.ମି.। ନଦୀବନ୍ଧ ରାସ୍ତା ହୋଇଥିବାରୁ ଏହା ଯାଜପୁର ଜଳସମ୍ପଦ ବିଭାଗ ଅଧୀନରେ ରହିଛି। ରାସ୍ତାର କ୍ଷତ୍ରୀୟ ଅଧିକାରୀ ଭାବେ ଆଖୁଆପଦା ଜଳସମ୍ପଦ ବିଭାଗ ଉପନିର୍ବାହୀଯନ୍ତ୍ରୀ ଓ ବାରିକପୁର ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀଙ୍କ ଉପରେ ରେବ ନଦୀବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱ ରହିଛି। ଉକ୍ତ ନଦୀବନ୍ଧ ରାସ୍ତା ପୂର୍ବରୁ ଅଣଓସାରିଆ ରହି ମୋରମ ମେଟାଲ ପଡିଥିଲା। ଗ୍ରାମକୁ ଜରୁରୀକାଳୀନ ଗାଡି ଯିବାକୁ ଅସୁବିଧା ହେଉଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ଆରଡ଼ି ରୋଡ ସରିପୁରଠାରୁ ୩୦୦ ମିଟର ପର୍ଯ୍ୟନ୍ତ ୭ଲକ୍ଷ ଟଙ୍କା ବ୍ୟୟରେ ଟେଣ୍ଡର ହୋଇ ୧୫ମାସ ତଳେ କାମ ଆରମ୍ଭ ହୋଇଥିଲା। ରାସ୍ତାରେ ମାଟି ପଡି ଚଉଡା ହେବା ସହ ମୋରମ ବିଛାଯାଇ ରୋଲିଂ ହେବା କଥା। ଏହି କାମକୁ ଯାଜପୁର ଅଞ୍ଚଳର ଜଣେ ଠିକାଦାର ଟେଣ୍ଡର ନେଇଛନ୍ତି। ଠିକାଦାର ୨୫।୨।୧୯ରୁ କାମ ଆରମ୍ଭ କରି ୨୪।୪।୧୯ରେ ଶେଷ କରିବାକୁ ଏଗ୍ରିମେଣ୍ଟ କରିଥିଲେ। ଇତିମଧ୍ୟରେ ୧୫ମାସ ବିତିଲାଣି ଠିକାଦାର ୩୦୦ ମିଟର ରାସ୍ତାକୁ ଖାଲି ମାଟି ପକାଇ ଛାଡି ଦେଉଛନ୍ତି। ବର୍ଷାଦିନ ଚାଲିଥିବାରୁ ଗ୍ରାମର ଲୋକମାନେ ନାନା ହଇରାଣ ହେଉଛନ୍ତି। ଉକ୍ତ ରାସ୍ତାରେ ୩ଟା ସୋଠ ବସିବା ପାଇଁ ଗ୍ରାମବାସୀ କନିଷ୍ଠଯନ୍ତ୍ରୀଙ୍କୁ କହିଥିଲେ ମଧ୍ୟ ସୋଠ ବସି ନ ଥିବାରୁ ବର୍ଷାଦିନେ ଲୋକଙ୍କ ଘରେ ପାଣି ପଶି ସମସ୍ୟାକୁ ଦ୍ୱିଗୁଣିତ କରିଛି। ଲୋକମାନେ ମୋଟର ଲଗାଇ ଘରୁ ପାଣି ବାହାରକୁ କାଢୁଛନ୍ତି। ଦୈନନ୍ଦିନ ଏହି ରାସ୍ତା ଉପରେ ଶତାଧିକ ଲୋକ ହାଟବଜାର, ବ୍ଲକ, ମେଡିକାଲ ଯିବା ପାଇଁ ନିର୍ଭର କରିଥାନ୍ତି। ଲୋକେ ଭଦ୍ରକ କିମ୍ବା ଭଣ୍ଡାରିପୋଖରୀ ଯିବା ପାଇଁ ଦୀର୍ଘ ରାସ୍ତା ବୁଲି ବାଇକ୍‌ରେ ଯିବାକୁ ବାଧ ହେଉଛନ୍ତି। ରାସ୍ତାରେ କାଦୁଅ ଯୋଗୁ ଖାଲି ପାଦରେ ଚାଲିବା କଷ୍ଟ ହେଉଥିବା ବେଳେ ଗ୍ରାମକୁ ଆମ୍ବୁଲାନ୍ସ, ଦମକଳ, ଜନନୀ ସୁରକ୍ଷା ଗାଡି କେମିତି ଯାଉଥିବ ତାହା ସ୍ପଷ୍ଟ ଜଣାପଡୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ବାରିକପୁର ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ ଆଜି ଯାଏ ରାସ୍ତା ଅବସ୍ଥା ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏ ସମ୍ପର୍କରେ ବାରିକପୁର ଜଳସମ୍ପଦ ବିଭାଗ କନିଷ୍ଠଯନ୍ତ୍ରୀ ନରସିଂହ ସୋରେନ କୁହନ୍ତି ରାସ୍ତା କାମ ଅବଧିକୁ ବଢାଇ ଦିଆଯାଇଛି। କରୋନା ପାଇଁ କାମ ବିଳମ୍ବ ହୋଇଛି। ପାଗ ଭଲ ହେଲେ ରାସ୍ତା କାମ ହେବ ବୋଲି କହିଛନ୍ତି।

## ୩ ଚୋରା କୋଇଲା ବୋଝେଇ ଗାଡ଼ି ଜବତ

**ଭଦ୍ରକ ଅଫିସ, ୨୧।୬**

ଧାମରା କୋଇଲା ଚୋରା ଚାଲାଣ ହେଉଥିବା ୩ଟି ଗାଡ଼ିକୁ ଜବତ ଭଦ୍ରକ ଆର୍‌ପିଏଫ୍ ଗିରଫ କରିଛି। ଏହି ଘଟଣାରେ ସହ ୩ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଟାଉନର ରମେଶ ଚନ୍ଦ୍ର ବିଶ୍ୱାଳ, ନିସିତ କୁମାର ଦତ୍ତ ଓ ସୂର୍ଯ୍ୟକାନ୍ତ ଘଡ଼େଇ।

ଧାମରାରୁ ଟ୍ରେନ ଯୋଗେ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଥିବା କୋଇଲାକୁ ଚଳନ୍ତା ଟ୍ରେନରୁ ଚୋରି କରି ବିଭିନ୍ନ ଜିଲାକୁ ଚାଲାଣ କରୁଥିବା ଏକ ର୍‍ୟାକେଟ୍ ଭଦ୍ରକରେ ସକ୍ରୀୟ ହୋଇ ଉଠିଛନ୍ତି। ପ୍ରତିଦିନ ସଡ଼କପଥ ଓ ଜଳପଥ ଯୋଗେ ଏହି ର୍‍ୟାକେଟ୍ ଚୋରା କୋଇଲା ଚାଲାଣ କରୁଛନ୍ତି। ଶନିବାର ଭଦ୍ରକ ଆର୍‌ପିଏଫ୍‌ର ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି କୋଇଲା ବୋଝେଇ ଗୋଟିଏ ଟ୍ରକ, ଗୋଟିଏ ୪୦୭ ଓ ଗୋଟିଏ ପିକଅପ୍ ଭ୍ୟାନ୍‌କୁ ଜବତ କରି ୩ ଜଣଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ତଦନ୍ତ ଚାଲିଥିବା କାରଣରୁ ଅଧିକ ତଥ୍ୟ ମିଳିପାରି ନାହିଁ।



ଗିରଫ ୩ ଅଭିଯୁକ୍ତଙ୍କ ସହ ପୋଲିସ କର୍ମଚାରୀ।

## ଆଖଣ୍ଡଳମଣି ମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି



**ଆରଡ଼ି,୨୧।୬,(ଡି.ଏନ୍.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିସ୍ଥିତ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ରବିବାର ସୂର୍ଯ୍ୟୋପରାଗ ପରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଶନିବାର ରାତି ୧୦.୩୦ଠାରୁ ମନ୍ଦିରରେ ପହୁଡ଼ ପଡିଥିଲା। ରବିବାର ଗ୍ରହଣ ମୋକ୍ଷ ସମୟ ଅପରାହ୍ନ ୨ଟା ୧୧ ପରେ ପାଳିଆ ସେବାୟତ ମନ୍ଦିର ପହୁଡ଼ ଖୋଲିବା ସହ ବାବାଙ୍କ ମହାସ୍ନାନ କରାଇଥିଲେ। ପରେ ମଙ୍ଗଳ ଆଳତି ସହ ସମସ୍ତ ପୂଜାନୀତି ସମ୍ପନ୍ନ ହୋଇଥିଲା। ସମସ୍ତ ସେବାୟତ ସ୍ନାନ କରି ବାବାଙ୍କୁ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, କରୋନା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଦୀର୍ଘ ୩ ମାସ ହେଲା ମନ୍ଦିର ବନ୍ଦ ରହିଛି ଓ ଭକ୍ତମାନେ ପ୍ରଭୁଙ୍କ ଦର୍ଶନରୁ ବଞ୍ଚିତ ହେଉଛନ୍ତି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ଚମ୍ପୁଆ, ୨୧।୬(ଡି.ଏନ.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ସୁବ୍ରତ ସିଂ ନାମକ ଜଣେ ଯୁବକଙ୍କୁ ପୋଲିସ ଶନିବାର ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଚମ୍ପୁଆ ଥାନା ଅଞ୍ଚଳର ସୁବ୍ରତ ସିଂ(୨୯) ଗତ ୧୫ ତାରିଖ ରାତି ୮ଟା ବେଳେ ଜଣେ ୮ ବର୍ଷର ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକ ୧୭ତାରିଖରେ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା(ନଂ. ୮୫/୨୦୨୦) ରୁଜୁ ହୋଇ ତଦନ୍ତ ଜାରି ରହିଥିଲା। ଡାକ୍ତରୀମାଇନା ପରେ ସୁବ୍ରତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୩୦ କି.ମି. ଘୁଷୁରି ଘୁଷୁରି ଗଲେ ଦିବ୍ୟାଙ୍ଗ

**କେନ୍ଦୁଝର, ୨୧।୬ (ସ୍ୱ.ପ୍ର.)**

ଏବେବି ଅନେକ ଗ୍ରାମରେ ଡିଜିଟାଲ ବ୍ୟାଙ୍କିଙ୍ଗ ସେବା ଅପହଞ୍ଚ ହୋଇରହିଛି। ଫଳରେ ଲୋକେ ଟଙ୍କା ଉଠାଇବା ଓ ଜମା କରିବାକୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗମାନେ ବହୁତ ହଇରାଣ ହେଉଛନ୍ତି। କେନ୍ଦୁଝର ସଦର ବ୍ଲକ ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ଯୁବକ ରବିବାର ଏଟିଏମ୍‌ରୁ ଟଙ୍କା ଉଠାଇବା ପାଇଁ ପ୍ରାୟ ୩୦ କି.ମି. ରାସ୍ତା ଘୁଷୁରି ଘୁଷୁରି ଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କ ନାଁ ସାଗର ମୁଣ୍ଡା(୨୪), ଜନ୍ମରୁ ସେ ଦିବ୍ୟାଙ୍ଗ। ଘର ଝୁମ୍ପୁରା ବ୍ଲକ ମଲଦା ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ। ତାଙ୍କୁ ସରକାରୀ ଭତ୍ତା ମିଳୁଛି, ହେଲେ ଚଳପ୍ରଚଳ ଲାଗି ସାଇକେଲ ମିଳି ନ ଥିବାରୁ ସେ ବିଭିନ୍ନ କାମ ପାଇଁ ଘୁଷୁରି ଘୁଷୁରି ଯାଉଛନ୍ତି। ସାଗର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗୋହାଲଡ଼ିହି ଗ୍ରାମରେ ରହୁଥିବା ତାଙ୍କ ମାମୁ ଘରକୁ ଆସି ସେଠାରୁ ପଦ୍ମପୁର ଯାଇ ଏଟିଏମରୁ ଟଙ୍କା ଉଠାଇବାକୁ ଯାଉଥିଲେ। କଲଣ୍ଡାଠାରେ ପର୍ଜୁନପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ସମାଜସେବୀ ବିଦ୍ୟାଧର ମହାନ୍ତ, ଯୁଧିଷ୍ଠୀର ମହାନ୍ତ ତାଙ୍କୁ ଅଟକାଇ ବାଇକରେ ଆଣି ମାମୁ ଘରେ ଛାଡିଥିଲେ। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ସହ ତାଙ୍କୁ ସରକାରୀ ବ୍ୟବସ୍ଥା ଅନୁଯାୟୀ ସହାୟତା ଯୋଗାଇଦେବା ଓ ଚଳପ୍ରଚଳ ଲାଗି ଏକ ସାଇକେଲ ଦେବାକୁ ଦାବି ହୋଇଛି।



ସାଗର ମୁଣ୍ଡା

## ଅସ୍ଥାୟୀ ଗୁଣ୍ଡିଚାଘରକୁ ପହଣ୍ଡି କରିବେ ନାହିଁ ସେବକ

**କେନ୍ଦୁଝର,୨୧।୬(ଡି.ଏନ୍.ଏ.)**

### ବଳଦେବଜୀଉ ମନ୍ଦିର

କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉ ମନ୍ଦିରରେ ଆସନ୍ତା ମଙ୍ଗଳବାର ରଥଯାତ୍ରା ପାଳନ ପରିପ୍ରେକ୍ଷୀରେ ମନ୍ଦିର ବେଢ଼ା ମଧ୍ୟରେ ହେବାକୁ ଥିବା ଅସ୍ଥାୟୀ ଗୁଣ୍ଡିଚାଘରକୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରିବେ ନାହିଁ ପହଣ୍ଡିଆ ସେବକ। କେନ୍ଦୁଝରରେ କରୋନା ସଂକ୍ରମିତ ଅନ୍ୟ ଜିଲା ତୁଳନାରେ କମ୍ ଥିବାବେଳେ ଏକପାଖିଆ ନିଷ୍ପତ୍ତି ନିଆଯାଇ ରଥଯାତ୍ରାକୁ କୋଭିଡ ଆଳରେ ବନ୍ଦ କରାଯାଇଥିବାରୁ ପହଣ୍ଡିଆ ସେବକମାନେ ଏହାର ବିରୋଧ କରିବା ସହ ମନ୍ଦିର ପରିସରରେ ଅସ୍ଥାୟୀ ଘରକୁ ପହଣ୍ଡି କରିବା ଶାସ୍ତ୍ର ବିରୋଧୀ ବୋଲି ଏହି ସେବକମାନେ ପ୍ରକାଶ କରିଛନ୍ତି। ଶତାଧିକ ପହଣ୍ଡିଆ ସେବକଙ୍କର ଏକ ଜରୁରୀ ବୈଠକ ରବିବାର ବଡଦାଣ୍ଡଠାରେ ଥିବା ଶ୍ରୀ ଗୋପାଳଜୀଉ ମଠ ସମ୍ମୁଖରେ ଅନୁଷ୍ଠିତ ହୋଇ କେନ୍ଦୁଝରରେ ରଥଯାତ୍ରା ବନ୍ଦ ନିଷ୍ପତ୍ତିକୁ ତୀବ୍ର ବିରୋଧ କରାଯାଇଛି। ପହଣ୍ଡିଆ ସେବକ ସଂଘ ସଭାପତି ତଥା ବରିଷ୍ଠ ସେବକ ବିପିନ ବିହାରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପହଣ୍ଡିଆ ସେବକ ନିମାଇଁ ଚରଣ ଦାଶ, ମଧୁସୂଦନ ମିଶ୍ର, ଚନ୍ଦ୍ରଶେଖର ମିଶ୍ର, କିଶୋର ଚନ୍ଦ୍ର ତ୍ରିପାଠୀ, ଧିରେନ ପଣ୍ଡା, ଶିବଶଙ୍କର ମିଶ୍ର ପ୍ରମୁଖ ବକ୍ତବ୍ୟ ରଖି ଦେବସ୍ନାନ ନୀତି ସାମାଜିକ ଦୂରତା ରଖି ସୁରୁଖୁରୁରେ ପାଳିତ ହୋଇଥିବା ବେଳେ ରଥଯାତ୍ରାକୁ ବନ୍ଦ କରିବା ଦ୍ୱାରା ଅଗଣିତ ଭକ୍ତମାନଙ୍କ ହୃଦୟରେ ଆଘାତ ଦେଇଛି ବୋଲି ପ୍ରକାଶ କରିଥିଲେ। ରଥଯାତ୍ରାକୁ ସାମାଜିକ ଦୂରତା ମଧ୍ୟରେ ପାଳନ କରି ହୋଇଥାନ୍ତା ବୋଲି ଏହି ସେବକମାନେ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଉପଜିଲାପାଳ ତଥା ମନ୍ଦିରର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଉତ୍ତର ଓଡ଼ିଶାରେ ୩୪ ଆକ୍ରାନ୍ତ, ୧୫ ସୁସ୍ଥ

**ବାରିପଦା ଅଫିସ/ ଭଦ୍ରକ ଅଫିସ/ କୁଆମରା,୨୧।୬(ଡି.ଏନ୍.ଏ)**

ଉତ୍ତର ଓଡ଼ିଶାରେ ରବିବାର ୩୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୫ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମୟୂରଭଞ୍ଜ ଜିଲାର ୬, ବାଲେଶ୍ୱରର ୧୭ ଓ ଭଦ୍ରକ ଜିଲାର ୧୧ ଜଣ ରହିଛନ୍ତି। ସେହିପରି ମୟୂରଭଞ୍ଜରୁ ୮ , କେନ୍ଦୁଝରରୁ ୫ ଓ ବାଲେଶ୍ୱର ଜିଲାରୁ ୨ ଜଣ ଆରୋଗ୍ୟ ହୋଇଛନ୍ତି।

ମୟୂରଭଞ୍ଜ ଜିଲାର କରଞ୍ଜିଆ,ଖୁଣ୍ଟା, ଉଦଳା ବ୍ଲକ ଏବଂ ବାରିପଦା ମ୍ୟୁନିସିପାଲଟିରୁ ଜଣେ ଲେଖାଏ ଓ ଗୋପବନ୍ଧୁନଗର ବ୍ଲକରୁ ୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୩ ଜଣ ପଶ୍ଚିମବଙ୍ଗ, ଜଣେ ତାମିଲନାଡୁ, ଜଣେ କର୍ନାଟକ ଓ ଜଣେ ମହାରାଷ୍ଟ୍ରରୁ ଫେରିଛନ୍ତି। ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରିରହିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ଜିଲାରେ ମୋଟ ୧୪୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିମଧ୍ୟରୁ ୯୦ ଜଣ ସୁସ୍ଥ ହୋଇଥିବା ବେଳେ ୫୫ ଜଣ ବର୍ତ୍ତମାନ ଚିକିତ୍ସାଧିନ ରହିଛନ୍ତି।

ଭଦ୍ରକ ଜିଲାରୁ ଚିହ୍ନଟ ୧୧ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ ଜଣ ସଙ୍ଗରୋଧ କେନ୍ଦ୍ର ଓ ଅନ୍ୟ ଜଣେ ସଙ୍ଗରୋଧ କେନ୍ଦ୍ର ବାହାରର। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୯୭ ଛୁଇଁଛି। ଚିହ୍ନଟ ୧୧ ଜଣଙ୍କ ମଧ୍ୟରୁ ୬ ଜଣ ବନ୍ତ ବ୍ଲକର ଷେଣ୍ଟେଡିରା ସଙ୍ଗରୋଧ କେନ୍ଦ୍ର ଓ ଜଣେ ଏରେଣ୍ଡେଇ ଗୋବିନ୍ଦପୁର ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଏବଂ ଜଣେ ଧାମନଗର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ବ୍ଲକ ଏବି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଓ ତୁଳସୁଲା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରୁ ଜଣେ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣ ତାମିଲନାଡୁ, ଜଣେ ପଣ୍ଡିଚେରୀ, ଜଣେ କର୍ନାଟକ, ଜଣେ ହରିଆନା, ଜଣେ ତେଲଙ୍ଗାନା, ୨ ଜଣ ଦିଲ୍ଲୀ, ଜଣେ ପଶ୍ଚିମବଙ୍ଗ, ଜଣେ ମହାରାଷ୍ଟ୍ର ଓ ଅନ୍ୟ ଜଣେ ଲୋକାଲ କଣ୍ଟାକ୍ଟ ବୋଲି ପ୍ରଶାସନ ପକ୍ଷରୁ ଟୁଇଟର୍ ଯୋଗେ ସୂଚନା ଦିଆଯାଇଛି।

## 'ଅବସାଦରୁ ଦୂରେଇ ରଖେ ଯୋଗ'

**ବାରିପଦା ଅଫିସ,୨୧।୬**

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବାରିପଦାସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଅଧକ୍ଷ ଅବନୀ କୁମାର ପତିଙ୍କ ତତ୍ତ୍ୱାବଧାନରେ ଯୋଗ ଦିବସ ପାଳନ କରାଯାଇଥିଲା। ପ୍ରତିଦିନ ୨୦ ମିନିଟ୍ ଯୋଗ କରିବା ଦ୍ୱାରା ଶରୀର ନିରୋଗ ରହିବା ସହ ମନ ବିଷାଦମୁକ୍ତ ହୋଇଥାଏ ବୋଲି ସେ କହିଥିଲେ। ଦିଲ୍ଲୀପ କୁମାର ଦାସ, ମନୋଜ ବେହେରା, ସମୀର କୁମାର ମହାନ୍ତି, ସଜିସ୍ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ମୁକ୍ତ ଶାଖା ତରଫରୁ ଯୋଗ ଦିବସ ପାଳିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ଓ କୁଳସଚିବ ପ୍ରମୋଦ କୁମାର ଶତପଥୀଙ୍କ ପରାମର୍ଶକ୍ରମେ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିଜ ଘରେ ରହି ଯୋଗ କରିଥିଲେ।



ଯୋଗାସନ କରାଯାଉଛି।

## ଅସହାୟ ବୃଦ୍ଧଙ୍କ ଶବଦାହ କରି ଦେଖାଇଲେ ମାନବିକତା

**ବାରିପଦା ଅଫିସ,୨୧।୬**

ଜଣେ ଅସହାୟ ବୃଦ୍ଧଙ୍କ ଶବଦାହ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଥିବା ବେଳେ ହେଲ୍ପିଂ ବୟ ନାମକ ସଙ୍ଗଠନର କର୍ମକର୍ତ୍ତା ଶବ ସତ୍କାର କରି ମାନବିକତା ଦେଖାଇଛନ୍ତି। ଏହି ଘଟଣା ଦେଖିବାକୁ ମିଳିଛି ରବିବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା ବାରିପଦା ସହରରେ। ସୂଚନା ଅନୁଯାୟୀ, ଧନୁ ସିଂ(୬୦) ନାମକ ଜଣେ ବୃଦ୍ଧ ଦୀର୍ଘ ୮ ବର୍ଷ ହେଲା ବାରିପଦା ପାଲବଣି ଅଞ୍ଚଳରେ ଯାଯାବର ଜୀବନ କାଟୁଥିଲେ। ବିଭିନ୍ନ ସ୍ଥାନରେ କାମଧନ୍ଦା କରି ରାତିରେ ଦୋକାନ ବାରଣ୍ଡାରେ ଶୋଇ ଯାଉଥିଲେ। ମାତ୍ର ଲକ୍ ଡାଉନ୍ ଯୋଗୁ କାମଧନ୍ଦା ପାଉ ନ ଥିଲେ। ଫଳରେ ଦିନେ ଖାଇ ଆଉ ଦିନେ ଉପାସରେ ରହି କଷ୍ଟେମଷ୍ଟେ ଚଳି ଯାଉଥିଲେ। ଗତ କିଛି ଦିନ ତଳେ ତାଙ୍କ ଦେହ ଖରାପ ହୋଇଯାଇଥିଲା। ଅର୍ଥ ଅଭାବରୁ ସେ ଚିକିତ୍ସିତ ହୋଇପାରି ନ ଥିଲେ। ଶନିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ରବିବାର କେତେଜଣ ବ୍ୟକ୍ତି ଏକ ଟ୍ରଲିରେ ତାଙ୍କ ମୃତଦେହକୁ ନେଇ ବାରିପଦା ମଞ୍ଚାବନ୍ଧା ଜଙ୍ଗଲକୁ ପୋତିବା ପାଇଁ ଯାଇଥିଲେ। ମାତ୍ର ସେଠାରେ ଶବ ପୋତା ଯାଇପାରିବନି ବୋଲି ସ୍ଥାନୀୟ ଗ୍ରାମବାସୀ ବାରଣ କରିବା ପରେ ପୁଣି ସେହି ଟ୍ରଲିରେ ମୃତଦେହକୁ ରଖି ପାଲବଣି ନିକଟସ୍ଥ ଜାତୀୟ ରାଜପଥକୁ ଆସୁଥିଲେ। ଟ୍ରଲିରେ ମୃତଦେହ ଆସୁଥିବା ଦେଖି ହେଲ୍ପିଂ ବୟ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ଏନେଇ ବାରିପଦା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତିଙ୍କୁ ସେମାନେ ସୂଚନା ଦେଇଥିଲେ। ଏହାପରେ ମୃତଦେହ ନେବା ପାଇଁ ଟାଉନ ପୋଲିସ ଏକ ଆମ୍ବୁଲାନ୍ସ ପଠାଇବା ସହିତ ଶବସତ୍କାର ପାଇଁ ଉପଯୁକ୍ତ ବନ୍ଦୋବସ୍ତ କରିଥିଲେ। ସଙ୍ଗଠନର ଆବାହକ ମାନସ କରଣଙ୍କ ନେତୃତ୍ୱରେ ଲଳିତ ସରକାର, ସରୋଜ ପଦାର, ସାଗର ପାତ୍ର, ନିକୁ ମହାନ୍ତି, କାହ୍ନୁଚରଣ ଶତପଥୀ, ବିଶ୍ୱଜିତ୍ ଭୂୟାଁ ପ୍ରମୁଖ ମଧୁବନ ବାରୁଣି ଘାଟରେ ରହି ଶବ ସତ୍କାର କରିଥିଲେ। ସଙ୍ଗଠନର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଶବ ସତ୍କାର ସମୟରେ ଉପସ୍ଥିତ ହେଲ୍ପିଂ ବୟ ସଙ୍ଗଠନର କର୍ମକର୍ତ୍ତା।

## ସଂକ୍ଷେପରେ

### ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ, ଫାର୍ମାସିଷ୍ଟ ଗିରଫ

ଜି.ଉଦୟଗିରି,୨୧।୬(ଡି.ଏନ୍.ଏ.)- କେ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଫାର୍ମାସିଷ୍ଟ ଦୁର୍ବ୍ୟବହାର କରିଥିବା ସାରଙ୍ଗଗଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ ଗିରଫ କରିଛି। ସେ ହେଲେ ପ୍ରଭାତ ଚନ୍ଦ୍ର ଦାସ। ମହିଳା ସ୍ୱାସ୍ଥ୍ୟକର୍ମୀ ଦେଇଥିବା ଏତଲା ଅନୁଯାୟୀ, ଫାର୍ମାସିଷ୍ଟ ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ ସମୟରେ ଜାତିଆଣ ମନ୍ତବ୍ୟ ଦେଉଥିଲେ। ଏନେଇ ସେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ମଧ ଜଣାଇଥିଲେ। ଏହାପରେ ମଧ ତାଙ୍କ ଆଚରଣରେ ପରିବର୍ତ୍ତନ ହୋଇ ନ ଥିଲା। ତେଣୁ ସେ ବାଧ ହୋଇ ଥାନାରେ ଅଭିଯୋଗ କରିଥିବା ଉଲ୍ଲେଖ କରିଛନ୍ତି। ସାରଙ୍ଗଗଡ ଥାନା ଅଧିକାରୀ ଅନିତା କିଡୋ ଓ ଜି. ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ମାମଲା (ନଂ.୩୭/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ଫାର୍ମାସିଷ୍ଟ ଦାସଙ୍କୁ ରବିବାର ଗିରଫ କରାଯାଇଥିବା ଏସ୍‌ଡିପିଓ ବେହେରା କହିଛନ୍ତି।

### ରଥଯାତ୍ରା ପାଇଁ ସୁପ୍ରିମ୍‌କୋର୍ଟ ଗଲେ ଆଇନଜୀବୀ

ଭଞ୍ଜନଗର,୨୧।୬(ଡି.ଏନ୍.ଏ.)- କରୋନା ଯୋଗୁ ଚଳିତବର୍ଷ ସୁପ୍ରିମକୋର୍ଟ ରଥଯାତ୍ରା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକୁ ନେଇ ଦେଶରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। କେତେଜଣ ଲୋକ ରଥଯାତ୍ରା କଟକଣା ମଧରେ ହେଉ ବୋଲି ଚାହୁଁଥିବାବେଳେ ଆଉ କେତେକ ଲୋକ ଏହାକୁ ବିରୋଧ କରୁଛନ୍ତି। ଏଭଳି ପରିସ୍ଥିତିରେ ରଥଯାତ୍ରା କରିବାକୁ ସୁପ୍ରିମକୋର୍ଟରେ ଏକାଧିକ ଲୋକେ ରିଟ୍ ପିଟିସନ ଦାଖଲ କରିଛନ୍ତି। ଗଞ୍ଜାମ ଜିଲା ଭଞ୍ଜନଗରର ବରିଷ୍ଠ ଆଇନଜୀବୀ ଖରାଶୁଂ ଶେଖର ଦାସ ମଧ ରଥଯାତ୍ରା ବିନା ଭକ୍ତରେ ପୋଲିସ ଏବଂ ସେବାୟତଙ୍କୁ ନେଇ କରିବାକୁ ପିଟିସନ ଦାଖଲ କରିଛନ୍ତି। ସୋମବାର ସମସ୍ତ ପିଟିଶନର ଶୁଣାଣି ହେବ ବୋଲି ସେ ସୂଚନା ଦେଇଛନ୍ତି।

### ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ

ଆସିକା/ଶେରଗଡ଼,୨୧।୬(ଡି.ଏନ୍.ଏ.)- ଆସିକା ଓ ଶେରଗଡ଼ରେ ରବିବାର ଶଟ୍‌ଡାଉନ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଆସିକା ବିଜୁ ପଟ୍ଟନାୟକ ଛକ ଓ ପାଲକଲାପଲ୍ଲୀ ଛକ ଠାରେ ପ୍ରଶାସନ ପକ୍ଷରୁ ରୋଡ ବ୍ଲକ୍ କରାଯାଇ ବେଆଇନ ଭାବେ ଚଳାଚଳ କରୁଥିବା ୧୨ ବାଇକ ଓ ଗୋଟିଏ କାରକୁ ଅଟକାଇ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଆସିକା ତହସିଲଦାର ସଦାନନ୍ଦ ସେଠୀ, ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଏନଏସି କାଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ଚଢାଉରେ ସାମିଲ ଥିଲେ। ସେହିପରି ଶେରଗଡ଼ ଚାରିଛକରେ ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ଅମାନିଆ ଗାଡିଚାଳକ, ବିନା ମାସ୍କରେ ବୁଲୁଥିବା ବ୍ୟକ୍ତିଙ୍କ ଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଠାରେ ଆସିକା ଏସ୍‌ଡିପିଓ ପ୍ରଧାନଙ୍କ ସମେତ ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା ପ୍ରମୁଖ ଚଢ଼ାଉ କରିଥିଲେ।

### ପଞ୍ଚାୟତ କର୍ମଚାରୀ କରୋନା ଆକ୍ରାନ୍ତ

ଭଞ୍ଜନଗର,୨୧।୬(ଡି.ଏନ.ଏ) - ଭଞ୍ଜନଗର ବ୍ଲକର ଏକ ପଞ୍ଚାୟତର ନିର୍ବାହୀ ଅଧିକାରୀ କରୋନାରେ ଆକ୍ରାନ୍ତ ହୋଇଥିବା ଶନିବାର ରାତିରେ ଜଣାପଡ଼ିଛି। ତାଙ୍କୁ ଭଞ୍ଜନଗର ଯୁବି ହାଇସ୍କୁଲସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ରଖି ଚିକିତ୍ସା କରାଯାଉଛି। ଏହାପୂର୍ବରୁ ଭଞ୍ଜନଗର ଏନ୍‌ଏସିର ଜଣେ କର୍ମଚାରୀ ମଧ୍ୟ ଆକ୍ରାନ୍ତ ହୋଇ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ଭଞ୍ଜନଗର ବ୍ଲକ ସଙ୍ଗରୋଧ କେନ୍ଦ୍ର ବାହାରୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ସମସ୍ତଙ୍କ ଚିନ୍ତା ବଢ଼ିଯାଇଛି। ରବିବାର ସୁଧା ଭଞ୍ଜନଗର ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଶହେରୁ ଉର୍ଦ୍ଧ ପ୍ରବାସୀ ଓଡ଼ିଆ ଅଛନ୍ତି। ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକରେ ସଙ୍ଗରୋଧ କେନ୍ଦ୍ର ଚାଲିବ। ଏହାପରେ ତୁରୁମୁ ଏବଂ କୁଲାଡ଼ କଲ୍ୟାଣ ମଣ୍ଡପକୁ ସଙ୍ଗରୋଧ କେନ୍ଦ୍ର ଭାବେ ବ୍ୟବହାର କରାଯିବ। ୩୦ ପରେ ଯେଉଁମାନେ ଆସିବେ ସେଠାରେ ରହିବେ। ଯେଉଁମାନଙ୍କ ଘରେ ସୁବିଧା ଥିବ ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖିବା ଯୋଜନା ଅଛି ବୋଲି ବିଡ଼ିଓ ଅନିଲ କୁମାର ସେଠୀ ସୂଚନା ଦେଇଛନ୍ତି।

# ଗଞ୍ଜାମରେ ପଜିଟିଭ୍ ସଂଖ୍ୟା ୮୯୧କୁ ବୃଦ୍ଧି

- ୧୦ କରୋନା ଯୋଦ୍ଧା ସମେତ ୩୮ ଆକ୍ରାନ୍ତ ଚିହ୍ନଟ
- ୭ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା, ସୁସ୍ଥ ହେଲେଣି ୬୭୦

ଛତ୍ରପୁର,୨୧।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ରବିବାର ପୁଣି ୩୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ କରୋନା ଯୋଦ୍ଧା, ୮ ଜଣ ଅନ୍ୟ ରାଜ୍ୟ ଫେରନ୍ତା ଓ ପଜିଟିଭ୍‌ମାନଙ୍କ ସଂସ୍ପର୍ଶରେ ଆସି ୨୦ ଜଣ ସଂକ୍ରମିତ ହୋଇଛନ୍ତି। ଫଳରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୮୯୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ଜଣେ ୪୯ ବର୍ଷୀୟ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଜିଲାରେ କରୋନାରେ ମୃତକଙ୍କ ସଂଖ୍ୟା ୭ରେ ପହଞ୍ଚିଛି।

ରବିବାର ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା, ଭଞ୍ଜନଗର ଓ କବିସୂର୍ଯ୍ୟନଗରରୁ ଜଣେ ଲେଖାଏ, ଚିକିଟିରୁ ୨, ପୋଲସରାରୁ ୩ କରୋନା ଯୋଦ୍ଧା ରହିଛନ୍ତି। ସେହିପରି ସୁରଟ, ତାମିଲନାଡୁ, ମହାରାଷ୍ଟ୍ର, ବାଙ୍ଗାଲୋର ଓ କେରଳରୁ ଫେରି ସଂକ୍ରମିତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ବେଲଗୁଣ୍ଠା, ବେଗୁନିଆପଡା, ପାତ୍ରପୁର, ପୋଲସରା, ପୁରୁଷୋତ୍ତମପୁର ଓ ଶେରଗଡ଼ର ଜଣେ ଲେଖାଏ, କବିସୂର୍ଯ୍ୟନଗରର ୨ଜଣ ଅଛନ୍ତି। ପଜିଟିଭ୍‌ମାନଙ୍କ ସଂସ୍ପର୍ଶରେ ଆସି ଆସିକା, ଗଞ୍ଜାମ ଓ ସୋରଡ଼ାରୁ ୨ଜଣ ଲେଖାଏ, ବେଗୁନିଆପଡାରୁ ୬ ଜଣ, ବେଲଗୁଣ୍ଠା, ପୋଲସରା ଓ ଧରାକୋଟରୁ ଜଣେ ଏବଂ କବିସୂର୍ଯ୍ୟନଗରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ରବିବାର ୧୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇଲେ ବର୍ତ୍ତମାନ ସୁଦ୍ଧା ୬୭୦ ଜଣ ସୁସ୍ଥ ହେଲେଣି। ୨୧୪ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ସମସ୍ତ ପଜିଟିଭଙ୍କ କଣ୍ଟାକ୍ଟ ଟ୍ରେସିଂ ଚାଲିଥିବା ଜିଲାପାଳ କହିଛନ୍ତି। ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା, ବାରମ୍ବାର ହାତ ଧୋଇବା, ପାଟି, ନାକ ଓ ଆଖିକୁ ନ ଛୁଇଁବା, ଘରେ ରହିବା, ବରିଷ୍ଠ ନାଗରିକ ଓ ଶିଶୁଙ୍କ ଯତ୍ନ ନେବା ଏବଂ କୋଭିଡ୍, ଶଟ୍‌ଡାଉନ୍ ଓ ଲକ୍‌ଡାଉନ ନିୟମ ମାନିବାକୁ ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି।

# କନ୍ଧମାଳରେ ସଂକ୍ରମିତ ହେଲେଣି ୧୫୯

ଫୁଲବାଣୀ ଅଫିସ, ୨୧।୬

କନ୍ଧମାଳ ଜିଲାରେ ରବିବାର ପୁଣି ଜଣେ କରୋନା ଯୋଦ୍ଧାଙ୍କ ସମେତ ୧୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ୧୨ ଜଣଙ୍କୁ ମିଶାଇ ଜିଲାରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୯ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ଜି. ଉଦୟଗିରି ବ୍ଲକ ଟିଏମ୍‌ସିରେ ୬ ଜଣ ଚିହ୍ନଟ ହୋଇଥିବା ବେଳେ ତୁମୁଡିବନ୍ଧ ଟିଏମ୍‌ସିରୁ ୩, ଫୁଲବାଣୀ କୋଭିଡ୍ କେୟାର ସେଣ୍ଟରରୁ ୨ ଜଣ ଓ ଦାରିଙ୍ଗିବାଡି ଟିଏମ୍‌ସିରେ କାର୍ଯ୍ୟରତ ଜଣେ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ଫୁଲବାଣୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଂକ୍ରମିତଙ୍କ ମଧ୍ୟରୁ ରବିବାର ସୁଦ୍ଧା ୧୦୧ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବର୍ତ୍ତମାନ ୫୮ ଜଣ ଚିକିତ୍ସିତ ହେଉଛନ୍ତି।

# ଶଟ୍‌ଡାଉନ ହେଲା ଦାରିଙ୍ଗବାଡ଼ି ପଞ୍ଚାୟତ


ସରପଞ୍ଚ ଓ ବଣିକସଂଘ ମଧ୍ୟରେ ଆଲୋଚନା ଚାଲିଛି।

ଦାରିଙ୍ଗବାଡ଼ି,୨୧।୬(ଡି.ଏନ.ଏ)

ଦାରିଙ୍ଗବାଡ଼ି ପଞ୍ଚାୟତକୁ ୪୮ ଘଣ୍ଟିଆ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି ସରପଞ୍ଚ। ରବିବାର ଅପରାହ୍ନ ୫ଟାରୁ ମଙ୍ଗଳବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶଟଡାଉନ ବଳବତ୍ତର ରହିବ। ଏହି ସମୟରେ ଦୋକାନ ବଜାର ଓ ଯାତାୟାତ ବନ୍ଦ ରଖିବାକୁ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। ସରପଞ୍ଚ ରାଧାକାନ୍ତ ପ୍ରଧାନ ଜିଲାପାଳ କ୍ଷମତା ବ୍ୟବହାର କରି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏନେଇ ସ୍ଥାନୀୟ ବିଡିଓ ଜଗଦିଶ ଷଡଙ୍ଗୀଙ୍କ ସମେତ ଆଇଆଇସି କୌଶିକ ମାଝୀ, ବାଲିଗୁଡ଼ା ଉପଜିଲାପାଳ, କନ୍ଧମାଳ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ସରପଞ୍ଚ ଜଣାଇଛନ୍ତି। କୋଭିଡ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ଶିକ୍ଷକଙ୍କ କରୋନା ପଜିଟିଭ ରିପୋର୍ଟ ଆସିଥିଲା। ସେ ବଜାରର ବିଭିନ୍ନ ଦୋକାନ ବୁଲିବା ସହ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ। ଦାରିଙ୍ଗବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁଙ୍କ ସମେତ ଉପସଭାପତି ସରୋଜ ସାହୁ, ସମ୍ପାଦକ ସୁଶାନ୍ତ କୁମାର ସାହୁ ସରପଞ୍ଚ ପ୍ରଧାନଙ୍କୁ ଭେଟି ଦୋକାନ ବଜାର ବନ୍ଦ ରଖିବାକୁ ନିବେଦନ କରିଥିଲେ। ଏନେଇ ବିଡିଓ ଜଗଦୀଶ ଷଡ଼ଙ୍ଗୀ କହିଛନ୍ତି, ଶିକ୍ଷକ ରହୁଥିବା ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ନିଜଆଡୁ ସଙ୍ଗରୋଧରେ ରୁହନ୍ତୁ ବୋଲି କହିଥିଲେ।

# ୨୫ ଲକ୍ଷ କ୍ଷତିପୂରଣ, ତଦନ୍ତ ଦାବି କଲା ଭାଜପା

ଫୁଲବାଣୀ ଅଫିସ, ୨୧।୬

ବାଲିଗୁଡା ବ୍ଲକ ବଡଗାଁ କୋଭିଡ୍ କେୟାର ସେଣ୍ଟରରେ ଶନିବାର ତୁମୁଡିବନ୍ଧ ଅଞ୍ଚଳର ସମ୍ପୂର୍ଣ୍ଣ ମାଝି ଆତ୍ମହତ୍ୟା କରିବା ଘଟଣାରେ କନ୍ଧମାଳ ଜିଲା ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତପୂରଣ ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ରବିବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି।

ମାର୍ଚ୍ଚ ମାସରେ ହାଇଦ୍ରାବାଦ୍‌ରୁ ଫେରିବା ପରେ ସମ୍ପୂର୍ଣ୍ଣଙ୍କୁ କୁର୍ତ୍ତମଗଡ ଟିଏମ୍‌ସିରେ ରଖାଯାଇଥିଲା। କ୍ୱାରାଣ୍ଟାଇନ୍ ଅବଧି ସାରିବା ପରେ ଘରକୁ ପଠାଇ ଦିଆଯାଇଥିଲା। ପରେ ତାଙ୍କୁ ସାମନ୍ୟ ଥଣ୍ଡା, ଜ୍ୱର ହେବାରୁ ବଡଗାଁ କୋଭିଡ୍ କେୟାର ସେଣ୍ଟରରେ ରଖାଯାଇଥିଲା। ଶନିବାର ପୋଲିସ


ଭାଜପା କର୍ମକର୍ତ୍ତା।

**କୋଭିଡ୍ କେୟାର ସେଣ୍ଟରରେ ଯୁବକଙ୍କ ଆତ୍ମହତ୍ୟା ଘଟଣା**

ଆସି ସମ୍ପୂର୍ଣ୍ଣଙ୍କ ଦେହ ଖରାପ ଅଛି କହି ତାଙ୍କ ବାପା ଓ ମାଙ୍କୁ ଡାକି ନେଇଥିଲା। ସେମାନେ ସେଠାରେ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ଆତ୍ମହତ୍ୟା କରିଥିବା କୁହାଯାଇ ଏକ କାଗଜରେ ଦସ୍ତଖତ କରାଇ ନିଆଗଲା। ମୃତଦେହକୁ ଗ୍ରାମକୁ ନ ଛାଡ଼ି ବଡଗାଁରେ ସଂସ୍କାର କରି ଦିଆଗଲା। ତେଣୁ ସମ୍ପୂର୍ଣ୍ଣ ଆତ୍ମହତ୍ୟା କରି ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ଲୁଚାଇବାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ ବୋଲି ଦାବିପତ୍ରରେ ଭାଜପା ପକ୍ଷରୁ ଉଲ୍ଲେଖ କରାଯାଇଛି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ, ସୁଶାନ୍ତ କୁମାର ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଅମାନିଆଙ୍କଠାରୁ ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୨୧।୬

ଗଞ୍ଜାମ ଜିଲାରେ କୋଭିଡ୍-୧୯ ସଂକ୍ରମଣ ଦିନକୁ ଦିନ ବଢୁଥିବା ବେଳେ ଜିଲାରେ ଲକ୍‌ଡାଉନ୍ କଟକଣାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପଟେ ଲକ୍‌ଡାଉନ୍ ସମୟରେ ଅମାନିଆ ଗାଡ଼ି ଚାଳକଙ୍କୁ ପ୍ରତିଦିନ ଯାଞ୍ଚ କରାଯାଇ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଛି। ଏନେଇ ବ୍ରହ୍ମପୁର ପୋଲିସ ଜିଲାରେ ମାସ୍କ ପିନ୍ଧିବାକୁ ଗୁରୁତ୍ୱ ଦିଆଯିବା ସହ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଉଛି। ଶନିବାର ସକାଳ ସୁଦ୍ଧା ୧୩୪ଅମାନିଆ ଚାଳକଙ୍କଠାରୁ ୬୭, ୫୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ମାସ୍କ ପିନ୍ଧି ନ ଥିବା ୨୨୯ ଲୋକଙ୍କଠାରୁ ୪୫,୮୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ତିନୋଟି ଅବକାରୀ ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଶନିବାରରୁ ରବିବାର ସକାଳ ସୁଦ୍ଧା ୧୩୯ ଅମାନିଆ ବାଇକ୍ ଚାଳକଙ୍କଠାରୁ ୬୯,୫୦୦ ଟଙ୍କା ଜରିମାନା ଧାର୍ଯ୍ୟ ହୋଇଛି। ସେହିପରି ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଚେକିଂ କରାଯାଇ ମାସ୍କ ପିନ୍ଧି ନ ଥିବା ୧୦୦ ଅମାନିଆଙ୍କଠାରୁ ୨୦,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ଗୋଟିଏ ଅବକାରୀ ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଜିଲାରେ ମାସ୍କ ପିନ୍ଧି ନ ଥିବା ୩୨୯ ଜଣଙ୍କଠାରୁ ମୋଟ ୬୫,୮୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୨୭୩ଅମାନିଆ ବାଇକ୍ ଚାଳକଙ୍କଠାରୁ ୧,୩୭,୦୦୦ ଜରିମାନା ଧାର୍ଯ୍ୟ କରାଯାଇଛି। ଏଥିସହ ରାତ୍ରିକାଳୀନ କର୍ଫ୍ୟୁ ଉଲ୍ଲଂଘନ କରିଥିବା ଲୋକମାନଙ୍କଠାରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଟୁଇଟ୍ କରି ଜଣାଇଛନ୍ତି।

# ଫେରାର ଅଭିଯୁକ୍ତଙ୍କୁ ଟ୍ରାକିଂ କରୁଛି ପୋଲିସ

**କ୍ଷୀର ବ୍ୟବସାୟୀ ହତ୍ୟା ଘଟଣା**

ବ୍ରହ୍ମପୁର ଅଫିସ,୨୧।୬

ଗଞ୍ଜାମ ଜିଲା ବ୍ରହ୍ମପୁର ସହରରେ କ୍ଷୀର ବ୍ୟବସାୟୀ ଲମ୍ବୋଦର ମୁନୀ ହତ୍ୟା ଘଟଣାରେ ଏବେ ବି ୨ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛନ୍ତି। ଲମ୍ବୋଦର ସହରରେ ଜଣେ ପ୍ରତିଷ୍ଠିତ କ୍ଷୀର ବ୍ୟବସାୟୀ ଥିବା ବେଳେ ୫ ଦୁର୍ବୃତ୍ତ ଯୋଜନାବଦ୍ଧ ଭାବେ ତାଙ୍କ ଲକ୍ଷ୍ମୀ ଭଣ୍ଡାରରେ ଡକାୟତି କରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ସମସ୍ତ ଅଭିଯୁକ୍ତ ଚିହ୍ନଟ ହୋଇସାରିଥିବା ବେଳେ ପୋଲିସ ମାଷ୍ଟର ମାଇଣ୍ଡ ରୂପେଶ ପାଢ଼ୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଘଟଣାର ସପ୍ତାହ ପରେ ବି ନେହେରୁନଗରର ଶଙ୍କର ସାହୁ ଓ ଶ୍ରୀନୁ ପାତ୍ରଙ୍କୁ ପୋଲିସ ଧରିବାରେ ବିଫଳ ରହିଛି। ଫେରାର ଅଭିଯୁକ୍ତଙ୍କୁ କାବୁ କରିବା ପାଇଁ ଗଠିତ ଟିମ୍ ଏବେ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ଏପରିକି ସେମାନଙ୍କ ମୋବାଇଲ ଫୋନ ନମ୍ବର ମଧ ଟ୍ରାକିଂ କରାଯାଉଛି। ଖୁବଶୀଘ୍ର ଫେରାର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି। ଗତ ୧୩ ତାରିଖ ମଧ୍ୟରାତ୍ରିରେ ବ୍ୟବସାୟୀ ଲମ୍ବୋଦରଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ସେ ପିନ୍ଧିଥିବା ସୁନା ଚେନ୍, ବ୍ରେସ୍‌ଲେଟ୍, ସୁନା ମୁଦି ସମେତ ଆଲମାରିରେ ଥିବା ୧୫ ଭରି ସୁନା ଗହଣା ଓ ୨୦ଲକ୍ଷ ଟଙ୍କା ଲୁଟି ନେଇଥିଲେ ବୋଲି ତାଙ୍କ ମ୍ୟାନେଜର ଗୋଶାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪ ଲକ୍ଷ ଟଙ୍କା ଓ ୮୯ ଗ୍ରାମର ସୁନା ଗିରଫ ହୋଇଥିବା ଅଭିଯୁକ୍ତଙ୍କଠାରୁ ଜବତ କରିଥିଲା।

# ହିଞ୍ଜିଳି ବ୍ଲକ, ୫ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ

**ଅଭିନନ୍ଦନ ଜଣାଇଲେ ଜିଲାପାଳ, ଡିଆର୍‌ଡିଏ ପିଡି**

ଛତ୍ରପୁର,୨୧।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ହିଞ୍ଜିଳି ବ୍ଲକ ଓ ୫ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଏ ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ ଡିଆର୍‌ଡିଏ ପିଡି ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ରବିବାର ଟୁଇଟ୍ କରି ଗଞ୍ଜାମ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି। ହିଞ୍ଜିଳି ବ୍ଲକ, ଏହା ଅନ୍ତର୍ଗତ ଶାସନଆମ୍ବଗାଁ ପଞ୍ଚାୟତ ଓ ଶେରଗଡ଼ ବ୍ଲକର ଅଲାରିଗଡ଼ ପଞ୍ଚାୟତକୁ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ ପୁରସ୍କାର ଭାରତ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିଛି। ସେହିପରି ଗତ ଏପ୍ରିଲ ମାସରେ ପୋଡ଼ାମାରି ପଞ୍ଚାୟତକୁ ନାନାଜୀ ଦେଶମୁଖ ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର, ଗଞ୍ଜାମ ବ୍ଲକ କାଇଁଚପୁର ପଞ୍ଚାୟତକୁ ଗ୍ରାମପଞ୍ଚାୟତ ପ୍ଲାନ ଆୱାର୍ଡ ଏବଂ ବଡ଼ବୋରସିଙ୍ଗ ପଞ୍ଚାୟତକୁ ଚାଇଲ୍ଡ ଫ୍ରେଣ୍ଡଲି ଗ୍ରାମ ପଞ୍ଚାୟତ ପୁରସ୍କାର ମିଳିଛି।

# ଜି.ଉଦୟଗିରିରେ ବିଶ୍ୱ ଯୋଗ ଦିବସ

ଜି.ଉଦୟଗିର,୨୧।୬(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ବ୍ୟବସାୟୀ ସଂଘ ସଭା ଗୃହରେ ରବିବାର ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶ ଯୋଗ ଓ ପ୍ରାଣାୟାମ ଶରୀରକୁ ସୁସ୍ଥ ରଖିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ବୋଲି କହିଥିଲେ। ଶିବିରରେ ବିଭିନ୍ନ ଯୋଗ ଓ ପ୍ରାଣାୟାମ କରାଯାଇଥିଲା। ଚତୁର୍ଭୁଜ ସାହୁ, ଉମା ଶଙ୍କର ସାମନ୍ତରାୟ, କେ. ରାମା ପାତ୍ର, ଏସ୍. ଅଶୋକ ପାତ୍ର, ପବିତ୍ର ସାହୁ, ଚିତ୍ତରଞ୍ଜନ ସାହୁ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଓ ପ୍ରାଣାୟାମ ଭାରତର ପୁରୁଣା ସଂସ୍କୃତି, ଏହାଦ୍ୱାରା ମୁନି ଓ ଋଷିମାନେ ସୁସ୍ଥ ରହି ବହୁ ବର୍ଷ ବଞ୍ଚି ରହି ତପସ୍ୟା କରିବା ସହିତ ଜଗତ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିପାରୁ ଥିଲେ ବୋଲି କହିଥିଲେ।


ଯୋଗ ଅଭ୍ୟାସ କରାଯାଉଛି।

# ବନ୍ଧରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଚିକିଟି,୨୧।୬(ଡି.ଏନ୍.ଏ.)- କେ.ନୂଆଗାଁ ଥାନା ମାଉଁଦପୁର ଗ୍ରାମର ଜଣେ ବୃଦ୍ଧଙ୍କର ରବିବାର ବନ୍ଧରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ମାଉଁଦପୁର ଗ୍ରାମର କାଶୀନାଥ ନାଇକ (୫୫)। ମୃତ କାଶୀନାଥଙ୍କ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିଲା। ରବିବାର ସଂସ୍କାର ପରେ ସମସ୍ତେ ବନ୍ଧକୁ ଗାଧୋଇ ଯାଇଥିଲେ। ଅନ୍ୟମାନେ ଫେରି ଆସିଥିଲେ ମଧ କାଶୀନାଥ ଫେରି ନ ଥିଲେ। ପରିବାର ଲୋକେ ବନ୍ଧକୁ ଯାଇ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କେ.ନୂଆଗାଁ ଥାନାରେ ନଂ.୪/୨୦ରେ ମାମଲା ରୁଜୁ ହୋଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମିଳୁଛି କମ୍ ମଜୁରି

ହିଞ୍ଜିଳିକାଟୁ,୨୧।୬(ଡି.ଏନ୍.ଏ.)

ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରୁଥିବା ଶ୍ରମିକଙ୍କୁ କମ୍ ମଜୁରୀ ପ୍ରଦାନ ନେଇ ଶୁକ୍ରବାର କ୍ରାନ୍ତିକାରୀ କୃଷକ ସଭା ଗଞ୍ଜାମ ଜିଲା ପକ୍ଷରୁ ଏକ ଦାବିପତ୍ର ହିଞ୍ଜିଳିକାଟୁ ବିଡ଼ିଓ ପ୍ରସନ୍ନ କୁମାର ପାତ୍ରଙ୍କ ଜରିଆରେ ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ସାହୁ, ମହିଳା ନେତ୍ରୀ ପି. ପାର୍ବତୀଙ୍କ ନେତୃତ୍ୱରେ ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତ ଗୋପୀନାଥପୁର ଗ୍ରାମର ବହୁ ମହିଳା ଓ ପୁରୁଷ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଏମଜିଏନଆରଇଜିଏ ଯୋଜନାରେ ମଜୁରୀ ହାର ବୃଦ୍ଧି ଘଟିଥିଲେ ମଧ୍ୟ ବହୁ ଶ୍ରମିକଙ୍କୁ ଦିନକୁ ୧୪୦ଟଙ୍କା ହିସାବରେ ମଜୁରୀ ଦିଆଯାଉଛି। ଏ ସମ୍ପର୍କରେ ପ୍ରଶ୍ନ କଲେ ଗାଁ ସାଥୀ, ଜିଆର୍‌ଏସ ଓ ଯନ୍ତ୍ରୀମାନେ କାମ ଠିକ ଭାବେ ହେଉ ନ ଥିବା କହୁଛନ୍ତି ଏବଂ କାମରୁ ବିଦା କରିବା ଭୟ ଦେଖାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ବର୍ଦ୍ଧିତ ମଜୁରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ଜମା କରିବା। କରୋନା ହେତୁ ହତାଶ ଶ୍ରମିକ ଓ ପ୍ରବାସୀ ଶ୍ରମିକଙ୍କୁ ୨ଶହ ଦିନର କାମ, ସମସ୍ତ ଶ୍ରମିକଙ୍କ ୧୫ଶହ ଟଙ୍କା କରୋନା ଆର୍ଥିକ ସହାୟତା, ସମସ୍ତ ଶ୍ରମିକଙ୍କ ରାଶନ କାର୍ଡ ଦେବା ମୁଖ୍ୟ ଦାବି ରହିଛି।

# ଦୋକାନ ସିଲ୍ କଲା ପ୍ରଶାସନ

**ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଅଭିଯୋଗ**

ଚିକିଟି,୨୧।୬(ଡି.ଏନ.ଏ.)

ଚିକିଟି ଏନ୍‌ଏସି ପକ୍ଷରୁ ରବିବାର ବକ୍ସି ବଜାରରେ କୋଭିଡ୍ କଟକଣା ନ ମାନି ଖୋଲାଥିବା ଏକ ଦୋକାନକୁ ସିଲ୍ କରାଯାଇଛି। ଆସନ୍ତା ୭ଦିନ ପର୍ଯ୍ୟନ୍ତ ନ ଖୋଲିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ ସୂଚନା ଦେଇଛନ୍ତି। ସେହିଭଳି ଚିକିଟି, ଚାନ୍ଦପୁର, ଡଭାର, ନୂଆପଡା ବଜାରରେ କିଛି ଦୋକାନୀ ଲକ୍‌ଡାଉନ୍ ନିୟମ ମାନୁ ନ ଥିବାବେଳେ ସାମାଜିକ ଦୂରତା ରକ୍ଷା କରୁ ନ ଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।


ଦୋକାନ ସିଲ୍ କରାଯାଉଛି।

# ପୋଖରୀ ଖୋଳାରେ ଦୁର୍ନୀତି

**ତଦନ୍ତ ପାଇଁ ଜିଲାପାଳଙ୍କ ନିକଟରେ ଅଭିଯୋଗ**

ବୁଗୁଡ଼ା,୨୧।୬(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଗୌଡ଼ସିଙ୍ଗିପୁର ଗ୍ରାମର ଜାମବନ୍ଧ ଖୋଳାରେ ଲଗାତର ଭାବେ ୩ ବର୍ଷ ଧରି ହୋଇଥିବା ବ୍ୟାପକ ଦୁର୍ନୀତିର ତଦନ୍ତ ପାଇଁ ଗ୍ରାମବାସୀ ଗଞ୍ଜାମ ଜିଲାପାଳଙ୍କ ନିକଟରେ ରବିବାର ଲିଖିତ ଅଭିଯୋଗ କରିବା ସହ ଏ ସମ୍ପର୍କରେ ସେମାନେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଛତ୍ରପୁର, ବ୍ରହ୍ମପୁର ଭିଜିଲାନ୍ସ ଅଧିକାରୀ, ଭଞ୍ଜନଗର ଉପଜିଲାପାଳ ଏବଂ ବୁଗୁଡ଼ା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜାମବନ୍ଧ ଖୋଳା ପାଇଁ ୨୦୧୭-୧୮ରେ ଏମ୍‌ଜିଏନ୍‌ଆରଜିଏସ୍‌ରେ ମଞ୍ଜୁର ହୋଇଥିବା ୫ ଲକ୍ଷ ଟଙ୍କା, ୨୦୧୮-୧୯ରେ ସିଏଫସି/ଏସ୍‌ଏଫ୍‌ସି ଯୋଜନାରେ ପୁଣି ସେହି ପୋଖରୀ ଖୋଳା ପାଇଁ ଆସିଥିବା ୪ ଲକ୍ଷ ଟଙ୍କା ଏବଂ ବର୍ତ୍ତମାନ ୨୦୧୯-୨୦ରେ ପୁଣି ସେହି ଜାମବନ୍ଧ ଖୋଳାଲାଗି ମଞ୍ଜୁର ହୋଇଥିବା ୬ ଲକ୍ଷ ଟଙ୍କାରେ ଠିକ କାମ ନ ହୋଇ ବ୍ୟାପକ ଦୁର୍ନୀତି ହୋଇଛି। ୨୦୧୮-୧୯ରେ ପୋଖରୀ ଖୋଳାରେ ଖର୍ଚ୍ଚ ହୋଇଥିବା ୪ ଲକ୍ଷ ଟଙ୍କାର ବିଲ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ାଙ୍କୁ ପଚାରିବାରୁ ଏହି ବିଲ ତାଙ୍କ ଦୃଷ୍ଟିକୁ ଆସି ନାହିଁ କିମ୍ବା ଏ ବିଷୟରେ ସେ ଜାଣିନାହାନ୍ତି ବୋଲି କହିଥିଲେ। ୨୦୧୯-୨୦ରେ ମଞ୍ଜୁର ହୋଇଥିବା ୬ ଲକ୍ଷ ଟଙ୍କାରେ କେବଳ ୨ ଦିନ ମେଶିନରେ କାମ କରି ବିଲ କରିବାକୁ ମସୁଧା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଏହି ୩ ବର୍ଷର ବ୍ୟାପକ ଦୁର୍ନୀତିର ତଦନ୍ତ କରିବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ତନ୍ମୟ ପାତ୍ରଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛନ୍ତି। ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ମେଶିନରେ ଚାଲିଛି ପୋଖରୀ ଖୋଳା।

## ସଂକ୍ଷେପରେ

### ଭିନ୍ନକ୍ଷମ ଯୁବତୀଙ୍କୁ ଉଦ୍ଧାର କଲା ପୋଲିସ

ଦେଓଗାଁ,୨୧।୬(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା କୁଡାସିଂହା ନିକଟରୁ ଶନିବାର ବିଳମ୍ବିତ ରାତିରେ ଜଣେ ଭିନ୍ନକ୍ଷମ(ମୂକ) ଯୁବତୀଙ୍କୁ ପୋଲିସ ଉଦ୍ଧାର କରିଛି। ପରେ ତାଙ୍କୁ ସାଲେପାଲି ଶିକ୍ଷା ନିକେତନଠାରେ ଅସ୍ଥାୟୀଭାବେ ରଖାଯାଇଛି। ଯୁବତୀ ଜଣକ ମୁରିବାହାଲ ଥାନା ଲଖନା ପଞ୍ଚାୟତ ବାଗପଡାର ବୋଲି ଖବର ପାଇ ତାଙ୍କ ପରିବାର ବର୍ଗଙ୍କୁ ଖବର ଦିଆଯାଇଥିବା ଥାନାଧିକାରୀ ରଞ୍ଜନ ବରିହା ସୂଚନା ଦେଇଛନ୍ତି। ତେବେ ଯୁବତୀ ଜଣକ ଏଠାକୁ କିପରି ଆସିଲେ ତାହାର ତଦନ୍ତ ଜାରୀ ରହିଥିବା ସେ କହିଛନ୍ତି। ସୂଚନାନୁସାରେ ଶନିବାର ରାତିରେ ଯୁବତୀ ଜଣକ କୁଡାସିଂହାରେ ବୁଲୁଥିବା ଦେଖି ସ୍ଥାନୀୟ ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ତାଙ୍କୁ ଖାଇବାକୁ ଦେଇଥିଲେ। ପରେ ସନ୍ଦେହ ପ୍ରକାଶ କରି ପୋଲିସକୁ ଖବର ଦେଇଥିଲେ।

### ସୁନ୍ଦରଗଡ଼ରେ ଯୋଗ ଦିବସ

ସୁନ୍ଦରଗଡ,୨୧।୬(ଡି.ଏନ୍.ଏ.): ସୁନ୍ଦରଗଡ଼ କ୍ଲବ ଓ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି। କ୍ଲବ ଓ ସମିତିର ସଦସ୍ୟମାନେ ସହରର ବିଭିନ୍ନ ସ୍ଥାନରେ ଏହି ସ୍ୱତନ୍ତ୍ର ଶିବିର ଆୟୋଜନ କର ଯୋଗଦିବସର ମହତ୍ୱ ସମ୍ପର୍କରେ ଅବଗତ କରାଇଥିଲେ।

# ମଠ ମହନ୍ତ ଅପହରଣ ଘଟଣାର ପର୍ଦ୍ଦାଫାଶ

**ବିନିକା, ୨୧।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାହାଜବାହାଲ ଗୋପାଳଜୀ ମଠର ମହନ୍ତ ତନ୍ମୟନନ୍ଦ ଦାଶ ଅପହରଣ ଘଟଣାରେ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଶଙ୍କରା ଗାଁର

**ବିନିକା**
- ବରପାଲିରୁ ୫ ଅଭିଯୁକ୍ତ ଗିରଫ
- ଅପହରଣରେ ବ୍ୟବହୃତ ୨ ବାଇକ, ୫ ମୋବାଇଲ ଜବତ

ଶମ୍ଭୁ ପ୍ରସାଦ ହୋତା ଓରଫ ମଣ୍ଟୁ(୩୧), ଓମ୍ ପ୍ରକାଶ ପଧାନ(୩୮), ଚନ୍ଦନ ପଧାନ (୨୧), ଫୁଲମୁଠୀ ଗ୍ରାମର ସୁରେନ୍ଦ୍ର କୁମାର ଦାଶ (୩୮) ଓ ବରଗଡ ଜିଲା ବରପାଲିର ବିଦ୍ୟାଧର ପଧାନ। ଅଭିଯୁକ୍ତମାନଙ୍କ ପାଖରୁ ଦୁଇଟି ବାଇକ (ନଂ.ଓଡି-୩୧ଡି -୬୩୨୦ ଓ ନଂ.ଓଡି-୩୧ଡି-୭୦୨୮) ସହିତ ୫ ମୋବାଇଲ୍ ଜବତ କରାଯାଇଛି। ମଠ ସମ୍ପତ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦ କାରଣରୁ ମହନ୍ତଙ୍କୁ ଅପହରଣ କରାଯାଇଥିବା ପୋଲିସ କହିଛି। ରବିବାର ସନ୍ଧ୍ୟାରେ ବିନିକା ଥାନା ଅଭ୍ୟର୍ଥନା ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଦେବୀ



ଅପହରଣ ଘଟଣାର ଗିରଫ ଅଭିଯୁକ୍ତମାନେ।

ପ୍ରସାଦ ଦାଶ ଏ ନେଇ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଗୋପାଳଜୀ ମଠର ମହନ୍ତ ତନ୍ମୟନନ୍ଦ ଦାଶ(୫୭)ଙ୍କୁ ଗତ ୧୮ତାରିଖ ଅପରାହ୍ନରେ ଅପହରଣ କରି ନିଆଯାଇଥିବା ତାଙ୍କ ଝିଅ ବିନିକା ପୋଲିସକୁ ଫୋନ୍ କରି ଜଣାଇଥିଲେ। ମହନ୍ତଙ୍କ ସହ ବିବାଦ ଥିବା ବ୍ୟକ୍ତିମାନଙ୍କୁ ପୋଲିସ ଚିହ୍ନଟ କରିଥିଲା। ତଦନ୍ତ ପରେ ପୋଲିସ ଅଭିଯୁକ୍ତମାନଙ୍କ ମୋବାଇଲ୍ ଟ୍ରାକିଂ କରିଥିଲା। ଏଥିରୁ ଅଭିଯୁକ୍ତମାନେ ସ୍ଥାନ ବଦଳାଇ ମହନ୍ତଙ୍କୁ ବିଭିନ୍ନ ସ୍ଥାନରେ ରଖୁଥିବା ଜଣା ପଡିଥିଲା। ୧୯ତାରିଖରେ ମହନ୍ତ ଦାସଙ୍କୁ ବରଗଡ ଜିଲା ବରପାଲିସ୍ଥିତ ଏକ ଘରେ ଅପହରଣକାରୀମାନେ ରଖିଥିଲେ।। ଶନିବାର ଅପରାହ୍ନରେ ବିନିକା ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏଥିସହ ମହନ୍ତ ଦାସଙ୍କୁ ଏକ ବନ୍ଦ କୋଠରୀରୁ ଗୁରୁତର ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ପଚରାଉଚରା ବେଳେ ମହନ୍ତଙ୍କୁ ୨ଟି ବାଇକ୍‌ରେ ମଠରୁ ଅପହରଣ କରାଯାଇଥିବା ଜଣାପଡିଥିଲା। ମଠ ସମ୍ପତ୍ତିକୁ ନେଇ ଅଭିଯୁକ୍ତମାନଙ୍କ ସହ ପୂର୍ବରୁ ବିବାଦ ରହିଥିଲା ବୋଲି ମହନ୍ତ ଦାଶ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମିହିର ପଣ୍ଡା, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏ ନେଇ ବିନିକା ଥାନାରେ ଦଫା ୩୪୧, ୩୨୩, ୩୬୪ଏ, ୧୨୦ବିରେ ଏକ ମାମଲା ଏକ ମାମଲା( ନଂ.୧୫୫/୨୦) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଏମ୍‌ସିଏଲ୍ ଓଡ଼ିଶାରେ ବିନିଯୋଗ କରିବ ୬୦ ହଜାର କୋଟି

**ସମ୍ବଲପୁର,୨୧।୬(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଓଡ଼ିଶାରେ ପ୍ରାୟ ୬୦ ହଜାର କୋଟି ଟଙ୍କା ବିନିଯୋଗ କରିବାକୁ ଯୋଜନା କରିଛି। ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ଖଣି କାର୍ଯ୍ୟ ଓ ସାମାଜିକ ଭିତ୍ତିଭୂମି ଉନ୍ନତୀକରଣ ଲାଗି ୩୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବ। ଏଥିସହ ୩ ନୂତନ ମାଇନ୍ସ ଡେଭଲପମେଣ୍ଟ ପ୍ରକଳ୍ପ ଇବ୍‌ଭ୍ୟାଲି, ସୁଭଦ୍ରା ଓ ବଳଭଦ୍ର ଉତ୍ତର ପ୍ରକଳ୍ପ ପ୍ରସାରଣ ପାଇଁ ଆବଶ୍ୟକ ଅର୍ଥ ବିନିଯୋଗ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ନୂତନ ଓ ପ୍ରଚଳିତ ଥିବା ପ୍ରକଳ୍ପର ଉତ୍ପାଦନ କ୍ଷମତା ବୃଦ୍ଧି ସକାଶେ ପ୍ରସାରଣ ସହିତ କମ୍ପାନୀ ଏଚ୍‌ଇଏମ୍‌ଏମ୍ ପ୍ରୋକ୍ୟୁରମେଣ୍ଟ ସହ ସୁନ୍ଦରଗଡ଼ ଜିଲାରେ ୧୧ ହଜାର ୩୩୬ କୋଟି ଟଙ୍କା ଖର୍ଚ୍ଚରେ ୧୬ ହଜାର ମେଗାୱାଟ ସୁପରକ୍ରିଟିକାଲ ପାୱାର ପ୍ଲାଣ୍ଟ ନିର୍ମାଣ କରିବାକୁ ଯୋଜନା ରହିଛି। ଏହି ଅର୍ଥ ବିନିଯୋଗ ହେତୁ କୋଇଲା ସ୍ଥାନାନ୍ତରଣ କରିବା ଲାଗି ଭିତ୍ତିଭୂମି ଅଧିକ ଶକ୍ତିଶାଳୀ ହେବ। ସେହିପରି ଝାରସୁଗୁଡ଼ା ରେଳ ଷ୍ଟେଶନ ନିକଟରେ ଫ୍ଲାଏ ଓଭର ନିର୍ମାଣ, ୫୩ କିଲୋମିଟର ଲମ୍ବା ଝାରସୁଗୁଡ଼ା-ସରଡେଗା ରେଳ ଲାଇନର ଦୋହରୀକରଣ, କୋଇଲା ଉତ୍ପାଦନ ବୃଦ୍ଧିକୁ ଦୃଷ୍ଟିରେ ରଖି ୧୨ଟି ର୍‍ୟାପିଡ୍ ଲୋଡିଂ ସିଷ୍ଟମ ନିର୍ମାଣ କରାଯିବ। ଓଡ଼ିଶା ସରକାରଙ୍କ ସହ ମିଶି କୋଇଲା ଖଣି ଅଞ୍ଚଳ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଅନୁଗୋଳ ଜିଲାରେ ବିଭିନ୍ନ ସାମାଜିକ ଭିତ୍ତିଭୂମିର ଉନ୍ନତୀକରଣ ହେବ। ଏଥିରେ ରାସ୍ତାଘାଟ, ଫ୍ଲାଏ ଓଭର, ପାର୍କ ଆଦି ନିର୍ମାଣ ଯୋଜନା ରହିଛି। ଜମି ଅଧିଗ୍ରହଣ ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱାରୋପ କରିବା ସହ କମ୍ପାନୀ ମୁଖ୍ୟାଳୟସ୍ଥିତ ଇନୋଭେଟିଭ୍ସ ସେଲ୍ ମାଧ୍ୟମରେ ଉନ୍ନତ ଜ୍ଞାନକୌଶଳ ଓ ଡଷ୍ଟକୁ ପ୍ରତିହତ କରିବା ଲାଗି ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଯିବ। ଗ୍ରୀନଫୁଟ୍ ଷ୍ଟେପର୍ ବିସ୍ତାର ଲାଗି ଅଧିକ ସୋଲାର ପାୱାର ପ୍ଲାଣ୍ଟ ନିର୍ମାଣ ଓ ଚାରା ରୋପଣ ଦିଗରେ ପଦକ୍ଷେପ ନିଆଯିବାକୁ ଯୋଜନା କରାଯାଇଛି। ଏହି ଅର୍ଥ ବିନିଯୋଗ ଫଳରେ ଉତ୍ସର୍ଗୀକୃତ କର୍ମଚାରୀ, ଉତ୍ତମ ପରିବହନ ବ୍ୟବସ୍ଥା, ଭିତ୍ତିଭୂମି ନିର୍ମାଣ ଦ୍ୱାରା ଏମ୍‌ସିଏଲ୍‌ର ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଭବିଷ୍ୟତ ସୁରକ୍ଷିତ ରହିବ। ପ୍ରତ୍ୟକ୍ଷ ଓ ପରୋକ୍ଷରେ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳିବ। କ୍ଷୁଦ୍ର, ମଧ୍ୟମ ଓ ଅଣୁ ଉଦ୍ୟୋଗଗୁଡିକ ପରୋକ୍ଷରେ ଲାଭବାନ ହେବେ ବୋଲି କମ୍ପାନୀ ପକ୍ଷରୁ ଆଶା କରାଯାଉଛି।

# ବରଗଡ଼ରେ ବଢୁଛନ୍ତି କରୋନା ଆକ୍ରାନ୍ତ

**ବରଗଡ଼ ଅଫିସ୍,୨୧।୬**




ପଦ୍ମପୁର ପୌରାଞ୍ଚଳରେ ବ୍ୟାରିକେଡ୍ କରାଯାଇଛି।

- ଜୀବନ ହାରିଲେ ୭୬ ବର୍ଷୀୟ ବୃଦ୍ଧ
- ଦିନକରେ ଚିହ୍ନଟ ହେଲେ ୧୪ ଆକ୍ରାନ୍ତ
- ସଂକ୍ରମିତଙ୍କ ସଂଖ୍ୟା ୬୬ ଛୁଇଁଲା
- ପଦ୍ମପୁର, କମଗାଁ ପଞ୍ଚାୟତ ଶଟ୍ ଡାଉନ୍
- ସଂକ୍ରମଣ ବୃଦ୍ଧିରୁ ବଢ଼ିଲା ଚିନ୍ତା

ବରଗଡ଼ ଜିଲାରେ କରୋନା (କୋଭିଡ୍-୧୯) ସଂକ୍ରମଣ ବଢ଼ିଚାଲିଛି। ଏପର୍ଯ୍ୟନ୍ତ ଏଥିରେ ଜିଲାର ୬୬ଜଣ ଆକ୍ରାନ୍ତ ହୋଇସାରିଲେଣି। ସେମାନଙ୍କ ମଧ୍ୟରୁ କଟାପାଲିରୁ ଚିହ୍ନଟ ହୋଇଥିବା ୭୬ବର୍ଷୀୟ ଆକ୍ରାନ୍ତଙ୍କ ମୃତ୍ୟୁଛି। ଆଗକୁ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢ଼ିବା ସମ୍ଭାବନା ରହିଛି। ଏକଦା ଗ୍ରୀନ୍ ଜୋନରେ ରହିଥିବା ଏହି ଜିଲାରେ ଗତ ମାସକ ମଧ୍ୟରେ କରୋନାର ଏଭଳି କାୟା ବିସ୍ତାର ଜିଲାବାସୀଙ୍କୁ ଚିନ୍ତାରେ ପକାଇଛି।

ରବିବାର ବରଗଡ଼ ଜିଲାରେ ୧୪ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଭଟଲି ବ୍ଲକ ମୁଲବାର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମସି)ର ୨ଜଣ ମହିଳା ପୁରୁଷ ରହିଛନ୍ତି। ମହିଳା ଜଣକ ସିକନ୍ଦରାବାଦ ଏବଂ ପୁରୁଷ ଜଣକ ରାୟପୁର ଫେରନ୍ତା ବୋଲି ସୂଚନା ମିଳିଛି। ସେହିପରି ଏହି ବ୍ଲକ ଅନ୍ତର୍ଗତ କମଗାଁ ଗ୍ରାମର ଅନ୍ୟ ଦୁଇଜଣ ମହିଳା ପୁରୁଷ ହୋଇଥିବାବେଳେ ସେମାନେ ବରଗଡ଼ ବ୍ଲକ କଟାପାଲିର ମୃତ ବୃଦ୍ଧଙ୍କ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି। ପଦ୍ମପୁର ପୌରାଞ୍ଚଳରୁ ୨ଜଣ ଚିହ୍ନଟ ହୋଇଛନ୍ତି। ସେମାନେ ଦିଲ୍ଲୀ ଫେରନ୍ତା ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ଅନ୍ୟପଟେ ବରଗଡ଼ ବ୍ଲକ କଟାପାଲି ଗ୍ରାମରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଉକ୍ତ ଗ୍ରାମର ୪ଜଣ ରହିଛନ୍ତି ଏବଂ ସେମାନେ ସମସ୍ତେ ମୃତ ବୃଦ୍ଧଙ୍କ ସଂସ୍ପର୍ଶରେ ଆସିଥିଲେ। ତେବେ ଜିଲାରେ ପ୍ରଥମଥର ପାଇଁ ୩ କରୋନା ଯୋଦ୍ଧା ଅର୍ଥାତ୍ ସ୍ୱାସ୍ଥ୍ୟକର୍ମୀ କରୋନା ପଜିଟିଭ୍ ବୋଲି ଚିହ୍ନଟ ହୋଇଛନ୍ତି। ସେମାନେ କଟାପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି)ରେ କାର୍ଯ୍ୟରତ ଥିବାବେଳେ ବରଗଡ଼ ଡ୍ୟାମ କଲୋନୀ, ପାଇକମାଳ ଏବଂ କଟାପାଲି ବାସିନ୍ଦା ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଆକ୍ରାନ୍ତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବଫର ଜୋନ୍ ଘୋଷଣା କରାଯାଇଛି। ସେହିପରି ରବିବାର ଅପରାହ୍ନ ୧ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ପଦ୍ମପୁର ପୌରାଞ୍ଚଳକୁ ଉପଜିଲାପାଳ ତନ୍ମୟ କୁମାର ଦରୱାନ ସଟ୍ ଡାଉନ୍ ଘୋଷଣା କରିଛନ୍ତି। ଅନୁରୂପ ଭାବେ କମଗାଁ ପଞ୍ଚାୟତକୁ ମଧ୍ୟ ସ୍ଥାନୀୟ ସରପଞ୍ଚ ହୃଦାନନ୍ଦ ଖମାରୀ ଜିଲାପାଳ କ୍ଷମତା ପ୍ରୟୋଗ କରି ରବିବାର ସକାଳ ୬ଟାରୁ ବୁଧବାର ସକାଳ ୬ଟା ପର୍ଯ୍ୟନ୍ତ ସଟ୍ ଡାଉନ୍ କରିଛନ୍ତି।

# ବଲାଙ୍ଗୀରରେ ମୌସୁମୀ ବର୍ଷା

**ବଲାଙ୍ଗୀର ଅଫିସ, ୨୧।୬**

ବଲାଙ୍ଗୀର ଜିଲାରେ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଗତ ଦୁଇଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଗତ ୨୦ ତାରିଖ ଜିଲାରେ ୨୩୩.୮ ମିଲିମିଟର ଓ ୨୧ତାରିଖ ୩୫୬.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏଥିରେ ଟିଟିଲାଗଡଠାରେ ଗୋଟିଏ ଦିନରେ ସର୍ବାଧିକ ୯୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଗତ ଦୁଇଦିନ ଭିତରେ ଜିଲାର ବଲାଙ୍ଗୀର, ପୁଇଁତଲା, ଆଗଲପୁର, ଲୋଇସିଂହା, ପାଟଣାଗଡ, ଟିଟିଲାଗଡ, ସଇଁତଲା, ତୁରେକେଲାରେ ୩୦ମିଲିମିଟରରୁ ଉର୍ଦ୍ଧ୍ୱ ବୃଷ୍ଟିପାତ ରେକର୍ଡ କରାଯାଇଛି। ବଙ୍ଗୋମୁଣ୍ଡା, ବେଲପଡା, ଖପ୍ରାଖୋଲ, ଗୁଡଭେଲା, ଦେଓଗାଁ, ମୁରିବାହାଲରେ ଆଶାନୁରୂପ ବର୍ଷା ହୋଇନାହିଁ। ଜୁନ୍ ତୃତୀୟ ସପ୍ତାହରେ ବର୍ଷା ଆରମ୍ଭ ହୋଇଥିବାରୁ ଚାଷ କାର୍ଯ୍ୟକୁ ନେଇ ଚାଷୀମାନେ ଆଶ୍ୱସ୍ତ ହୋଇଛନ୍ତି। ଚଳିତ ବର୍ଷ କରୋନା ମହାମାରୀ ଓ ଲକ୍‌ଡାଉନ, ଶଟ୍‌ଡାଉନ୍ କାରଣରୁ ବଲାଙ୍ଗୀର ଜିଲା ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଜିଲାର ପ୍ରାୟ ୧ଲକ୍ଷ ପ୍ରବାସୀ ବାହାର ରାଜ୍ୟରୁ କାମଧନ୍ଦା ଛାଡି ଜିଲାକୁ ଫେରି ଆସିଛନ୍ତି। ସେମାନେ କିଭଳି ଭାବେ ଏଠାରେ ନିଜର ରୋଜଗାର କରି ପେଟ ପୋଷିବେ ଏହା ବଡ ଚ୍ୟାଲେଞ୍ଜ ହୋଇଛି। ଏଭଳି କ୍ଷେତ୍ରରେ ଜିଲାରେ ଚଳିତବର୍ଷ ଚାଷ ଉପରେ ସମସ୍ତଙ୍କ ନଜର ରହିଛି।

## କୁଆଁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟ ଜଳାର୍ଣ୍ଣବ

**କୁଆଁରମୁଣ୍ଡା,୨୧।୬(ଡ.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟର ଅବସ୍ଥା ବେହାଲ ହୋଇପଡ଼ିଛି। ଶନିବାର ଓ ରବିବାର ୨ ଦିନ ଧରି ପ୍ରବଳ ବର୍ଷା ଯୋଗୁ ପ୍ରାଣୀ ଚିକିତ୍ସାଳୟ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଛି। କ୍ୱାର୍ଟର ଭିତରେ ପାଣି ପଶି ଯିବାରୁ ଶନିବାର ବିଳମ୍ବିତ ରାତିରୁ କ୍ୱାର୍ଟରରେ ରହୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ରାତିରେ ଶୋଇ ନ ପାରି ନାହାନ୍ତି। ବର୍ଷା ଜଳ ପଶି ଯିବାରୁ ବହୁ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ତେବେ ଏହି ପ୍ରାଣୀ ଚିକିତ୍ସାଳୟରେ ପାଣି ନ ଜମିବାକୁ ୨ ଥର କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ହେଲେ ନବ ନିର୍ମିତ କଂକ୍ରିଟ ରାସ୍ତା ମଧ୍ୟ ବୁଡି ଆଣ୍ଠୁଏ ଉଚ୍ଚର ପାଣି ଜମା ହୋଇ ରହିଛି।

## ଯୋଗ ସୁସ୍ଥ ରଖେ

**କୁଆଁରମୁଣ୍ଡା,୨୧।୬(ଡି.ଏନ୍.ଏ.)**

ସୁସ୍ଥ ଓ ନିରାମୟ ଜୀବନ ଯାପନ ପାଇଁ ଯୋଗାଭ୍ୟାସର ଯଥେଷ୍ଟ ଭୂମିକା ରହିଛି। ରବିବାର ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଲୋକନାଥ ମନ୍ଦିର ପରିସରରେ ରାଉରକେଲା ଯୋଗ ମହୋତ୍ସବ ସମିତି, କୁଆଁରମୁଣ୍ଡା ଶାଖା ପକ୍ଷରୁ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଯୋଗାଭ୍ୟାସ କରାଯାଇଥିଲା।

# ଖର୍ଚ୍ଚ ହୋଇପାରୁନି ଜାତୀୟ ରୁର୍ବାନ ମିଶନ ଅର୍ଥ

**କେସିଙ୍ଗା, ୨୧।୬ (ଡି.ଏନ.ଏ.)**

କେନ୍ଦ୍ର ସରକାର ଓଡ଼ିଶାର ଅଣ ଆଦିବାସୀ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ଓଡିଶାର ୧୪ଟି ରୁର୍ବାନ କେନ୍ଦ୍ର ସ୍ଥଳକୁ ଗ୍ରହଣ କରିଛନ୍ତି। ସେଥି ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ କଳାହାଣ୍ଡି ଜିଲାର କେସିଙ୍ଗା ବ୍ଲକର ଉକ୍ରେଲା ବାଣିଜ୍ୟ କେନ୍ଦ୍ରସ୍ଥଳକୁ ମନୋନିତ କରାଯାଇଛି। ଏହି ଉକ୍ରେଲା ବାଣିଜ୍ୟ କେନ୍ଦ୍ର ସ୍ଥଳ ଅଧୀନରେ ଉକ୍ରେଲା, ଚାଞ୍ଚେର, କିକିଆ ଓ ଗୋକୁଳେଶ୍ୱ ଏହି ୪ଟି ପଞ୍ଚାୟତକୁ ଜାତୀୟ ରୁର୍ବାନ ମିଶନ ନେଇଛି। ଏହି ୪ଟି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଯଥା ଶିକ୍ଷା, ସେବାକେନ୍ଦ୍ର, ରାସ୍ତା ସଂଯୋଗୀକରଣ, ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସାମାଜିକ କଲ୍ୟାଣ, ଆଲୋକିକରଣ, ଡ୍ରେନ ନିର୍ମାଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଆଦି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଜାତୀୟ ରୁର୍ବାନ ମିଶନ ପକ୍ଷରୁ ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ୮ କୋଟି ୮୨ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଛି। ଏହି ଅର୍ଥକୁ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗକୁ ଖର୍ଚ୍ଚ କରିବା ପାଇଁ ଦାୟତ୍ୱ ଦିଆଯାଇଛି। କିନ୍ତୁ ୨୦୧୭-୧୮ ଆର୍ଥିକ ବର୍ଷରେ ୧ କୋଟି ୬୬ ହଜାର ୭୬୨୯ ଟଙ୍କା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି। ୨୦୧୮-୧୯ ଆର୍ଥିକ




କେସିଙ୍ଗା ବ୍ଲକର ଚାଞ୍ଚେର ଉପ୍ରା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଧାର୍ଯ୍ୟ ତାରିଖ ଭିତରେ ସମ୍ପୂର୍ଣ୍ଣ ହୋଇନାହିଁ।

ବର୍ଷ ଏବଂ ୨୦୧୯-୨୦ ଆର୍ଥିକ ବର୍ଷରେ କେସିଙ୍ଗା ବ୍ଲକର ଏହି ୪ଟି ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟରେ ୬ କୋଟି ୧୪ ଲକ୍ଷ ୬୯ ହଜାର ୮୪ ଟଙ୍କା ମନ୍ଥରଗତିରେ ଖର୍ଚ୍ଚ କରାଯାଇଛି। କିନ୍ତୁ ଏହି ଅର୍ଥ ୨୦୧୬-୧୭, ୨୦୧୭-୧୮ ଆର୍ଥିକ ବର୍ଷରେ ଖର୍ଚ୍ଚ ହେବା କଥା। ବର୍ତ୍ତମାନ ୧ କୋଟି ୬୬ ଲକ୍ଷ ୬୪ ହଜାର ୩୯୪ ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। କେସିଙ୍ଗା ପଞ୍ଚାୟତ ସମିତି ଏହି ସବୁ ଦାୟିତ୍ୱ ନେଇ ଠିକାଦାରମାନଙ୍କୁ ଟେଣ୍ଡର ମାଧ୍ୟମରେ ଠିକା ଦେଇଛି। କିନ୍ତୁ ଧାର୍ଯ୍ୟ ତାରିଖରେ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରୁ ନ ଥିବାରୁ କେନ୍ଦ୍ର ସରକାରଙ୍କ ମିଶନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଅର୍ଥ ପ୍ରବାହ ପ୍ରକ୍ରିୟାରେ ବିଳମ୍ବ ହୋଇ ବିଭିନ୍ନ ସମସ୍ୟା ଦେଖାଯାଉଛି। କେସିଙ୍ଗା ବ୍ଲକର ଚାଞ୍ଚେର ଗ୍ରାମର ଉପ୍ରା ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀ ଗୃହର କାର୍ଯ୍ୟ ୧୨ ଲକ୍ଷ ୫୦ ହଜାର ୫୯୯ ଟଙ୍କା ବ୍ୟୟଅଟକଳରେ ଧାର୍ଯ୍ୟ ତାରିଖରେ ସଂପୂର୍ଣ୍ଣ ନ ହୋଇ ପଡିରହିଛି। ତେବେ ଏ ନେଇ ଜାତୀୟ ରୁର୍ବାନ ମିଶନର ସୂର୍ଯ୍ୟକାନ୍ତ ନିଧିଙ୍କୁ ପଚାରିବାରୁ କେସିଙ୍ଗାରେ ୪ଟି ପଞ୍ଚାୟତରେ ୩ବର୍ଷରେ ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ ହେବା କଥା। ବହୁତ ବିଳମ୍ବ ହେଉଥିବାରୁ କେନ୍ଦ୍ରରୁ ମଧ୍ୟ ଅର୍ଥ ଦିଆଯାଉ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ଗୋଡ଼ଭଗା ଅଞ୍ଚଳରେ ଚୋର ର୍‍ୟାକେଟ୍ ସକ୍ରିୟ

**ଅତାବିରା, ୨୧।୬ (ଡି.ଏନ.ଏ.)**

ବରଗଡ଼ ଜିଲା ଗୋଡଭଗା ଫାଣ୍ଡି ଅଞ୍ଚଳରେ ଏକ ଚୋର ର୍‍ୟାକେଟ ସକ୍ରିୟ ହୋଇ ଉଠିଛନ୍ତି। ଏମାନେ ଗୋଟିଏ ପରେ ଗୋଟିଏ ସ୍ଥାନରୁ ଚୋରି କରୁଛନ୍ତି। ହେଲେ ଏହି ର୍‍ୟାକେଟକୁ ପୋଲିସ ଧରିବାରେ ସମ୍ପୂର୍ଣ୍ଣ ଭାବରେ ବିଫଳ ହୋଇଛି। କ୍ରମାଗତ ଚୋରି ହେଉଥିବାରୁ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଛି। ଇତିମଧ୍ୟରେ ଦୁଲମପୁର ପଞ୍ଚାୟତ ଅଫିସ ଗୋଦାମରୁ ଲକ୍ଷାଧିକ ଟଙ୍କାର ପିଡିଏସ ଚାଉଳ ଚୋରି, ଦୁଲମପୁର ପୋଷ୍ଟ ଅଫିସର ଟଙ୍କା ଚୋରି, ଔଷଧ ଦୋକାନରୁ ଚୋର ଉଦ୍ୟମ, ଲରମ୍ବାର ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ହେଲେ ପୋଲିସ କୌଣସି ଘଟଣାରେ ବି ଅଭିଯୁକ୍ତଙ୍କୁ ଧରି ପାରି ନାହିଁ। ଅନ୍ୟପକ୍ଷେ ଅତାବିରା, ଭେଡେନ, ଗୋଡଭଗା, ଲରମ୍ବା ପଞ୍ଚାତରେ ଦିନକୁ ଦିନ ଅବାଧରେ ସଟ୍ଟା, ନିଶା କାରବାର, ମଦ କାରବାର ଅବାଧରେ ଚାଲିଥିଲେ ମଧ୍ୟ ଉଭୟ ପୋଲିସ ଓ ଅବକାରୀବିଭାଗ ସ୍ଥାଣୁ ପାଲଟି ଯାଇଛି। ଏ ବିଷୟରେ ଗୋଡଭଗା ଫାଣ୍ଡି ଅଧିକାରୀ ଏ.କେ. ନାୟକଙ୍କୁ ପଚରାଯିବାରୁ ଚୋରି ଘଟଣା ତଦନ୍ତ ଚାଲିଛି। ର୍‍ୟାକେଟକୁ ଧରିବା ପାଇଁ ଉଦ୍ୟମ ଚାଲିଛି ବୋଲି କହଛନ୍ତି।

# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଯୋଗ

**ସମ୍ବଲପୁର,୨୧।୬(ବ୍ୟୁରୋ)**

ଅନ୍ତର୍ଜାତୀୟ ଯୋଗ ଦିବସ ରବିବାର ହୀରାକୁଦ କଲୋନୀ ସ୍ଥିତ ପତଞ୍ଜଳି ଯୋଗ ପ୍ରଶିକ୍ଷଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ପ୍ରଭାରୀ ତଥା ଯୋଗ ପ୍ରଶିକ୍ଷିକା ଜେ. ଗିରିଜା ଦେବୀଙ୍କ ଅଧ୍ୟକ୍ଷତାରେ ସକାଳ ୬ଟାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ନିୟମିତ ଯୋଗ କଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ି ଥାଏ। ଯାହାଦ୍ୱାରା ମହାମାରୀ କରୋନା ଭୂତାଣୁଠାରୁ ଆମେ ନିଜକୁ ସୁରକ୍ଷିତ ରଖିପାରିବା। ଏହାକୁ ଦୃଷ୍ଟିରେ ରଖି ଯୋଗକୁ ଜୀବନର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଲାଗି ସମୟ ଆସିଛି ବୋଲି ପ୍ରଶିକ୍ଷିକା କହିଥିଲେ। ପ୍ରଶାନ୍ତ ମେହେର, ପଦ୍ମିନୀ ମୁଣ୍ଡା, ବିଶ୍ୱନାଥ ଚିନ୍ଦ୍ରା, ସୁଶାନ୍ତ ସାହୁ ଏହି ଶିବିର ପରିଚାଳନା କରିଥିଲେ। ଚଳିତ ବର୍ଷ କରୋନା କଟକଣା ଯୋଗୁ ସାମାଜିକ ଦୂରତ୍ୱ ରକ୍ଷା କରି ହାତଗଣତି



ରବିବାର ସମ୍ବଲପୁର ଜିଲା ବିଶାଳଖିଣ୍ଡା ଗାଁରେ ଛାତ୍ରୀମାନେ ଯୋଗାଭ୍ୟାସ କରୁଛନ୍ତି।

ସଭ୍ୟମାନେ ଏହି ଶିବିରରେ ସାମିଲ ହୋଇଥିଲେ। ସେହିପରି ସମ୍ବଲପୁର ଜିଲା ଶାସନ ଥାନା ବିଶାଳଖିଣ୍ଡା ଗ୍ରାମରେ ଜଗନ୍ନାଥ ୟୁଥ୍ ଆସୋସିଏଶନ୍ ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରେ ବାଳିକାବାଳକମାନେ ପଡ଼ିଆରେ ସମବେତ ହୋଇ ଯୋଗ, ପ୍ରାଣାୟାମ କରିଥିଲେ। ଏଥିସହ ଦେଶାତ୍ମବୋଧକ ଗୀତ ଓ ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ସଭାପତି ତଥା ପ୍ରକୃତିବନ୍ଧୁ ଦେବାଶିଷ ସାହୁ ଏହି ଶିବିର ପରିଚାଳନା କରିଥିଲେ। ନରେନ୍ଦ୍ର କୁମାର ଭୋଇ, ହେମନ୍ତ ସାହୁ, ପରେଶ କୁମାର ପ୍ରଧାନ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ମାଛ ଧରିବାକୁ ଯାଇ ଯୁବକ ଭାସିଗଲେ

ସମ୍ବଲପୁର,୨୧।୬(ବ୍ୟୁରୋ): ସମ୍ବଲପୁର ଜିଲା ସଦର ଥାନା ଅନ୍ତର୍ଗତ ମାଳତୀ ନଦୀରେ ଚାନ୍ଦମୁଣ୍ଡା ଗ୍ରାମର ଅଷାଢୁ ଓରାମ (୩୨) ଭାସି ଯାଇଛନ୍ତି। ରବିବାର ସେ ମାଛ ମାରିବାକୁ ଯାଇଥିବା ସମୟରେ ଏଭଳି ଘଟଣା ଘଟିଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ପୋଲିସ ସେଠାରେ ପହଞ୍ଚିଥିଲେ ଏବଂ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ମଧ ଉଦ୍ଧାର ହୋଇ ପାରି ନ ଥିଲେ। ସୋମବାର ପୁଣି ଉଦ୍ଧାର କାର୍ଯ୍ୟ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଅପରାହ୍ନ ୧୨ ସମୟରେ ଅଷାଢୁ ମାଳତୀ ନଦୀକୁ ମାଛ ମାରିବାକୁ ଯାଇଥଲେ। ନଦୀରେ ବର୍ଷାପାଣି ସ୍ରୋତ ଅଧିକ ରହିଥିଲା। ଫଳରେ ସେ ମାଛ ମାରିବା ବଦଳରେ ଗାଧୋଇବାକୁ ନଦୀକୁ ଯାଇଥିଲେ। ଗୋଡ ଖସିଯିବାରୁ ପାଣିରେ ଭାସି ଯାଇଥିଲେ।

### ‘ଷଡ଼ଯନ୍ତ୍ର ଯୋଗୁ ଘୋଷଯାତ୍ରା ବନ୍ଦ ହେବାକୁ ଯାଉଛି’

ବଲାଙ୍ଗୀର ଅଫିସ, ୨୧।୬: କିଛି ଷଡଯନ୍ତ୍ରକାରୀଙ୍କ ଷଡଯନ୍ତ୍ରୀ ଯୋଗୁ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ବନ୍ଦ ହେବାକୁ ଯାଉଛି। ଏଭଳି ବୋଲି ଅଭିଯୋଗ କରି ବିଶ୍ୱହିନ୍ଦୁ ପରିଷଦ ଓଡିଶା ରାଜ୍ୟ ପଶ୍ଚିମ ପ୍ରାନ୍ତ ସଭାପତି ନୀଳାଦ୍ରୀ ବିହାରୀ ଯୋଷୀ ଏହାକୁ ନିନ୍ଦା କରିଛନ୍ତି। ଘୋଷଯାତ୍ରା ଯୋଗୁ ସମଗ୍ର ବିଶ୍ୱରେ ଓଡିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଘୋଷଯାତ୍ରା ଓଡିଶାର ଅନନ୍ୟ ପରମ୍ପରା ମଧ୍ୟରେ ଅନ୍ୟତମ। ଏଥିରେ କୋଟି କୋଟି ଭକ୍ତଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। କେତେକ ଷଡଯନ୍ତ୍ରକାରୀଙ୍କ ଉଦ୍ୟମରେ ଏହା ପଣ୍ଡ ହେବାକୁ ଯାଉଛି ବୋଲି ସେ କହିଛନ୍ତି। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ଗଜପତ ମହାରାଜଙ୍କ ମତାମତ ତଥା ଭକ୍ତଙ୍କ ବିନା ପରାମର୍ଶରେ ସୁପ୍ରିମ୍ କୋର୍ଟ ଯେଉଁ ରାୟ ଶୁଣାଇଛନ୍ତି, ତାହା ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସ ପ୍ରତି କୁଠାରଘାତ ବୋଲି ସେ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ବାମରା, ୨୧।୬ (ଡି.ଏନ.ଏ): ସମ୍ବଲପୁର ଜିଲା ବାମରା ବ୍ଲକ ଉଚ୍ଛକାପାଟ ପଞ୍ଚାୟତ ଅଧୀନ ଟାଙ୍ଗରମୁଣ୍ଡା ଗାଁର ଜଣେ ଯୁବକ ଶନିବାର ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଯୁବକ ମନୋରଞ୍ଜନ ସେଠ (୩୫)। ସୂଚନା ଅନୁସାରେ, ଟାଙ୍ଗରମୁଣ୍ଡା ଗାଁରେ ଶନିବାର ଲାଇନ ନ ଥିବାରୁ ସନ୍ଧ୍ୟା ୬ଟା ବେଳେ ମନୋରଞ୍ଜନ ଗାଁର ୩ ଜଣ ଯୁବକଙ୍କୁ ସାଙ୍ଗରେ ନେଇ ଟାଙ୍ଗରମୁଣ୍ଡା (କାଟିପଡା)କୁ ଯାଇଥିବା ୧୧ କେଭି ଲାଇନ ଟ୍ୟାପିଙ୍ଗ ପଏଣ୍ଟ ଆଡକୁ ଯାଇଥିଲେ। ସେଠାରେ ୪ଜଣଙ୍କ ମଧ୍ୟରୁ ମନୋରଞ୍ଜନ ବିଦ୍ୟୁତ ପ୍ରବାହିତ ହେଉଥିବା ମେନଲାଇନ ନ କାଟି ସିଧାସଳଖ ଖମ୍ବରେ ଚଢ଼ିଥିଲେ। ଏହି ସମୟରେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସିଯିବାରୁ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ବାମରା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ମନୋରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ଗୋବିନ୍ଦପୁର ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି ବୋଲି ତଦନ୍ତ ଅଧିକାରୀ ଥୋମାସ କେର୍କେଟା କହିଛନ୍ତି।

### ୧୫୧ ଛୁଇଁଲା କରୋନା ସଂକ୍ରମଣ

ବଲାଙ୍ଗୀର ଅଫିସ, ୨୧।୬: ବଲାଙ୍ଗୀର ଜିଲାରେ ଶନିବାର ସୁଦ୍ଧା ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ଫଳରେ ଜିଲାର ସଂକ୍ରମିତ ସଂଖ୍ୟା ୧୫୧ରେ ପହଞ୍ଚିଛି। ସଂକ୍ରମିତ ଜଣକ ଟିଟିଲାଗଡ ବ୍ଲକ୍‌ର ଭୁସଲାଡ ପଞ୍ଚାୟତର ବୋଲି ଜଣାପଡିଛି। ମୁମ୍ବାଇରୁ ଫେରି ଗତ ମେ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ସେ ସରକାରୀ କ୍ୱାରାଣ୍ଟାଇନ୍ ସାରିବା ପରେ ୨୫ରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗରେ ୨ ଯୁବକ ଗିରଫ

କୋକସରା, ୨୧।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏମାନେ ହେଲେ ଜୟପାଟଣା ଥାନା କଦାଳିବାହିଲୀର ତେଜରାଜ ଛତ୍ରିଆ (୨୪) ଓ କୋକସରା ଥାନା ଲଡୁଗାଁର ଡମ୍ବରୁଧର ନାଗ (୨୫)। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

# ଶାନ୍ତିଙ୍କ ଆଖିରେ ଲୁହ

- ସ୍ୱାମୀ,ଦିଅରଙ୍କ ମୃତ୍ୟୁ ପରେ ବଦଳିଲା ଜୀବନ
- ଶୁଦ୍ଧିକ୍ରିୟା ପାଇଁ ଟଙ୍କା ନାହିଁ
- ୫ ସନ୍ତାନଙ୍କ ଭବିଷ୍ୟତ ଚିନ୍ତା

ଲୋଇସିଂହା,୨୧।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଟେଭାଡୁଙ୍ଗରି ଗ୍ରାମର ଦୁଇଭାଇ ଭୁବନ ବିଶି ଓ ରଞ୍ଜନ ବିଶି। ୬ମାସ ଅନ୍ତରରେ ଉଭୟଙ୍କ ମୃତ୍ୟୁ ଘଟିଛି। ଏବେ ଭୁବନଙ୍କ ସ୍ତ୍ରୀ ଶାନ୍ତି ଓ ତାଙ୍କ ୫ ସନ୍ତାନ ଅସହାୟ ହୋଇପଡିଛନ୍ତି। ପୁଅଝିଅଙ୍କ ଭବିଷ୍ୟତ, ପାଠପଢ଼ା ଓ ଦିଅରଙ୍କ ଦଶାହ କାମ କେମିତି ହେବ ସେହି ଚିନ୍ତାରେ ଶାନ୍ତିଙ୍କ ଆଖିରୁ ନିଦ ହଜିଯାଇଛି। ଆର୍ଥିକ ଅନଟନ ଏ ସବୁ ପାଇଁ ପ୍ରତିବନ୍ଧକ ସୃଷ୍ଟି କରିଛି। ଜଣେ ମହିଳାଙ୍କ କ୍ଷେତ୍ରରେ ଏପରି ବୋଝ ବୋହିବାକୁ ସେ ଅସମର୍ଥ ବୋଲି କହିବା ସହ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

ସ୍ତ୍ରୀ ଶାନ୍ତି, ୪ପୁଅ ରମେଶ(୧୮), ରୋଶନ(୧୬), ଜିତେଶ(୧୦), ରିତେଶ(୮), ଝିଅ ମନୀଷା(୧୪) ଓ ସାନଭାଇ ରଞ୍ଜନଙ୍କୁ ନେଇ ଭୁବନଙ୍କ ତେଲଲୁଣର ସଂସାର। ଆଦିବାସୀ ଶ୍ରେଣୀର ଭୁବନ ଗାଁରେ ମୂଲମଜୁରି କରି ପରିବାର ଚଳାଉଥିଲେ। ହେଲେ ଆଜକୁ ୬ ମାସ ତଳେ କୌଣସି କାମରେ ବାହାରକୁ ଯାଇଥିଲେ ଭୁବନ। ସେଠାରୁ ଘରକୁ ଫେରବା ପରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଲୋଇସିଂହା ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଆଶଙ୍କା କରାଯାଇଥିଲା। ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଅନ୍ୟମାନେ ଭାଙ୍ଗି ପଡିଥିଲେ। ଏହା ପରେ ରଞ୍ଜନ ଭାଇଙ୍କ ପରିବାରର ଦେଖାଶୁଣା କରୁଥିଲେ। ଭାଇଙ୍କ ମୃତ୍ୟୁ ପରେ ଭାଉଜ ଓ ୫ ପିଲାଙ୍କ ଦାୟିତ୍ୱକୁ ସେ ବହୁ କଷ୍ଟରେ ସମ୍ଭାଳି ଥିଲେ। ହେଲେ



୫ପିଲାଙ୍କ ସହ ଶାନ୍ତି ବିଶି।

ଦଇବ ସହିଲା ନାହିଁ। ଗତ ୧୬ତାରିଖରେ ଘରର ଚାଳ ଛାଉଣି କାମ କରୁଥିଲେ ରଞ୍ଜନ। ହେଲେ ବର୍ଷାରେ ଓଦା ହୋଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସ୍ୱାମୀଙ୍କ ପରେ ଦିଅରଙ୍କୁ ହରାଇବା ପରେ ଏବେ ଶାନ୍ତି ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଆଖିରୁ ତାଙ୍କର ଦିନ ରାତି ଲୁହ ଝରୁଛି। ନିଜ ପାଇଁ ସେ ବ୍ୟସ୍ତ ନୁହନ୍ତି, ୫ ପିଲାଙ୍କ ଭବିଷ୍ୟତ ଚିନ୍ତା ତାଙ୍କୁ ଘାରିଛି। ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହେବା ନିଶ୍ଚିତ ହୋଇଛି। ଘର ଚଳାଇବା ଚିନ୍ତା ବି ତାଙ୍କୁ ବାଧୁଛି। ପଞ୍ଚାୟତ ତରଫରୁ ମିଳୁଥିବା ପିଡିଏସ୍ ଚାଉଳ ତାଙ୍କ ପରିବାର ପାଇଁ ଏବେ ସାହା ହୋଇଛି। ହେଲେ ସ୍ୱାମୀଙ୍କ ମୃତ୍ୟୁର ୬ ମାସ ବିତିଥିଲେ ସୁଦ୍ଧା ସେ ବିଧବା ଭତ୍ତା ପାଇ ନ ଥିବା କହିଛନ୍ତି। ଏବେ ତାଙ୍କ ପାଖରେ କାଣୀ କଉଡିଟିଏ ନାହିଁ। ଦିଅରଙ୍କ ଦଶାହ କାମ କିପରି ସମ୍ପନ୍ନ କରିବେ ତାହା ସେ ଭାବି ପାରୁ ନାହାନ୍ତି ବୋଲି କହିଛନ୍ତି ଶାନ୍ତି। ଜିଲା ପ୍ରଶାସନ, କୌଣସି ଅନୁଷ୍ଠାନ ଓ ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତା କରିବାକୁ ସେ ନିବେଦନ କରିଛନ୍ତି।

## ଝାରସୁଗୁଡା: ଆକ୍ରାନ୍ତଙ୍କ ସଂଖ୍ୟା ୪୬କୁ ପହଞ୍ଚିଲା

ଝାରସୁଗୁଡା ଅଫିସ, ୨୧।୬

ଝାରସୁଗୁଡା ଜିଲାରେ ରବିବାର ଗୋଟିଏ ଦିନରେ ୨୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୭ ଜଣ ରହିଥିବା ବେଳେ ଅନ୍ୟ ୭ ଜଣ ହୋମକ୍ୱାରାଣ୍ଟାଇନ ଓ ଜଣେ ପେଡ୍ କ୍ୱାରାଣ୍ଟାଇନରେ ଥିଲେ। ୫ଦିନ ତଳେ ବ୍ରଜରାଜନଗର ଓପିଏମ୍ କଲୋନୀର ଜଣେ ହରିୟାଣା ଫେରନ୍ତା ମହିଳାଙ୍କ ନିକଟରେ କରୋନା ଚିହ୍ନଟ ପରେ ତାଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ୧୭ ଜଣ ଆକ୍ରାନ୍ତ ହୋଇଥିଲା ବେଳେ ଏମାନେ ସମସ୍ତେ କଣ୍ଟେନମେଣ୍ଟ ଜୋନ୍‌ରେ ଥିଲେ। ଏତେ ସଂଖ୍ୟକ ଆକ୍ରାନ୍ତ ଏକାସଙ୍ଗେ ଚିହ୍ନଟ ହେବା ପରେ ବ୍ରଜରାଜନଗରରେ ସାଧାରଣ ଲୋକେ ତାତି ଉଠିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ହୋମ କ୍ୱାରେଣ୍ଟାଇନ କରି ଏହି ରୋଗର ଗୋଷ୍ଠୀ ସଂକ୍ରମଣ ବଢ଼ାଉଥିବା ଅଭିଯୋଗ କରି ଶନିବାର ସନ୍ଧ୍ୟାରେ ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟାଳୟକୁ ସ୍ଥାନୀୟ ଲୋକେ ଘେରାଉ କରିଥିଲେ। ପ୍ରଶାସନ ପକ୍ଷରୁ ସଂକ୍ରମିତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୬ରେ ପହଞ୍ଚିଛି।

## କ୍ୱାରାଣ୍ଟାଇନ ଗଲେ ୮ ଡାକ୍ତର, ୨ ନର୍ସ

ସମ୍ବଲପୁର,୨୧।୬(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିମସାରର ୮ ଡାକ୍ତର ଓ ୨ ନର୍ସ କ୍ୱାରାଣ୍ଟାଇନରେ ଯାଇଛନ୍ତି। ରବିବାର ଭିମସାରରେ ଏକ ଜରୁରୀ ବୈଠକରେ ପରେ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କ ମଧ୍ୟରେ ହୃଦରୋଗ ବିଭାଗର ୩ ଜଣ ଡାକ୍ତର, ୨ ନର୍ସ ଓ ଛାତି ଓ ଯକ୍ଷ୍ମା ବିଭାଗର ୫ ଜଣ ଡାକ୍ତର ରହିଛନ୍ତି। ରବିବାର ଏହି ଦୁଇ ବିଭାଗରେ ଚିକିତ୍ସିତ ୩ ଜଣ ରୋଗୀଙ୍କ କରୋନା ସଂକ୍ରମଣ ଥିବା ରିପୋର୍ଟ ଆସିଥିଲା। ଏହାସହ ହୃଦ୍‌ରୋଗ ଓ ଯକ୍ଷ୍ମା ବିଭାଗକୁ ସାନିଟାଇଜ୍ କରାଯିବା ସହ ଅନ୍ୟ ରୋଗୀମାନଙ୍କୁ ସ୍ଥାନାନ୍ତର କରାଯାଇଛି ବୋଲି ଭିମସାର ପରୀକ୍ଷା କେନ୍ଦ୍ର ନୋଡାଲ ଅଫିସର ବେଣୁଧର ପାଣ୍ଡେ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବରଗଡ ଜିଲାର ଜଣେ ପୁରୁଷ ରୋଗୀ (୫୦ବର୍ଷ) ହୃଦରୋଗରେ ପୀଡିତ ହୋଇ ଗୁରୁବାରଠାରୁ ଭିମସାରରେ ଭର୍ତ୍ତି ହୋଇଥିଲେ। ସେହିପରି ସୁନ୍ଦରଗଡ ଜିଲାର ୩୫ ବର୍ଷୀୟା ମହିଳା ଯକ୍ଷ୍ମାରୋଗ ବିଭାଗରେ ଚିକିତ୍ସିତ ହେଉଥିଲେ। ତାଙ୍କର ମଧ୍ୟ ରିପୋର୍ଟ ପଜିଟିଭ ହୋଇଥିଲା। ସେହିପରି ଏହି ବିଭାଗରେ ଚିକିତ୍ସିତ ହେଉଥିବା ଝାରସୁଗୁଡା ଜିଲାର ଜଣେ ୩୫ ବର୍ଷର ଯୁବକ କରୋନା ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛି। ସୂଚନାଯୋଗ୍ୟ, ଜୁନ ୧୨ ତାରିଖରେ ଜଣେ ଗର୍ଭବତୀଙ୍କଠାରେ ସଂକ୍ରମଣ ଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ୩ ଡାକ୍ତର, ନର୍ସ ଓ ଜଣେ କର୍ମଚାରୀ କ୍ୱାରାଣ୍ଟାଇନରେ ରହିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ।

## ଗୋରକ୍ଷା ପ୍ରମୁଖ ରାଜୁ ସିଂ ଗିରଫ

ରାଉରକେଲା ଅଫିସ,୨୧।୬: ସୁନ୍ଦରଗଡ ଜିଲା ଗୋରକ୍ଷା ପ୍ରାନ୍ତ ପ୍ରମୁଖ ରାଜୁ ସିଂଙ୍କୁ ରାଉରକେଲା ସେକ୍ଟର-୩ ପୋଲିସ ଗିରଫ କରିଛି। ତାଙ୍କଠାରୁ ଏକ ଦେଶୀ ପିସ୍ତଲ ଜବତ କରାଯାଇଛି, ଯାହାର ଲାଇସେନ୍ସ ନ ଥିବା ପୋଲିସ କହିଛି। ଏ ନେଇ ଆର୍ମ୍ସ ଆକ୍ଟରେ ଏକ ମାମଲା (ନଂ.୪୮/୨୦୨୦) ରୁଜୁ ହୋଇଛି। ରାଜୁଙ୍କୁ ଉଦିତନଗର ଥାନାରେ ଅଟକ ରଖାଯାଇଥିବାରୁ ତାଙ୍କ ସମର୍ଥକ ପହଞ୍ଚି ପ୍ରତିବାଦ କରିଥିଲେ। ଏଣୁ ରବିବାର ସକାଳୁ ସୁରକ୍ଷା ଦୃଷ୍ଟିରୁ ରାଜୁଙ୍କୁ ସେଠାରୁ ପୁଣି ଛେଣ୍ଡ ଥାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅପରାହ୍ନରେ ଶତାଧିକ ବଜରଙ୍ଗ ଦଳ ସମର୍ଥକ ଥାନାରେ ପହଞ୍ଚି ପୋଲିସ ବିରୋଧରେ ସ୍ଲୋଗାନ ଦେବା ସହ ରାଜୁଙ୍କୁ ତୁରନ୍ତ ଛାଡି ଦେବାକୁ ଦାବି କରିଥିଲେ।

## ବାଙ୍କିଘିର୍ଡି ଗ୍ରାମ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷିତ

- ସିଲ୍ ହେଲା ସଂଯୋଗ କରୁଥିବା ୪ ରାସ୍ତା
- କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ
- ସାନିଟାଇଜ୍ ହେଲା ବିନିକା ସ୍ୱାସ୍ଥ୍ୟକେନ୍ଦ୍ର, ଗାଁ ରାସ୍ତା

ସୋନପୁର,୨୧।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମକୁ ଜିଲାପାଳ ମୋନିଷା ବାନାର୍ଜୀ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ସମସ୍ତ ୪ଟି ରାସ୍ତାକୁ ସିଲ୍ କରାଯାଇଛି। ୩ କରୋନା ଯୋଦ୍ଧା ସଂକ୍ରମିତ ହେବା ପରେ ଏହି କଟକଣା ଲାଗୁ ହୋଇଛି। ସ୍ଥାନୀୟ ଏଏନ୍ଏମ, ଗ୍ରାମର ୨ ଜଣ ଆଶାକର୍ମୀଙ୍କ ସ୍ୱାବ୍ ରିପୋର୍ଟ ଶନିବାର ପଜିଟିଭ୍ ଆସିଥିଲା। ଏହା ଲୋକାଲ କେସ୍ ହୋଇଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ ବୁଧବାର ସମ୍ପୃକ୍ତ ଏଏନ୍ଏମ୍ ଶିଶୁ ଏବଂ ଗର୍ଭବତୀମାନଙ୍କୁ ବିଭିନ୍ନ ଟିକା ଦେଇଥିଲେ। ଶନିବାର ବିନିକା ଡାକ୍ତରଖାନାର ଅନୁଷ୍ଠିତ ଏକ ବୈଠକରେ ଯୋଗ ଦେଇଥିଲେ। ସେହିପରି ଆଶାକର୍ମୀଦ୍ୱୟ ଗ୍ରାମର ବିଭିନ୍ନ ରୋଗୀଙ୍କୁ ଔଷଧ ବଣ୍ଟନ କରିଛନ୍ତି, ଦୈନିକ ରିପୋର୍ଟ ସଂଗ୍ରହ କରି ବ୍ଲକ ପ୍ରଶାସନକୁ ଜଣାଇଛନ୍ତି। ସଂକ୍ରମିତମାନେ ବହୁ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ୩ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି।

ବାଙ୍କିଘିର୍ଡିକୁ ପୂର୍ବ ଦିଗରୁ ସଂଯୋଗ କରୁଥିବା ସାରଙ୍ଗପାଲି ରାସ୍ତା, ପଶ୍ଚିମ ଦିଗର ହନୁମାନ ଛକରୁ ମଣ୍ଡପ ଛକ ରାସ୍ତା, ଉତ୍ତର ଦିଗର ମଣ୍ଡପ ଛକରୁ ହୁଡୁମା ରାସ୍ତା ଓ ହନୁମାନ ଛକରୁ ବାବୁପାଲି-ରାମପୁର ରାସ୍ତାର ସାରଙ୍ଗପାଲି ଛକ, କେନାଲ ଏବଂ କୁକୁଡାଝୁଲି ରାସ୍ତାକୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଦୋକାନ ବଜାର ବନ୍ଦ ରହିଛି। ଏହି ରାସ୍ତାରେ କୌଣସି ପ୍ରକାର ଯାନବାହନ, ମାଲବାହୀ ଯାନ ଓ ଜନସାଧାରଣଙ୍କ ଯାତାୟାତକୁ ବାରଣ କରାଯାଇଛି। ଏହି ଗାଁରେ ୩୮୨ଟି ପରିବାର ରହୁଛନ୍ତି। ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। କଣ୍ଟେନ୍‌ମେଣ୍ଟ ଅଞ୍ଚଳର ଲୋକଙ୍କ ଜରୁରୀ ଔଷଧ ଓ ଗ୍ରସେରି ସାମଗ୍ରୀ ବିଷୟ ଅନୁଧ୍ୟାନ କରିବାକୁ ବିନିକା ଏବିଡିଓ ନିରଞ୍ଜନ ନାଏକଙ୍କୁ ଦାୟିତ୍ୱ ଦିଆଯାଇଛି। ତହସିଲଦାର ଅଲେଖ ଘୁଟାଙ୍କୁ ଆଇନଶୃଙ୍ଖଳା, ବିନିକା ସିଏଚ୍‌ସିର ମେଡିକାଲ ଅଫିସର ଡାକ୍ତର ଜୟପ୍ରକାଶ ପ୍ରଧାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟ ବୁଝିବାକୁ କୁହାଯାଇଛି। ସେହିପରି ସୋନପୁର ଉପଜିଲାପାଳ ବଳରାମ ଲ୍ଲେଙ୍କଙ୍କୁ ସମସ୍ତ କାର୍ଯ୍ୟ ମନିଟରିଂ କରିବାକୁ ଜିଲାପାଳ ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। ବିଙ୍କିଘିର୍ଡି ସରପଞ୍ଚ ମାନସ ବେହେରା ମଧ୍ୟ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଗାଁକୁ ୪୮ ଘଣ୍ଟା ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ରାପିଡ୍ ରେସପନ୍ସ ଟିମ୍ ଓ ବିନିକାରୁ ମେଡିକାଲ ଟିମ୍ ଗାଁରେ ପହଞ୍ଚି ୩ ସଂକ୍ରମିତ କେବେ ଓ କାହା ସହିତ ମିଶିଥିଲେ ତା’ର କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛନ୍ତି। ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ଓ ବାଙ୍କିଘିର୍ଡି ଗାଁ ରାସ୍ତା ଓ ଛକ ସ୍ଥାନକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି।

## ସୁବର୍ଣ୍ଣପୁରରେ ଗଡ଼ିବନି ୧୨୦ ରଥ

ସୋନପୁର,୨୧।୬(ନି.ପ୍ର.)

ଚଳିତବର୍ଷ ସୁବର୍ଣ୍ଣପୁର ଜିଲାରେ ରଥଯାତ୍ରା ହୋଇପାରିବ ନାହିଁ। ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ଏହି କଟକଣା ଜାରି କରିଛନ୍ତି ସୋନପୁର ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ବଳରାମ ମଲ୍ଲିକ। କଟକଣାର ନିର୍ଦ୍ଦେଶନାମା

### ଶ୍ରଦ୍ଧାଳୁ ମହଲରେ ନୈରାଶ୍ୟ

ନଂ ୨୮୨୯/ତା୨୦।୬।୨୦୨୦ରିଖ ଅନୁଯାୟୀ ଆସନ୍ତା ୨୩ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ଓ ଜୁଲାଇ ୧ରେ ହେବାକୁ ଥିବା ବାହୁଡା ଯାତ୍ରା କୌଣସି ଅଞ୍ଚଳରେ ପାଳନ କରାଯିବ ନାହିଁ। ସେହିପରି ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମଧ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଜିଲାର ୧୨୦ଟି ରଥ ନିର୍ମାଣ ସରିଥିଲେ ବି ମହାପ୍ରଭୁଙ୍କ ରଥଟଣା ହେବନି। ସମସ୍ତ ଜଗନ୍ନାଥ ମନ୍ଦିର, ଧର୍ମସ୍ଥଳୀ ଓ ପୂଜା ମଣ୍ଡପଗୁଡିକରେ ପୂଜାପାଠରେ ଜନସମାବେଶ ହେବ ନାହିଁ। କେବଳ



ସୋନପୁର ସହରର ମଝିପଡା ରଥ ଖଳାରେ ନିର୍ମିତ ରଥ।

ଅନୁମତିପ୍ରାପ୍ତ ସେବାୟତ ବା ପୂଜକଙ୍କ ଦ୍ୱାରା ମନ୍ଦିର ପରିସରରେ ନିରାଡମ୍ବର ଭାବେ ଠାକୁରଙ୍କ ନୀତିକାନ୍ତି କରାଯିବ। ଭକ୍ତମାନେ ମନ୍ଦିର ଭିତରକୁ କିମ୍ବା ପରିସରକୁ ଯିବେ ନାହିଁ। ସମସ୍ତେ କୋଭିଡ ୧୯ ଗାଇଡ୍‌ଲାଇନ୍ ଅନୁଯାୟୀ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ଅନ୍ୟାନ୍ୟ ନୀତି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ଜିଲାର ୩ଟି ସହର ଓ ୬ଟି ବ୍ଲକ ଅଞ୍ଚଳରେ ମୋଟ ୧୪୬ଟି ଛୋଟ ବଡ଼ ଜଗନ୍ନାଥ ମନ୍ଦିର ରହିଛି। ୧୨୦ଟି ସ୍ଥାନରେ ପ୍ରତିବର୍ଷ ରଥଯାତ୍ରା ପାଳନ କରାଯାଇଥାଏ। ଏହା ମଧ୍ୟରୁ କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସୋନପୁର ସହରର ଗଡଭିତର ଜଗନ୍ନାଥ ମନ୍ଦିର, ଘୋଡାଘାଟପଡାର ଦଧିବାମନ ମନ୍ଦିର, ରାୟଗୁରୁପଡାର ବୃନ୍ଦାବନ ବିହାରୀ ମନ୍ଦିର, ତରଭା, ବୀରମହାରାଜପୁର, ବିନିକା, ସୋନପୁର ବ୍ଲକର ଖରଜୁରା, ନାରାୟଣପୁର, ଦେଉଳପଦର ଗଡିଆ, ମଲିକମୁଣ୍ଡା, ଲଛିପୁର ଓ ଖଲିଆପାଲ ଅଞ୍ଚଳରେ ରଥଯାତ୍ରା ହୋଇଥାଏ। ପାତାଳି ଶ୍ରୀକ୍ଷେତ୍ର, ସୋନପୁର, ବୀରମହାରାଜପୁର, ତରଭା ଓ ବିନିକାରେ ରଥଯାତ୍ରା ପୁରୀ ଜଗନ୍ନାଥ ମନ୍ଦିରର ନୀତିକାନ୍ତି ଅନୁଯାୟୀ ପାଳିତ ହୋଇଥାଏ। ଚଳିତବର୍ଷ ରଥଯାତ୍ରା ପାଇଁ ପୁରୀ ରଥଯାତ୍ରାକୁ ଅନୁସରଣ କରି ରଥ ନିର୍ମାଣ କାମ ହୋଇଥିଲା। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ରଥ ନିର୍ମାଣ ହୋଇଥିଲେ ବି ଏଥର ଆଉ ଗଡିବନି। ଫଳରେ ଶ୍ରଦ୍ଧାଳୁଙ୍କ ମହଲରେ ନୈରାଶ୍ୟ ଖେଳିଯାଇଛି।

## ଲଗାଣ ବର୍ଷା, ସୁନ୍ଦରଗଡ଼ ସହର ଜଳାର୍ଣ୍ଣବ

ସୁନ୍ଦରଗଡ, ୨୧।୬(ଡି.ଏନ୍.ଏ.): ଗତ ଦୁଇଦିନ ଧରି ଲାଗି ରହିଥିବା ଲଘୁଚାପଜନିତ ବର୍ଷା ଯୋଗୁଁ ସୁନ୍ଦରଗଡ ପୌରାଞ୍ଚଳ ଜଳାର୍ଣ୍ଣନ ହୋଇଛି। ବର୍ଷାଜଳ ନିଷ୍କାଷିତ ହୋଇ ନ ପାରିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ରବିବାର ସୁନ୍ଦରଗଡରେ ୧୦୭.୩ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଲୋକେ ଘରୁ ବାହାରିବା ଅସମ୍ଭବ ହୋଇପଡିଛି। ସହର ତଳି ଅଞ୍ଚଳରେ ଥିବା ରାଣୀବଗିଚାର ବିଭିନ୍ନ ଘରମାନଙ୍କରେ ଆଣ୍ଠୁଏ ଲେଖାଏ ପାଣି ପଶିଛି। ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ପରେ ୧୪ନଂ ୱାର୍ଡର ଭୂୟାଁ ସମାଜଭବନ ସମ୍ମୁଖ ରାସ୍ତା ଏବଂ ବିଜୟା ଟକିଜ ପଛପାଖ ଅଞ୍ଚଳ ଜଳମୟ ହୋଇ



ରାଣୀ ବଗିଚା ଅଞ୍ଚଳରେ ଜମି ରହିଥିବା ବର୍ଷା ଜଳ।

ପଡିଥିଲା। ଲୋକେ ଘରେ ଜଳବନ୍ଦୀ ଭାବେ ରହିବା ଦେଖିବାକୁ ମିଳିଛି। ବିଧାୟିକା ଟେଟେ ସୁନ୍ଦରଗଡ ପୌରନିର୍ବାହୀ ଅଧିକାରୀ ଅଶୋକ ମିଶ୍ରଙ୍କୁ ସମ୍ପୃକ୍ତ ଅଞ୍ଚଳକୁ ଡକାଇ କିଭଳି ବର୍ଷାପାଣି ନିଷ୍କାସନ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଡେଙ୍ଗିଭାଡି ଅଞ୍ଚଳରେ ଏକ ପୁରାତନ ବରଗଛ ଉପୁଡି ରାସ୍ତା ମଝିରେ ପଡିଥିଲା। ଏଥିଯୋଗୁଁ ବିଦ୍ୟୁତ୍ ତାର ଛିଣ୍ଡି ୨ଟି ମଇଁଷିଙ୍କର ମୃତ୍ୟୁ ଘଟିଛି।

## ରଥଯାତ୍ରା ପ୍ରତିବନ୍ଧକ ଦୂର ଉଦ୍ଦେଶ୍ୟରେ ହୋମଯଜ୍ଞ



ରଥଯାତ୍ରା ପ୍ରତିବନ୍ଧକ ଦୂର ଲାଗି କରାଯାଉଥିବା ହୋମଯଜ୍ଞରେ ଆହୁତି ପ୍ରଦାନ କରାଯାଉଛି।

ସୁନ୍ଦରଗଡ, ୨୧।୬(ଡି.ଏନ୍.ଏ.): ରଥଯାତ୍ରା ପ୍ରତିବନ୍ଧକ ଦୂର ତଥା ଆଗତ ହୋଇଥିବା ସମୀକ୍ଷା ଆବେଦନ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ରଥଯାତ୍ରା ସପକ୍ଷରେ ରାୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ରବିବାର ସୁନ୍ଦରଗଡ ମହେଶ ଡିହିସ୍ଥିତ ହନୁମାନ ମନ୍ଦିରରେ ଜଗନ୍ନାଥ ପ୍ରେମୀଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କଳସ ପୂଜନ ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୦୮ଥର ଆହୂତି ପ୍ରଦାନ ଓ ୧୧ ଥର ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ଓଡିଶା ଧର୍ମପ୍ରସାରର ସମ୍ପାଦକ ଶାନ୍ତନୁ କୁସୁମ ବର୍ଷକେ ଥରେ ମହାପ୍ରଭୁଙ୍କ ରଥଯାତ୍ରା ଆୟୋଜନର ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟ ଜଗନ୍ନାଥଙ୍କ ନୀତି, ସଂସ୍କୃତିକୁ ହୃଦୟଙ୍ଗମ କରି ଆଗତ ହୋଇଥିବା ସମୀକ୍ଷା ଆବେଦନର ପୁନଃବିଚାର କରି ଭକ୍ତଶୂନ୍ୟ ରଥଯାତ୍ରା ଆୟୋଜନର ମାର୍ଗ ପ୍ରଶସ୍ତ କରିବା ଉଚିତ ବୋଲି କହିଥିଲେ।

## ବିଚ୍ଛିନ୍ନ ୩ ପଡ଼ାକୁ ସଂଯୋଗ ପାଇଁ ତତ୍ପରତା

ସମ୍ବଲପୁର,୨୧।୬(ବ୍ୟୁରୋ)

### ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ଅବହେଳା ଘଟଣା



ସମ୍ବଲପୁର ଯୁଯୁମୁରା ବ୍ଲକ ଘେନୁପାଲି-ସାନସାହିର ରାସ୍ତା ନିର୍ମାଣ କରାଯାଉଛି।

- ହ୍ୟୁମ୍ ପାଇପ୍ ଲଗାଇ ରାସ୍ତା ମରାମତି ଆରମ୍ଭ
- ନିମ୍ନମାନର କାମର ମଧ ଯାଞ୍ଚ ଦାବି କଲେ
- ଘଟଣା ଘଟିବା ପରେ ଚେତା ପଶିଲା

ବର୍ଷାରେ ଅସ୍ଥାୟୀ ରାସ୍ତା ଧୋଇଯିବାରୁ ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତର ସାନସାହିର, ପାନୁପଡା, ସେମେଲଟିକ୍ରାକୁ ରାସ୍ତା ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ୩ ଗ୍ରାମର ଅଧିବାସୀଙ୍କ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ରବିବାର ଧରିତ୍ରୀରେ ବର୍ଷା ଧୋଇନେଲା ଅସ୍ଥାୟୀ ରାସ୍ତା ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯୁଦ୍ଧକାଳୀନଭିତ୍ତିରେ ଉକ୍ତ ଗ୍ରାମକୁ ରାସ୍ତା ନିର୍ମାଣ କରାଯାଇଛି। ରବିବାର ଆର୍‌ଡି ବିଭାଗର ଏସ୍‌ଡିଓ ଦେବଶ୍ରୀ ନାଏକଙ୍କ ସମେତ ଏକ ଟିମ୍ ପହଞ୍ଚିବା ପରେ ନାଳରେ ପାଣି ପ୍ରବାହିତ ହେବା ପାଇଁ ହ୍ୟୁମ ପାଇପ୍ ପକାଯାଇଥିଲା। ଜେସିବି ଓ ଟ୍ରାକ୍ଟର ବ୍ୟବହାର କରି ଧୋଇଯିବା ରାସ୍ତାରେ ମାଟି ପକାଯାଇଥିଲା। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ ଚାଲିଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ କାମ ସରିଯାଇଥିବା ବେଳେ ଅପର ପାର୍ଶ୍ୱରେ କାମ ବାକି ରହିଛି। ତେଣୁ ରବିବାର ମଧ ୩ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ତେବେ ସୋମବାର କାମ ଶେଷ ହୋଇଯିବାର ଲକ୍ଷ୍ୟ ଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ହେଲେ ଅଞ୍ଚଳବାସୀ କେବଳ ରାସ୍ତା ମରାମତି କରି ବିଭାଗ ଚୁପ୍ ବସିଯାଇଛି ଏବଂ ରାସ୍ତା କାମ ମଧ ନିମ୍ନମାନର କରାଯାଇଛି ବୋଲି ଅଭିଯୋଗ କରି ଏହାର ଯାଞ୍ଚ କରାଯାଉ ବୋଲି ଦାବି କରିଛନ୍ତି।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ସଡକ ଯୋଜନା ଘେନୁପାଲି-ସାନସାହର ରାସ୍ତା ନିର୍ମାଣ କାମ କରାଯାଉଛି। ଏହି ରାସ୍ତାର ସେମେଲଟିକ୍ରାରେ ଏକ ନାଳା ରହିଛି। ବର୍ଷା ଓ ଜଙ୍ଗଲର ପାଣି ଏହି ରାସ୍ତାରେ ପ୍ରବାହିତ ହୋଇଥାଏ। ସେଠାରେ ଏକ ବ୍ରିଜ୍ ନିର୍ମାଣ କରାଯାଉଛି। କିଛିଦିନ ତଳେ ବ୍ରିଜରେ ଛାତ ପଡିଥିଲା। ଲୋକମାନଙ୍କ ଯିବା ଆସିବା ପାଇଁ ଅସ୍ଥାୟୀ ରାସ୍ତା (ଡାଇଭର୍ସନ ରୋଡ) ତିଆରି କରାଯାଇଥିଲା। ଶୁକ୍ରବାର ରାତି ବର୍ଷାରେ ଉକ୍ତ ବ୍ରିଜ ରାସ୍ତା ଧୋଇଯାଇଥିଲା। ଏଥିରେ ସେମେଲ ଟିକ୍ରା,ପାନୁପଡା, ସାନସାହିତ ଗ୍ରାମର ୨ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବର୍ଷା ପୂର୍ବରୁ ବ୍ରିଜ କାମ ସାରିବାକୁ ଗ୍ରାମବାସୀ ଦାବି କରୁଥିଲେ। ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀ ଶୁଣି ନ ଥିଲେ।

## ସଂକ୍ଷେପରେ

### ଖାଦାନରୁ ଜେସିବି, ଟ୍ରକ୍ ଜବତ

**ଢେଙ୍କାନାଳ ଅଫିସ, ୨୧।୬:** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଛୋଟଡେନ୍ତୁଳି ଗ୍ରାମର ଏକ ବେଆଇନ ପଥର ଖାଦାନରେ ରବିବାର ପୋଲିସ ଚଢ଼ାଉ କରି ଗୋଟିଏ ଜେସିବି, ୨ଟି ପଥର ବୋଝେଇ ଟ୍ରକ୍ ଜବତ କରିଛି। ଜିଲାରେ ବେଆଇନ ପଥର ଖାଦାନ ଏବଂ ବାଲିଘାଟ ଉପରେ ଚଢ଼ାଉ କରିବାକୁ ୩ଦିନ ତଳେ ପ୍ରଶାସନ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ତହସିଲଦାର ସୁଶାନ୍ତ ମିଶ୍ରଙ୍କ ଠାରୁ ରିପୋର୍ଟ ପାଇବା ପରେ ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ, ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଆଲୋଚନା କରି ପୋଲିସକୁ ଚଢ଼ାଉ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ସେମାନେ ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ମୋଟ୍ ପଜିଟିଭ୍ ୫୩ ଛୁଇଁଲା

**ଢେଙ୍କାନାଳ ଅଫିସ, ୨୧।୬:** ଢେଙ୍କାନାଳ ଜିଲାର ଆଉ ଜଣେ ପ୍ରବାସୀଙ୍କ ସ୍ୱାବ୍‌ରୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ୩୮ ବର୍ଷୀୟ ଆକ୍ରାନ୍ତ ଜଣକ ଗତ ୧୦ ତାରିଖରେ ମହାରାଷ୍ଟ୍ରରୁ ଆସି କାମାକ୍ଷାନଗର ବ୍ଲକ ଭାଗୀରଥପୁର ସଙ୍ଗରୋଧ କେନ୍ଦ୍ରରେ ଥିଲେ। ୧୯ ତାରିଖରେ ତାଙ୍କର ସ୍ୱାବ୍ ପରୀକ୍ଷା ଲାଗି ପଠାଯାଇଥିଲା। ୨୦ ତାରିଖରେ ରିପୋର୍ଟ ପଜିଟିଭ୍ ଆସିଥିଲା। ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ସେହିପରି ରବିବାର ସୁଦ୍ଧା ଜିଲାର ୫୩ଜଣ କରୋନା ଆକ୍ରାନ୍ତ ହୋଇଥିବାବେଳେ ୪୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଶନିବାର କଙ୍କଡ଼ାହାଡ଼ ଏବଂ ହିନ୍ଦୋଳ ବ୍ଲକର ୧୧ ଜଣ କରୋନା ମୁକ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ସୁସ୍ଥ ହେଲେ ୭ ଜଣ

**ଅନୁଗୋଳ ଅଫିସ, ୨୧।୬:** ଅନୁଗୋଳ ଜିଲାର କରୋନା ସଂକ୍ରମିତଙ୍କ ମଧ୍ୟରୁ ରବିବାର ୭ ଜଣ ସୁସ୍ଥ ହୋଇଥିବା ଖବର ମିଳିଛି। ଏହାକୁ ମିଶାଇ ମୋଟ୍ ୫୬ ପଜିଟିଭଙ୍କ ମଧ୍ୟରୁ ସୁସ୍ଥଙ୍କ ସଂଖ୍ୟା ୪୦ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୧୪ ଜଣ କରୋନା ପଜିଟିଭ ତାଳଚେର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରବିବାର ସୁସ୍ଥ ହୋଇଥିବା ୭ ଜଣଙ୍କ ମଧ୍ୟରୁ ଜଣେ ବଣ୍ଠାଁରପାଳ ବ୍ଲକ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ହୋଇଥିବାବେଳେ ଅନ୍ୟ ୬ ଜଣ ଛେଣ୍ଡିପଦା ବ୍ଲକର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ବୋଲି ସୂଚନା ମିଳିଛି। ଛେଣ୍ଡିପଦାର ସମ୍ପୃକ୍ତ ୬ ଜଣଙ୍କୁ ଗତ ୧୧ ତାରିଖରେ ଓ ବଣ୍ଠାଁରପାଳ ବ୍ଲକର ଜଣଙ୍କୁ ୧୩ ତାରିଖରେ ତାଳଚେର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରବିବାର ସେମାନେ ସୁସ୍ଥ ହେବା ପରେ ସମସ୍ତଙ୍କୁ ପଞ୍ଚମହଲା ସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ୧୪ ଦିନ ନିରୀକ୍ଷଣରେ ରଖାଯାଇଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

**ବଇଁଣ୍ଡା, ୨୧।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଜାମ୍ବୁନାଳୀଠାରେ ନୂତନ ଭାବେ ନିର୍ମାଣ ହୋଇଥିବା ବଇଁଣ୍ଡା ଅବକାରୀ କାର୍ଯ୍ୟାଳୟ କୋଠାରୁ ଚୋରି ଘଟଣାରେ ବଇଁଣ୍ଡା ଫାଣ୍ଡି ପୋଲିସ ଶନିବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡବର ଗ୍ରାମର ସୁଜିତ ସାହୁ। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଅରୁଣ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟ ୫ ଅଭିଯୁକ୍ତ ଫେରାର ଅଛନ୍ତି। ଚୋରିରେ ବ୍ୟବହୃତ ଟେମ୍ପୋ(ନଂ. ଓଡି ୧୯-୧୬୩୯)କୁ ଜବତ କରାଯିବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଉଦ୍ଧାର ହୋଇଛି। ସୁଜିତ ଓ ତାଙ୍କ ୫ ସହଯୋଗୀ ସାମଗ୍ରୀ ଚୋରି କରି ଘରେ ରଖିଥିଲେ ବୋଲି ପୋଲିସ କହିଛି। ଠିକାଦାର ସୁଶୀଲ ବିଶ୍ୱାଳଙ୍କ ଅଭିଯୋଗ କ୍ରମେ ଏ ନେଇ ୧୩୩/୨୦ରେ ମାମଲା ରୁଜୁ ହୋଇଥିଲା।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

**ଅନୁଗୋଳ ଅଫିସ, ୨୧।୬:** ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ଥାନା ଅଞ୍ଚଳ ତିଳେଇପଶି ଗ୍ରାମର କୈଳାସ ସାହୁ(୫୦) ରବିବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କୈଳାସ ରବିବାର ଭୋରରୁ ଶୌଚ ପାଇଁ ଯାଇଥିବାବେଳେ ଏକ ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଚେତାଶୂନ୍ୟ ଅବସ୍ଥାରେ ସେ ପଡିଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟ ନେଇଥିଲେ।

# ପରିଣତରେ ପୂରଣ ହୋଇଛି ପିଲାବେଳ ଇଚ୍ଛା

**ଅମିତ କୁମାର ସାମଲ**
**ଅନୁଗୋଳ ଅଫିସ, ୨୧।୬**

- ଜାଣିଲେ କିପରି କାର୍ଯ୍ୟ କରେ ପାଣିପାଗ ବିଭାଗ
- ଏବେ ତୁଲାଉଛନ୍ତି ପର୍ଯ୍ୟବେକ୍ଷକ ଦାୟିତ୍ୱ
- ରାଜ୍ୟବାସୀଙ୍କୁ ଦେଉଛନ୍ତି ଅନୁଗୋଳ ସୂଚନା


ଭଗବାନ ପାଣି

କେମିତି ମପାଯାଏ ଦିନର ତାପମାତ୍ରା। କିପରି ଠିକ୍ ଆକଳନ କରାଯାଏ ଖରା, ବର୍ଷା ଓ ଶୀତର। ପାଣିପାଗ ବିଭାଗର ଏହି ନିତିଦିନିଆ କାର୍ଯ୍ୟ କେଉଁ ଉପାୟରେ ପରିଚାଳନା କରାଯାଏ ତାହା ଜାଣିବାକୁ ପିଲାଦିନରୁ ଭାରି ଇଚ୍ଛା ଥିଲା। ହେଲେ କେବେ ସୁଯୋଗ ପାଇ ନ ଥିଲେ ଅନୁଗୋଳ ନିବାସୀ ଭଗବାନ ପାଣି। ୨୦୦୭ରେ କିରାଣି ଚାକିରିରୁ ଅବସର ନେବା ପରେ ସେହି ଇଚ୍ଛା ପୂରଣ ହୋଇଛି ତାଙ୍କର। ପରିଣତ ବୟସରେ ଜିଲା ପାଣିପାଗ ବିଭାଗର ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଉଥିବା ପାଣି ଏଇ ଦୀର୍ଘବର୍ଷ ମଧ୍ୟରେ କେବଳ ତାପମାତ୍ରା ବିଷୟରେ ଜାଣିନାହାନ୍ତି ବରଂ ରାଜ୍ୟବାସୀଙ୍କୁ ଅନୁଗୋଳର ପାଣିପାଗ ସମ୍ପର୍କରେ ଦୈନିକ ସୂଚନା ମଧ୍ୟ ଦେଇ ଆସିଛନ୍ତି।

ଭଗବାନ କହିଛନ୍ତି, ପାଣିପାଗ ନେଇ ଅନେକ ସମୟରେ କରାଯାଉଥିବା ଠିକ୍ ଅନୁମାନ ପିଲାବେଳେ ତାଙ୍କୁ ଆଶ୍ଚର୍ଯ୍ୟ କରିଦେଉଥିଲା। କେଉଁ କାରିଗରି ଜ୍ଞାନକୌଶଳ ବଳରେ ଏପରି ପୂର୍ବାନୁମାନ ଲଗାଯାଇପାରୁଛି ତାହା ଜାଣିବାକୁ ସେ ଆଗ୍ରହୀ ଥିଲେ। ୨୦୦୭ରେ ଜିଲା ମୁଖ୍ୟ କାର୍ଯ୍ୟାଳୟ କିରାଣି ପଦରୁ ଅବସର ନେବା ପରେ ଉକ୍ତ ଜ୍ଞାନକୌଶଳ ସମ୍ପର୍କରେ ଜାଣିବାର ସୁଯୋଗ ଜୁଟିଥିଲା। ଜିଲା କାର୍ଯ୍ୟାଳୟରେ ଥିବା ପାଣିପାଗ ବିଭାଗର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯିବା ପରେ ସେ ଖୁସିହୋଇ ଯାଇଥିଲେ। ଏଥିପାଇଁ ୭ ଦିନିଆ ପ୍ରଶିକ୍ଷଣ ନେବାକୁ ତାଙ୍କୁ କୋଲକାତା ପଠାଯାଇଥିଲା। ଟ୍ରେନିଂ ଶେଷ କରି ଅନୁଗୋଳ ଅଫିସରେ ପହଞ୍ଚିବା ପରେ ପ୍ରଥମେ କିଛିଟା ସମସ୍ୟା ଅନୁଭବ କରିଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ତାହା ଦୂର ହୋଇଯିବା ସହ ଖରା, ବର୍ଷା ସମ୍ପର୍କରେ ସେ ସୂଚନା ଦେଇପାରିଲେ। ଏବେ ଦୈନିକ ସକାଳ ସାଢ଼େ ଆଠଟା ଭିତରେ ତାଙ୍କୁ କାର୍ଯ୍ୟାଳୟରେ ପହଞ୍ଚି ଭୁବନେଶ୍ୱର ପାଣିପାଗ ବିଭାଗକୁ ରିପୋର୍ଟ ଦେବାକୁ ପଡୁଛି। ପାଗ ଯେତେ ପ୍ରତିକୂଳ ଥିଲେ ବି ସେ ଅଫିସ ଆସି ନିର୍ଦ୍ଧାରିତ ସମୟରେ ହିଁ ରିପୋର୍ଟ ପ୍ରଦାନ କରୁଛନ୍ତି। କିରାଣି ପଦବୀରୁ ଅବସର ପରେ ସେ କେବଳ ଜିଲାର ପାଣିପାଗ ସୂଚନା ଦେଉନାହାନ୍ତି, ସାଧାରଣ ନିର୍ବାଚନ ବେଳେ ମଧ୍ୟ ଅନ୍ୟ କାର୍ଯ୍ୟରେ ଯୋଗ ଦେଉଛନ୍ତି। ଅନୁଗୋଳ ଉପଜିଲାପାଳଙ୍କ ଅଧୀନରେ ଥିବା ନିର୍ବାଚନମଣ୍ଡଳୀରେ ଆଡଭାଇଜର କାର୍ଯ୍ୟ ତାଙ୍କୁ ପ୍ରଦାନ କରାଯାଉଛି। ପରିଣତ ବୟସରେ ଦୈନିକ ୮ ଘଣ୍ଟା ଖଟୁଥିଲେ ବି ପିଲାବେଳ ଇଚ୍ଛା ପୂରଣ ହୋଇପାରିଥିବାରୁ ଖୁସି ଥିବା ଭଗବାନ ପ୍ରକାଶ କରିଛନ୍ତି।

# ଚାଳକଙ୍କ ଉପରେ ଓଲଟିଲା ଟ୍ରକ୍

**କଣିହାଁ, ୨୧।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ସ୍ଥିତ ଏକ ପ୍ରକଳ୍ପରୁ କୋଇଲା ପରିବହନ କରି ଫେରୁଥିବା ଏକ ଟ୍ରକ୍ ରବିବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଚାଳକ ସମଲ ଥାନା କୁଲେଇ ପଞ୍ଚାୟତ କଟରପଡା ଗ୍ରାମର ଭଗବାନ ଦେହୁରୀ(୨୭)ଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ତାଳଚେର ଅଞ୍ଚଳର ଏକ ଟ୍ରକ୍(ନଂ. ଓଡି ୧୯ ସି ୭୪୧୨) ପ୍ରକଳ୍ପରେ କୋଇଲା ଖାଲି କରି ଫେରୁଥିବାବେଳେ ପ୍ରକଳ୍ପ-ଟାକୁଆ ପରିବହନ ରାସ୍ତାପାର୍ଶ୍ୱରେ ଭାରସାମ୍ୟ ହରାଇ ଖାଲକୁ ଖସିପଡିଥିଲା। ଏହି ସମୟରେ ଜୀବନ ବଞ୍ଚାଇବା ପାଇଁ ଚାଳକ ଭଗବାନ ତଳକୁ ଡେଇଁ ପଡିବାବେଳେ ଟ୍ରକ୍‌ଟି ତାଙ୍କ ଉପରେ ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହା ଜଣାପଡ଼ିବା ପରେ ମୃତକଙ୍କ ସମ୍ପର୍କୀୟ ଓ ପରିବାର ଲୋକେ କ୍ଷତିପୂରଣ ଦାବି କରିବାରୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା।

**କ୍ଷତିପୂରଣ ଦାବିରେ ଉତ୍ତେଜନା**

ପରେ କଣିହାଁ ଥାନାରେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ତହସିଲଦାର ପତିତପାବନ ଦେବତା, ଏସ୍‌ଡିପିଓ ଯଶୋବନ୍ତ ସାମଲ, ପ୍ରକଳ୍ପ ଅଧିକାରୀ ପ୍ରଭାତ ବିଶ୍ୱାଳ ମୃତକଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପ୍ରକଳ୍ପ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ୯ ଲକ୍ଷ ଟଙ୍କା, ପ୍ରତିମାସରେ ପରିବାର ପ୍ରତିପୋଷଣ ପାଇଁ ୫ ହଜାର ଟଙ୍କା ପ୍ରଦାନ କରାଯିବାକୁ ରାଜିନାମା ସ୍ୱାକ୍ଷରିତ ହେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, ଆଲୋଚନାକୁ ନେଇ ପ୍ରକଳ୍ପ କର୍ତ୍ତୃପକ୍ଷ ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ପରିବାରବର୍ଗଙ୍କୁ ଅଗଷ୍ଟ ମାସରେ ପ୍ରଦାନ କରିବେ। ଏ ନେଇ ପ୍ରକଳ୍ପ କର୍ତ୍ତୃପକ୍ଷ ଚୁକ୍ତିନାମା କରିଛନ୍ତି। ଘଟଣାର ସମାଧାନ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ନିୟମିତ ଯୋଗ କରିବାକୁ ପରାମର୍ଶ


ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ଯୋଗ କରାଯାଉଛି।

**ବଣ୍ଠାଁରପାଳ, ୨୧।୬(ଡି.ଏନ.ଏ.)**

ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ସଂଘ କର୍ମକର୍ତ୍ତାମାନେ ସାମାଜିକ ଦୂରତା ରଖି ବିଭିନ୍ନ ପ୍ରକାରର ଯୋଗ କରିଥିଲେ। ପ୍ରଶିକ୍ଷକ ନିର୍ମଳ ପଟ୍ଟନାୟକ ଓ ଏସ୍. କେ. ନାଗ ଯୋଗଦେଇ ସମସ୍ତଙ୍କୁ ଯୋଗ ଶିକ୍ଷା ଦେବା ସହ ଏହାର ଉପକାରିତା ବର୍ଣ୍ଣନା କରିଥିଲେ। ଏଥିସହ ନିୟମିତ ଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଆସୋସିଏଶନ ସଭାପତି ପ୍ରସନ୍ନ କୁମାର ମଲିକ, କାର୍ଯ୍ୟକାରୀ ସଭାପତି ବନମାଳୀ ସେଠୀ, ସମ୍ପାଦକ ନଳିନୀକାନ୍ତ ପଣ୍ଡା, ସହ ସମ୍ପାଦକ କେ. କେ. ବେହେରା, କେ. ସି. ସିଆଳ, ସଚ୍ଚି ପାଢ଼ି ଓ ଅଶୋକ ମୁଦୁଲି ସହଯୋଗ କରିଥିଲେ।

# ଗୋବିନ୍ଦପୁର ସୂତାକଳ ଭୂତକୋଠି

**ଢେଙ୍କାନାଳ ଅଫିସ, ୨୧।୬**

- ୧୮ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି
- ଜୋର୍‌ଧରିଲା ପୁନରୁଦ୍ଧାର କରିବା ଦାବି


କଳିଙ୍ଗ ସମବାୟ ସୂତାକଳ।

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କଳିଙ୍ଗ ସମବାୟ ସୂତାକଳ ୧୮ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ପରିଚାଳନା ଅଭାବରୁ ଏହା ଏବେ ଭୂତକୋଠିରେ ପରିଣତ ହୋଇଛି। ଶିଳ୍ପସମୃଦ୍ଧ ଜିଲାରେ ଗୋଟିଏ ପରେ ଗୋଟିଏ କଳକାରଖାନା ରୁଗ୍‌ଣ ହୋଇପଡୁଥିବାବେଳେ ଏହାକୁ ପୁନରୁଦ୍ଧାର କରିବାକୁ ଦାବି କରିଛି ଢେଙ୍କାନାଳ ସଚେତନ ନାଗରିକ ଫୋରମ୍। ଏ ନେଇ ଫୋରମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

୫୨ ଏକର ପରିମିତ ଜମିରେ ୧୯୭୯ରେ ଏହି ସୂତାକଳ ପ୍ରତିଷ୍ଠା ହୋଇଥିଲା। ଏହା ଉପରେ ଆଖପାଖ ଅଞ୍ଚଳର ବହୁ ବୁଣାକାର ନିର୍ଭର କରୁଥିଲେ। ୧୯୯୨ ଯାଏ ଏହା ସ୍ୱାଭାବିକ ଭାବେ ଚାଲୁଥିଲା। ପରବର୍ତ୍ତୀ ସମୟରେ ଏହାର ଅବସ୍ଥା ଶୋଚନୀୟ ହୋଇପଡ଼ିଲା। ୨୦୦୨ ବେଳକୁ ଏହା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା। ପରିଚାଳନାଗତ ତ୍ରୁଟି ପାଇଁ ସୂତାକଳର ବିଭିନ୍ନ ପ୍ରକୋଷ୍ଠ, ଗୋଦାମ, ଯନ୍ତ୍ରାଂଶ ନଷ୍ଟ ହୋଇଗଲାଣି। ଏହାର ପୁନରୁଦ୍ଧାର କରାଗଲେ ଜିଲାର କୁଶଳୀ, ଅର୍ଦ୍ଧକୁଶଳୀ ଏବଂ ଅଣକୁଶଳୀ ଶ୍ରମିକମାନେ କର୍ମସଂସ୍ଥାନ ପାଇପାରିବେ ବୋଲି ଫୋରମ୍ ସଭାପତି ପ୍ରଦ୍ୟୁମ୍ନ ରଥ, ଭୁବନେଶ୍ୱରସ୍ଥିତ ଢେଙ୍କାନାଳ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ରାଜନାରାୟଣ ତ୍ରିପାଠୀ, ଢେଙ୍କାନାଳ କ୍ରାନ୍ତି ସଙ୍ଗଠନ ସଭାପତି ଦୀପ୍ତିଶ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉକ୍ତ ସ୍ମାରକପତ୍ରରେ ଦର୍ଶାଇଛନ୍ତି। ଏମ୍‌ପି ମହେଶ ସାହୁଙ୍କ ଜରିଆରେ ଉକ୍ତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ଫୋରମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଅହୋରାତ୍ର ଗଣଧାରଣାରେ ଗ୍ରାମବାସୀ

**ବଇଁଣ୍ଡା, ୨୧।୬(ଡି.ଏନ.ଏ.)**

**ପୁସିଂ ବ୍ରିଜ୍ ନିକଟରେ ଅନ୍‌ଲୋଡ କଲେ ୧୨ ଟ୍ରକ୍**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡା ଗ୍ରାମ ନିକଟରେ ହୋଇଥିବା କୋଇଲା ଡିପୋ ସ୍ଥାନାନ୍ତର ଦାବିରେ ଚାଲିଥିବା ଆନ୍ଦୋଳନ ରବିବାର ୧୦ମ ଦିନରେ ପହଞ୍ଚିଛି। ସମସ୍ୟାର ସମାଧାନ ହେଉ ନ ଥିବାରୁ ରବିବାରଠାରୁ ଅହୋରାତ୍ର ଗଣଧାରଣା ଆରମ୍ଭ ହୋଇଛି। ପୂର୍ବତନ ସେନା କର୍ମଚାରୀ ସନାତନ ନାୟକ ଧାରଣା ଆରମ୍ଭ କରିଥିଲେ। ଏ ନେଇ ହଣ୍ଡପା, ବଣିନାଳୀ, ନୁନୁକାପଶି, ଲୁହାମୁଣ୍ଡା, ଗୁଣ୍ଡୁରୀମୁଣ୍ଡା ଗ୍ରାମବାସୀଙ୍କୁ ନେଇ ଗୁଣ୍ଡୁରୀମୁଣ୍ଡାଠାରେ ଏକ ବୈଠକ ବସିଥିଲା। ଏଥିରେ ବିଶ୍ୱରଞ୍ଜନ ପ୍ରଧାନ, ସୁଶାନ୍ତ ମହାପାତ୍ର, ଧୋବେଇ ବେହେରା, ପ୍ରମୋଦ ବେହେରା, କ୍ଷୀରୋଦ ବେହେରା, ଭାଜପା ନେତା ଭାଗୀରଥି ପ୍ରଧାନ, ଅରବିନ୍ଦ ସାହୁଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ଆନ୍ଦୋଳନ ଯୋଗୁ ଛିଡା ହୋଇଥିବା କୋଇଲା ଟ୍ରକ୍ ମଧ୍ୟରୁ ୧୨ଟି ଟ୍ରକ୍ ପୁସିଂ ରେଲଓ୍ୱେ ବ୍ରିଜ ନିକଟରେ କୋଇଲା ଖାଲି କରି ପଳାଇଛି। ଆହୁରି ୫୦ ଟ୍ରକ୍ ରାସ୍ତାରେ ଛିଡା ହୋଇ ରହିଛି।


ଗ୍ରାମବାସୀ ଧାରଣାରେ ବସିଛନ୍ତି।



ଯୋଗ ଦିବସ ଉପଲକ୍ଷେ ଢେଙ୍କାନାଳ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି।

# କୁଶପୁତ୍ତଳିକା ଦାହ କଲା ଛାତ୍ର କଂଗ୍ରେସ

**ଅନୁଗୋଳ ଅଫିସ, ୨୧।୬**

ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧି ପ୍ରତିବାଦରେ ଅନୁଗୋଳ ବଜାର ଛକ ଠାରେ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦ୍ୟୁମ୍ନ ସାହୁଙ୍କ ନେତୃତ୍ୱରେ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ୨ ସପ୍ତାହ ମଧ୍ୟରେ ଯେଉଁଭଳି ଭାବେ ହୁ ହୁ କରି ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି ଏଥିରେ ସାଧାରଣ ଲୋକଙ୍କୁ ଶକ୍ତ ଝଟ୍‌କା ଲାଗିଛି। କରୋନା ମହାମାରୀ ସମୟରେ ଲୋକଙ୍କ ପାଖରେ ରୋଜଗାର ନ ଥିବାବେଳେ ତୈଳ ଦର ବୃଦ୍ଧି କରି ଲୋକଙ୍କ ଜୀବନକୁ ଦୁର୍ବିସହ କରି ଦିଆଯାଉଛି। ତେଣୁ ତୈଳ ଦର ହ୍ରାସ କରିବାକୁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।


ଛାତ୍ର କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଉଛି।

# ଧରାପଡ଼ିଲା ରାଜପଥ ଲୁଟେରା ଗ୍ୟାଙ୍ଗ୍

**କାମାକ୍ଷାନଗର, ୨୧।୬(ଡି.ଏନ.ଏ.)**



ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରାଇଛି।

- ୪ ଅଭିଯୁକ୍ତ ଗିରଫ
- ବହୁ ସଙ୍ଗିନ ମାମଲାରେ ଜଡ଼ିତ
- ପିସ୍ତଲ, ଟଙ୍କା, ମାରଣାସ୍ତ୍ର ଜବତ

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଅଞ୍ଚଳରେ ଆତଙ୍କରାଜ ସୃଷ୍ଟି କରିଥିବା ଏକ ରାଜପଥ ଲୁଟେରା ଗ୍ୟାଙ୍ଗର ୪ ସଦସ୍ୟ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ କାମାକ୍ଷାନଗର ଜିନେଇଲୋ ଗ୍ରାମର ସଞ୍ଜୟ ସ୍ୱାଇଁ ଓରଫ୍ ସିଲୁ, ଅନୁଗୋଳ ଜିଲା ନିଶା ଥାନା ରାମଡିହ ଗ୍ରାମର ସୁଶାନ୍ତ ନାୟକ ଓରଫ୍ ବ୍ରଜ, ଅନୁଗୋଳ ଥାନା ମଝିକା ଗ୍ରାମର ସୁନୀଲ ନାୟକ ଓରଫ୍ ଟୁବୁଲ ଏବଂ ବଣ୍ଠାଁରପାଳ ଥାନା ପୁଷ୍ପପଙ୍ଗି ଗ୍ରାମର ଅନିରୁଦ୍ଧ ନାଏକ ଓରଫ୍ ମୂଷା। ସେମାନଙ୍କ ନିକଟରୁ ବାଇକ୍, ପିସ୍ତଲ, ଜୀବନ୍ତ ଗୁଳି, ୯ଟି ମୋବାଇଲ, କଟୁରି, ନଗଦ ୧୦ ହଜାର ଟଙ୍କା, ଏଟିଏମ୍ କାର୍ଡ, ବ୍ୟାଙ୍କ ପାସ୍‌ବୁକ୍ ଏବଂ ୩ଟି ନମ୍ବର ପ୍ଲେଟ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗିନ ମାମଲା ରହିଛି। ଏହି ଗ୍ୟାଙ୍ଗର କଳା କାରନାମା ସମ୍ପର୍କରେ ରବିବାର ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

୨୦୨୦ ଜୁନ୍ ୧ରେ ପଣ୍ଡୁଆ ଅଞ୍ଚଳର ଏକ ପେଟ୍ରୋଲ ପମ୍ପ ମାଲିକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ଦୁଇଜଣ ଯୁବକ ଏକ କଳା ପଲ୍‌ସରରେ ଆସି ମାରଣାସ୍ତ୍ର ଦେଖାଇ ଟଙ୍କା ବ୍ୟାଗ୍ ଲୁଟି ନେଇଥିଲେ। ଏ ନେଇ ନଂ. ୭୩/୨୦, ଦଫା ୩୯୨, ୫୦୬ ଓ ୨୫ ଆର୍ମସ୍ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା। ଏହି ଘଟଣାର ଖୋଳତାଡ଼ ବେଳେ ସମ୍ପୃକ୍ତ ରାଜପଥ ଲୁଟେରାଙ୍କ ସମ୍ପର୍କରେ ପୋଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ତଦନ୍ତରୁ ଜଣାପଡ଼ିଛି ସେମାନଙ୍କ ନାମରେ କାମାକ୍ଷାନଗର ଥାନାରେ ୩, ଭୁବନ ଥାନାରେ ୨, କଙ୍କଡ଼ାହାଡ଼ ଥାନାରେ ୧, ଢେଙ୍କାନାଳ ସଦର ଥାନାରେ ୧, ଯାଜପୁର ଜିଲା ସୁକିନ୍ଦା ଥାନାରେ ୨ ମାମଲା ସମେତ ଅନୁଗୋଳ ଜିଲାର ବିଭିନ୍ନ ଥାନାରେ ୮ କେସ୍ ରହିଛି। ଅଭିଯୁକ୍ତମାନେ ଅର୍ଥଲଗାଣକାରୀ ସଂସ୍ଥାର ଅଧିକାରୀ, ଗ୍ରାହକ ସେବା କେନ୍ଦ୍ର ଏବଂ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ସଞ୍ଜୟ ଲୁଟ୍‌ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ପରେ ସମସ୍ତେ ଯୋଜନାବଦ୍ଧ ଭାବେ ଲୁଟ୍, ଛନ୍‌ତାଇ କରୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ କାମାକ୍ଷାନଗର ଥାନାଧିକାରୀ ଅଭିନବ ଡଲୁଆ, ତୁମୁସିଙ୍ଗା ଥାନାଧିକାରୀ ଆନନ୍ଦ ଡୁଙ୍ଗ୍‌ଡୁଙ୍ଗ୍, ପଣ୍ଡୁଆ ଫାଣ୍ଡି ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

କାଳିମେଳା,(ଡି.ଏନ.ଏ.)–ମାଲକାନଗିରି ଜିଲା କାଳିମେଳା ବ୍ଲକ ଅନ୍ତର୍ଗତ ଗମ୍ପାକୋଣ୍ଡା ଗ୍ରାମର ରାମା ମାଡକାମି(୪୦)ଙ୍କୁ ଶୁକ୍ରବାର ରାତିରେ ଏକ ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ସେ ଗ୍ରାମର ଗଙ୍ଗା ମାଡକାମିଙ୍କ ପୁଅ। ସାପ କାମୁଡିବା ଜାଣିବା ପରେ ପରିବାର ଲୋକେ ଗୁରୁତର ରାମାଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଗୁଣିଆ ପାଖକୁ ନେଇ ରାତିସାରା ଝଡାଫୁଙ୍କା କରିଥିଲେ। ଏଥିରୁ କିଛି ସୁଫଳ ନ ମିଳିବାରୁ ଶନିବାର ସକାଳ ୧୦ଟାରେ ତାଙ୍କୁ କାଳିମେଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ସଂନ୍ଧ୍ୟା ୬ଟାରେ ରାମାଙ୍କ ମୃତ୍ୟୁ ହୋଇଯାଇଥିଲା। କାଳିମେଳା ପୋଲିସ ୧୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର : ମୈଦଲପୁର ନିଲମ୍ବିତ ଭାରପ୍ରାପ୍ତ ଲ୍ୟାମ୍ପସ୍ ଏମ୍‌ଡି ଗିରଫ

ନବରଙ୍ଗପୁର,୨୧।୬(ବି.ପ୍ର.)-ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ପ୍ରାୟ ବର୍ଷେ ହେବ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ପାପଡାହାଣ୍ଡିର ନରସିଂହ ନାୟକ ଓରଫ ବୁଲୁଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବୁଲୁ ନିୟମିତ ବ୍ୟବଧାନରେ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ପରିବାର ଲୋକ ଏ ସମ୍ପର୍କରେ ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ବୁଲୁଙ୍କୁ ଗିରଫ କରିଥିଲା। ନାବାଳିକା ଓ ବୁଲୁଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ଥାନାରେ ନଂ. ୮୨/୨୦ ମାମଲା ରୁଜୁ ହୋଇଛି। ବୁଲୁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଧୀନ ମୈଦଲପୁର ଲ୍ୟାମ୍ପସ୍‌ରେ ଭାରପ୍ରାପ୍ତ ଏମଡି ଭାବେ ରହିଥିବା ବେଳେ କାର୍ଯ୍ୟରେ ଅବହେଳା ଲାଗି ଲ୍ୟାମ୍ପସ ସଭାପତି ନିଲମ୍ବିତ କରିଥିଲେ।

### ମେଣ୍ଟ୍ରି ପଞ୍ଚାୟତ ୪୮ ଘଣ୍ଟା ଶଟଡାଉନ

ନବରଙ୍ଗପୁର/ନନ୍ଦାହାଣ୍ଡି,୨୧।୬ (ବି.ପ୍ର.)- ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ପଞ୍ଚାୟତକୁ ସରପଞ୍ଚ ଅନୁସାୟା ଭଡରା ୪୮ ଘଣ୍ଟା ଶଟଡାଉନ ଘୋଷଣା କରିଛନ୍ତି। ଡ଼ଙ୍ଗାସିଲ ଗାଁର ଜଣେ ପ୍ରବାସୀ ଶ୍ରମିକଙ୍କ ମୃତଦେହ ସତ୍କାରରେ ନନ୍ଦାହାଣ୍ଡି ବ୍ଲକ ବାଦୀଗୁଡା ଗାଁର ୭ ଜଣ ଯୋଗଦେଇଥିଲେ। ଏ ନେଇ ମେଣ୍ଟ୍ରି ପଞ୍ଚାୟତ ସରପଞ୍ଚ ଓ ଜନସାଧାରଣଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ପରେ ସରପଞ୍ଚ ପଞ୍ଚାୟତକୁ ୪୮ ଘଣ୍ଟା ଶଟଡ଼ାଉନ କରିଛନ୍ତି।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ କିନ୍ନର



ଗୁଣପୁର(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁରଠାରେ କିନ୍ନର ସଂଘ ପକ୍ଷରୁ ରବିବାର ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକତ୍ରିତ ହୋଇ ଯବାନମାନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲା ସମ୍ପାଦକ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ ମଧୁ ଗୌଡ଼, ସାନୁ ବାଉରୀ, ରବିନ୍ଦ୍ର ବେହେରା, ନରେନ୍ଦ୍ର ଶ୍ରୀରାମ, ରମେଶ ବାଉରୀ, ସୁଶାନ୍ତ ଶ୍ରୀରାମ ଏବଂ ଓଡି. ସନ୍ତୋଷ, ବ୍ଲକ୍ ସଂଯୋଜକ କିରଣ କୁମାର ଗମାଙ୍ଗ ପ୍ରମୁଖ କ୍ୟାଣ୍ଡେଲ ଜାଳି ଶହୀଦମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

### ଡାଲିମ୍ବପୁରକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ଗୋଷାଣୀ,୨୧।୬(ଡି.ଏନ୍.ଏ.): ଗଜପତି ଜିଲାର ଗୋଷାଣୀ ବ୍ଲକ୍‌ରୁ ସର୍ବାଧିକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେଣୁ ପ୍ରଶାସନ ପକ୍ଷରୁ ବ୍ଲକ୍‌ର ଗୋଟିଏ ପରେ ଗୋଟିଏ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉଛି। ରବିବାର କେରାଣ୍ଡି ପଞ୍ଚାୟତର ଡାଲିମ୍ବପୁର ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଏବଂ ନିକଟବର୍ତ୍ତୀ ୨ କିଲୋମିଟର ଅଞ୍ଚଳକୁ ବଫର୍ ଜୋନ୍ ଘୋଷଣା କରାଯାଇଛି। କ୍ୱାରାଣ୍ଟାଇନ୍‌ରୁ ଫେରିଥିବା ୭ ଜଣ ପଜିଟିଭ୍ ଚିହ୍ନଟ ହେବାପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଅଞ୍ଚଳରେ ଅତ୍ୟାବଶ୍ୟକ ଜିନିଷ ପହଞ୍ଚାଇବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୩୫ ହଜାର ଜରିମାନା ଆଦାୟ

ରାୟଗଡ଼ା ଅଫିସ,୨୧।୬: ସାମାଜିକ ଦୂରତା ଓ ମାସ୍କ ବ୍ୟବହାର ଦ୍ୱାରା ସଂକ୍ରମଣକୁ ଅନେକ ପରିମାଣରେ ଏଡ଼ାଇ ଦିଆଯାଇପାରିବ ବୋଲି ବାରମ୍ବାର ସଚେତନ କରାଯାଉଛି। ତଥାପି ଲୋକେ ବିନା ମାସ୍କରେ ବାହାରେ ବୁଲୁଛନ୍ତି। ତେଣୁ ରାୟଗଡ଼ା ପୋଲିସ ପକ୍ଷରୁ ଚେକିଂକୁ କଡ଼ାକଡ଼ି କରିଛି। ରବିବାର ପୋଲିସ ପକ୍ଷରୁ ସହରର ବିଭିନ୍ନ ଛକରେ ମାସ୍କ, ହେଲ୍‌ମେଟ, ସିଟ୍ ବେଲ୍ଟ ନ ପିନ୍ଧିବା ଏବଂ ୩ଜଣ ବସି ଗାଡ଼ି ଚଳାଉଥିବା ଲୋକଙ୍କ ଠାରୁ ୩୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି। ଯାଞ୍ଚ କାର୍ଯ୍ୟରେ ଟାଉନ୍ ଥାନା ଏସ୍‌ଆଇ ପି. ରାବଣା ଏବଂ ଟିମ୍ ସାମିଲ ଥିଲେ।

# ଅଧାରେ ଅଟକିଛି ଅଙ୍ଗୀ ନଦୀ ପୋଲ ନିର୍ମାଣ

ଡାବୁଗାଁ,୨୧।୬(ଡି.ଏନ୍.ଏ.)



ବିପଦସଙ୍କୁଳ ରାସ୍ତାରେ ଯାନବାହନ ଚଳାଚଳ କରୁଛି।

ନବରଙ୍ଗପୁର ଜିଲା ଡାବୁଗାଁ ଅଙ୍ଗୀ ନଦୀ ପୋଲ ନିର୍ମାଣ କାମ ଅଧାରେ ଅଟକି ରହିଛି। ବ୍ୟୟ ଅଟକଳ ବୃଦ୍ଧି କରାଯାଇଛି। ତଥାପି ଏ ପର୍ଯ୍ୟନ୍ତ କାମ ସରୁନାହିଁ। ବର୍ଷାଦିନେ ଏ ଅଞ୍ଚଳବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବେ। ଲଗାଣ ବର୍ଷା ହେଲେ ଅଙ୍ଗୀନଦୀ ଫୁଲି ଉଠି ନିମ୍ନରେ ଥିବା ପୋଲ ଉପରେ ପାଣି ଯାଇ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯିବ।

ଡାବୁଗାଁ ବ୍ଲକ ସମେତ ଝରିଗାଁ, ଉମରକୋଟ, ରାଇଘର ଓ ଚନ୍ଦାହାଣ୍ଡି ସହ ଜିଲା ସଦର ମହକୁମାକୁ ଯୋଡିହେବା ପାଇଁ ରାଜ୍ୟ ରାଜପଥର ଏହା ଏକ ମୁଖ୍ୟ ରାସ୍ତା। ଏହା ଉପରେ ନିର୍ମାଣାଧୀନ ଅଙ୍ଗୀ ନଦୀ ପୋଲ ମାତ୍ର ୧୧ ମାସରେ ନିର୍ମାଣ କରିବାକୁ ଅବଧି ରହିଥିଲା। ପ୍ରକଳ୍ପକୁ ୩ ବର୍ଷ ପୂରିଯାଇଥିଲେ ବି ତଥାପି କାର୍ଯ୍ୟ ସରୁ ନାହିଁ। ଏ ନେଇ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ପ୍ରଥମେ ବ୍ରିଜ୍‌ର ଅଟକଳ ମୂଲ୍ୟ ପ୍ରାୟ ୩ କୋଟି ୬୦ ଲକ୍ଷ ଟଙ୍କା ଥିଲା। ପରେ ପୋଲର ଡିଜାଇନରେ ତ୍ରୁଟି ଥିବାରୁ ଅଟକଳ ମୂଲ୍ୟ ୪ କୋଟି ୫୦ଲକ୍ଷକୁ ବୃଦ୍ଧି କରାଗଲା। ପୋଲ ସମ୍ପୂର୍ଣ୍ଣ ହେବାକୁ ଆଉ ମାତ୍ର ୧୨ ଦିନର କାମ ବାକି ରହିଛି। ପୋଲର ଅଟକଳ ବଢ଼ିବା ପରେ ବିଭାଗର ମଞ୍ଜୁରୀ ପାଇଁ ଦେଢ଼ ବର୍ଷ ହେଲା ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। କିନ୍ତୁ ମଞ୍ଜୁରୀ ମିଳୁ ନ ଥିବା ଯୋଗୁ ବକେୟା ବିଲ୍ ପାଇଁ ଠିକାଦାର କାମ ସମ୍ପୂର୍ଣ୍ଣ କରୁ ନ ଥିବା କହିଛନ୍ତି। ଅପରପକ୍ଷେ ପୋଲର ଆପ୍ରୋଚ୍ ରୋଡ୍ କାମକୁ ସମ୍ପୂର୍ଣ୍ଣ କରାଯାଇ ନାହିଁ। ଏ ନେଇ ଠିକାଦାର ହିମାଂଶୁ ଶେଖର ନାୟକଙ୍କୁ ଯୋଗାଯୋଗ କରିବାରୁ ବିଭାଗର ଉଦାସୀନତା ଯୋଗୁ ଦେଢ଼ବର୍ଷ ଧରି ପୋଲର ବର୍ଦ୍ଧିତ ଅଟକଳକୁ ମଞ୍ଜୁରୀ ମିଳିପାରୁନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗକଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବାଧ୍ୟହୋଇ ଆଇନର ଆଶ୍ରୟ ନେବାକୁ ପ୍ରସ୍ତୁତ ହୋଇଥିବା ସେ କହିଛନ୍ତି। ଏଥିନେଇ ନୂତନ ପୋଲ ଉପରେ ଯାନବାହନ କେବେ ଗଡିବ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପ୍ରକାଶ ଥାଉକି, ନିମ୍ନରେ ଥିବା ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ଯାନବାହନ ଯାତାୟାତ କରୁଥିବାରୁ ଉକ୍ତ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ ରାସ୍ତାର ଅବସ୍ଥା ବେହାଲ ହୋଇଗଲାଣି। ବର୍ତ୍ତମାନ ବର୍ଷାପାଣିରେ ନୂତନ ପୋଲର ଆପ୍ରୋଚ୍ ରାସ୍ତାର ଦୁଇ ପାର୍ଶ୍ୱରୁ ମାଟି ବୋହି ଡାଇଭର୍ସନ ରାସ୍ତାର ଅବସ୍ଥା ଖରାପ କରିଦେଉଛି। କେତେବେଳେ ଯେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟହେବ କହିହେବନି। ଏଣୁ ପୋଲ କାମ ଶୀଘ୍ର ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

## ଯୋଗାଭ୍ୟାସ କଲେ ପ୍ରବାସୀ, ଯବାନ

ରାୟଗଡ଼ା ଅଫିସ,୨୧।୬:



ରାୟଗଡ଼ାସ୍ଥିତ ସିଆରପିଏଫ୍ ୪ର୍ଥ ବାଟାଲିଅନ୍ ଏବଂ ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ସଙ୍ଗରୋଧ କେନ୍ଦ୍ରରେ ଥିବା ପ୍ରବାସୀମାନଙ୍କୁ ନେଇ ଯୋଗାଭ୍ୟାସ କରାଯାଇଥିଲା। ସୁସ୍ଥ ରହିବା ପାଇଁ ଯୋଗର ଆବଶ୍ୟକତା ବିଷୟରେ ସେମାନଙ୍କୁ ସଚେତନ କରାଯାଉଥିଲା। ସହର ନିକଟସ୍ଥ ବିଲେସୁ ସଙ୍ଗରୋଧ କେନ୍ଦ୍ରରେ ମଧ୍ୟ ଯୋଗାଭ୍ୟାସ କରାଯାଇଥିଲା। ସିଆର୍‌ପିଏଫ୍ ୪ର୍ଥ ବାଟାଲିଅନ୍‌ର କମାଣ୍ଡାଣ୍ଟ ଯାଇ. କେ. ରାଜପୁତ, ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ମିଟୁ ରୟ, ଡ଼େପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର ଏବଂ ଯବାନମାନେ ଯୋଗ କରିବା ଦେଖିବାକୁ ମିଳିଥିଲା। ପାତଞ୍ଜଳି ପରିବାର ପକ୍ଷରୁ ଯୋଗଗୁରୁ ରାଜେଶ କୁମାର, ସୁରେନ୍ଦ୍ର ବେହେରା ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସେହିପରି ଗାୟତ୍ରୀ ପରିବାରର ଏନ୍.ପି ସିଂ ଏବଂ ଗଣେଶ କର ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ରାୟଗଡ଼ା ବନାଞ୍ଚଳର ଫରେଷ୍ଟ ଇନ୍‌ସପେକ୍ଟର ଅଶୋକ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଶିରିଗୁଡ଼ା ଗ୍ରାମରେ ଚାରାରୋପଣ ମଧ୍ୟ କରାଯାଇଥିଲା।

# ଜୟପୁର: ୩୫ ଲକ୍ଷ ଚାରା ରୋପଣ ହେବ

ଜୟପୁର, ୨୧।୬ (ନି.ପ୍ର.)

ଜୟପୁର ବନଖଣ୍ଡ ଆଗାମୀ ଦିନରେ ୩୫ ଲକ୍ଷ ଚାରା ରୋପଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ଚାରା ମଧ୍ୟରୁ ୧୫ ଲକ୍ଷ ଚାରା ବଣ୍ଟନ କରାଯିବ। ବିଭିନ୍ନ ସ୍କୁଲ, କଲେଜ ଓ ଅନୁଷ୍ଠାନକୁ ମାଗଣାରେ ଚାରା ପ୍ରଦାନ କରାଯିବ। ୧୨ ଲକ୍ଷ ଚାରା ଟୋକନ ରେଟ୍ ୧ ଟଙ୍କା ଦରରେ ବିକ୍ରି ହେବ ବୋଲି ବନଖଣ୍ଡ ପକ୍ଷରୁ କୁହାଯାଇଛି। ଜୟପୁର ବନଖଣ୍ଡରେ ୬୩୨ଟି ବନ ସଂରକ୍ଷଣ ସମିତି ରହିଛି। ୪୦ ବନ ସୁରକ୍ଷା ସମିତି ଦ୍ୱାରା ବନ ଉତ୍ସବ କରିବାକୁ ପ୍ରସ୍ତୁତି ଚାଲିଛି। ପ୍ରତ୍ୟେକ ଗ୍ରାମରେ ଚାରା ରୋପଣ କରିବା, ରାସ୍ତା କଡ ବନୀକରଣ, ବନ ସଂରକ୍ଷଣ ସମିତି ଅଞ୍ଚଳରେ, ରିଜର୍ଭ ଫରେଷ୍ଟରେ ଓ ପାହାଡିଆ ଅଞ୍ଚଳରେ ଏହି ଚାରା ରୋପଣ ଲାଗି ସ୍ଥିର କରାଯାଇଛି। ଜୁଲାଇ ୧ରୁ ୭ ପର୍ଯ୍ୟନ୍ତ ବନମହୋତ୍ସବ ହେବ। ଅଗଷ୍ଟ ମାସ ସାରା ବୃକ୍ଷରୋପଣ କରାଯିବ। ହରିଡା, ବାହାଡା, ଅଳାଁ, ଶିଶୁ, କରଞ୍ଜ, ପଣସ, ଆମ୍ବ, ଜାମୁ, ଗମ୍ଭାରି, ଶିରିସ ଭଳି ୩୦ ପ୍ରକାର ଚାରା କୋଟପାଡ, ବୋରିଗୁମ୍ମା ଓ ଜୟପୁର ରେଞ୍ଜରେ ଲଗାଯିବ। କାମ୍ପା, ଏମଏନଆରଇଜିଏସ, ଓଏମସି, ଆଇଜିସି ଭଳି ୬ଟି ଯୋଜନାରେ ଏହି ଚାରାରୋପଣ କରାଯିବ। ଏମଏନଆରଇଜିଏସରେ ଶ୍ରମିକମାନଙ୍କୁ ଚାରା ରୋପଣରେ ନିୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ସହରାଞ୍ଚଳରେ ଚାରାରୋପଣ ଏବଂ ଉପକଣ୍ଠରେ ଜଙ୍ଗଲ ସୃଷ୍ଟିକୁ ମଧ୍ୟ ବନ ବିଭାଗ ପ୍ରାଥମିକତା ଦେଉଛି ବୋଲି ଜୟପୁର ବନଖଣ୍ଡ ଅଧିକାରୀ ଏନ. ଏସ.ଜେ.ପି. ସିଂ କହିଛନ୍ତି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଜୟପୁର ,୨୧।୬ (ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସଦରଥାନା ଟାଙ୍କୁଆ ଗ୍ରାମଠାରେ ଶନିବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମୁଖି ଖୁଡିପି ଗ୍ରାମର ଶିବ ଖରା (୨୫)। କୌଣସି ଗାଡି ତାଙ୍କୁ ଧକ୍କା ଦେଇଛି ନା ଗଛରେ ପିଟି ହୋଇ ତାଙ୍କର ମୃତ୍ୟୁ ହୋଇଛି କାରଣ ଅସ୍ପଷ୍ଟ ରହିଛି। ସେ ବାଇକ୍ ଯୋଗେ ଜୟପୁରକୁ ଆସୁଥିବା ବେଳେ ଏପରି ଦୁର୍ଘଟଣା ଗ୍ରସ୍ତ ହୋଇଛନ୍ତି। ରବିବାର ଟାଙ୍କୁଆ ଗ୍ରାମର କେତେକ ଲୋକ ଏକ ଚାଷ ଜମିରେ ବାଇକ୍ ପଡିଥିବା ଏବଂ ନିକଟସ୍ଥ ଲଟାବୁଦା ମୂଳରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ସଦରଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ୨୭ କି.ମି. ସାଇକେଲ ଚଳାଇ କୋଡିଙ୍ଗା ଥାନାରେ ପହଞ୍ଚିଲେ ନବରଙ୍ଗପୁର ଏସ୍‌ପି

କୋଡିଙ୍ଗା,୨୧।୬(ଡି.ଏନ.ଏ)



ନବରଙ୍ଗପୁର ଏସ୍‌ପି ନୀତିନ କୁଶଲକର ୨୭ କି.ମି ସାଇକେଲ ଚଳାଇ ରବିବାର କୋଡିଙ୍ଗା ଥାନାରେ ପହଞ୍ଚିଥିଲେ। ନବରଙ୍ଗପୁର ଠାରୁ ଚଟାହାଣ୍ଡି ରାସ୍ତା ଦୀର୍ଘ ୨୭ କି.ମି ସାଇକେଲ ଚଳାଇ ଏସପି ପୂର୍ବାହ୍ନ ସାଢେ ୧୧ଟାରେ ଅଚାନକ କୋଡିଙ୍ଗା ଥାନାରେ ପହଞ୍ଚିଥିଲେ। ସେଠାରେ କୋଡିଙ୍ଗା ଥାନାର ସମସ୍ତ ସୁବିଧା ଓ ଅସୁବିଧା ବିଷୟରେ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କିଛି ଦିନ ତଳେ ଅଞ୍ଚଳରେ ହୋଇଥିବା ଏକ ଡକାୟତିର ତଦନ୍ତ ସମ୍ପର୍କରେ ପଚାରି ବୁଝିଥିଲେ। କୋଡିଙ୍ଗା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ଶବରଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

# ଚୋରକୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ନବରଙ୍ଗପୁର,୨୧।୬(ବି.ପ୍ର)

ଜଣେ ଯୁବକ ବିଭିନ୍ନ ଦୋକାନରୁ ଚୋରି କରୁଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଏହା ପରେ ସମ୍ପୃକ୍ତ ଯୁବକଙ୍କୁ ଧରି ଗାଁ ଦାଣ୍ଡରେ ଥିବା ଏକ ଖୁଣ୍ଟରେ ୩ ଘଣ୍ଟାରୁ ଅଧିକ ସମୟ ଧରି ବାନ୍ଧି ରଖି ନିର୍ଯାତନା ଦେବା ପରେ ପୋଲିସ ଜିମା ଦେଇଛନ୍ତି। ଏହିପରି ଘଟଣା ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସିଲାଟି ଗ୍ରାମରେ ଘଟିଛି। ଉମରକୋଟ ଥାନା ଅନ୍ତର୍ଗତ ସିଲାଟି ଗ୍ରାମର ବିଜୟ ସରକାର ତିନି ମାସ ହେଲା ବେନରା, ହୀରାପୁର ଓ ଜାମରଣ୍ଡା ପଞ୍ଚାୟତର ବିଭିନ୍ନ ଦୋକାନରେ ରାତିରେ ଚୋରି କରି ଆତଙ୍କ ସୃଷ୍ଟି କରିଥିଲେ। ୪ ଦିନ ତଳେ ସିଲାଟି ଗ୍ରାମରେ ଏକ ମେଡିକାଲ ଷ୍ଟୋରରେ ଚୋରି କରିଥିଲେ। ଚୋରି କରିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ଏହି ଫଟୋକୁ ଆଧାର କରି ଗ୍ରାମବାସୀ ବିଜୟଙ୍କୁ ଧରି ଖୁଣ୍ଟରେ ବାନ୍ଧି ରଖିଥିଲେ। ପରେ ତାଙ୍କ ଘରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଚୋରି ହୋଇଥିବା ଜିନିଷ ପତ୍ର ବାହାର କରି ପୋଲିସକୁ ଖବର ଦେଇଥିଲେ। ଉମରକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବିଜୟଙ୍କୁ ଉଦ୍ଧାର କରିବା ସହ ସବୁ ଜିନିଷ ଜବତ କରିଛି। ଜବତ ଜିନିଷର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କାର ହେବ ବୋଲି ପୋଲିସ ସୂଚନା ଦେଇଛି। ଏନେଇ ଉମରକୋଟ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ମୋବାଇଲ ପାଇଁ ଯୁବକଙ୍କ ଆତ୍ମହତ୍ୟା

କାଳିମେଳା, ୨୧।୬ (ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ବେଜାଙ୍ଗିୱାଡା ପଞ୍ଚାୟତର ଏମପିଭି-୭୧ ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ମୋବାଇଲ ଫୋନକୁ ନେଇ ବାପା ପୁଅ ମଧ୍ୟରେ ଝଗଡା ହେବାରୁ ପୁଅ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ହେଲେ ଏମପିଭି-୭୧ ଗ୍ରାମର ଜାମିନୀ ସାନାଙ୍କ ପୁଅ ସନ୍ତୋଷ ସାନା (୧୮)। ସନ୍ତୋଷଙ୍କ ମୋବାଇଲ ଫୋନକୁ ସେ ତାଙ୍କର ଜଣେ ସାଙ୍ଗଙ୍କୁ ଦେଇଥିଲେ। ଏହା ଜାଣିବା ପରେ ବାପା ଜାମିନୀ କାହିଁକି ସାଙ୍ଗମାନଙ୍କୁ ମୋବାଇଲ ଦେଉଛୁ ବୋଲି ପଚାରିଥିଲେ। ଏନେଇ ବାପପୁଅଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଅପରାହ୍ନ ୪ଟାରେ ସନ୍ତୋଷ ନିଜ ଘର ପଛପଟେ ଥିବା ଜଙ୍ଗଲକୁ ଯାଇ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରି ଦେଇଥିଲେ। କାଳିମେଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ୧୪/୨୦ରେ ଏକ ଅପମୃତ୍ୟୁ ମମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର କହିଛନ୍ତି।

## ଯୋଗ ଦ୍ୱାରା ମଣିଷ ଦୀର୍ଘାୟୁ ହୋଇପାରିବ

ଚନ୍ଦାହାଣ୍ଡି,୨୧।୬ (ଡି.ଏନ.ଏ.)

ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଆଇଟିଆଇ ତିଲିମାଲ, ଚନ୍ଦାହାଣ୍ଡି ଭାଜପା କାର୍ଯ୍ୟାଳୟ, ଏକଲ ବିଦ୍ୟାଳୟ ତେନ୍ତୁଳିପଡା ଠାରେ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମପି ତଥା ଭାଜପା ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ ଯୋଗ ଦେଇ ଯୋଗ କରିବା ଦ୍ୱାରା ମଣିଷ କିପରି ଦୀର୍ଘାୟୁ ରହିପାରିବ ବୋଲି ବୁଝାଇବା ସହ ବିଭିନ୍ନ ପ୍ରକାର ଯୋଗ ଶିଖେଇ ଥିଲେ। ଯୋଗ ଦ୍ୱାରା କରୋନା ଭଳି ମାରାତ୍ମକ ଭୂତାଣୁ ସହ ମୁକାବିଲା ଓ ମାନସିକ ଅବସାଦ ରୁ ମୁକ୍ତି ସହଜସାଧ୍ୟ ବୋଲି ବଳଭଦ୍ର ମାଝୀ ବିଭିନ୍ନ ସ୍ଥାନ ରେ ଯୋଗ ପ୍ରଶିକ୍ଷଣ ଦେବା ଅବସରରେ କହିଛନ୍ତି।

# ଗଜପତିରୁ ଦିନକରେ ୪୭ କରୋନା ପଜିଟିଭ୍

## କେବଳ ଗୋଷାଣୀ ବ୍ଲକ୍‌ରୁ ୪୬

ପାରଳାଖେମୁଣ୍ଡି/ଗୋଷାଣୀ/ ଗୁମ୍ମା, ୨୧।୬(ସ୍ୱ.ପ୍ର./ଡି.ଏନ୍.ଏ.):

ଗଜପତି ଜିଲାରେ ରବିବାର ଗୋଟିଏ ଦିନରେ ୪୭ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ଗୋଷାଣୀ ବ୍ଲକ୍‌ରୁ ୪୬ଜଣ ଚିହ୍ନଟ ହୋଇଥିବାବେଳେ ଗୁମ୍ମା ବ୍ଲକ୍‌ର ଜଣେ ରହିଛନ୍ତି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୩୮ରେ ପହଞ୍ଚିଥିବା ଗଜପତି ଜିଲାପାଳ ଅନୁପମ ଶାହା ସୂଚନା ଦେଇଛନ୍ତି। ନୂତନଭାବେ ଚିହ୍ନଟ ୪୭ ସଂକ୍ରମିତଙ୍କ ମଧ୍ୟରେ ୪୪ଜଣ ସଙ୍ଗରୋଧରେ ଥିବା ସମୟରେ ଚିହ୍ନଟ ହୋଇଛନ୍ତି। ସେହିପରି ୨ଜଣ ସଙ୍ଗରୋଧରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ସମୟରେ ଏବଂ ଜଣେ କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୬ ଜଣ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ କର୍ନାଟକରୁ ଫେରିଛନ୍ତି। ସେମାନଙ୍କ ସ୍ୱାବ ରିପୋର୍ଟ ପଜିଟିଭ୍ ଆସିବା ପରେ ଆର୍. ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଗୁମ୍ମା ବ୍ଲକ୍‌ରେ ସଂକ୍ରମିତ ଚିହ୍ନଟ ହେବାପରେ ଆଶ୍ରୟଗଡ଼ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ତହସିଲଦାର ଚିତ୍ତରଞ୍ଜନ ଦାସ ସୂଚନା ଦେଇଛନ୍ତି। ପ୍ରଶାସନିକ ଅଧିକାରୀମାନେ ଅଞ୍ଚଳରେ ପହଞ୍ଚି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

## ମାଲକାନଗିରିରେ ୨ କରୋନା ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି/କୋରୁକୋଣ୍ଡା, ୨୧।୬ (ଡି.ଏନ.ଏ.)

ମାଲକାନଗିରି ଜିଲାରେ ରବିବାର ପୁଣି ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଜଣେ କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତର ହୋଇଥିବା ବେଳେ ଅନ୍ୟ ଜଣେ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ବୋଲି ଜିଲାପାଳ ମନୀଷ ଅଗ୍ରୱାଲ ପ୍ରକାଶ କରିଛନ୍ତି। ସେମାନଥପୁର ଆକ୍ରାନ୍ତ ଜଣକ ପଞ୍ଚାୟତର ସଙ୍ଗରୋଧ ଗୃହରେ ରହୁଥିଲେ। ସେ ମହାରାଷ୍ଟ୍ର ଫେରନ୍ତା। ବାଲିମେଳା ଅଞ୍ଚଳର ଆକ୍ରାନ୍ତ ଜଣକ ୧୦ ଦିନ ତଳେ ଚିକିତ୍ସା ପାଇଁ ବ୍ରହ୍ମପୁର ଯାଇଥିଲେ। ସେଠାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍‌ସକୁ ପଠାଯାଇଥିଲା। ସେଠାରେ ତାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ଆସିବା ପରେ ସେ କରୋନା ସଂକ୍ରମିତ ହୋଇଥିବା ଜଣାପଡିଥିଲା। ଏବେ ସମ୍ପୃକ୍ତ ବ୍ୟକ୍ତି ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ସୋମନାଥପୁର ସଙ୍ଗରୋଧ କେନ୍ଦ୍ରର ୧୦୦ ମିଟର ପରିସରକୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଜିଲାରେ ମୋଟ ପଜିଟିଭ ସଂଖ୍ୟା ୫୩କୁ ବୃଦ୍ଧି ପାଇଛି। ସେଥିରୁ ୨୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୨୭ ଚିକିତ୍ସାଧୀନ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରୁ ୪୫୪୨ଟି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୪୨୯୪ ନମୁନା ନେଗେଟିଭ୍ ଥିବା ବେଳେ ୫୩ ନମୁନା ପଜିଟିଭ୍ ବାହାରିଛି। ବଳକା ୧୯୫ଟି ନମୁନାର ରିପୋର୍ଟ ବର୍ତ୍ତମାନ ସୁଦ୍ଧା ଆସି ନ ଥିବା ଜିଲାପାଳ କହିଛନ୍ତି।

## କରୋନା କାର୍ଯ୍ୟରେ ନିୟୋଜିତ ଡ୍ରାଇଭରଙ୍କୁ ସମ୍ବର୍ଦ୍ଧନା

କାଶୀନଗର,୨୧।୬(ଡି.ଏନ୍.ଏ.):

କାଶୀନଗରସ୍ଥିତ ବଂଶଧାରା ପାଠାଗାର ପକ୍ଷରୁ କରୋନା କାର୍ଯ୍ୟରେ ନିଯୁକ୍ତ ଡ୍ରାଇରଭମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପାଠାଗାର ସଭାପତି ହୃଷୀକେଶ ଗୌଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଆଇସି ଆନନ୍ଦଚନ୍ଦ୍ର ପାତ୍ର ଏବଂ କବି ପ୍ରଶାନ୍ତ ମିଶ୍ର ଯୋଗଦେଇ ଥାନା, ଆମ୍ବୁଲାନ୍ସ, ତହସିଲ, ବ୍ଲକ୍‌ରେ କରୋନା କାର୍ଯ୍ୟରେ ନିୟୋଜିତ ଡ୍ରାଇଭର୍‌ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ରାଜେଶ ପଟ୍ଟନାୟକ, ମନୋଜ କୁମାର ଚୌଧୁରୀ, ଆର୍. ଲୋକନାଥମ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ

ବୈପାରୀଗୁଡା,୨୧।୬ (ଡି.ଏନ୍.ଏ.)

କୋରାପଟ ବିଧାୟକ ରଘୁରାମ ପଡାଲ ନିକଟରେ ବୈପାରୀଗୁଡା ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରଛନ୍ତି। ସେ ବ୍ଲକର ଚନ୍ଦ୍ରପଡା, ବୋଦାପୁଟ,ଦଶମନ୍ତପୁର ଓ କୋଲାର ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ସେ ସବୁ ପଞ୍ଚାୟତରେ ଗୋଟିଏ ଲେଖାଏ କମ୍ୟୁନିଟି ସେଣ୍ଟର ପାଇଁ ଶିଳାନ୍ୟାସ କରିଥିଲେ। ପରେ ବିଧାୟକ ପଡାଲ ବ୍ଲକ କାର୍ଯ୍ୟାଳୟ ଯାଇ ସେଠାରେ ସମୀକ୍ଷା ବୈଠକ କରିଥିଲେ। ବ୍ଲକରେ ଅଧାପନ୍ତରିଆ ଅବସ୍ଥାରେ ଥିବା ୨୮ଟି ଅଙ୍ଗନୱାଡି କେନ୍ଦ୍ରର ଗୃହକୁ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଗସ୍ତ ବେଳେ ବିଡିଓ ଅଭିମନ୍ୟୁ କବି ଶତପଥୀ, ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ, ସିଡିପିଓ ଜି.ସୀତା କୁମାରୀ, ବ୍ଲକ ଅଧ୍ୟକ୍ଷ ସରୋଜିନୀ କାଣ୍ଡିକ, ଉପାଧ୍ୟକ୍ଷ ତ୍ରିଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଝଡ଼ବର୍ଷାରେ ଗଛଭାଙ୍ଗି ଘର ଉପରେ ପଡ଼ିଲା

କୋରୁକୋଣ୍ଡା, ୨୧।୬(ଡି.ଏନ.ଏ.)



ନୀଳକଣ୍ଠଙ୍କ ଘର ଉପରେ ପଡିଥିବା ଗଛ।

ପ୍ରବଳ ଝଡ଼ବର୍ଷା ଯୋଗୁ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟରେଲ ପଞ୍ଚାୟତ ପୁରୁଣା ଚିତାପାରି ଗ୍ରାମରେ ନୀଳକଣ୍ଠ ଖରାଙ୍କ ଘର ଭାଙ୍ଗିଯାଇଛି। ଘର ପାଖରେ ଥିବା ଏକ ବଡଗଛ ପବନରେ ଭାଙ୍ଗିପଡି ତାଙ୍କ ଘର ଉପରେ ପଡିଥିଲା। ତେବେ ନୀଳକଣ୍ଠଙ୍କ ପରିବାରର କେହି ଆହତ ହୋଇନାହାନ୍ତି। ଘର ଉପରୁ ଗଛ ହଟାଇବା ଲାଗି କୋରୁକୋଣ୍ଡା ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରାଯାଇଥିଲା। ମାତ୍ର ତାଙ୍କ କଟର ମେଶିନ ଖରାପ ଥିବାରୁ କର୍ମଚାରୀମାନେ ଆସି ନ ଥିଲେ। ପରେ ମାଲକାନଗିରି ଅଗ୍ନିଶମ ବିଭାଗକୁ ଖବର ଦେବାରୁ ମାଲକାନଗିରିରୁ କର୍ମଚାରୀ ଆସି ଗଛଟିକୁ କାଟିଥିଲେ। ଘର ଭାଙ୍ଗିଯିବାରୁ ନୀଳକଣ୍ଠ ପରିବାରର ୫ଜଣଙ୍କୁ ନେଇ କେଉଁଠି ରହିବେ ଚିନ୍ତାରେ ପଡିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ଯୋଗ ମଣିଷକୁ ରୋଗମୁକ୍ତ କରେ

ମାଲକାନଗିରି/ କୁଡୁମୁଲୁଗୁମ୍ମା/ଜୟପୁର, ୨୧।୬(ଡି.ଏନ୍.ଏ.)



ମଲ୍ଲିକେଶ୍ୱର ମନ୍ଦିର ନିକଟରେ ଥିବା ପାହାଡ ତଳେ ହୋଇଥିବା ଯୋଗାଭ୍ୟାସ ଶିବିର।


ବିଶ୍ୱ ଯୋଗ ଦିବସ ଅବସରରେ ରବିବାର ମାଲକାନଗିରି ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ସଦର ବ୍ଲକ ଯଦୁଗୁଡାସ୍ଥିତ ଐତିହାସିକ ଶିବ ମନ୍ଦିର ପରିସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଦ୍ୱାରା ମଣିଷର ମାନସିକ ଓ ଶାରୀରିକ ସ୍ଥିତି ସୁଦୃଢ ରହେ। ଯୋଗାଭ୍ୟାସ ଦ୍ୱାରା ମଣିଷ ରୋଗମୁକ୍ତ ହୋଇଥାଏ ବୋଲି ବିଭିନ୍ନ ସ୍ଥାନରେ ହୋଇଥିବା ଶିବିରରେ ଯୋଗଗୁରୁମାନେ ମତ ପ୍ରକାଶ କରିଛନ୍ତି। ଯଦୁଗୁଡା ଶିବ ମନ୍ଦିର ପରିସରରେ ଶତାଧିକ ଲୋକ ପ୍ରତ୍ୟୁଷରୁ ମନ୍ଦିରଠାରେ ପହଞ୍ଚି କୋଭିଡ୍-୧୯ ନିୟମ ପାଳନ କରି ଯୋଗ ଅଭ୍ୟାସ କରିଥିଲେ। ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଆଇନଜୀବୀ ଦୁର୍ଗା ତ୍ରିପାଠୀ, ପଦ୍ମଗିରି ସରପଞ୍ଚ, ଡାକ୍ତର ଯୋଗ ଦେଇ ଯୋଗାଭ୍ୟାସ କରିଥିଲେ। ଯୋଗଗୁରୁ ସରୋଜ ପାଣିଗ୍ରାହୀ, ଅରୁଣ ଡୁରୁକା, ନିରଞ୍ଜନ ମିଶ୍ର ଯୋଗ ଶିକ୍ଷା ଦେଇଥିଲେ। ସେହିପରି ମାଲକାନଗିରି ଷ୍ଟାଡିୟମ ପରିସରରେ ବିନାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଯୋଗ ଶିବିର ହୋଇଥିଲା। ଏଠାରେ ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗଙ୍କ ସହ ଅନ୍ୟମାନେ ଯୋଗ କରିଥିଲେ। ମଲ୍ଲିକେଶ୍ୱର ମନ୍ଦିର ପାହାଡ ତଳେ ମଲ୍ଲିକେଶ୍ୱର ପୂଜା କମିଟି ପକ୍ଷରୁ ମଧ୍ୟ ଯୋଗ ଶିବିର କରାଯାଇଥିଲା। କମିଟିର ସାନୁ କୋଡେ, ନୀଳମାଧବ ଛିଙ୍କି, ଜଗନ୍ନାଥ ପୂଜାରୀ, କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

କୁଡୁମୁଲୁଗୁମ୍ମାସ୍ଥିତ ଡିଏମ୍ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ରବିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଲୱାନ ଘାଟିରେ ଭାରତର ଶହୀଦ ଯବାନଙ୍କୁ ପ୍ରଥମେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରେ କାର୍ଯ୍ୟକ୍ରମ ହୋଇଥିଲା। ଉପସ୍ଥିତ ବ୍ୟକ୍ତିମାନେ ସାମାଜିକ ଦୂରତା ରକ୍ଷା କରି ଶାରୀରିକ, ଆସନ,ପ୍ରାଣାୟାମ ଓ ସୂର୍ଯ୍ୟ ନମସ୍କାର ଆଦି ଯୋଗ କରିଥିଲେ। ଭଗବାନ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଅଶୋକ ପ୍ରଧାନ, ପ୍ରଭାକର ସୁନା, ମୁନି ଖିଲ, ମୁନା ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପଠାରେ କୋରାପୁଟ ଜିଲା ପତଞ୍ଜଳି ଶାଖା ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ଯୋଗାସନ ଦ୍ୱାରା ଶରୀର ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇପାରିବ ଯାହା କରୋନା ଭୂତାଣୁକୁ ଶରୀରରେ ପ୍ରବେଶ କରିବାରେ ପ୍ରତିରୋଧ କରିପାରିବ ବୋଲି ବକ୍ତାମାନେ ମତ ଦେଇଥିଲେ। ଜିଲା ଶାଖାର କୃଷକ ପ୍ରଭାରୀ ମଦନ ମୋହନ ନାୟକ, ଯୋଗ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାମଚନ୍ଦ୍ର ପାତ୍ର, ଶ୍ରୀଧର ଶତପଥୀ, କ୍ରିଷ୍ଣା ଦୋରା, ଦଣ୍ଡପାଣି ପଟ୍ଟନାୟକ, ଗଣେଶ ନାୟକ, ଯୁଧିଷ୍ଠିର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ସୋମବାର, ଜୁନ୍ ୨୨/୨୦୨୦ Monday, June 22/2020

# ତ୍ରୁଟି ସ୍ୱୀକାର କଲେ ବକ୍‌ନର



**ନୂଆଦିଲ୍ଲୀ, ୨୧।୬:** ଷ୍ଟିଭ୍ ବକ୍‌ନର ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି)ର ଶ୍ରେଷ୍ଠ ଅମ୍ପାୟରଙ୍କ ମଧ୍ୟରୁ ଅନ୍ୟତମ। ମାତ୍ର କେତେକ ତ୍ରୁଟି ଯୋଗୁ ତାଙ୍କୁ ସମାଲୋଚିତ ହେବାକୁ ପଡ଼ିଛି। ଭାରତୀୟ ବ୍ୟାଟିଂ ଗ୍ରେଟ୍ ସଚିନ ତେନ୍ଦୁଲକରଙ୍କ କ୍ଷେତ୍ରରେ ସେ ୨ ଥର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ସେ ୨୦୦୩ରେ ଗାବା ଟେଷ୍ଟରେ ଜାସନ ଗିଲେସ୍ପିଙ୍କ ବୋଲିଂରେ ସଚିନଙ୍କୁ ଏଲବିଡବ୍ଲ୍ୟୁ ଆଉଟ ଦେଇଥିଲେ। ବଲ୍ କିନ୍ତୁ ଷ୍ଟମ୍ପ ଉପରେ ଯାଉଥିବା ଜଣାପଡ଼ିଥିଲା। ଦ୍ୱିତୀୟରେ ସେ ୨୦୦୫ରେ କୋଲକାତାର ଇଡେନ ଗାର୍ଡେନରେ ଅନୁଷ୍ଠିତ ମ୍ୟାଚରେ ଅବଦୁଲ ରଜାକଙ୍କ ବଲ୍‌ରେ ସେ ଉଇକେଟ କିପରଙ୍କଦ୍ୱାରା କଟ୍ ବିହାଇଣ୍ଡ ହୋଇଥିଲେ। ରିପ୍ଲେରେ ବଲ୍ ବ୍ୟାଟ୍‌ରେ ଆଦୌ ଟଚ୍ ହୋଇ ନ ଥିବା ପରିଲକ୍ଷିତ ହୋଇଥିଲା। ଏହି ଦୁଇ ତ୍ରୁଟିକୁ ସ୍ୱୀକାର କରିବା ସହ ବକ୍‌ନର ଦୁଃଖ ପ୍ରକାଶ କରିଛନ୍ତି। ‘‘ ଦୁଇ ଭିନ୍ନଭିନ୍ନ ସମୟରେ ମୁଁ ସଚିନଙ୍କୁ ଆଉଟ ନିଷ୍ପତ୍ତି ଦେଇଥିଲି। ମାତ୍ର ଏହା ଭୁଲ୍ ଥିଲା। କୌଣସି ଅମ୍ପାୟର କେବେ ଜାଣିଶୁଣି ଭୁଲ କରିବ ବୋଲି ମୁଁ ଭାବୁନି। ମାତ୍ର ଏହା ତାଙ୍କ ସହ ହୋଇଥିଲା ଏବଂ ତାଙ୍କ ଭବିଷ୍ୟତ ସଙ୍କଟ ମଧ୍ୟକୁ ଆସିଯାଇଥିଲା’’ ବକ୍‌ନର ପ୍ରକାଶ କରିଛନ୍ତି। ଏହା ମାନବୀୟ ତ୍ରୁଟି ଥିଲା। ଥରେ ଅଷ୍ଟ୍ରେଲିଆରେ ଏବଂ ଆଉଥରେ ଭାରତରେ। ତେବେ ଇଡେନରେ ଯେତେବେଳେ ମ୍ୟାଚ ହେଉଥାଏ ଆଉ ଭାରତ ବ୍ୟାଟିଂ କରୁଥାଏ ସେତେବେଳେ ଦର୍ଶକ କୋଳାହଳରେ କିଛି ଶୁଭି ନ ଥାଏ। କାରଣ ଏକାବେଳେ ୧ ଲକ୍ଷ ଲୋକ ପାଟି କରିଥାନ୍ତି। ଏହିସବୁ ତ୍ରୁଟି ପାଇଁ ମୁଁ ଆଦୌ ଖୁସିନୁହେଁ। ଏହା ମାନବୀୟ ତ୍ରୁଟି ଥିଲା ଏବଂ ତାହାକୁ ମୁଁ ସ୍ୱୀକାର କରୁଛି ବୋଲି ବକ୍‌ନର ପ୍ରକାଶ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ